# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଛତିଶଗଡ଼ରେ ଆରମ୍ଭ ହେଲା ଡିଜିଟାଲ ଗଭର୍ଣ୍ଣାନ୍ସ | ୬



ଭାବୁକ ହେଲେ ଆନ୍ନା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୧୧ Vol. 21 No-311 9 FEBRUARY 2025 SUNDAY BHUBANESWAR ରବିବାର, ୯ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ୨୭ ବର୍ଷ ପରେ ଫୁଟିଲା ପଦ୍ମ

# ବିଜେପି ହାତରେ ଦିଲ୍ଲୀ ଶାସନ






- ଆପ୍‌ର ହ୍ୟାଟ୍ରିକ ବିଜୟ ସ୍ୱପ୍ନ ଚୁର୍‌ମାର୍
- ୪୮ ଆସନରେ ବିଜେପିର ବାଜିମାତ୍
- ମୂଳପୋଛ ହେଲା କଂଗ୍ରେସ
- ପରାଜୟ ସ୍ୱୀକାର କଲେ କେଜ୍ରିୱାଲ
- ଦିଲ୍ଲୀ ବିଜେପି ଅଫିସରେ ଉତ୍ସବର ମାହୋଲ

ନୂଆଦିଲ୍ଲୀ,୮।୨: ଦୀର୍ଘ ୨୭ ବର୍ଷର ବନବାସ ଶେଷ। ଦିଲ୍ଲୀରେ ଫୁଟିଲା ପଦ୍ମ। ଦୁଇ ତୃତୀୟାଂଶ ଆସନ ସହ ଦିଲ୍ଲୀରେ ଶାସନ ସିଂହାସନ ଦଖଲ କରିଛି ବିଜେପି। ୧୯୯୮ ପରେ ଦିଲ୍ଲୀ ଶାସନ ପାଇଁ ବିଜେପିକୁ ଜନାଦେଶ ମିଳିଛି। ଅନ୍ୟପକ୍ଷରେ ଆପ୍‌ର ହ୍ୟାଟ୍ରିକ୍ ବିଜୟ ସ୍ୱପ୍ନ ଚୁରମାର ହୋଇଛି। ଦିଲ୍ଲୀର ମୋଟ ୭୦ ବିଧାନସଭା ଆସନ ମଧ୍ୟରୁ ବିଜେପି ଏକାକୀ ୪୮ଟି ଆସନରେ ବିଜୟଲାଭ କରି ରେକର୍ଡ କରିଛି। ଅନ୍ୟପକ୍ଷରେ ୨୦୧୫ ଓ ୨୦୨୦ ବିଧାନସଭା ନିର୍ବାଚନରେ ରେକର୍ଡ ଆସନରେ ବିଜୟଲାଭ କରିଥିବା ଆମ୍ ଆଦ୍‌ମୀ ପାର୍ଟି ୨୨ଟି ଆସନରେ ଅଟକି ଯାଇଛି। କଂଗ୍ରେସ ପୁଣିଥରେ ସମସ୍ତଙ୍କୁ ନିରାଶ କରିଛି। ଦଳ ହ୍ୟାଟ୍ରିକ ଶୂନ ସହ ଲଜ୍ଜାଜନକ ପରାଜୟ ବରଣ କରିଛି। ୨୦୧୫ ଓ ୨୦୨୦ ଭଳି କଂଗ୍ରେସ ଦିଲ୍ଲୀରେ ଏଥର ମଧ୍ୟ ଖାତା ଖୋଲିବାରେ ସମର୍ଥ ହୋଇପାରି ନାହିଁ। ଆମ୍ ଆଦ୍‌ମୀ ପାର୍ଟି ୨୦୨୫ରେ ମଧ୍ୟ ବିଜୟର ଆଶା ରଖିଥିଲା। ହେଲେ ବିଜେପିର • ପୃଷ୍ଠା ୫ ଦେଖନ୍ତୁ

| ମୋଟ ଆସନ: ୭୦/୭୦ | | |
|---|---|---|
| ବିଜେପି | : | ୪୮ |
| ଆପ୍ | : | ୨୨ |
| କଂଗ୍ରେସ | : | ୦୦ |

**ବିଜୟୀ**

ପରଭେଶ ବର୍ମା
ତରଭିନ୍ଦର ସିଂ ମାରୱା
ଆତିଶୀ
ସନ୍ଦୀପ ଦୀକ୍ଷିତ

**ପରାଜିତ**

ଅରବିନ୍ଦ କେଜ୍ରିୱାଲ
ମନୀଷ ସିସୋଦିଆ
ସତ୍ୟେନ୍ଦ୍ର ଜୈନ
ସୌରଭ ଭରଦ୍ୱାଜ

## ବିକାଶ, ସୁଶାସନର ବିଜୟ: ମୋଦୀ

ନୂଆଦିଲ୍ଲୀ,୮।୨: ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପରେ ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଳର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ତାଙ୍କ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି ଯେ ଏହି ବିଜୟ ବିକାଶ ଓ ସୁଶାସନର । ଜନଶକ୍ତି ହେଉଛି ସବୁଠାରୁ ବଡ଼। ଦିଲ୍ଲୀର ସମସ୍ ଭାଇଭଉଣୀଙ୍କୁ ଏହି ଐତିହାସିକ ବିଜୟ ପାଇଁ ଅଭିନନ୍ଦନ ଜଣାଉଛି। ଦିଲ୍ଲୀର ସର୍ବାଙ୍ଗୀଣ ବିକାଶ ଏବଂ ଏହାର ଲୋକଙ୍କ ଜୀବନକୁ ବିକଶିତ କରିବା ପାଇଁ ଆମେ ଉଦ୍ୟମ ଜାରିଖିବୁ। ଏଥିସହ ଆମେ ସୁନିଶ୍ଚିତ କରିବୁ ଯେ ଦିଲ୍ଲୀ ଏକ ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ବିଜେପିର ଏହି ବିଶାଳ ଜନାଦେଶ ହାସଲ ପାଇଁ ଦିନରାତି ପରିଶ୍ରମ କରିଥିବା ମୋର ସମସ୍ତ କର୍ମୀଙ୍କ ପାଇଁ ମୁଁ ଗର୍ବିତ ବୋଲି ମୋଦୀ କହିଥିଲେ।

## ସିଲ୍ ହେଲା ଦିଲ୍ଲୀ ସଚିବାଳୟ

ନୂଆଦିଲ୍ଲୀ,୮।୨: ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ବିଜୟଲାଭ କରିବା ପରେ ଦିଲ୍ଲୀ ସଚିବାଳୟକୁ ସିଲ୍ କରାଯାଇଛି। ସଚିବାଳୟରୁ ଯେପରି କୌଣସି ଫାଇଲ, ଡକ୍ୟୁମେଣ୍ଟ କିମ୍ବା କମ୍ପ୍ୟୁଟର ହାର୍ଡୱେରକୁ ବାହାରକୁ ନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଇଛି। ରେକର୍ଡଗୁଡ଼ିକର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ସଚିବାଳୟର ସମସ୍ତ ବିଭାଗ, କାର୍ଯ୍ୟାଳୟ ଏବଂ ଶାଖା ଏହି ନିର୍ଦ୍ଦେଶ ପାଳନ କରିବାକୁ ବାଧ୍ୟ ବୋଲି କୁହାଯାଇଛି । ଏଥିସହ ମନ୍ତ୍ରୀ ପରିଷଦର ସଚିବାଳୟ କାର୍ଯ୍ୟାଳୟ ଓ କ୍ୟାମ୍ପ ଅଫିସ ପାଇଁ ମଧ୍ୟ ଏହି ଆଦେଶନାମା ଲାଗୁ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

## ସଂକ୍ଷେପରେ...

### ଆଜି ବାରବାଟୀ ମହାମୁକାବିଲା

କଟକ,୮।୨(ଭାସ୍କର ନ୍ୟୁଜ): ଷ୍ଟାଡିୟମ ପ୍ରସ୍ତୁତ, ଖେଳାଳି ବି ପ୍ରସ୍ତୁତ। ରବିବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ଭାରତ ଓ ଇଂଲଣ୍ଡ ଦଳର ଖେଳାଳିମାନେ ବାରବାଟୀ ଷ୍ଟାଡିୟମ ଯାଇ ନେଟ୍‌ରେ ଅଭ୍ୟାସ କରିଥିବା ସୂଚନା ମିଳିଛି। ରବିବାରର ମହାମୁକାବିଲା ପାଇଁ ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, କେ.ଏଲ. ରାହୁଲ, ଯଶସ୍ୱୀ ଜୟସ୍ୱାଲ, ବରୁଣ ଚକ୍ରବର୍ତ୍ତୀ, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା, ଅର୍ଶଦୀପ ସିଂ, କୁଲଦୀପ ଯାଦବ ଓ ଅନ୍ୟ ଖେଳାଳିମାନେ ବାରବାଟୀରେ ଅଭ୍ୟାସ କରିଛନ୍ତି। ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଥିବାବେଳେ ଟିମ୍‌ର ଖେଳାଳିମାନେ • ପୃଷ୍ଠା ୫ ଦେଖନ୍ତୁ

### ଏୟାରଲିଫ୍ଟ ହେଲେ ଉତ୍ତମ ମହାନ୍ତି

ଭୁବନେଶ୍ୱର,୮।୨(ଭାସ୍କର ନ୍ୟୁଜ): ଓଲିଉଡ୍‌ର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ଏୟାରଲିଫ୍ଟ କରାଯାଇ ଦିଲ୍ଲୀ ପଠାଯାଇଥିବା ସୂଚନା ମିଳିଛି। ତାଙ୍କୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯିବାର ସମ୍ଭାବନା ରହିଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ରହି ସେ ଚିକିତ୍ସିତ ହେଉଥିଲେ। ବାବୁସାନ ଫିଲ୍ମସର ନୂଆ ସିନେମା ବୋଉ ବୁଟୁ ଭିତର ସୁଟିଂ ଚାଲିଥିବାବେଳେ ଉତ୍ତମ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ସେନ୍‌ସେକ୍ସ: ୭୭,୮୬୦.୧୯
ସର୍ବାଧିକ: ୩୦.୦ ଡିଗ୍ରୀ
ସର୍ବନିମ୍ନ: ୧୮.୨ ଡିଗ୍ରୀ

**୮।୨।୨୦୨୫ ର ମତାମତ**

ବାରମ୍ବାର ଘଟୁଥିବା ରେଳ ଦୁର୍ଘଟଣାକୁ ରୋକାଯାଇ ପାରିବ କି?




**ଆଜିର ପ୍ରସଙ୍ଗ**

ଆଇଏଏସ୍ ଅଧିକାରୀ ଗାଁ ବୁଲିଲେ ଲୋକଙ୍କ ସମସ୍ୟା ସମାଧାନ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ମା' ମାନେ ବିକାଶ ଯାତ୍ରାର ଅଂଶୀଦାର




ଭୁବନେଶ୍ୱର,୮।୨(ଭାସ୍କର ନ୍ୟୁଜ): ଶନିବାର ଯାଜପୁର ଠାରେ ସୁଭଦ୍ରା ଯୋଜନାର ପ୍ରଥମ ପର୍ଯ୍ୟାୟର ଚତୁର୍ଥ କିସ୍ତି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଓଡ଼ିଶାର ସର୍ବବୃହତ୍ ମହିଳା ସଶକ୍ତିକରଣ ଯୋଜନା ସୁଭଦ୍ରା ଅଧୀନରେ ଯାଜପୁରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ୧୮ ଲକ୍ଷ ନୂତନ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ହସ୍ତାନ୍ତର କରାଯାଇଛି । ପୂର୍ବରୁ ୩ ଟି ପର୍ଯ୍ୟରେ ୮୦ ଲକ୍ଷ ମହିଳା ପ୍ରଥମ କିସ୍ତି ପାଇଥିବା ବେଳେ, ଆଜିକୁ ମିଶାଇ ୪ ଟି ପର୍ଯ୍ୟାୟରେ ୯୮ ଲକ୍ଷ ମହିଳା ସୁଭଦ୍ରା • ପୃଷ୍ଠା ୫ ଦେଖନ୍ତୁ


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in







## ତୀର୍ଯ୍ୟକ

**ଅର୍ଜିତ ଅନିର୍ବାଣ**



'ଓସିଏ' ତ ଏଠି ଖେଳ କରୁନାହିଁ
ଖେଳ କରୁଛନ୍ତି କଟକ ଲୋକେ,
କଳାବଜାରରେ ଟିକେଟ ବିକ୍ରିରେ
ତିନି/ ଚାରିଗୁଣା ହୁଅଇ ଟଙ୍କେ ,
ନିରବେ ପୁଲିସି ଦେଖେ,
ଚଡ଼ାଦର ନେଇ ପାସ୍ ବିକାହୁଏ
ନେଇଆସି ଥାକେ ଥାକେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବୋଲଗଡ( ଭାସ୍କର ନ୍ୟୁଜ): ବୋଲଗଡ ଥାନା ଆନୁକୂଲ୍ୟରେ ଓ ଭାରପ୍ରାପ୍ତ ଥାନା ଅଧିକାରିଣୀ ସିଂଗ୍ଧାମୟୀ ବରାଳ ଏବଂ ଦ୍ୱିତୀୟ ପୋଲିସି ଅଧିକାରିଣୀ ଲିଲି ପାଢ଼ୀ ପ୍ରମୁଖଙ୍କ ମିଳିତ ଆବାହକତ୍ୱରେ ଶନିବାର ଦିନ ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କ ୩୮ତମ ବାର୍ଷିକ ଉତ୍ସବ ମହାଆଡ଼ମ୍ବରସହକାରେ ପାଳିତ ହୋଇଯାଇଛି । ଏହି ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବରେ ମୁଖ୍ୟ କର୍ତ୍ତା ଭାବେ ଭାରପ୍ରାପ୍ତ ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ ଯୋଗଦେଇଥିଲେ କ୍ଷ ଏହି ଉତ୍ସବର ପ୍ରାରମ୍ଭରେ ବରିଷ୍ଠ ପୂଜକ ବସନ୍ତ ରଥଙ୍କ ଦ୍ୱାରା ଘଟ ସ୍ଥାପନ,ସାଲ ପୂଜା, ବିଗ୍ରହ ପୂଜା, ଗୋ ପୂଜା, ସୂର୍ଯ୍ୟ ପୂଜା ଇତ୍ୟାଦି ପୂଜା ପାଠ କରି ହୋମ ଯଜ୍ଞ କାର୍ଯ୍ୟ ସମ୍ପାଦାନ କରିଥିଲେ । ଥାନାର ସମସ୍ତ ପୋଲିସ କର୍ମଚାରୀ, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମ୍ବାଦିକ ଓ ସମାଜ ସେବୀ ମାନେ ଏହି ବାର୍ଷିକ ଉତ୍ସବରେ ଯୋଗଦାନ କରି ମଙ୍ଗଳ କାମନା ନିମନ୍ତେ ପୂଜା ପାଠ ସହିତ ହୋମ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ । ଏହି ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା,ବାଂକୋଇ ଫାଣ୍ଡି ଅଧିକାରୀ ଦିଲ୍ଲିପ କୁମାର ସାହୁ, ଗୋବର୍ଦ୍ଧନ ପୁର ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ସମେତ ଜିଲ୍ଲାର ବିଭିନ୍ନ ଥାନାରୁ ଅଧିକାରୀମାନେ ଯୋଗ ଦେଥିଲେ । ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କ ମନ୍ଦିରକୁ ବିଭିନ୍ନ ରଙ୍ଗ ବେରଙ୍ଗ ଆଲୋକରେ ସୁ ସଜ୍ଜିତ କରାଯାଇ ଜନସାଧାରଣମାନଙ୍କ ଖୁସି ନିମନ୍ତେ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା । ଏହାକୁ ବହୁ ଦର୍ଶକ ମନଭରି ଉପଭୋଗ କରିଥିଲେ ।

# ଯଯାତି କେଶରୀ ମେଡିକାଲ କଲେଜକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଯାଜପୁର (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ସଦରମହକୁମା ଠାରେ ପ୍ରତିଷ୍ଠିତ ମହାରାଜା ଯଯାତୀ କେଶରୀ ମେଡିକାଲ କଲେଜକୁ ଶନିବାର ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ଘାଟନ ପୂର୍ବକ ଜନସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ଉତ୍ସବ ରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଯସଶ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା କରାଇ ଏହି ଜିଲ୍ଲା ସମେତ ଉତ୍ତର ଓ ପୂର୍ବ ଓଡ଼ିଶା ର ଲକ୍ଷାଧିକ ଲୋକ ଙ୍କ ସ୍ୱାସ୍ଥ୍ୟସେବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଭବିଷ୍ୟତରେ ଏହି ମେଡିକାଲ କଲେଜର ସମ୍ପ୍ରସାରଣ ସହିତ ଏହାର ଭିତ୍ତିଭୂମିର ଆହୁରି ବିକାଶ କରାଯିବ ଏବଂ ମେଡିକାଲ କଲେଜକୁ ବିଭିନ୍ନ ଦିଗରୁ ପ୍ରଶସ୍ତ ରାସ୍ତା ନିର୍ମାଣ କରାଯିବ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଯୋଗ ଦେଇ ଏହି ମେଡିକାଲ କଲେଜରେ ରୋଗୀ ସେବା ପାଇଁ ଆହୁରି ଅନେକ କିଛି କାମ କରାଯିବ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ସାଂସଦ ରବିନ୍ଦ୍ର ବେହେରା,ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, କୋରେଇ ବିଧାୟକ ଆକାଶ ଦାସ ନାୟକ,ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ, ବଡଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଜିଲ୍ଲାପାଳ ଶ୍ରୀମତୀ ପି ଅନ୍ୱେଷା ରେଡ୍ଡୀ, ମେଡିକାଲ କଲେଜର ଡିନ୍ ଡାଃ ସତ୍ୟକାମ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଭୁବନେଶ୍ୱର ସ୍ଥିତ ଚିକିତ୍ସା ବିଜ୍ଞାନ ବିଶ୍ୱବିଦ୍ୟାଳୟ ର କୁଳପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ କୁ ମେଡିକାଲ କଲେଜର ପ୍ରଫେସର,ଛାତ୍ରଛାତ୍ରୀ, କର୍ମଚାରୀ ମାନେ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ,ବରୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ନେତା ଉମେଶ ଚନ୍ଦ୍ର ଜେନା, ବିଂଝାରପୁର ନିର୍ବାଚନ ମଣ୍ଡଳୀ ନେତ୍ରୀ ବବିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ମଧ୍ୟ କୁସୁମା ପଡିଆ ଠାରେ ଏକ ଭବ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଜିଲ୍ଲା ମହୋତ୍ସବ ଯଯାତି -୨୦୨୫ ଏବଂ ପଲ୍ଲୀଶ୍ରୀ ମେଳା କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି। ଆଜି ସାଂସ୍କୃତିକ କାର୍ଯ୍ୟକ୍ରମ କୁ ମୁଖ୍ୟମନ୍ତ୍ରୀ ଦେଖିବା ସହିତ ମେଳା ବୁଲି ଦେଖିଥିଲେ ଏବଂ ଯାଜପୁର ସର୍କିଟ ହାଉସ ରେ ରାତ୍ରି ଯାପନ କରିଛନ୍ତି। ଅପରାହ୍ନ ରେ ବିଜେପିର ଜିଲ୍ଲା ସଭାପତି ଶ୍ରୀ ରାୟ ଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ର ପ୍ରବେଶ ଦ୍ୱାର ଷଠିପୁର ଠାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମେଡିକାଲ କଲେଜକୁ ଏବଂ ଜିଲ୍ଲା ମହୋତ୍ସବ କୁ ପାଛୋଟି ଅଣାଯାଇଥିଲା। କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟକ ମହିଳାମାନଙ୍କୁ ଦେଖିବାକୁ ମିଳିଥିଲା।

# ଦିଲ୍ଲୀବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦିଲ୍ଲୀବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଅଭିନନ୍ଦନ, ଆଭାର ଓ ପ୍ରଣାମ ଦିଲ୍ଲୀ । ବିପୁଳ ଆଶୀର୍ବାଦ ଓ ଐତିହାସିକ ଜନାଦେଶ ସ୍ପଷ୍ଟ କରିଛି ଯେ, ଦିଲ୍ଲୀର ହୃଦୟରେ ମୋଦି ଅଛନ୍ତି ଓ ମୋଦି ମ୍ୟାଜିକର କୌଣସି ତୋଡ ନାହିଁ । ଏହା ଭବ୍ୟ ବିଜୟ, ଦିଲ୍ଲୀବାସୀଙ୍କ ବିଜୟ ଅଟେ । ଦିଲ୍ଲୀବାସୀଙ୍କ ଆଦରଣୀୟ ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଂଟି ଉପରେ ଅତୁଟ ବିଶ୍ୱାସ ରହିଛି । ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା, ରାଜ୍ୟ ସଭାପତି ବୀରେନ୍ଦ ସଚଦେବା ଏବଂ ସଙ୍ଗଠନର ବରିଷ୍ଠ ନେତୃତ୍ୱରେ ଏହି ସୁଫଳ ପାଇଁ ଦିନରାତି ସଂଘର୍ଷ କରିଥିବର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ଫଳାଫଳ ସାବ୍ୟସ୍ତ କରିଛି ଯେ, ମିଛ, ଧୋକା ଓ ଭ୍ରଷ୍ଟାଚାରର ରାଜନୀତି ଅଧିକ ଦିନ ତିଷ୍ଠି ରହିପାରେନି ।

**झारखण्ड सरकार, कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, धनबाद**
मोबाईल नं० : 8789242462 Email : rdsd.dhanbad@rediffmail.

पत्रांकः—110 धनबाद / दिनांक—08.02.2025

**शुद्धि पत्र**

इस कार्यालय के पत्रांक 79 दिनांक 29.01.2025 के द्वारा आमंत्रित अति अल्पकालीन निविदा आमंत्रण सूचना सं0—**RWD/SD/DHANBAD-33/2024-25/3rd Call** जिसका **PR No. 345389 (Rural Work Department)24-25*D** में प्रकाशित निविदा की तिथियों में निम्नवत् संशोधन किया जाता है।

| क्र0 | विवरणी | पूर्व में प्रकाशित तिथि | संशोधित तिथि |
|---|---|---|---|
| 1. | वेबसाइट में निविदा प्रकाशन की तिथि | दिनांक 06.02.2025 | दिनांक 06.02.2025 |
| 2. | ई0—निविदा प्राप्ति की तिथि एवं समय | दिनांक 06.02.2025 से दिनांक 13.02.2025 को अपराह्न 05:00 बजे तक। | दिनांक 06.02.2025 से दिनांक 28.02.2025 को अपराह्न 05:00 बजे तक। |
| 3. | ई—निविदा खोलने की तिथि एवं समय | दिनांक 15.02.2025 अपराह्न 02:00 बजे। | दिनांक 03.03.2025 अपराह्न 02:00 बजे। |

अतः अन्य शर्तो यथावत रहेगी।

(ई0 नरेन्द्र कुमार)
कार्यपालक अभियंता
ग्रामीण विकास विशेष प्रमंडल, धनबाद

PR.NO.346113 Rural Work Department(24-25):D

**Government of Jharkhand**
**Jharkhand Flying Institute**
A Society Regd. Under Department of Cabinet Secretariat & Vigilance
(Civil Aviation Division)
State Hangar, Birsa Munda Airport, Hinoo Ranchi-834002
E-mail-jfi.govtfly@gmail.com, Website-www.jharkhandaviation.in

**Ref. No: -BMM Vacancy-67-2025/JFI-33 /Ranchi, Date:- 07.02.2025**

**Advertisement for Base Maintenance Manager**

Jharkhand Flying Institute (JFI), Birsa Munda Airport Road, State Hanger, Hinoo, Ranchi invites application from eligible candidates for Base Maintenance Manager for DGCA CAR 145, on a contractual basis for maintenance of Training Govt. Aircraft airworthiness. Interested Candidates are requested to visit the Jharkhand Flying Institute Website- **http://www.jharkhadaviation.in** or IPRD Website-**http://www.prdjharkhand.in/iprd** for details of the Advertisement.

The Interested Candidates must Submit the application along with their Resume, Xerox copies of relevant certificates to the office of the Managing Director, Jharkhand Flying Institute, Birsa Munda Airport Road, State Hanger, Hinoo, Ranchi by speed post/courier/e-mail/by hand Latest by **22/02/2025 at 5 P.M.**

Jharkhand Flying Institute reserves the right to accept or reject any or all applications without assigning any reason. JFI also reserves the right to cancel at any stage without assigning any reason.

Sd/-
(Capt. S.P. Sinha)
Managing Director
Jharkhand Flying Institute

PR 346055 (Civil Aviation) 24-25 (D)

# ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଭାରତୀୟ ଦଳର ତିନି ଯୁବ ଖେଳାଳି



ପୁରୀ (ଭାସ୍କର ନ୍ୟୁଜ) : କଟକ ବାରବାଟୀ ଷ୍ଟାଡିୟମରେ ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ ମ୍ୟାଚ । ଏହା ପୂର୍ବରୁ ଜଗା ସରଣରେ ଭାରତୀୟ କ୍ରିକେଟ ଦଳର ଖେଳାଳି । ଶନିବାର ସକାଳୁ ସକାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଭାରତୀୟ ଦଳର ତିନି ଯୁବ ଖେଳାଳି ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀ । ମ୍ୟାଚ ପୂର୍ବରୁ ଶ୍ରୀମନ୍ଦିରରେ ପହଞ୍ଚି ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଲାଭ କରିଛନ୍ତି । ଶୁକ୍ରବାର ଭାରତୀୟ ଟିମର ସମସ୍ତ ଖେଳାଳି ଭୁବନେଶ୍ୱରରେ ପହଞ୍ଚିଥିଲେ । ସକାଳ ସମୟରେ କଡା ସୁରକ୍ଷା ମଧ୍ୟରେ ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀ ପୁରୀ ଶ୍ରୀମନ୍ଦିରେ ପହଞ୍ଚିଥିଲେ । ଏହି ତିନି ଖେଳାଳି ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା । ପ୍ରଥମେ ସିଂହଦ୍ୱାର ଗୁମୁଟରେ ପ୍ରଭୁ ପତିତପାବନଙ୍କୁ ଦର୍ଶନ କରିଥିଲେ। ପରେ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତିନି ଖେଳାଳିଙ୍କୁ ମହାପ୍ରଭୁଙ୍କ ବାନା ଦିଆଯାଇ ସ୍ୱାଗତ କରାଯାଇଥିଲା । ଟିମ୍ ଇଣ୍ଡିଆ ବାରବାଟୀରେ ବିଜୟ ହାସଲ କରିବା ପାଇଁ ଶ୍ରୀମନ୍ଦିରରେ ବାନା ଲଗାଯିବା ନେଇ ବ୍ୟବସ୍ଥା ହୋଇଛି । ଟିମ୍ ଇଣ୍ଡିଆର କେଳାଳିଙ୍କୁ ଦେଖିବାକୁ ବଡ଼ଦାଣ୍ଡରେ କ୍ରିକେଟ ପ୍ରେମୀଙ୍କ ନାହିଁ ନଥିବା ଭିଡ ହୋଇଥିଲା । ଖେଳାଳିଙ୍କ ପାଇଁ ପୁରୀ ପୋଲିସ୍ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।ଆସନ୍ତାକାଲି ବାରବାଟୀରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଦିନିକିଆ ମ୍ୟାଚ ଖେଳାଯିବ । ଏତି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ମ୍ୟାଚ ଅପେକ୍ଷାରେ ରହିଛି ଷ୍ଟାଡିୟମ । ଗତକାଲି ଭୁବନେଶ୍ୱରରେ ଉଭୟ ଦେଶର ଖେଳାଳି ପହଞ୍ଚିଥିଲେ ।

# ସୀମାନ୍ତରେ ୪ ମାଓବାଦୀ ଗିରଫ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦ୍ରି କୋତାଗୁଡେମ ପୋଲିସ ଏବଂ ସିଆରପିଏଫ ଯବାନଙ୍କ ଦ୍ୱାରା ମିଳିତ ତଲାସି ଓ ଯାଞ୍ଚ ବେଳେ ୨ ପୁରୁଷ ଓ ୨ ମହିଳା ମାଓବାଦୀ ସମେତ ମୋଟ ୪ ମାଓବାଦୀ ଗିରଫ । ଗିରଫ ମାଓବାଦୀ ମନେ ହେଲେ ସୋମନ୍ନା, ମଡକାମ୍ ଓଙ୍ଗା, କାଡତି ଲାକକ୍ମ ଓ ସୋଡି ସୁକ୍କି। ସୂଚନା ଅନୁଯାୟୀ ତେଲେଙ୍ଗନାର ଚାର୍ଲା ଅଞ୍ଚଳରେ ଯବାନଙ୍କ ତଲାସି ବେଳେ ଏହି ୪ ମାଓବାଦୀଙ୍କୁ ଜଙ୍ଗଲ ମଧ୍ୟରୁ ଗିରଫ କରିଥିଲେ। ଗିରଫ ମାଓବାଦୀଙ୍କ ଠାରୁ ମାଓ ପୁସ୍ତିକା, କିଛି ହାତ ହତିଆର ଅସ୍ତ୍ର, କିଛି ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଆଦି ଜବତ ହୋଇଛି। ପଚରା ଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ସ୍ୱୀକାର କରିଥିବା ବେଳେ ପୋଲିସ ପକ୍ଷରୁ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## 'ସମୟ କନକ୍ଲେଭ'ର ପଞ୍ଚମ ସଂସ୍କରଣ ରେ ରାଜସ୍ୱମନ୍ତ୍ରୀ

# 'ବିକାଶର ଗତିକୁ ଆଗକୁ ନେବାର ସମୟ ଆସିଛି'



ଭୁବନେଶ୍ୱର (ସବୁଜ): ଓଡ଼ିଶାର ବିକାଶ ଆଗକୁ ବଢ଼ିଛି ଆମେ କେବଳ ତାର ଗତିକୁ ବଢ଼ାଇବା ବିକଶିତ ଓଡ଼ିଶା ୨୦୩୬ର ଯେଉଁ ଲକ୍ଷ୍ୟ ରଖାଯାଇଛି, ସେତେବେଳେକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ୧୦୦ ବର୍ଷ ପୂର୍ତ୍ତି ହେବ ଆଉ ୧୨ବର୍ଷ ସମୟ ରହିଛି ବିକଶିତ ଓଡ଼ିଶା ଲାଗି କାର୍ଯ୍ୟନିର୍ବାହୀ, ବ୍ୟବସ୍ଥାପକ ଓ ବିଚାର ବିଭାଗୀୟ ବ୍ୟବସ୍ଥାକୁ ଅଧିକରୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ରହିଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ସମୟ କନକ୍ଲେଭର ପଞ୍ଚମ ସଂସ୍କରଣ ଆଜି ଅନୁଷ୍ଠିତ ହୋଇଯାଇଛି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜସ୍ୱମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ ଆମ ହାତରେ ୧୨ବର୍ଷ ସମୟ ରହିଛି ବିଶୁ ମହାରଣାଙ୍କ ନେତୃତ୍ୱରେ ୧୨୦୦ କାରିଗର କୋଣାର୍କ ମନ୍ଦିରକୁ ନିର୍ମାଣ କରିବାକୁ ୧୨ବର୍ଷ ସମୟ ନେଇଥିଲେ ମାତ୍ର ୧୨ବର୍ଷର ବାଳକ ଧର୍ମପଦ ଏହାର ମୁଣ୍ଡି ମାରିଥିଲେ । ଆଗାମୀ ୧୨ବର୍ଷରେ ବିକଶିତ ଓଡ଼ିଶାର ମୁଣ୍ଡି ମରାଯିବ ଏଥିଲାଗି ଧର୍ମପଦଙ୍କ ଆବଶ୍ୟକତା ରହଛି । ଧର୍ମପଦ ଯଦି ଓଡ଼ିଶା ଲୋକଙ୍କ ଦ୍ୱାରା ସୃଷ୍ଟିହେବେ ତେବେ ବିକଶିତ ଓଡ଼ିଶାର ମୁଣ୍ଡି ମରିବ ବୋଲି ମନ୍ତ୍ରୀ କହିଥିଲେ । ଅନ୍ୟତମ ଅତିଥିଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାରମନ୍ତ୍ରୀ ଡ. ମୁକେଶ ମହାରିଙ୍ଗ କହିଥିଲେ ଯେ ବିକଶିତ ଓଡ଼ିଶା ପାଇଁ ଚିନ୍ତନ ଓ ମନ୍ଥନର ଆବଶ୍ୟକତା ରହିଛି ଦୁଇଟି କ୍ଷେତ୍ରରେ ଓଡ଼ିଶାର ପ୍ରଗତିକୁ ଆଗକୁ ନେବାକୁ ପଡିବ ମୁଖ୍ୟତଃ ଆଇଟି କ୍ଷେତ୍ରର ବିକାଶର ଆବଶ୍ୟକତା ରହିଛି । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀୟ ଅତିଥିଭାବେ ଯୋଗଦେଇ ନାଲ୍କୋର ମାନବସମ୍ବଳ ଓ ପ୍ରଶାସନିକ ନିର୍ଦ୍ଦେଶକ ଆଶୁତୋଷ ରଥ କହିଥିଲେ ଯେ, ଓଡ଼ିଶା ଏକ ଖଣି ସମୃଦ୍ଧ ରାଜ୍ୟ ତେବେ ଏଥିରୁ ଆନୁସଙ୍ଗିକ ଉପାଦାନ କରାଗଲେ ଏହା ଦ୍ୱାରା ଏମ୍ଏସ୍ଏମ୍ଇ ମାନେ ଉପକୃତ ହେବେ । ହାଇଟେକ୍ ଗ୍ରୁପ୍ର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଅନ୍ୟତମ ସମ୍ମାନୀୟ ଅତିଥିଭାବେ ଯୋଗଦେଇଥିଲେ । ସେହିପରି ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର ବିକଶିତ ଓଡ଼ିଶାର ରୂପରେଖ ସଂପର୍କରେ ସୂଚନା ଦେଇଥିଲେ । ସମୟ ମୁଖ୍ୟ ସଂପାଦକ ରାକେଶ ମହାନ୍ତି ଅଭିଭାଷଣ ଦେଇ ଓଡ଼ିଶାର ବିକାଶ କ୍ଷେତ୍ରରେ ଏକ ଚିତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମୟର ସଂପାଦକ ପପୁ ମହାନ୍ତି ସ୍ୱାଗତଭାଷଣ ଦେଇଥିଲେ ।

**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, HAZARIBAGH**
**(ROAD CONSTRUCTION DEPARTMENT)**
**GOVERNMENT OF JHARKHAND**

**SHORT TERM TENDER NOTICE No. : NH/HAZARIBAGH/2024-25/05 DATED 05.02.2025**

In the name and on behalf of Government of Jharkhand State tenders are invited through E-tendering by the Executive Engineer, National Highway Division, South of PTC Ground, Hazaribagh PIN-825301 from the eligible contractors registered in appropriate class with the Government of Jharkhand (Roads Construction Department) or equivalent category. Detail of works are as Follow:

| Sl. No. | Name of Work | Approximate value of work (₹) | Bid Security/EMD Amount (₹) | Cost Of Document (₹) | Time of Completion | Category of Bidder |
|---|---|---|---|---|---|---|
| 1. | Paver Block and street light work of NH-522 (Old NH-100) in Km 51(P) and 52(P) under National Highway Division, Hazaribagh for the year 2024-25 | 1,04,02,946=71 **F2 Form** | 2,08,500=00 | 10,000=00 | 25 Days | 2 |

The tender notice and tender documents will be available on website http://jharkhandtenders.gov.in from Dated: 07.02.2025 (3:00 PM) and may be submitted/uploaded up to 20.02.2025 (3:00 PM). Tender of work will be opened at office of the Chief Engineer (Communication), RCD, Jharkhand, Ranchi on dated 21.02.2025 at 3:00 PM.
Bidders please note that 'Bid Security' has to be submitted in prescribed Performa only.
For further details visit us on above mentioned web site. Any Amendment/Corrigendum will be published on portal of http://jharkhandtenders.gov.in only. Bidders will be bound to follow all Amendment/Corrigendum and requested to check portal http://jharkhandtenders.gov.in on regular basis before the date and time of Submission.

Executive Engineer,
National Highway Division
Hazaribagh

PR 346103 (Road) 24-25 (D)

# ଟ୍ରକ -ଅଟୋ ମୁହାଁମୁହିଁ : ୧ ମୃତ, ୨ଗୁରୁତର

ବୋଲଗଡ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଉପରେ ବୋଲଗଡବ୍ଲକ ଅନ୍ତର୍ଗତ ଟାଙ୍ଗୀସାହି ଛକ ନିକଟରେ ଆଜି ସକାଳ ୪ଟାରେ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଲେଲ୍ୟାଣ୍ଡ ଟ୍ରକ ନଂ ଡଜ୦୪କ୪୪୬୬ ଓ ନୟାଗଡରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ଅଟୋରେ ବସିଥିବା ମହିଳା ମୃତକ ଜଣକ ହେଲେ ଲିଲି ଭୁଜବଳ( ୩୩)ବର୍ଷ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ସୂଚନା ଅନୁସାରେ ନୟାଗଡ ଜିଲ୍ଲା ନୂଆ ଗାଁ ବ୍ଲକ ରୋହି ସାହିର ପ୍ରଦୀପ ଭୁଜବଳ(୩୮) ଓ ତାଙ୍କ ନିଜ ଅଟୋଯୋଗେ ଇଟାମାଟି ଘଡୁଆଳରୁ ବାହାଘର ଭୋଜି ଖାଇ ଭୁବନେଶ୍ୱର ଫେରୁଥିଲେ । ଫଳରେ ଶନିବାର ସକାଳ ୪ଟା ସମୟରେ ଟାଙ୍ଗୀସାହି ଛକ ନିକଟରେ ଉଭୟେ ଟ୍ରକ ଓ ଅଟୋ ମଧ୍ୟରେ ମୁହାଁମୁହିଁ ହୋଇଥିଲା । ଏଥିରେ ମୃତକ ଲିଲି ଭୁଜବଳଙ୍କ ସ୍ୱାମୀ ଡ୍ରାଇଭର ଭାବେ ଅଟୋ ଚଳାଉଥିଲେ ଏବଂ ପଛରେ ବସିଥିବା ୫ବର୍ଷର ପୁଅ ମଧ୍ୟରେ ଗୁରୁତର ହୋଇଥିଲା । ପରେ ସ୍ଥାନୀୟ ଲୋକେ ଗୁରୁତର ହୋଇଥିବା ବାପ ପୁଅଙ୍କୁ ଆମ୍ବୁଲାନ୍ସ ଯୋଗେ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବା ସଙ୍ଗେ ସଙ୍ଗେ ଭୁବନେଶ୍ୱର ସରକାରୀ ବଡ ଡାକ୍ତର ଖାନାକୁ ପଠାଇଥିଲେ । ବୋଲଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ ପରେ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ପରେ ବୋଲଗଡ ଅଗ୍ନିଶମ ବାହିନୀ ଓ ବୋଲଗଡ ଥାନା ପୋଲିସି ପହଞ୍ଚି ମିଳିତଭାବେ ମୃତ ଶବକୁ ଜବତ କରି ଶବ ବ୍ୟବଛେଦ ପାଇଁ ପ୍ରଥମେ ବୋଲଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ । କିନ୍ତୁ ତାଙ୍କ ପରିବାର ଲୋକେ ବୋଲଗଡ ଥାନାରେ ଲିଖିତ ଭାବେ କ୍ଷତି ପୂରଣ ଦାବି କରିଥିଲେ । କ୍ଷତି ପୂରଣ ସନ୍ତୋଷଜନକ ନ ହେବାରୁ ପରିବାର ଲୋକେ ଡାକ୍ତର ଖାନାରୁ ଶବକୁ ଆଣି ଘଟଣା ଘଟିଥିବା ଘଏି୫୭ ଟାଙ୍ଗୀସାହି ଛକ ରାସ୍ତା ଉପରେ ଶବକୁ ଶୁଆଇ କ୍ଷତି ପୂରଣ ଦାବୀ କରିଥିଲେ । ରାସ୍ତାରେ ଜଯାନ ବାହାନା ସମ୍ପୂର୍ଣ୍ଣ ଠପ ହୋଇଥିଲା । ସାଧାରଣ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପରେ ବୋଲଗଡ ଥାନା ଆଇ. ଆଇ.ସି ସିଂଗ୍ରାମୟୀ ବରାଳ ପହଁଞ୍ଚି ଓ ନୟାଗଡ଼ ପୋଲିସି ଘଟଣା ସ୍ଥଳରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ଉପଯୁକ୍ତ ନ୍ୟାୟ ମିଳିବା, କ୍ଷତି ପୂରଣ ମିଳିବା ଭଳି ପ୍ରତିଶୃତି ଦେଇ ଘଟଣାକୁ ସମାଧାନ କରି ରାସ୍ତାରେ ଯାନବାହାନ ଚଳାଚଳ କରିଥିଲା ।

**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, HAZARIBAGH**
**(ROAD CONSTRUCTION DEPARTMENT)**
**GOVERNMENT OF JHARKHAND**

**SHORT TERM TENDER NOTICE No. : NH/HAZARIBAGH/2024-25/06 DATED 05.02.2025**

In the name and on behalf of Government of Jharkhand State tenders are invited through E-tendering by the Executive Engineer, National Highway Division, South of PTC Ground, Hazaribagh PIN-825301 from the eligible contractors registered in appropriate class with the Government of Jharkhand (Roads Construction Department) or equivalent category. Detail of works are as Follow:

| Sl. No. | Name of Work | Approximate value of work (₹) | Bid Security/EMD Amount (₹) | Cost Of Document (₹) | Time of Completion | Category of Bidder |
|---|---|---|---|---|---|---|
| 1. | Paver Block work of NH-522 (Old NH-100) in Km 53(P), 54(P) and 55(P) under National Highway Division, Hazaribagh for the year 2024-25 | 1,48,76,461=04 **F2 Form** | 2,98,000=00 | 10,000=00 | 25 Days | 2 |

The tender notice and tender documents will be available on website http://jharkhandtenders.gov.in from Dated: 07.02.2025 (3:00 PM) and may be submitted/uploaded up to 20.02.2025 (3:00 PM). Tender of work will be opened at office of the Chief Engineer (Communication), RCD, Jharkhand, Ranchi on dated 21.02.2025 at 3:00 PM.
Bidders please note that 'Bid Security' has to be submitted in prescribed Performa only.
For further details visit us on above mentioned web site. Any Amendment/Corrigendum will be published on portal of http://jharkhandtenders.gov.in only. Bidders will be bound to follow all Amendment/Corrigendum and requested to check portal http://jharkhandtenders.gov.in on regular basis before the date and time of Submission.

Executive Engineer,
National Highway Division
Hazaribagh

PR 346105 Road (24-25)_D

# କୃଷ୍ଣସାର ମୃଗ ଉଦ୍ଧାର କେନ୍ଦ୍ରରେ ୨ଟି କୃଷ୍ଣସାର ଛୁଆର ମୃତ୍ୟୁ

ଭଞ୍ଜନଗର(ଭାସ୍କର ନ୍ୟୁଜ): ଉତ୍ତର ଘୁମୁସର ବନଖଣ୍ଡର ଜଗନାଥ ପ୍ରସାଦ ବନାଞ୍ଚଳର ସରନୂଆଁପଲ୍ଲୀ ଠାରେ କରାଯାଇଥିବା ଅସ୍ଥାୟୀ କୃଷ୍ଣସାର ମୃଗ ଉଧାର କେନ୍ଦ୍ର ରେ ଉଧାର ୨ଟି କୃଷ୍ଣସାର ଛୁଆର ମୃତ୍ୟୁଶନିବାରଘଟିଛି ସୂଚନା ଦେଇଛନ୍ତି ବନାଞ୍ଚଳ ଅଧିକାରୀ ସୁଜତା ରାଣି ପଣ୍ଡା ।ଖବର ନେବାରେ ବେଲଗୁଣ୍ଠା ସେକସନରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାକୁ ଉଧାର କରି ଅନ୍ୟ ବନଖଣ୍ଡ ନତୁବା ବାଲୁଖଣ୍ଡ ବନଖଣ୍ଡକୁ ପଠାଇବା ପାଇଁ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ଉଧାଳ କେନ୍ଦ୍ର କରାଯାଇଛି। କିନ୍ତୁ ଆଜକୁ ଚାରିଦିନ ପୂର୍ବେ ୨ଟି ଛୁଆ ଉଧାର କେନ୍ଦ୍ରକୁ ପ୍ରବେଶ କରିଥିଲେ। ବନବିଭାଗ ଏମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ତୁରନ୍ତ ସେମାନଙ୍କର ସୁରକ୍ଷା ଦେବା ନିହାତି ଆବଶ୍ୟକ ଥିବାବେଳେ କିନ୍ତୁ ତାହା କରାନଯିବାରୁ ଆଜି ନିରିହ ଛୁଆ ଦୁଇଟିର ଜୀବନ ଚାଲିଗଲା ବୋଲି ସ୍ଥାନୀୟ ପରିବେଶବିତ୍ କହିଛନ୍ତି। ଏହା ବିଭାଗୀୟ କର୍ମଚାରୀ ଙ୍କ ଅବହେଳା ନା ଅନ୍ୟ କେଉଁ କାରଣ ତାହା ଉପରେ ତଦନ୍ତ କରିବା ଜରୁରୀ ଆବଶ୍ୟକ ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି। ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଙ୍କ ନିର୍ଦ୍ଦେଶ ପ୍ରକାରେ, ଉତ୍ତର ଘୁମୁସର ବନଖଣ୍ଡର ଜଗନ୍ନାଥ ପ୍ରସାଦ ବନାଞ୍ଚଳରୁ ୮ ଟି କୃଷ୍ଣସାର ମୃଗ ନେବା ପାଇଁ ନିର୍ଦ୍ଦେଶ ରହିଛି । ସେହି ଅନୁସାରେ ବନ ବିଭାଗ ପକ୍ଷରୁ ସରନୂଆଁପଲ୍ଲୀ ଠାରେ ଉଧାର କେନ୍ଦ୍ର ପ୍ରସ୍ତୁତ କରାଯାଇଛି । ବିଶେଷ କରି କୋଣାର୍କ -ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ ରେ କୃଷ୍ଣସାର ମୃଗଙ୍କ ବଂଶବୃଦ୍ଧି ଏବଂ ପୁନଃସ୍ଥାପନ ପାଇଁ ବିଭାଗ ପକ୍ଷରୁ ଏଭଳି ପ୍ରୟାସ କରାଯାଇଥିବା ଜଣାପଡିଛି।

**कार्यपालक अभियंता का कार्यालय**
**ग्रामीण विकास विषेश प्रमण्डल,**
**जामताड़ा**

**शुद्धि-पत्र**

एतद् द्वारा सूचित किया जाता है कि इस कार्यालय के अल्पकालीन ई0—आमंत्रण संख्या— RDD/SD/JMT/14/2024-25, PR-344937 Rural Department(24-25)#D क्रमांक—01 (जामताड़ा जिला के नारायणपुर प्रखण्ड परिसर में पलाश मार्ट का निर्माण कार्य) को अपरिहार्य कारणवश उक्त निविदा को तत्काल प्रभाव से रद्द किया जाता है।

ह0/—
कार्यपालक अभियंता
ग्रामीण विकास विशेष प्रमण्डल,

PR 346072 Rural Development (24-25)_D जामताड़ा

**झारखंड सरकार,**
**उत्पाद एवं मद्य निषेध विभाग।**

पत्रांक — 186
दिनांक — 08.02.2025

**।। आम सूचना ।।**

एतद द्वारा सर्वसाधारण को सूचित किया जाता है कि उत्पाद एवं मद्य निषेध विभाग, झारखंड, राँची द्वारा निम्नांकित नियमावलियों / संकल्प का गठन किया जा रहा है —

i. **''झारखंड उत्पाद (मदिरा की खुदरा बिक्री हेतु दुकानों की बंदोबस्ती एवं संचालन) नियमावली, 2025''**
ii. **''झारखंड मदिरा का भंडारण एवं थोक बिक्री (संशोधन) नियमावली, 2025''**
iii. **''झारखण्ड उत्पाद होटल, रेस्तराँ, बार एवं क्लब (अनुज्ञापन एवं संचालन) (संशोधन) नियमावली, 2025''**
iv. **औद्योगिक अल्कोहल (Industrial Alcohol) एवं ईथेनॉल (Ethanol) के उत्पादन, आयात, निर्यात एवं परिवहन प्रयोजनार्थ अनुज्ञप्ति एवं पारक निर्गत करने के संबंध में नीति।**

प्रस्तावित नियमावलियाँ / संकल्प राजस्व संवर्द्धन, व्यवसायिक सुगमता एवं राजस्वहित के उद्देश्यों को पूर्ण कर सके, इसके लिए आमजनों एवं सभी हितधारकों का परामर्श एवं आपत्तियाँ झारखंड उत्पाद अधिनियम, 1915 की धारा 89(3) के तहत आमंत्रित की जा रही हैं। उपरोक्त प्रस्तावित नियमवलियों के प्रारूप का अवलोकन विभागीय वेबसाइट https://excise.jharkhand.gov.in व https://jelons.jharkhand.gov.in/DraftPolicy.aspx तथा https://jsbcl.jharkhand.gov.in/jsbcl एवं https://jharkhand.gov.in/excise पर किया जा सकता है।

उक्त प्रस्तावित नियमावलियों / संकल्प से संबंधित परामर्श एवं आपत्तियाँ दिनांक 16.02.2025 तक विभागीय ईमेल **suggestions.excise.jhr@gmail.com** पर उपलब्ध करायी जा सकती हैं। उक्त तिथि के उपरांत प्राप्त आपत्तियों एवं सुझाव पर विचार नहीं किया जायेगा।

संयुक्त आयुक्त उत्पाद
झारखंड, राँची।

PR 346109 (Excise) 24-25 (D)



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରବିବାର କଟକ ବାରବାଟୀ ଷ୍ଟାଡ଼ିୟମ୍‌ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ । ଏହି ଅବସରରେ ଟିମ୍ ଇଣ୍ଡିଆର ଖେଳାଳିଙ୍କୁ ସ୍ୱାଗତ ସହ ଖେଳପ୍ରେମୀମାନଙ୍କୁ ଉତ୍ସାହିତ କରିବା ପାଇଁ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତସ୍ୱରୂପ ରଙ୍ଗ ତୂଳୀରେ ବାରବାଟୀ ଷ୍ଟାଡ଼ିୟମ୍‌ର ପ୍ରତୀକାତ୍ମକ ଚିତ୍ର ଆଙ୍କି ଥିବା ବେଳେ 'ଗୁଡ୍ ଲକ୍ ଇଣ୍ଡିଆ' ଲେଖି ଭାରତୀୟ କ୍ରିକେଟ୍ ଟିମ୍‌କୁ ଶୁଭେଚ୍ଛାର ବାର୍ତ୍ତା ଜଣାଇଛନ୍ତି । ଅନ୍ୟପକ୍ଷରେ ଟିମ୍ ଇଣ୍ଡିଆ ଖେଳାଳିଙ୍କୁ ଦେଖିବା ପାଇଁ ହୋଟେଲ ମେ ଫେୟାର ସମ୍ମୁଖରେ ଶନିବାର ପ୍ରବଳ ଗହଳି ଦେଖାଯାଇଥିଲା । କ୍ରିକେଟ୍ ଫ୍ୟାନ୍‌ମାନେ ସେମାନଙ୍କ ପ୍ରିୟ ତାରକାଙ୍କୁ ଦେଖିବା ପାଇଁ ବେଶ୍ କିଛି ସମୟ ଧରି ଠିଆ ହୋଇ ରହିଥିବା ଦେଖିବାକୁ ମିଳିଥିଲା । ରବିବାର କଟକ ବାରବାଟି ଷ୍ଟାଡିୟମ୍‌ରେ ମଧ୍ୟ ପ୍ରବଳ ଗହଳି ପରିଲକ୍ଷିତ ହେବ ବୋଲି ଆଶା କରାଯାଉଥିବାରୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।







କଟକ ବାରବାଟୀ ଷ୍ଟାଡିୟମ୍‌ରେ ଇଣ୍ଡିଆ ଟିମ୍‌ର ନେଟ୍ ପ୍ରାକ୍ଟିସ୍, ଗ୍ୟାଲେରୀରେ କ୍ରିକେଟ୍‌ପ୍ରେମୀଙ୍କ ଭରପୂର ଭିଡ଼

### ରାଜ୍ୟ କ୍ୟାବିନେଟ୍‌ରେ ୧୧ଟି ପ୍ରସ୍ତାବକୁ ଅନୁମୋଦନ

## ଅନ୍ତୋଦୟ ଗୃହ ଯୋଜନା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଲୋକସେବା ଭବନ ରେ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ) ବୈଠକରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ୧୧ଟି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ କ୍ୟାବିନେଟ ବୈଠକରେ ପାରିତ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ଅନ୍ତୋଦୟ ଗୃହ ଯୋଜନା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ସମାଜର ଦୁର୍ବଳ ବର୍ଗର ଲୋକଙ୍କୁ ପକ୍କାଘର ଯୋଗାଇ ଦେଇ ସେମାନଙ୍କ ଜୀବନ ଧାରଣର ମାନ ପରିବର୍ତ୍ତନ କରିବା ଅନ୍ତୋଦୟ ଗୃହ ଯୋଜନାର ମୂଳ ଲକ୍ଷ୍ୟ । ଏହି ଯୋଜନା ପାଇଁ ୭,୫୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସାମ୍ବାଦିକ ମାନଙ୍କୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପ୍ରାକୃତିକ ଅଥବା ମନୁଷ୍ୟକୃତ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାର, ବିଭିନ୍ନ ସରକାରୀ ପ୍ରକଳ୍ପ ହେତୁ ବିସ୍ଥାପିତ ହୋଇଥିବା ପରିବାର, ଭିନ୍ନକ୍ଷମ ବ୍ୟକ୍ତି ମୁଖ୍ୟ ଉପାର୍ଜନକାରୀ ହୋଇଥିବା ପରିବାର, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ପରିବାର ଏବଂ ପ୍ରଚଳିତ ଗୃହ ନିର୍ମାଣ



ଯୋଜନାରେ ଉପକୃତ ହୋଇ ନ ଥିବା ଯୋଗ୍ୟ ପରିବାରବର୍ଗଙ୍କୁ ଏହି ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ । ଏହି ଯୋଜନାରେ ହିତାଧିକାରୀ,(ଶୌଚାଳୟର ଅଞ୍ଚଳକୁ ହିସାବକୁ ନ ନେଇ) ୨୫ ବର୍ଗ ମିଟର ପରିଧି ବିଶିଷ୍ଟ ପକ୍କା ଘର ନିର୍ମାଣ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପାଇପାରିବେ । ତିନି ବର୍ଷ ମଧ୍ୟରେ ଏହି ଯୋଜନାରେ ଅନ୍ୟୁନ୍ୟ ୨, ୨୫, ୦୦୦ ନୂତନ ପକ୍କା ଘର ମଞ୍ଜୁର କରାଯିବ । ଅନ୍ତୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଓ ଅନ୍ୟାନ୍ୟ ସରକାରୀ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ହିତାଧିକାରୀ, ଯେଉଁମାନେ ପ୍ରଥମ କିସ୍ତି ପାଇବାର ୪ ମାସ ଓ ୬ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରୁଛନ୍ତି, ସେମାନଙ୍କୁ ଯଥାକ୍ରମେ ୨୦ ହଜାର ଟଙ୍କା ଏବଂ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ଯୋଜନାରେ ପକ୍କାଘରର ସଂଜ୍ଞାକୁ ସରଳୀକରଣ କରାଯାଇ ଆଜବେସଟସ୍, ଟିଣ ଓ ଟାଇଲ ଛାତ ଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି । କେବଳ ସିମେଣ୍ଟ ଯୋଡେଇ କାନ୍ଥ ସହିତ ଆରସିସି ଛାତକୁ ପକ୍କାଘରର ମାନ୍ୟତା ପ୍ରଦାନ କରାଯାଉଛି । ପରିବାରର ସଂଜ୍ଞାକୁ ମଧ୍ୟ ସରଳୀକରଣ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ପିତାମାତା ଓ ସନ୍ତାନଙ୍କୁ ବୁଝାଉଛି । ଏହାଦ୍ୱାରା ସୃଷ୍ଟି ହୋଇଥିବା ନୂଆ ପରିବାରମାନେ ଯୋଜନାରେ ଉପକୃତ ହୋଇପାରିବେ ।

### ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

## 'ସାଲିସବିହୀନ ସଂଗ୍ରାମ ଚିରଦିନ ଅମର କରି ରଖିବ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ଗଡ଼ଜାତ ଅଞ୍ଚଳର ରାଜା, ଜମିଦାରମାନଙ୍କର ଅତ୍ୟାଚାରୀ ଶାସନର ପ୍ରତିବାଦ ସ୍ୱରୂପ ନିଜ ଜୀବନକୁ ବାଜି ଲଗାଇ ସେତେବେଳର ରାଜତନ୍ତ୍ର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ସାଲିସବିହୀନ ନେତା ପବିତ୍ର ମୋହନ । ଏ ଦେଶ ଓ ଜାତି ପାଇଁ ତାଙ୍କର ନିଭୀକତା, ଦାୟିତ୍ୱବୋଧ ଓ ତ୍ୟାଗ ତାଙ୍କୁ ଚିରଦିନ ଅମର କରି ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ କୀର୍ତ୍ତି ହେଉଛି କାଳଜୟୀ । ପବିତ୍ରବାବୁ ଅନ୍ୟାୟ ବିରୁଦ୍ଧରେ ସାଲିସବିହୀନ ସଂଗ୍ରାମ କରି, ଆଜି ପ୍ରତ୍ୟେକ ଓଡ଼ିଆ ଜନମାନସରେ ଉଜ୍ଜୀବିତ ଅଛନ୍ତି । ପ୍ରାକ୍ ସ୍ୱାଧୀନତା କାଳରେ ରାଜତନ୍ତ୍ର ବିରୋଧୀ ତଥା ପ୍ରଜା ଆନ୍ଦୋଳନର ପ୍ରବକ୍ତା ଥିଲେ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ପବିତ୍ରମୋହନଙ୍କୁ ଜଣେ ସ୍ପଷ୍ଟବାଦୀ ନେତା କହିବା ସହ ତାଙ୍କ ରାଜନୈତିକ ଜୀବନର ଗୁଣାବଳୀ ବର୍ଣ୍ଣନା କରିଥିଲେ । ସମ୍ମାନିତ ବକ୍ତାଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡ଼ ଧରଣୀଧର ନାଥ ତାଙ୍କ ବକ୍ତବ୍ୟରେ କହିଲେ ଯେ ମୂଲ୍ୟବୋଧ ରାଜନୀତିର ନେତା ପବିତ୍ର ମୋହନ ଥିଲେ ଓଡ଼ିଆ ସ୍ୱାଭିମାନ ଓ ଲୋକଶକ୍ତିର କିମ୍ବଦନ୍ତୀ ପୁରୁଷ । ସମ୍ମାନନୀୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କର ଜୀବନାଦର୍ଶ ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଜୟଦେବ ଭବନ ଉପ ନିର୍ଦ୍ଦେଶକ ବିପ୍ତିମୟୀ ମହାପାତ୍ର ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ବଜେଟ୍ ଆବଣ୍ଟନର ୮୦% ରୁ ଅଧିକ ଖର୍ଚ୍ଚ କରିଛି ରେଳବାଇ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଓଡ଼ିଶାରେ ରେଳ ପ୍ରକଳ୍ପ ପାଇଁ ମୋଟ ବଜେଟ୍ ଆବଣ୍ଟନ ୧୦,୫୮୬ କୋଟି ଟଙ୍କା। ଏପର୍ଯ୍ୟନ୍ତ, ଏହି ଆବଣ୍ଟନର ୮୧.୭୮% ଉଲ୍ଲେଖନୀୟ ଖର୍ଚ୍ଚ ଏହି ଅଞ୍ଚଳରେ ସଂଯୋଗୀକରଣ, ସୁରକ୍ଷା ଏବଂ ଭିତ୍ତିଭୂମି ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ ରେଳ ପ୍ରକଳ୍ପ ପାଇଁ ପୂର୍ବରୁ ଖର୍ଚ୍ଚ ହୋଇସାରିଛି। ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୪-୨୫ ଜାନୁଆରୀ ୨୦୨୫ ସୁଦ୍ଧା ୮୬୫୭.୨୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ଓଡ଼ିଶାରେ ଭିତ୍ତିଭୂମି ବିକାଶ ପ୍ରତି ରେଳ ମନ୍ତ୍ରଣାଳୟର ପ୍ରତିବଦ୍ଧତାର ପ୍ରମାଣ।

### ତୃତୀୟ ଜାତୀୟସ୍ତରୀୟ ଏକଲ ଖେଳକୁଦ ସମାରୋହ ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ

## ଦେଶ ନିର୍ମାଣରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି: ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଶ ନିର୍ମାଣରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କ ମ୍ଭମ୍ପାଟି କହିଛନ୍ତି। ଶନିବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ତୃତୀୟ ଜାତୀୟସ୍ତରୀୟ ଏକଲ ଖେଳକୁଦ ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ବିଭିନ୍ନ ପ୍ରଦେଶରୁ ଆସିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, କ୍ରୀଡ଼ା ସଶକ୍ତିକରଣ ଏବଂ ଜାତୀୟ ଏକତାର ଶକ୍ତିଶାଳୀ ମାଧ୍ୟମ। ଏହା ଖେଳାଳିଙ୍କ ମଧ୍ୟରେ ଶୃଙ୍ଖଳା, ଟିମ୍ ୱାର୍କ ଏବଂ ନିଷ୍ଠା ଶିକ୍ଷା ଦେବା ସହ ସେମାନଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ଗଢ଼ିବା ସହିତ ଦେଶର ସୁନାଗରିକଭାବେ ଗଢିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏପରି କାର୍ଯ୍ୟକ୍ରମ ଦ୍ୱାରା ଦେଶର ଗ୍ରାମାଞ୍ଚଳ ଓ ଜନଜାତି ବର୍ଗର ଯୁବ ପ୍ରତିଭାମାନେ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିପାରିବେ ଏବଂ ଏହି ପଦକ୍ଷେପ ଦ୍ୱାରା ଏକ ଭାରତ ଶ୍ରେଷ୍ଠ ଭାରତର ଦୃଷ୍ଟିଭଙ୍ଗୀ ପ୍ରତିଧ୍ୱନିତ ହେବ। ଭାଷଣ ପ୍ରସଙ୍ଗରେ ରାଜ୍ୟପାଳ କହିଥିଲେ ଯେ, ସରକାରଙ୍କ ନେତୃତ୍ୱରେ ଓଡ଼ିଶା କ୍ରୀଡ଼ା ଶକ୍ତିର ଉତ୍ସ ଭାବେ ଉଭା ହୋଇଛି, ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସହିତ ଆନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ସହିତ ବିଶ୍ୱସ୍ତରୀୟ ଆଥଲେଟ୍ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇ ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ରାଜ୍ୟପାଳ ଉତ୍ସାହିତ କରିଥିଲେ। ଏହି ଏକଲ ଖେଳକୁଦ ସମାରୋହର ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ଓଡ଼ିଶାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ସର-କାର୍ଯ୍ୟବାହ ଆଲୋକ କୁମାର, ଏକଲ ଅଭିଯାନର ରାଷ୍ଟ୍ରୀୟ ସଂଗଠନର ପ୍ରଭାରୀ ମାଧବେନ୍ଦ୍ର ସିଂହ, ଅଭ୍ୟୁଦୋୟ ୟୁଥ୍ କ୍ଲବର ଉପାଧ୍ୟକ୍ଷ ଅମର କୃଷ୍ଣ, ବନବନ୍ଧୁ ପରିଷଦର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଭୋରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ । ପ୍ରାରମ୍ଭରେ ଆୟୋଜକ କମିଟିର ପ୍ରିୟ ରଞ୍ଜନ ଚୌଧୁରୀ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଜାତୀୟ ଖେଳକୁଦ ସମାରୋହର ସଂଯୋଜକ ଅଜୟ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଗାମୀ ସୋମବା)ର ଭୁବନେଶ୍ୱର ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ପ୍ରକାଶ ପାଇଛି ।

### ୱଣ୍ଡରଲା ଭୁବନେଶ୍ୱର ପକ୍ଷରୁ ଭାଲେଣ୍ଟାଇନ୍ସ ଦିବସ ଏବଂ ସିଙ୍ଗଲ୍ ସପ୍ତାହର ଶୁଭାରମ୍ଭ

## ଟିକେଟ୍ ଏବଂ କପଲ୍ ପାସ୍ ଉପରେ ୪୦% ପର୍ଯ୍ୟନ୍ତ ଛାଡ଼

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୱଣ୍ଡରଲା ହଲିଡ଼େଜ ଲିମିଟେଡ଼, ଭାରତର ବୃହତ୍ ଆମ୍ୟୁଜମେଣ୍ଟ ପାର୍କ ଗୋଷ୍ଠୀ ଏହାର ଭୁବନେଶ୍ୱର ପାର୍କରେ ଫେବୃୟାରୀରେ ଅତି ଉତ୍କର୍ଷର ସହିତ ଭାଲେଣ୍ଟାଇନ୍ସ ଦିବସର ବିଶେଷ ଚିହ୍ନାଡି ତଥା ଅତି ଆନନ୍ଦର ସହିତ ଏହାର ପାଳନ ଘୋଷଣା କରିବାକୁ ବ୍ୟଗ୍ରତାର ସହିତ ରହିଁରହିଛି। ଫେବୃୟାରୀ ୭-୧୬ ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ପାର୍କ ଅନେକ ରୋମାଞ୍ଚଭରା କାର୍ଯ୍ୟକ୍ରମ କେବଳ କପଲଙ୍କ ପାଇଁ ଆୟୋଜନ ସହ ସିଙ୍ଗଲଙ୍କ ପାଇଁ ବିଶେଷ କାର୍ଯ୍ୟକ୍ରମ ରଖିବା ସହ ସ୍ୱତନ୍ତ୍ର ଧରଣର ଚିହ୍ନାଡି ତଥା ଅଦ୍ୱିତୀୟ ଅଭିଜ୍ଞତାର କାର୍ଯ୍ୟକ୍ରମ ରଖିଛି। କପଲଙ୍କ ପାଇଁ ୱଣ୍ଡରଲା ଭୁବନେଶ୍ୱର ଏକ ୱେଭ ପୁଲ ଡ଼ିନରର ବିଶେଷ ଆକର୍ଷଣ ରଖିବାକୁ ଯାଉଛି ଯେଉଁଥିରେ କି ସଙ୍ଗୀତ, କାରୋକେ ଏବଂ ଏମସି ପରିଚାଳିତ ଅନେକଗୁଡ଼ିଏ ସାନ୍ଧ୍ୟ ମନୋରଞ୍ଜନର ଆୟୋଜନ ରଖିଛି ଯାହାକି ଏଭଳି ଏକ ପ୍ରେମର ପର୍ବ ପାଳନ କରିବା ପାଇଁ



କପଲଙ୍କ ପାଇଁ ବ୍ୟବସ୍ଥିତ ଅଟେ। ଭାଲେଣ୍ଟାଇନସ ଦିବସ ପରେ ଆକର୍ଷଣ ସିଙ୍ଗଲ ଦିବସ ପାଳନକୁ ଚାଲିଯିବ। ଯେଉଁଥିରେ ଫେବୃୟାରୀ ୧୫ ଏବଂ ୧୬ ତାରିଖରେ ୱଣ୍ଡରଲା ଭୁବନେଶ୍ୱର ଆୟୋଜନ କରିବାକୁ ଯାଉଛି ଇନଷ୍ଟ୍ରୁମେଣ୍ଟାଲ୍ ମ୍ୟୁଜିକ୍‌ର ସିଧାପ୍ରସାରଣ ଯେଉଁଥିରେ ରହିଛି ସଙ୍ଗୀତ, ନୂଆ ବନ୍ଧୁମିଳନ ତଥା ଏକ ମେମୋରେବଲ ଟାଇମ୍। କପଲ୍ ପାସ୍, ଅନନ୍ୟ ଖାଦ୍ୟ ତଥା ମିଳିତ ଟିକେଟ ଉପରେ ୪୦% ଡ଼ିସ୍କାଉଣ୍ଟ: କାର୍ଯ୍ୟକ୍ରମକୁ ଆହୁରି ଅଧିକ ବିଶେଷ ଉପଭୋଗ କରିବା ପାଇଁ ୱଣ୍ଡରଲା ଭୁବନେଶ୍ୱର ଅନଲାଇନ ବୁକିଂ ମାଧ୍ୟମରେ କପଲ୍ ପାସ୍, ଅନନ୍ୟ ଖାଦ୍ୟ ତଥା ମିଳିତ ଟିକେଟ ଉପରେ ୪୦% ଡ଼ିସ୍କାଉଣ୍ଟ ବ୍ୟବସ୍ଥା ରଖିଛି। ୱଣ୍ଡରଲାର ଅନଲାଇନ ବୁକିଂ ମଧ୍ୟ ମାଧ୍ୟମରେ କେବଳ ଫେବୃୟାରୀ ୦୭-୧୪ ମଧ୍ୟରେ ଉପଲବ୍ଧ ହେଉଅଛି ଯାହାର ସମ୍ପୂର୍ଣ୍ଣ ମଜା ନେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି ତଥା ଏହି ବୁକିଙ୍କୁ ଏବେ ଖୋଲିଯାଇଛି। ଅରୁଣ କେ. ଚଟ୍ଟିଲାପିଲ୍ଲି, ପରିଚାଳନା ନିର୍ଦ୍ଦେଶକ ତଥା ଏକ୍ସିକ୍ୟୁଟିଭ ଚେୟାରମ୍ୟାନ, ୱଣ୍ଡରଲା ହଲିଡ଼େଜ ଲିମିଟେଡ଼ କହିଛନ୍ତି, ଏକ ଅତ୍ୟନ୍ତ ସ୍ମୃତିମଧୁର ସୁଯୋଗ ସୃଷ୍ଟି ତଥା ପ୍ରିୟଜନଙ୍କୁ ଭଲ ପାଇବା ସର୍ବୋପରି ନିଜେ ଅତି ସରଳ ଭାବରେ ଏଭଳି ଏକ ସମୟକୁ ଉପଭୋଗ କରିବା ଏହି ଭାଲେଣ୍ଟାଇନ୍ସ ଦିବସ ତଥା ସିଙ୍ଗଲ୍ ସପ୍ତାହ ପାଳନର ସବୁଠାରୁ ସଠିକ୍ ସୃଷ୍ଟିକାରୀତାକୁ ବୁଝାଇଥାଏ। ଆମେ ୱଣ୍ଡରଲା ଭୁବନେଶ୍ୱରରେ ଅତିଥିଙ୍କୁ ଅତି ଆକର୍ଷଣୀୟ ଅଭିଜ୍ଞତାର ସୁଯୋଗ ପ୍ରଦାନ କରିବା ସହ ଅନନ୍ୟ ଆକର୍ଷଣ, ବିଶେଷ ଭାବରେ ଆୟୋଜିତ କାର୍ଯ୍ୟକ୍ରମ ତଥା ଏଥିସହିତ କୌତୁହଳଜନକ ଡ଼ିସ୍କାଉଣ୍ଟର ଏକ ବିଶେଷ ସୁଯୋଗ ରଖିଛୁ।

### ଦିଲ୍ଲୀ ବିଧାନସଭା ନିର୍ବାଚନ-୨୦୨୫

## ଭ୍ରଷ୍ଟ ସରକାର ବିରୋଧରେ ଅସନ୍ତୋଷର ବିସ୍ଫୋରଣ ହୋଇଛି: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦିଲ୍ଲୀ ବିଧାନସଭା ନିର୍ବାଚନ-୨୦୨୫ରେ ଐତିହାସିକ ବିଜୟ ଲାଭ ପାଇଁ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ ନେତୃତ୍ୱ ତଥା ମାର୍ଗଦର୍ଶନରେ ଦିଲ୍ଲୀବାସୀ ବିଜେପି ଉପରେ ଆସ୍ଥା ପ୍ରକଟ କରି ବିପୁଳ ଜନ ସମର୍ଥନ ଜଣାଇଛନ୍ତି । ଗତ ୨୭ ବର୍ଷ ହେବ ଦିଲ୍ଲୀ ଅବହେଳିତ ଅବସ୍ଥାରେ ଥିଲା, ସେଠାରେ ବିକାଶ ନିମ୍ନଗାମୀ ହୋଇଯାଇଥିଲା । ଗତ ୧୨ ବର୍ଷ ହେବ ଆପ୍ ସରକାର ବିଭିନ୍ନ ଦୁର୍ନୀତିରେ ବୁଡ଼ି ରହିଥିଲା । ଏନେଇ ଦିଲ୍ଲୀବାସୀଙ୍କ ମନରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିଲା । ତାହାର ବିସ୍ଫୋରଣ ନିର୍ବାଚନରେ ହୋଇଛି । ଶେଷରେ ସରକାର ପରିବର୍ତ୍ତନ ହୋଇଛି । ବିଜେପିର ଏହି ବିଜୟ ସମସ୍ତଙ୍କୁ ଉତ୍ସାହ ଦେବା ସହ ପ୍ରେରଣା ଯୋଗାଇଛି ବୋଲି ଶ୍ରୀ ସାମଲ କହିଛନ୍ତି । ଦିଲ୍ଲୀ ରାଜ୍ୟ ପାହ୍ୟା ପାଇବା ପରେ ବିଜେପି ପ୍ରଥମେ ସରକାର ଗଢ଼ିଥିଲା । ଆଗାମୀ ୫ ବର୍ଷରେ ଦିଲ୍ଲୀକୁ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ନୂତନ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଐତିହାସିକ ବିଜୟ ପାଇଁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ନୂଆ ଦିଲ୍ଲୀ ନିର୍ବାଚନ ପ୍ରଭାରୀ ବୈଜୟନ୍ତ ପଣ୍ଡା ସମେତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

### ବିଏମ୍‌ସି ପକ୍ଷରୁ ଭୀମଭୋଇ ସାମର୍ଥ୍ୟ ଶିବିର ଆରମ୍ଭ

## ପ୍ରଥମ ଦିନରେ ଯୋଗଦେଲେ ୫ଶହ ଭିନ୍ନକ୍ଷମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମିଳିତ ଉଦ୍ୟମରେ ୬ ନମ୍ବରସ୍ଥିତ ବିଏମ୍‌ସି କଲ୍ୟାଣ ମଣ୍ଡପଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର -୨୦୨୪-୨୫ ଓ ବୟୋଶ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ବିଏମ୍ ସିର ୩ଟି ଜୋନ୍ ପାଇଁ ୩ ଦିନ ଅନୁଷ୍ଠିତ ହେବ । ଫେବୃଆରୀ ୮, ୧୧ ଓ ୧୩ ତାରିଖରେ ଜୋନ୍ ୱାରୀ ସେହି ୟୁନିଟ୍ ୬ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ । ଆଜି ଦକ୍ଷିଣ-ପୂର୍ବ ଜୋନର ଭିନ୍ନକ୍ଷମ ସାମର୍ଥ୍ୟ ମେଳା ହୋଇଯାଇଛି । ଏହି ଶିବିରରେ ପ୍ରାୟ ୫ ଶହ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇଥିଲେ । ସେମାନଙ୍କର ଶାରିରୀକ, ମାନସିକ, ଚକ୍ଷୁ, କର୍ଣ୍ଣ ଆଦି ପରୀକ୍ଷା ହେବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହା ବ୍ୟତୀତ ଏହି ଶିବିରରେ ସହାୟକ ଯନ୍ତ୍ର ଓ ଉପକରଣ ଚିହ୍ନଟ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ ନିମନ୍ତେ ମାପ, ଭିନ୍ନକ୍ଷମ ଭତ୍ତା ପଞ୍ଜିକରଣ, ଆବେଦନ, ଆତ୍ମନିଯୁକ୍ତି ଉପକରଣ ଆବେଦନ, ବାଣିଶ୍ରୀ ବୃତ୍ତି ଓ ଜାତୀୟ ବୃତ୍ତି ନିମନ୍ତେ ଆବେଦନ, ଭିନ୍ନକ୍ଷମ ପିତାମାନଙ୍କର ଉଚ୍ଚ ଶିକ୍ଷା ନିମନ୍ତେ ଆବେଦନ, ଭିନ୍ନକ୍ଷମ ମିଶନ କ୍ଷମତା ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ପାଇଁ ଆବେଦନ, ଉଚ୍ଚ ଶିକ୍ଷା କରୁଥିବା ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଲାପଟପ୍ ଆବେଦନ, ଭିନ୍ନକ୍ଷମ ବୈଷୟିକ ଶିକ୍ଷା ନିମନ୍ତେ ଆବେଦନ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଏକ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ବିବାହ ନିମନ୍ତେ ପ୍ରୋତ୍ସାହନ ରାଶି ନିମନ୍ତେ ଆବେଦନ, ଭିନ୍ନକ୍ଷମ ବ୍ୟକ୍ତିଙ୍କ ବସ୍ ପାସ୍ ପ୍ରଦାନ, ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ



ଆବେଦନ, ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସହାୟକ ଯନ୍ତ୍ର ଓ ଉପକରଣ ଚିହ୍ନଟ, ଆଧାରକାର୍ଡ ପଞ୍ଜିକରଣ ଆବେଦନ ଆଦି କରିପାରିବେ । ଆସନ୍ତା ୧୧ ଓ ୧୩ ତାରିଖ ଦିନ ଏହି ଶିବିର ଅନୁଷ୍ଠିତ ହେବ । ଯେଉଁମାନଙ୍କର ପ୍ରମାଣପତ୍ର ହୋଇନାହିଁ, ସେମାନେ ମଧ୍ୟ ଏହି କଶିବିରରେ ଯୋଗଦେବା ପାଇଁ ବିଏମ୍‌ସି ପକ୍ଷରୁ କୁହାଯାଇଛି । ବିଏମ୍‌ସିର ସାମାଜିକ ସୁରକ୍ଷା ଦାୟିତ୍ୱରେ ଥିବା ଡେପୁଟି କମିଶନର କାଜଲ ପ୍ରଧାନ ଓ ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହୀୟକ୍ଷଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କ୍ୟାପିଟାଲ ହସ୍ପିଟାଲର ୬ ଜଣ ବିଶେଷଜ୍ଞଙ୍କ ସାଙ୍ଗକୁ ୨୦୦ ସ୍ୱେଚ୍ଛାସେବୀ ଏବଂ ସ୍ଥାନୀୟ କମ୍ୟୁନିଟି ଅର୍ଗାନାଇଜର ମାନେ ଏଥିରେ ସହଯୋଗ କରିଥିଲେ ।

### ୨୧ତମ ଧଉଳି-କଳିଙ୍ଗ ମହୋତ୍ସବର ଦ୍ୱିତୀୟ ଦିବସ

## ଓଡ଼ିଶୀ ନୃତ୍ୟ ଓ ଆଟ୍ଟାକ୍କାଲାରୀ ସମରକଳା ନୃତ୍ୟରେ ଦର୍ଶକ ବିଭୋର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଏବଂ ଆର୍ଟ ଭିଜନ୍ ଦ୍ୱାରା ଆୟୋଜିତ ୨୧ତମ ଧଉଳୀ କଳିଙ୍ଗ ମହୋତ୍ସବର ଆଜିଥିଲା ଦ୍ୱିତୀୟ ଦିନ । ଐତିହାସିକ ଧଉଳି ପାହାଡ଼ର ପାଦଦେଶ ଆଜି ଓଡ଼ିଶୀ ନୃତ୍ୟ ସହିତ ଆଟ୍ଟାକ୍କାଲାରୀ ସମରକଳା ନୃତ୍ୟରେ ଚଳଚଞ୍ଚଳ । ଏହି ଉତ୍ସବର ସିଧାପ୍ରସାରଣ ଡ଼ିଡ଼ି-ଭାରତୀ ଏବଂ ଲାଇଭ୍ ଷ୍ଟ୍ରିମିଂ ଦୂରଦର୍ଶନର ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମରେ ହେଉଅଛି । ପ୍ରତିବର୍ଷ ପରି ଏ ବର୍ଷ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଦ୍ୱାରା ପ୍ରଦତ୍ତ ବୁନ୍ଧ ସମ୍ମାନ ୨୦୨୫ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ବିଶିଷ୍ଟ କଣ୍ଠଶିଳ୍ପୀ, ସଙ୍ଗୀତକାର ଓ ସଙ୍ଗୀତଜ୍ଞ ଗୁରୁ (ପ୍ରଫେସର) ରାମହରୀ ଦାସଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ ୨୦୨୪ କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଶ୍ରୀମତୀ ଶର୍ମିଳା ବିଶ୍ୱାସ, କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ କଣ୍ଠଶିଳ୍ପୀ ତଥା



ସଙ୍ଗୀତ ନିର୍ଦ୍ଦେଶିକା ଡ଼କ୍ଟର ସଙ୍ଗୀତା ଗୋସାଇଁ, ରାଜ୍ୟ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ତଥା ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ କାଳନ୍ଦୀ ଚରଣ ପରିଡ଼ା ଓ ପ୍ରଖ୍ୟାତ କଳା ପ୍ରୋତ୍ସାହକ କ୍ଷୀରୋଦ ମୋହନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା । ସଂଧ୍ୟାର ପ୍ରାରମ୍ଭିକ ପ୍ରସ୍ତୁତିରେ ଥିଲା ଓଡ଼ିଶୀ ନୃତ୍ୟ ଗାଥା ଓଡ଼ିଶା ଯାହା ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ, ନୃତ୍ୟ ନୈବେଦ୍ୟ, ଦେବଦାସୀ, ସମ୍ପ୍ରଦା, ସୁର ମନ୍ଦିର, ନୀଳକଣ୍ଠେଶ୍ୱର ଗୋଟିପୁଅ ଗୁରୁକୂଳ, ମୋକ୍ଷ ଏବଂ କର୍ଣ୍ଣକୋପିଆ କ୍ରିଏସନ୍ ଭଳି ପ୍ରମୁଖ ନୃତ୍ୟ ଅନୁଷ୍ଠାନର ବରିଷ୍ଠ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଶାସ୍ତ୍ରୀୟ ଲୋକ ଏବଂ ସମସାମୟିକ ନୃତ୍ୟ ଶୈଳୀର ଏକ ମିଶ୍ରଣ ଥିଲା । ଗାଥା ଓଡ଼ିଶା ସଂସ୍କୃତି, ଐତିହ୍ୟ ଏବଂ ଓଡ଼ିଶାର ଆଧ୍ୟାତ୍ମିକ ନୀତିରେ ଗୋଟିଏ ସୁତାରେ ଗୁନ୍ଥା ଯାଇଥିଲା ଯାହା ଯୁଗ ଯୁଗ ଧରି ଆମ ମନରେ ପ୍ରତିଧ୍ୱନିତ ହୁଏ । ଏଥିରେ ଓଡ଼ିଶାର କାହାଣୀ ବର୍ଣ୍ଣନା କରିବାକୁ ଚେଷ୍ଟା କରାଯାଇଥିଲା ଯାହା ଉଜ୍ଜ୍ୱଳ ପଦ୍ମର ଏକ ଆଲୋକିତ ପାଖୁଡ଼ା ସଦୃଶ ଥିଲା । ଏହି ନୃତ୍ୟଟିର ନୃତ୍ୟ ସଂରଚନା କରିଥିଲେ ଗୁରୁ ଡ଼କ୍ଟର ଅରୁଣା ମହାନ୍ତି, ସହକାରୀ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଜନାର୍ଦ୍ଦନ ରାଜ ଉର୍ସ, ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଅଗ୍ନିମିତ୍ର ବେହେରା ଓ ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଅଜୟ କୁମାର ଚୌଧୁରୀ । ସନ୍ଧ୍ୟାର ଶେଷ ଉପସ୍ଥାପନ ଥିଲା ବାଙ୍ଗାଲୁରୁର ଜୟଚନ୍ଦ୍ରନ ପଲାଝିଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ଆଟ୍ଟାକ୍କାଲାରୀ ସେଣ୍ଟର ଫର୍ ମୁଭମେଣ୍ଟ ଆର୍ଟସ୍‌ର ଶିଳ୍ପୀମାନଙ୍କ ଦ୍ୱାରା ଆଟ୍ଟାକ୍କାଲାରୀ ସମରକଳା ନୃତ୍ୟ । ସେମାନେ ସନେଟ୍ ଅଫ୍ ସଂସାର ଉପସ୍ଥାପନ କରିଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଓଡ଼ିଶା ସରକାରଙ୍କ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ଼କ୍ଟର (ପ୍ରଫେସର) ପ୍ରିୟମ୍ବଦା ମହାନ୍ତି ହେଜମାଦୀ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସମ୍ପାଦିକା ଗୁରୁ (ଡ଼ଃ) ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନ୍‌ର ସମ୍ପାଦିକା ଗୁରୁ (ଡ଼ଃ) ଇଲିୟାନା ସିତାରିଷ୍ଟ । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼ଃ.(ଇ.) ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ୍ ।



" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ। "

-ମଧୁସୂଦନ ରାଓ



# ଅଢ଼େଇକୋଟି ଟଙ୍କାରେ ବୟାଅଶୀ ବର୍ଷର ଯାତ୍ରା



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ଅପରିମିତ ବିଭବର ଗନ୍ତାଘର ସ୍ୱର୍ଣ୍ଣମୟୀ ଏ ଭାରତଭୂମି ଯୁଗଯୁଗ ଧରି କେତେ ବିଦେଶୀ ଆକ୍ରମଣ ଓ ଲୁଣ୍ଠନର ଶିକାର ହୋଇଛି ! ସେ ପ୍ରକ୍ରିୟାରେ ଶେଷରେ ଆସିଥିଲେ ଇଂରେଜ। ହୀରା, ମସଲା, କପା, ପାଟବସ୍ତ୍ର ଏବଂ ଅନ୍ୟାନ୍ୟ ଜିନିଷର ବାଣିଜ୍ୟ କରିବାକୁ ଆସି ଧୂର୍ତ୍ତ ଇଂରେଜ ଅଢ଼େଇଶହ ବର୍ଷ ଧରି ଶାସନ ଓ ଶୋଷଣ କରିବାକୁ ସଫଳ ହେଲେ। ସ୍ଥଳ ପରିବହନ ପାଇଁ ରାସ୍ତା ନଥିଲା। ତେଣୁ ଜିନିଷ ନେବା ଆଣିବାର ଏକମାତ୍ର ବିକଳ୍ପ ଥିଲା ଜଳଭାଗ। ଡଚ୍ ଓ ପର୍ତ୍ତୁଗୀଜ୍ ଦେଶର ପଶ୍ଚିମତଟରେ ପ୍ରାଧାନ୍ୟ ବିସ୍ତାର କରି ସାରିଥିବାରୁ ଇଂରେଜ ପୂର୍ବତଟକୁ ନିଜର ବାଣିଜ୍ୟକେନ୍ଦ୍ର ରୂପେ ବାଛିଲେ। କଲିକତା ସେତେବେଳକୁ ବଙ୍ଗ ପ୍ରଦେଶର ମୁଖ୍ୟ ସହର ଏବଂ ବ୍ୟବସାୟ ପେଣ୍ଠ। ଇଂରେଜ ହୁଗୁଳୀନଦୀ ଦେଇ ପହଞ୍ଚି ସୂତାନଟି ଠାରେ ପ୍ରଥମବାଣିଜ୍ୟ କେନ୍ଦ୍ର ଏବଂ ପରେ ହାଓଡ଼ା ଠାରେ ବିଭିନ୍ନ କାରଖାନା ଏବଂ ରେଳଷ୍ଟେସନ ସ୍ଥାପନ କଲେ। ନଦୀର ଏପଟେ ଥିଲା ହାଓଡ଼ା। ବ୍ୟବସାୟର ସହର କଲିକତା ହୁଗୁଳୀ ନଦୀର ସେପଟେ ଥିବାରୁ ସ୍ଥଳଭାଗ ଠାରୁ ବିଚ୍ଛିନ୍ନ ଥିଲା। ଯିବାଆସିବାର ଏକମାତ୍ର ସାଧନ ଥିଲା ଜଳଜାହାଜ। ଖର୍ଚ୍ଚ ଅଧିକ ସହିତ ବହୁତ ସମୟ ନଷ୍ଟ ହେଉଥିଲା। ବର୍ଷାଦିନେ ବେପାର ସଂପୂର୍ଣ୍ଣ ବନ୍ଦ ରହୁଥିଲା, ବର୍ଷାରେ ଜିନିଷପତ୍ର ନଷ୍ଟ ହୋଇ ଯାଉଥିଲା। ସାଧାରଣ ଲୋକ ମଧ୍ୟ ଅସୁବିଧା ଭୋଗୁଥିଲେ। ହାଓଡ଼ାରେ ରେଳଷ୍ଟେସନ ହେବା ପରେ ଜନଆଗମନ ଅଧିକ ହେବାରୁ ଯାତାୟାତ ଅଧିକ ଜଟିଳ ହୋଇଗଲା। ଲୋକେ ଷ୍ଟେସନରୁ ଆସିବାଯିବା ପାଇଁ ଡଙ୍ଗା ଉପରେ ନିର୍ଭର କରୁଥିଲେ। ତେଣୁ ଯାତାୟାତ ଏବଂ ଜିନିଷପତ୍ର ପରିବହନକୁ ସହଜ କରିବାକୁ ନଦୀ ଉପରେ ପୋଲନିର୍ମାଣ ପାଇଁ ସ୍ଥିର ହେଲା।

ପୋଲ ନିର୍ମାଣ ପାଇଁ ୧୮୫୫ ମସିହାରେ କମିଟି ଗଠନ ହୋଇଥିଲେ ମଧ୍ୟ କିଛି ଆଗେଇ ନଥିଲା। ୧୮୬୨ ମସିହାରେ ରେଳ ବିଭାଗର ମୁଖ୍ୟଯନ୍ତ୍ରୀ ଜର୍ଜ ଟର୍ନବୁଲଙ୍କୁ ଦାୟିତ୍ୱ ଦିଆଗଲା। ତାଙ୍କର ରିପୋର୍ଟ ସତ୍ତ୍ୱେ କାମ ଆରମ୍ଭ ହେଲାନି। ୧୮୭୧ ମସିହାରେ ହାଓଡ଼ା ବ୍ରିଜ୍ ଆକ୍ଟ ପ୍ରଣୟନ କରାଗଲା। ଇଷ୍ଟ୍ ଇଣ୍ଡିଆ କମ୍ପାନୀର ମୁଖ୍ୟଯନ୍ତ୍ରୀ ସର୍ ବ୍ରାଡ୍‌ଫୋର୍ଡ୍ ଲେସ୍‌ଲିଙ୍କୁ ପୁଣି ଦାୟିତ୍ୱ ଦିଆଗଲା। ବଡ଼ବଡ଼ ଜାହାଜ ପୋଲରେ ନ ବାଜି ଯିବା ପାଇଁ ପୋଲକୁ ଦୁଇଫାଳ ବିଶିଷ୍ଟ କରାଯିବାକୁ ପରାମର୍ଶ ଦିଆଗଲା ଯେମିତି ତାହା ମଝିରୁ ଖୋଲି ପାରୁଥିବ।

ଜୁଆରିଆ ହୁଗୁଳୀନଦୀରେ ପ୍ରଥମେ ପୀପା (ତଳ ଚେପଟା ଥିବା ଡଙ୍ଗା) ପୋଲ ନିର୍ମାଣ ପାଇଁ ସ୍ଥିର ହେଲା। ଯନ୍ତ୍ରାଂଶ ଇଂଲଣ୍ଡରୁ ଆସୁଥିଲା, କଲିକତାରେ ଏକାଠି କରାଯାଇ ପୋଲ ନିର୍ମାଣ ହେଲା। ୧୫୨୮ ଫୁଟ ଲମ୍ବା ଓ ଅଣସ୍ତରୀ ଫୁଟ ଚଉଡ଼ା ଏହି ପୋଲ ୧୮୭୪ ମସିହା ଅକ୍ଟୋବର ମାସ ୧୭ ତାରିଖରେ ଲୋକାର୍ପଣ ହେଲା। ଜାହାଜ ଅତିକ୍ରମ କରିବା ବେଳେ ଏହାକୁ ମଝିରୁ ଖୋଲି ଦିଆଯାଉଥିଲା। କଲିକତା ଓ ହାଓଡ଼ା ଭିତରେ ଯାତାୟାତ ଓ ପରିବହନ ସୁବିଧା ଓ ସହଜରେ ହୋଇଗଲା। ହାଓଡ଼ା ଏବଂ କଲିକତା ସିନା ଏହି ପିପା ପୋଲ ଦ୍ୱାରା ଯୋଡ଼ି ହୋଇଥିଲା। ହେଲେ ଇଂରେଜ ସରକାର ଚାହୁଁଥିଲେ କଲିକତାକୁ ରେଳ ସଂଯୋଗ। ମୁଖ୍ୟଯନ୍ତ୍ରୀ ଲ୍ୟୁନାର୍ଣ୍ଣ ଜେନେରାଲ ଆର୍ଥର୍ ଜନ୍ ବେରୀଙ୍କ ତତ୍ତ୍ୱାବଧାନ ଏବଂ ବ୍ରାଡ୍‌ଫୋର୍ଡ ଲେସ୍‌ଲି ଓ ଆଲେକ୍‌ଜାଣ୍ଡାର୍ ଲେଣ୍ଡେଲ୍‌ଙ୍କ ଡିଜାଇନ୍ ଆଧାରରେ ୧୮୮୨ ମସିହାରେ ରେଳପୋଲ କାମ ଆରମ୍ଭ ହୋଇ ୧୮୮୭ରେ ସମାପ୍ତ ହେଲା। ୧୮୮୭ ମସିହାରେ ମହାରାଣୀ ଭିକ୍ଟୋରିଆଙ୍କ ଶାସନର ପଚାଶ ବର୍ଷ ପୂରଣ ହେଉଥିବାରୁ ଏହି ବର୍ଷକୁ ଇଂଲଣ୍ଡରେ ଗୋଲ୍‌ଡେନ୍ ଜୁବିଲୀ ବର୍ଷ ଭାବରେ ପାଳନ କରାହେଲା। ତେଣୁ ରେଳପୋଲର ନାମ 'ଜୁବିଲୀ ବ୍ରିଜ' ରଖାଗଲା। ବର୍ତ୍ତମାନ ଏହାର ନାମ 'ସଂପ୍ରୀତି ସେତୁ'।

ରେଳପୋଲ ହେବା ସତ୍ତ୍ୱେ ପୀପାପୋଲ ଉପରେ ଯାତାୟାତର ଚାପ କମି ନଥିଲା। କଲିକତା ଦେଶର ରାଜଧାନୀ ହେବା ସହିତ ଏକ ବଡ଼ ବାଣିଜ୍ୟିକ କେନ୍ଦ୍ର ଥିଲା। ସହରର ଜନସଂଖ୍ୟା ଦ୍ରୁତଗତିରେ ବଢୁଥିଲା। ମୋଟରଯାନ ପ୍ରାୟ ନଥିଲା। ବଳଦଗାଡ଼ିରେ ଲୋକ ଓ ଜିନିଷ ବୁହା ହେଉଥିଲା। ଶହଶହ ବଳଦ ଗାଡ଼ି ପୋଲ ଦେଇ ଯିବାଆସିବା କରୁଥିଲେ। ପୀପାପୋଲ କାମଚଳା ପୋଲ ଭାବରେ ତିଆରି ହୋଇଥିଲା। ଅତ୍ୟଧିକ ଭାର ବୋହି ଏହା ଧୀରେଧୀରେ ଦୁର୍ବଳ ହୋଇଆସିଲା। ୧୯୦୫ ମସିହାରେ ଏହାର ସ୍ଥିତି

**ମୁଦ୍ରା କାହାଣୀ**

ପରୀକ୍ଷାରୁ ଏହା ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ପହଞ୍ଚିଛି ବୋଲି ଜଣାପଡ଼ିଲା। ନୂଆପୋଲ ନିହାତି ଆବଶ୍ୟକ ଥିବାରୁ ତା' ପାଇଁ ଯୋଜନା ଆରମ୍ଭ ହେଲା। ବିଶେଷଜ୍ଞ କମିଟି ଛ' ବିଭିନ୍ନ ପ୍ରକାରର ପୋଲ ଉପରେ ବିଚାର କରି ଝୁଲନ୍ତା ପୋଲ ସବୁଠାରୁ ଭଲ ବୋଲି ରିପୋର୍ଟ ଦେଲେ। ସେତେବେଳକୁ ଲର୍ଡ୍ କର୍ଜନ୍‌ଙ୍କ ବଙ୍ଗ ବିଭାଜନ ଯୋଗୁ କଲିକତା ଅଶାନ୍ତ, ଇଂରେଜ ସରକାର ସେଥିରେ ରାଜନୈତିକ ଘଟଣାବଳୀ ନେଇ ବ୍ୟସ୍ତ। ଏହାପରେ ଦେଶର ରାଜଧାନୀ ଦିଲ୍ଲୀକୁ ପରିବର୍ତ୍ତନ। ପରେପରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା। ତେଣୁ ପୋଲନିର୍ମାଣ ଆରମ୍ଭ ହୋଇ ପାରିଲାନି। ପୁରୁଣାପୋଲକୁ ୧୯୧୭ ମସିହାରେ ମରାମତି କରାଯାଇ ବ୍ୟବହାର କରାଗଲା। କିନ୍ତୁ ପୋଲ ଆଉ ଅଧିକ ଭାର ସମ୍ଭାଳିବା ଅବସ୍ଥାରେ ନଥିଲା।

ନୂଆପୋଲ ନିର୍ମାଣ ପାଇଁ ମାର୍ଟିନ୍ ଆଣ୍ଡ୍ କୋ. କମ୍ପାନୀର ମାଲିକ ବେଙ୍ଗଲର ପ୍ରସିଦ୍ଧ ଶିଳ୍ପପତି ଏବଂ ସ୍ଥପତି ଆର୍ ଏନ୍ ମୁଖାର୍ଜୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା। ୧୯୨୨ରେ ସେ ରିପୋର୍ଟ ପ୍ରଦାନ କଲେ। କାମ ଆଗେଇଲା। ୧୯୨୬ ମସିହାରେ ସରକାର ନିଉ ହାଓଡ଼ା ବ୍ରିଜ ଆକ୍ଟ ପ୍ରଣୟନ କଲେ। କାଣ୍ଟିଲିଭର୍ ପୋଲ ନିର୍ମାଣ ପାଇଁ ସ୍ଥିର ହେଲା। ପୋଲ ନିର୍ମାଣର ଔଚିତ୍ୟ ଉପରେ ରିପୋର୍ଟ ଦେବା ପାଇଁ ପୁଣି ଥରେ ୧୯୩୦ ମସିହାରେ ଏସ୍ ଡବ୍ଲ୍ୟୁ ଗୁଡ୍‌ଙ୍କ ନେତୃତ୍ୱରେ ଏକ କମିଟି ଗଠନ ହେଲା। ସେମାନେ ଝୁଲାପୋଲ ନିର୍ମାଣ ଠିକ୍ ବୋଲି କହିଲେ। ଟେଣ୍ଡର୍ ଆହ୍ୱାନ ହେଲା। ଜର୍ମାନୀର ଏକ କମ୍ପାନୀ ସର୍ବନିମ୍ନ ମୂଲ୍ୟରେ କାମ କରିବାକୁ ରାଜି ହେବାରୁ ନିର୍ମାଣ କାମ ତାକୁ ଦେବା ପାଇଁ ସ୍ଥିର ହେଲା। ଯୋଗାଡ଼ଯନ୍ତ୍ର କରୁକରୁ ୧୯୩୫ ମସିହା ହୋଇଗଲା। ୟୁରୋପରେ ବିସ୍ତାରବାଦ ନୀତିରୁ ସୃଷ୍ଟ ରାଜନୈତିକ ବିବାଦ ଯୋଗୁ ଇଂଲଣ୍ଡ ଓ ଜର୍ମାନୀ ମଧ୍ୟରେ ସମ୍ପର୍କ ଖରାପ ହୋଇଗଲା। ତେଣୁ ଜର୍ମାନୀ କମ୍ପାନୀକୁ କାମ ଦିଆଗଲାନି। ଏହାପରେ ନିୟମ ଅନୁସାରେ ଇଂଲଣ୍ଡର କ୍ଲିଭ୍‌ଲ୍ୟାଣ୍ଡ ବ୍ରିଜ୍ ଆଣ୍ଡ୍ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ କାର୍ଯ୍ୟାଦେଶ ପାଇଲା। ନ୍ୟୁ ହାଓଡ଼ା ବ୍ରିଜ୍ ଆକ୍ଟକୁ ସଂଶୋଧନ କରାଗଲା। ୧୯୩୬ ମସିହାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ପୋଲର ଫାବ୍ରିକେଶନ ଓ ଇରେକ୍ସନ୍ କାମ ବ୍ରେଥ୍‌ୱେଟ୍ ବର୍ନ ଆଣ୍ଡ୍ ଜେସପ୍ କନ୍‌ଷ୍ଟ୍ରକ୍‌ସନ୍ କମ୍ପାନୀ ଲିମିଟେଡ୍ (ବିବିଜେ) କମ୍ପାନୀକୁ ଦିଆଗଲା।

ବ୍ରିଜ୍‌ର ମୂଳଦୁଆର କାମ ସରିବାକୁ ଦୁଇ ବର୍ଷ ଲାଗିଥିଲା। ଖନନକାର୍ଯ୍ୟରୁ ଅଷ୍ଟାଦଶ ଶତାବ୍ଦୀର ମୁଦ୍ରା, ତୋପ ଆଦି ବାହାରିଥିଲା। ୧୯୪୦ ମସିହାରେ ବ୍ରିଜ୍‌ର ଉପରଭାଗର କାମ ଆରମ୍ଭ ହେଲା। ବ୍ରିଜ୍ ତିଆରି ପାଇଁ ୨୬୫୦୦ ଟନ୍ ଷ୍ଟିଲ୍ ବ୍ୟବହୃତ ହୋଇଥିଲା। ଷ୍ଟିଲ୍ ଓ ଅନ୍ୟ ଯନ୍ତ୍ରପାତି ଇଂଲଣ୍ଡରୁ ଆସୁଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପକ୍ଷଭୁକ୍ତ ହୋଇଥିବାରୁ ଇଂଲଣ୍ଡ ପୋଲ ନିର୍ମାଣ ଉପରେ ଗୁରୁତ୍ୱ ଦେଲାନି। ଇଂଲଣ୍ଡରୁ ମାତ୍ର ତିନିହଜାର ଟନ୍ ଷ୍ଟିଲ୍ ଆସିଲା। କାମ ଅଧା ସରିନି। ସେତେବେଳେ ଟାଟା ଷ୍ଟିଲ୍ ଅବଶିଷ୍ଟ ୨୩୫୦୦ ଟନ୍ ଷ୍ଟିଲ ଯୋଗେଇଦେଲେ। ଦୁଇବର୍ଷର ନିରବଚ୍ଛିନ୍ନ ନିର୍ମାଣ ଫଳରେ ୧୯୪୨ ମସିହାରେ ପୋଲ ନିର୍ମାଣ ସରିଲା। ପୋଲ ନିର୍ମାଣରେ ଅଢେଇକୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେତେବେଳେ ଏହା ପୃଥିବୀର ତୃତୀୟ ଦୀର୍ଘତମ କାଣ୍ଟିଲିଭର୍ ପୋଲ ଥିଲା। ୨୩୧୩ ଫୁଟ, ଉଚ୍ଚତା ୨୬୯ ଫୁଟ ଏବଂ ଓସାର ୭୧ ଫୁଟ। ୭୧ ଫୁଟର ଓସାରକୁ ଛାଡ଼ି ଦୁଇ କଡ଼ରେ ପନ୍ଦର ଫୁଟ ଅର୍ଥାତ ଆଉ ଅଧିକ ତିରିଶ ଫୁଟ ଓସାରର ପାଦଚଲା ରାସ୍ତା ଅଛି। ପୂରା ପୋଲ ୩୯ ଯୋଡ଼ା ହ୍ୟାଙ୍ଗରରୁ ଝୁଲିଛି। ନଦୀ ଉପର ପୋଲର ଲମ୍ବ ୧୫୦୦ ମିଟର।

ହାଓଡ଼ା ପୋଲ ଅଦ୍ଭୁତ ଇଞ୍ଜିନିୟରିଂ କଳାର ନିଦର୍ଶନ। ଏତେ ବଡ଼ ପୋଲ ନଦୀର ଦୁଇ ପାର୍ଶ୍ୱରେ ନିର୍ମିତ ୨୮୦ ଫୁଟର ଦୁଇଟି ଖମ୍ବ ଉପରେ ଝୁଲୁଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଏତେ ବଡ ଝୁଲାପୋଲରେ ନଟ୍‌ବୋଲ୍‌ଟ୍ ବ୍ୟବହାର ହୋଇନି। ଧାତୁକଣ୍ଟା ଓ ୱେଲ୍ଡିଂ ବ୍ୟବହାର କରାଯାଇ ବିରାଟ ଷ୍ଟିଲ୍‌ପ୍ଲେଟ୍ ସବୁକୁ ଯୋଡା ଯାଇଛି। ଏହି ସେତୁକୁ 'ଗେଟ୍ ୱେ ଟୁ କୋଲକାତା' ମଧ୍ୟ କୁହାଯାଇଥାଏ। ୧୯୬୫ ମସିହା ଜୁନ ମାସ ୧୪ ତାରିଖରେ ନୋବେଲ ବିଜେତା କବିଗୁରୁ ରବୀନ୍ଦ୍ର ନାଥ ଟାଗୋରଙ୍କ ସମ୍ମାନରେ ଏହା 'ରବୀନ୍ଦ୍ର ସେତୁ' ଭାବରେ ନାମିତ ହେଲା। ହାଓଡ଼ା ବ୍ରିଜ୍ କେବଳ ସେତୁ ନଥିଲା। ଏହା ପୂର୍ବବଙ୍ଗର ଅର୍ଥନୈତିକ, ରାଜନୈତିକ, ସାମାଜିକ ଏବଂ ସାଂସ୍କୃତିକ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ଅନେକ ସିନେମାର ଏହା ବିଷୟବସ୍ତୁ। ମହାନାୟକ ଅଶୋକ କୁମାର ଏବଂ ଭାରତୀୟ ସିନେମାର ଅଦ୍ୱିତୀୟ ସୁନ୍ଦରୀ ଅଭିନେତ୍ରୀ ମଧୁବାଲା ଅଭିନିତ ସିନେମା 'ହାଓଡ଼ା ବ୍ରିଜ୍'ର 'ଆଇୟେ ମେହେରେବାଁ ବୈଠିୟେ ଜାନେଜାଁ... ସୌକ ସେ ଲିଜିୟେ ଜୀ ଇସ୍କି କା ଇମ୍‌ତିହାଁ' ଗୀତ ସତେ ଯେମିତି ହାଓଡ଼ା ବ୍ରିଜ୍ ଗାଇଛି। ଯିଏ ଥରେ ଯାଇଛି ତା' ପ୍ରେମରେ ନିଶ୍ଚିତ ପଡ଼ିଛି।

ହାଓଡ଼ା ପୋଲ ଉଦ୍‌ଘାଟନ ହୋଇ ନଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଇଂଲଣ୍ଡ ଜାପାନ ବିପକ୍ଷରେ ଲଢୁଥିବାରୁ ଜାପାନ ଆକ୍ରମଣର ଭୟ ଥିଲା। ଇଂଲଣ୍ଡ ଓ ଆମେରିକା ଚୀନ୍ ପକ୍ଷରେ ଥାଇ ଯୁଦ୍ଧ ସାମଗ୍ରୀ ଯୋଗାଉ ଥିଲେ। ହୁଗୁଳୀ ନଦୀ ଏକମାତ୍ର ରାସ୍ତା ଥିଲା। ତେଣୁ ଜାପାନ ଏହି ପୋଲ ଏବଂ ପାଖରେ ଥିବା ବନ୍ଦରକୁ ନଷ୍ଟ କରିବାକୁ ଚେଷ୍ଟା କରୁଥିଲା। ୧୯୪୨ ମସିହା ଡିସେମ୍ବର ମାସ ୨୦ ତାରିଖ ରାତିରେ ଜାପାନ ପୋଲ ଉପରେ ବାରମ୍ବାର ଆକ୍ରମଣ କଲା। ପୋଲ ଆଖପାଖରେ ବୋମା ପଡ଼ିଥିଲେ ମଧ୍ୟ ଦୈବାତ ପୋଲର କିଛି କ୍ଷତି ହୋଇନଥିଲା। ଆଜି ପର୍ଯ୍ୟନ୍ତ ଏହି ପୋଲ ଭଲରେ କାମ କରୁଛି।

ଦୀର୍ଘବର୍ଷର ଅବଧି ସତ୍ତ୍ୱେ ହାଓଡ଼ା ପୋଲର କିଛି କ୍ଷତି ହୋଇନଥିଲା। ମାତ୍ର ଏବେ ଏହାର ଅନେକଜାଗାରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ଖମ୍ବର ଗୋଲେଇ ଅଧା ହୋଇଯାଇଛି। ବିଶେଷଜ୍ଞମାନେ ଏହାର କାରଣ ଖୋଜି ଜାଣିବାକୁ ପାଇଛନ୍ତି ଯେ ପ୍ରାକୃତିକ କାରଣ ଅପେକ୍ଷା ପାନ ଓ ଗୁଟ୍‌ଖା ଛେପ ଦ୍ୱାରା ଏହାର ବେଶୀ କ୍ଷତି ହୋଇଛି। ପାନପିକ ଓ ଚୂନରୁ ବହାରୁଥିବା ରାସାୟନିକ ତତ୍ତ୍ୱ ଅମ୍ଳ ପାଲଟି ଏହାକୁ ଶୀଘ୍ର ନଷ୍ଟ କରି ଦେଉଛି। ତେଣୁ ଏହାର ରକ୍ଷଣାବେକ୍ଷଣ ଚିନ୍ତାର କାରଣ ହୋଇଛି। ଏହାଛଡ଼ା ଏହା ଉପରେ ଶହଶହ ପକ୍ଷୀ ମଳତ୍ୟାଗ କରୁଥିବାରୁ ଏହା ଶୀଘ୍ର ନଷ୍ଟ ହେଉଛି। ହାଓଡ଼ା ବ୍ରିଜ୍ ପୃଥିବୀର ଅନ୍ୟତମ ସୁନ୍ଦର ଓ ଶକ୍ତ ବ୍ରିଜ୍ ଭିତରେ ଗଣା। ଏହା ଆମର ଜାତୀୟ ସମ୍ପଦ। ଏହାର ସଂରକ୍ଷଣ ଆମର ଦାୟିତ୍ୱ।

# ଗଡ଼ିଆ ଗଙ୍ଗା



ଅବନୀ ଚନ୍ଦ୍ର ଦାସ
ସମ୍ପାଦକ, ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ
ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ମୋ: ୯୯୩୭୫୩୭୯୭୪

ସନାତନ ହିନ୍ଦୁ ସଂସ୍କୃତିରେ ହିମାଳୟ ପର୍ବତ ପ୍ରଦେଶରୁ ପ୍ରବାହିତ ଗଙ୍ଗା ନଦୀର ଜଳକୁ ପବିତ୍ର ତୀର୍ଥ ଜଳ ବୋଲି ମାନ୍ୟତା ମିଳିଛି। ପୁରାଣ କାଳରୁ ସ୍ୱର୍ଗରୁ ଗଙ୍ଗାଙ୍କୁ ସଗର ବଂଶର ଶ୍ରେଷ୍ଠ ସନ୍ତାନ ଧରାବତରଣ କରାଇ ମର୍ତ୍ତ୍ୟ ଲୋକରେ ପ୍ଲାବିତ କରାଇଥିଲେ ବୋଲି ଆମ ଶାସ୍ତ୍ରରେ ବର୍ଣ୍ଣନା ରହିଛି। ଗଙ୍ଗାଜଳ ଅତ୍ୟନ୍ତ ଶୁଦ୍ଧ ଓ ପବିତ୍ର ବୋଲି ସ୍ୱୀକାର କରାଯାଏ।

ପୌରାଣିକ ତଥ୍ୟ ଆଧାରିତ ବିଶ୍ୱାସ ଅନୁଯାୟୀ ଦେବପ୍ରୟାଗ ଠାରୁ ଗଙ୍ଗା ନଦୀର ଅନ୍ୟ ବିଚ୍ଛିନ୍ନ ରୂପ ଗୁଡ଼ିକ ପ୍ଲାବିତ ହୋଇ ବିଭିନ୍ନ ନାମରେ ବିଦିତ ହୋଇଛନ୍ତି। ଭିନ୍ନ ମତ ଅନୁସାରେ ଏସବୁ ଭାଗିରଥି, ମନ୍ଦାକିନୀ, ଅଳକାନନ୍ଦା ଏବଂ ଧଉଳିଗଙ୍ଗା ଆଦି ଗଙ୍ଗା ନଦୀର ଅନ୍ୟ ନାମ ଅଟନ୍ତି। ତଥାପି ଦେବପ୍ରୟାଗ ଆମର ଶ୍ରେଷ୍ଠ ତୀର୍ଥ ରୂପେ ପରିଗଣିତ ହୋଇ ଆସିଛି କେଉଁ ଅନନ୍ତ କାଳରୁ। ତେଣୁ, ତୀର୍ଥରାଜ ପ୍ରୟାଗରେ ମନୁଷ୍ୟ ନିର୍ଦ୍ଦିଷ୍ଟ ତିଥିରେ ଅବଗାହନ କଲେ ସକଳ ପାପ ନାଶ ଯାଇ ମହାପୁଣ୍ୟ ଅର୍ଜନ ହୁଏ ବୋଲି ବିଶ୍ୱାସ ରଖି କୋଟି କୋଟି ଶ୍ରଦ୍ଧାଳୁ ଏଠାକୁ ଛୁଟି ଆସନ୍ତି ।

ଗଙ୍ଗା ସମେତ ପ୍ରାୟ ସବୁ ନଦୀକୁ ଦେବୀମାତା ରୂପେ ଉପାସନା କରିବାର ବିଧି ଆମ ସମାଜରେ ପ୍ରଚଳିତ ଅଛି। ବିଶେଷ କରି ଭାରତ ଭୂମିରେ ପ୍ଲାବିତ ନଦୀମାନଙ୍କ ମଧ୍ୟରେ ଗଙ୍ଗା, ଯମୁନା, ସରସ୍ୱତୀ, ନର୍ମଦା, ସିନ୍ଧୁ, କାବେରୀ ଓ ଗୋଦାବରୀ ଆଦି ସପ୍ତନଦୀକୁ ପୁଣ୍ୟ ତୀର୍ଥ ରୂପେ ଗ୍ରହଣ କରାଯାଇଛି। ସରସ୍ୱତୀ ନଦୀ ଧାରାର ପ୍ଲାବନ ଅଦୃଶ୍ୟ ଅଛି ବୋଲି ବିଶ୍ୱାସ କରାଯାଏ। ଏ ସଂକ୍ରାନ୍ତରେ ପୌରାଣିକ କିମ୍ବଦନ୍ତୀ ରହିଛି। ସେ ଯାହା ହେଉନା କାହିଁକି, 'ଗଙ୍ଗା, ଯମୁନା ଓ ସରସ୍ୱତୀ'ର ତ୍ରିବେଣୀ ସଙ୍ଗମ ତୀର୍ଥରାଜ ପ୍ରୟାଗ ସ୍ଥଳରେ ସ୍ନାନ କରିବା ପାଇଁ ମଣିଷ ମନରେ ଆଧାତ୍ମିକ ଭାବ ଜାଗ୍ରତ କରୁଥିବା ପରମ୍ପରାକୁ ବିଧିବଦ୍ଧ ପାଳନ କରିବା ଅଭିପ୍ରାୟରେ ଚଳିତ ମହାକୁମ୍ଭ ମେଳାରେ ହିନ୍ଦୁବାଦୀ ସନାତନ ସମ୍ପ୍ରଦାୟ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। କୁମ୍ଭ ମେଳା ତିନି ଭାଗରେ ବିଭକ୍ତ। ଅର୍ଦ୍ଧ କୁମ୍ଭ, ପୂର୍ଣ୍ଣ କୁମ୍ଭ ଏବଂ ମହାକୁମ୍ଭ ମେଳା ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ସଦ୍‌ଭାବନା ତଥା ଐକ୍ୟ ପ୍ରତିଷ୍ଠା ପାଇଁ ପାଳିତ ହୋଇ ଆସୁଛି। ପ୍ରତି ଛଅ ବର୍ଷରେ ଅର୍ଦ୍ଧକୁମ୍ଭ, ପ୍ରତି ବାର ବର୍ଷରେ ପୂର୍ଣ୍ଣକୁମ୍ଭ ଏବଂ ଦ୍ୱାଦଶ ପୂର୍ଣ୍ଣ କୁମ୍ଭ ଶେଷରେ ଅର୍ଥାତ୍ ୧୪୪ ବର୍ଷ ଅନ୍ତରରେ ମହାକୁମ୍ଭ ମେଳା ଅନୁଷ୍ଠିତ ହୋଇଥାଏ। ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରଚଳିତ ପରମ୍ପରା ଅନୁସାରେ କୁମ୍ଭ ସ୍ନାନ ଅବସରରେ ଶ୍ରୀ ଗଣେଶ, ଶ୍ରୀ ବିଷ୍ଣୁ, ଶିବ, ଆଦିମାତା ଅମ୍ବିକା ଏବଂ ସୂର୍ଯ୍ୟ ଦେବ (ପଞ୍ଚଦେବ)ଙ୍କୁ ଉପାସନା କରାଯାଏ।

ସର୍ବୋପରି ତୀର୍ଥସ୍ଥଳରେ ପୁଣ୍ୟତୋୟା ନଦୀରେ ଶୁଦ୍ଧସ୍ନାନ ଏକ ପବିତ୍ର ପରମ୍ପରା ବୋଲି ତିଥିବାର, ନକ୍ଷତ୍ର ଧାର୍ଯ୍ୟ କରାଯାଇ ବିଭିନ୍ନ ସ୍ନାନ ଯୋଗ ବ୍ୟବସ୍ଥା ଜୀବନର ଏକ ଚରମ ଆକାଂକ୍ଷିତ ଉପାସନା ବୋଲି ହିନ୍ଦୁ ସନାତନୀମାନଙ୍କର ବିଶ୍ୱାସ ରହି ଆସିଛି। ତେବେ ସପ୍ତନଦୀମାନଙ୍କ ମଧ୍ୟରୁ ଗଙ୍ଗା ନଦୀର ପବିତ୍ର ଜଳରାଶି ସମସ୍ତ ତୀର୍ଥଜଳ ଠାରୁ ଉର୍ଦ୍ଧ୍ୱରେ ବୋଲି ସାଧାରଣତଃ ଏକ ସାର୍ବଜନୀନ ଧାରଣା ରହିଛି। ଏମିତିକି, କୌଣସି ଶୁଭ କର୍ମରେ, ପିଣ୍ଡ ଦାନରେ, ପୂଜା ଉପାସନାରେ ତୀର୍ଥଜଳ ଅଲଭ୍ୟ ହେଲେ ଯେ କୌଣସି କୂପ, ପୁଷ୍କରିଣୀ ଅଥବା ନଦୀ ଜଳକୁ ପବିତ୍ର ସପ୍ତନଦୀ ନାମ ଉଚ୍ଚାରଣ ସହିତ ଅଭିମନ୍ତ୍ରିତ କରାଯାଏ ।

'ଗଙ୍ଗେ ଚ ଯମୁନେ ଚୈବ ଗୋଦାବରୀ ସରସ୍ୱତୀ.... ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ ସଂନିଧିଂ କୁରୁ।' ଏହି ଉପାୟରେ ଜଳକୁ ଅନୁରୂପ ପୂତ ପୟୋଧି ଭାବେ ରୂପାନ୍ତରିତ କରାଯାଇ କର୍ମ କର୍ମାଣୀରେ ବ୍ୟବହୃତ ହୋଇପାରେ ବୋଲି ଆମ ଶାସ୍ତ୍ର ପୁରାଣ ସ୍ୱୀକୃତି ଦେଇଛି ।

ଏହି ବିଧି ବ୍ୟବସ୍ଥା ସୂଚନା ଦିଏ କି, ତନୁମନକୁ ଶୁଦ୍ଧକରି, ହୃଦୟକୁ ସ୍ଥିର କରି, ପବିତ୍ର ଭାବରେ ଯେ କୌଣସି ଜଳକୁ ତୀର୍ଥଜଳ ରୂପେ ବ୍ୟବହାର କରିହେବ ଏବଂ ଅନୁରୂପ ପୁଣ୍ୟଫଳ ପ୍ରାପ୍ତି ହୋଇପାରିବ। ସେଥିପାଇଁ ବୋଧହୁଏ ଆମର ପୌରାଣିକ/ଐତିହାସିକ କିମ୍ବଦନ୍ତୀ ତଥା ଲୋକୋକ୍ତିରେ ଏକ ପ୍ରବାଦ ଅଛି – 'ମନ ପବିତ୍ର ଥିଲେ ଗଡ଼ିଆ ଗଙ୍ଗା।' ବହୁକାଳ ଧରି ଏହି ପ୍ରବାଦଟି ଆମକୁ ଆଧାତ୍ମିକ ପବିତ୍ର ଭାବନାରେ ଦ୍ରବୀଭୂତ କରି ଆସିଛି ଏବଂ ଶୁଦ୍ଧ ଆଚରଣ ତଥା ସତ୍ କର୍ମ କରିବାର ପ୍ରେରଣା ଦେଇ ଆସିଛି।

ଏହି କ୍ରମରେ ପ୍ରଚଳିତ କିମ୍ବଦନ୍ତୀର ବିଭିନ୍ନ କାହାଣୀ ମଧ୍ୟରୁ ଗୋଟିଏ ଉଦାହରଣ ଏଠାରେ ଆଲୋଚନା କରିବା ପ୍ରାସଙ୍ଗିକ ମନେହୁଏ।

କାହାଣୀଟି ଏହିପରି : ଥରେ ଭଗବାନ ବୁଦ୍ଧ ନିଜ ଶିଷ୍ୟମାନଙ୍କ ଗହଣରେ ତୀର୍ଥ ପର୍ଯ୍ୟଟନରେ ଥିବା ସମୟରେ ଜଣେ ଶିଷ୍ୟ ମନରେ ଅନ୍ୟମାନଙ୍କ ପ୍ରତି ଘୃଣା/ଅସୂୟା ଭାବ ଲକ୍ଷ୍ୟ କଲେ। ସେ ନିଜର ତୃଷା ନିବାରଣ ପାଇଁ ଉକ୍ତ ଶିଷ୍ୟକୁ ପଥ ପାର୍ଶ୍ୱସ୍ଥ ପୁଷ୍କରିଣୀରୁ କିଛି ଜଳ ଆଣିବାକୁ କହିଲେ। ଆଜ୍ଞାବାହୀ ଶିଷ୍ୟ ତତକ୍ଷଣାତ୍ ପୁଷ୍କରିଣୀ ଜଳ ଆଣିଲେ ସତ, କିନ୍ତୁ ସେହି ଜଳ ଅପରିଷ୍କୃତ ଥିବାରୁ ପାନୀୟ ରୂପେ ବ୍ୟବହାର ନକରିବାକୁ ବୁଦ୍ଧଦେବଙ୍କୁ ଅନୁନୟ କଲେ। ବୁଦ୍ଧଦେବ ଏକ ସ୍ଥିରପାତ୍ରରେ ସେହି ଜଳ କିଛି ସମୟ ରଖିଦେବାରୁ ତାହା ସ୍ୱଚ୍ଛ ଓ ପରିଷ୍କାର ହୋଇଗଲା। ବୁଦ୍ଧ ତାହା ପାନୀୟ ରୂପେ ଗ୍ରହଣ କରିସାରି କହିଲେ– "ମନ ସ୍ଥିର କଲେ ଗଡିଆ ଗଙ୍ଗା"। ସ୍ଥିର ପାତ୍ରକୁ ମନ ସହିତ ତୁଳନା କରି ବୁଦ୍ଧଦେବ କହିଲେ–ମନ ସ୍ଥିର/ଅବିଚଳିତ ରହିଲେ ତନ୍ମଧ୍ୟରୁ ଆବିଳତା ଦୂର ହୋଇଯାଏ। ମନକୁ ଶୁଦ୍ଧ-ପୂତ ଜଳରେ ଆପ୍ଲୁତ କରି ରଖିବାର ଉପଦେଶ ଥିଲା ବୁଦ୍ଧଦେବଙ୍କ ଏହି ବାଣୀରେ।

ଚଳିତ ବର୍ଷ ପ୍ରୟାଗ ତୀର୍ଥରେ ସ୍ନାନ କରି ପାରମ୍ପରିକ ମହାକୁମ୍ଭ ମେଳାରେ ପୁଣ୍ୟ ଅର୍ଜନ କରିବାର ଅଭିପ୍ସା ନେଇ ଆସିଥିବା ପ୍ରାୟ ୪୫ କୋଟି ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି ହେଲା କାହିଁକି ? ଆପଣା ଶରୀର ଓ ମନକୁ ସ୍ଥିର, ଶୁଦ୍ଧ ଓ ପବିତ୍ର ରଖିବାର ଲକ୍ଷ୍ୟ ହଠାତ୍ ବିଚଳିତବୋଧ ହେବାର କାରଣ କ'ଣ ? କୋଟି କୋଟି ଶ୍ରଦ୍ଧାଳୁଙ୍କ ଭିଡ଼ ଭିତରେ ଦଳା ଚକଟାରେ ମୃତାହତ ହେବା ଘଟଣା ମଧ୍ୟ କିଛି ପରିମାଣରେ ଧର୍ମୀୟ ଧାରଣା ତଥା ପବିତ୍ର ପରମ୍ପରା ଉପରେ ଭାବାନ୍ତର ସୃଷ୍ଟି କରୁନାହିଁକି ? ପୂର୍ବରୁ ମଧ୍ୟ ୧୯୫୪ ମସିହାରେ ଅନୁଷ୍ଠିତ କୁମ୍ଭ ମେଳାରେ ଏହିପରି ଦଳାଚକଟା ଅଘଟଣ ଜନିତ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ମୃତାହତ ହୋଇଥିବା କୁହାଯାଏ । ତେବେ ଗଡିଆ ଗଙ୍ଗାର ଶୁଦ୍ଧ ସଂସ୍କାରିତ ଭାବନା ସ୍ୱତଃ ମନରେ ଜାଗ୍ରତ ହେଲେ ଏପରି ସମ୍ଭାବ୍ୟ ଅଘଟଣକୁ ଏଡ଼ାଇ ଦେଇ ହୁଅନ୍ତା।

# ପ୍ରଫେସର ଡା. ଗୋପାଳ ଚନ୍ଦ୍ର କରଙ୍କ ସ୍ମୃତିରେ...



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
ମୋ : ୯୯୩୨୪୩୩୩୩୩

ମଣିଷର ଜୀବନ ଅନେକ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା। ଜୀବନର ଚଲାବାଟରେ ପଦପାତ କରୁଥିଲାବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱମାନଙ୍କୁ, ଅସଂଖ୍ୟ ଚିହ୍ନା-ଅଚିହ୍ନା ମୁହଁମାନଙ୍କୁ। ପଦଚାରଣା କଲାବେଳେ ଜୀବନର ଯାତ୍ରାପଥରେ କେଉଁ ଜଣା-ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, ଖୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି'ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ। ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ।

ଅତି ସଫଳ ଓ ଅନ୍ୟମାନଙ୍କ ପାଇଁ ସମର୍ପିତ ଜୀବନ ଥିଲା ପ୍ରଫେସର ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କର। ସେ ଥିଲେ ସମାଜ ସେବା, ଡାକ୍ତରୀ ସେବା, ଆଧାତ୍ମିକତା, ରାଜନୀତି ଓ ସୃଜନ ସାହିତ୍ୟ ଏ ସବୁ କିଛିର ଏକ ଅନନ୍ୟ ରୂପକାର କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୪୬ ଜାନୁଆରୀ ୧୮ ତାରିଖରେ ତାଙ୍କର ଜନ୍ମ। ୧୯୬୮ ଉତ୍କଳ ୟୁନିଭରସିଟି ଅଧୀନରେ ଏମ୍‌ବିବିଏସ୍ କୋର୍ସ ପରେ ପାଟନା ୟୁନିଭରସିଟି ଅଧୀନରେ ୧୯୭୪ ମସିହାରେ ଏମ୍‌ଡ଼ି ଓ ୧୯୮୧ରେ ଉତ୍କଳ ୟୁନିଭସରସିଟି ଅଧୀନରେ ଏଲ୍‌ଏଲ୍‌ବି କୋର୍ସ ଶିକ୍ଷା ସମାପ୍ତ କରିଥିଲେ। ୧୯୭୯ ମସିହାରେ ଇଣ୍ଡିଆନ ସାଇକ୍ୟାଟ୍ରିକ ସୋସାଇଟିର ଲାଇଫ ଫେଲୋ ଭାବେ ମନୋନୀତ ହୋଇଥିଲେ ଓ ୧୯୮୫ରେ ଇଣ୍ଡିଆନ ଆସୋସିଏସନ ଅଫ ସୋସିଆଇ ସାଇକ୍ୟାଟ୍ରିକ, ସେହିବର୍ଷ ଆସୋସିଏଟଡ଼ ଅଫ ଇଣ୍ଡଷ୍ଟ୍ରିଆଲ ସାଇକ୍ୟାଟ୍ରିକ ଅଫ ଇଣ୍ଡିଆର ଲାଇଫ ଫେଲୋ, ୧୯୯୩ରେ ଇଣ୍ଟର ନ୍ୟାସନାଲ ମେଡ଼ିକାଲ ସାଇନସ୍‌ସ ଏକାଡ଼େମୀ ଓ ୨୦୦୦ ମସିହାରେ ବ୍ରିଟିଶ-ଇଣ୍ଡିଆନ ସାଇକ୍ୟାଟ୍ରିକ ଆସୋସିଏସନର ଲାଇଫ ଫେଲୋ ଭାବେ ମନୋନୀତ ହୋଇ କାର୍ଯ୍ୟରତ ଥିଲେ। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ସାଇକ୍ୟାଟ୍ରିକ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ପରେ ଓଡ଼ିଶା ସରକାରଙ୍କ ଡିଏମଇଟିରେ ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରିବା ସହ ସେ ଥିଲେ ଇଣ୍ଡିଆନ ମେଡ଼ିକାଲ ଆସୋସିଏସନ, ଉତ୍କଳ ସାହିତ୍ୟ ସମାଜ ଓ କଳାବିକାଶ କେନ୍ଦ୍ରର ଆଜୀବନ ସଭ୍ୟ। ୧୯୭୯-୮୦ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସିନିୟର ରିସର୍ଚ୍ଚ ୱାର୍କର ଭାବେ ଅନେକ କାର୍ଯ୍ୟକ୍ରମ ସେ ହାତକୁ ନେଇଥିଲେ। ୧୯୮୯ରେ ଅଷ୍ଟମ ବିଶ୍ୱ କଂଗ୍ରେସ ସାଇକ୍ୟାଟ୍ରିକ ସମ୍ମିଳନୀ ଏଥେନ୍ସରେ ତାଙ୍କ ସନ୍ଦର୍ଭ ପ୍ରଶଂସିତ ହୋଇଥିଲା। ୧୯୮୯ରେ ଗ୍ରୀସ୍, ଜର୍ମାନ ଓ ୟୁକେରେ ସମ୍ମାନିତ ଅତିଥି ବକ୍ତା ଭାବେ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ତାଙ୍କ ଅଭିଭାଷଣ ବିଦେଶୀ ଗବେଷକ ଓ ଛାତ୍ରମାନଙ୍କୁ ବିସ୍ମିତ କରିଥିଲା। ୧୯୯୩-୯୪ରେ ପ୍ରଥମ ଓଡ଼ିଆ ଭାବେ ଆସୋସିଏସନ ଅଫ ଇଣ୍ଡଷ୍ଟ୍ରିଆଲ ଅଫ ସାଇକ୍ୟାଟି ଅଫ୍ ଇଣ୍ଡିଆର ସଭାପତି ଭାବେ ବିରଳ ରେକର୍ଡ଼ର ଅଧିକାରୀ ହୋଇଥିଲେ। ଅନେକ ଜାତୀୟ ଓ ଆନ୍ତର୍ଜାତିକ ମାନସିକ ସ୍ୱାସ୍ଥ୍ୟ ଗବେଷଣା କାର୍ଯ୍ୟକ୍ରମରେ ସେ ଭାରତର ପ୍ରତିନିଧିତ୍ୱ କରିଥିଲେ। ନ୍ୟାସନାଲ ଜର୍ଣ୍ଣାଲ ଇନ୍ ସାଇକ୍ୟାଟ୍ରି ଆଣ୍ଡ ମେଡ଼ିସିନ ଏଡିଟୋରିଆଲ ବୋର୍ଡ଼ର ସଭ୍ୟ ତଥା ପ୍ରଥମ ଓଡ଼ିଆ ଭାବେ ଇଣ୍ଡିଆନ ସାଇକ୍ୟାଟ୍ରିକ ସୋସାଇଟି ଜାତୀୟ ବଡ଼ିର ସଭାପତି, ଡିଷ୍ଟ୍ରିକ ୩୨୬୦ ଇଣ୍ଟରନ୍ୟାସନାଲ ରୋଟାରୀର ଗଭର୍ଣ୍ଣର ଭାବେ ମଧ୍ୟ ସେ କାର୍ଯ୍ୟରତ ଥିଲେ।

ସମ୍ମାନ, ସମ୍ବର୍ଦ୍ଧନା ବିମୁଖ ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କ ପଛରେ ପ୍ରଶଂସା ଓ ପ୍ରଶସ୍ତି ଧାଇଁ ଥିଲା ଯେମିତି। ସାଇଣ୍ଟିଫିକ ପେପର ଆସୋସିଏସନ ଅଫ ଇଣ୍ଡଷ୍ଟ୍ରିଆଲ ସାଇକ୍ୟାଟ୍ରି ଅଫ ଇଣ୍ଡିଆର ପି.କୁମାର ଆୱାର୍ଡ଼ ବିଜେତା ଭାବେ ୧୯୮୯, ୧୯୮୯ରେ ଡକ୍ଟର ହରେକୃଷ୍ଣ ମହତାବ ବିଷୁବ ସମ୍ମାନ ଶ୍ରେଷ୍ଠ ସମାଜସେବୀ ଭାବେ, ୧୯୯୧ରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଣିପୁର-ତ୍ରିପୁରା ସରକାରଙ୍କ ଠାରୁ ଅରୋଶ୍ରୀ ସମ୍ମାନ, ୧୯୯୦ରେ ରେଡ଼କ୍ରସ ସୋସାଇଟି ସମ୍ମାନ (ଶ୍ରେଷ୍ଠ ରକ୍ତଦାତା ଭାବେ), ୧୯୯୩ରେ ଭାରତ ସେବକ ସମାଜ ସମ୍ମାନ, ୧୯୯୯ରେ କଳିଙ୍ଗ ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ପାଇଁ କଳିରତ୍ନ ସମ୍ମାନ, ୨୦୦୦ ମସିହାରେ ସାମାଜିକ ସେବା ପାଇଁ କଟକ ସୁରକ୍ଷା କମିଟି ପକ୍ଷରୁ ଓଡ଼ିଶା ପ୍ରତିଭା ସମ୍ମାନ, ସେହିବର୍ଷ ଉତ୍ସର୍ଗୀକୃତ ମାନସିକ ସେବା କ୍ଷେତ୍ର ପାଇଁ ସଂଗ୍ରାମୀ କୁଞ୍ଜ ବିହାରୀ ସ୍ମୃତି ସଂସଦ ସମ୍ମାନ, ୨୦୦୦ ମସିହାରେ ଇଣ୍ଡିଆନ ସାଇକ୍ୟାଟ୍ରି ଆସୋସିଏସନ ପକ୍ଷରୁ ପ୍ରତିନିଧିତ୍ୱ କରି ଲଣ୍ଡନରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ୨୦୦୦-୨୦୦୧ରେ ରୋଟାରୀ ଇଣ୍ଟରନ୍ୟାସନାଲ ପକ୍ଷରୁ ଜାତୀୟ ପଲସ ପୋଲିଓ ପୋଗ୍ରାମ ପାଇଁ ଲିଡରସିପ ସମ୍ମାନ ଓ ୨୦୦୨ରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଠାରୁ ମଧୁ ସ୍ୱାଭିମାନ ସମ୍ମାନ ଓ ୨୦୦୨ରେ ପୁଣି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଠାରୁ ରାଞ୍ଚି ଇନଷ୍ଟିଚ୍ୟୁଟ ଅଫ ନ୍ୟୁରୋ ସାଇକ୍ୟାଟ୍ରି ଆଣ୍ଡ ଆଲାଏଡ଼ ସାଇନସ୍‌ସ ପକ୍ଷରୁ ପ୍ରଦତ୍ତ ସମ୍ମାନ ପ୍ରାପ୍ତ ହୋଇଥିଲେ। ୧୯୭୦ ମେ ୨୫ ତାରିଖରେ ଗାୟତ୍ରୀ ଦେବୀଙ୍କ ସହ ତାଙ୍କର ଶୁଭ ପରିଣୟ ହୋଇଥିଲା ଓ ତାଙ୍କର ତିନିପୁଅ ନିଜ ନିଜ କ୍ଷେତ୍ରରେ ବେଶ ପ୍ରତିଷ୍ଠା ଲାଭ କରିଛନ୍ତି। ବଡ଼ପୁଅ ଇଞ୍ଜିନିୟର ସୌମେନ୍ଦ୍ର କର ଏକ ବହୁରାଷ୍ଟ୍ରୀୟ କମ୍ପାନୀର ପଦସ୍ଥ କର୍ମକର୍ତ୍ତା ଭାବେ କର୍ତ୍ତବ୍ୟରତ ଅଛନ୍ତି। ମଧ୍ୟମ ପୁତ୍ର ସମ୍ପିତ କର ଓଡ଼ିଶା ହାଇକୋର୍ଟର ଜଣେ ସଫଳ ଆଇନଜୀବୀ ଓ କନିଷ୍ଠ ପୁତ୍ର ପ୍ରଫେସର ଡାକ୍ତର ସମ୍ରାଟ କର ଓଡ଼ିଶାର ଜଣେ କୃତବିଦ୍ୟ ଓ ସଫଳ ମାନସିକ ରୋଗ ବିଶେଷଜ୍ଞ ତଥା ଆଇଏମଏ ଓଡ଼ିଶା ଶାଖାର ଅର୍ଥନୈତିକ ସଚିବ ଭାବେ କାର୍ଯ୍ୟରତ।



ମଣିଷଟିଏ ଜନ୍ମବେଳେ କିଛି ଆଣି ନଥାଏ। ଗଲାବେଳେ କିଛି ନିଏ ନାହିଁ। କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ। ନିଜର ଇଚ୍ଛାର ବ୍ୟାପାର ବି ନୁହେଁ। କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ। ଏଥିରେ ରହିଛି ଐଶ୍ୱରୀୟ ଇଚ୍ଛା ଓ ନିଜର ସାଧନା। ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର। ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର। ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଞ୍ଚିରହେ ସେହି କର୍ମରେ। ତେଣୁ କୁହାଯାଏ କର୍ମ ହିଁ ଭଗବାନ। ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି। ଏ କଥା ନୂଆ ନୁହେଁ। ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ। ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ। ଡାକ୍ତର ଗୋପାଳ ଚନ୍ଦ୍ର କର ପିଲାଟି ଦିନରୁ ଆଧାତ୍ମିକ ଚେତନାକୁ ନିଜ ବ୍ୟକ୍ତିଚେତନାରେ ରୂପାନ୍ତରିତ କରିଥିଲେ। ସେ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣେ ପରମ ଭକ୍ତ। ତାଙ୍କ ଜୀବନଟି ଥିଲା ଏକ ଖୋଲା ବହି ସଦୃଶ। ପିଲାଟି ଦିନରୁ ସମସ୍ତଙ୍କ ଭିତରେ ଆଧାତ୍ମିକ ଚେତନା ଭରିବା ସହ ସମାଜ ସେବା ଓ ସମାଜ ନୀତିକୁ ସେ ଜୀବନର କେବଳ ବ୍ରତ କରିନଥିଲେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ। ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ। ତା'ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇ ଦିଏ। ଯିଏ ସମାଜ ସେବାରେ ନିଜକୁ ନିୟୋଜିତ କରିଥାଏ ସେମାନେ ହେଉଛନ୍ତି ସ୍ୱସ୍ତିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର। ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହଁ, ମାତ୍ର ଜୀବଦଶାରେ ଯିଏ ଯାହା କରିଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଏହି ସଂଘର୍ଷପୂର୍ଣ୍ଣ ଜୀବନରେ ଅନ୍ୟ ମାନଙ୍କ ପାଇଁ ଆପଣାର ମଣିଷଟିଏ ହୋଇ ଅନ୍ୟ ମାନଙ୍କୁ ତିଆରି କରିବା ଓ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଇବା ଥିଲା ତାଙ୍କ ଜୀବନଧର୍ମ।

ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ କିନ୍ତୁ ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କ ପରି ଦିବ୍ୟ ଜୀବନ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି – 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।'

# ଲୋକକବି ନାଟ୍ୟାଚାର୍ଯ୍ୟ - ବାଳକୃଷ୍ଣ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ:୯୯୩୭୬୯୧୪୭୫

ସୃଷ୍ଟି ବିଚିତ୍ର, ସ୍ରଷ୍ଟା ବିଚିତ୍ର, ବିଚିତ୍ର ଏ ବିଶ୍ୱ, ସମୟର ଖେଳ ବିଚିତ୍ର। ବିଶ୍ୱ ନିୟନ୍ତାଙ୍କର କ୍ରୂର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ, ଚଳ, ନିଶ୍ଚଳ, ଉଡା, ବୁଡା ସମସ୍ତେ କାଳର କରାଳ ଗତିରେ ଧାବମାନ। ପ୍ରକୃତିରେ ଅପୂର୍ବ ଶୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହମଣ୍ଡଳ। ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଈଶ୍ୱରଙ୍କ ପ୍ରଥମ ସୋପାନରେ ଆମ ମନୁଷ୍ୟ ସମାଜ। ଉଡା, ବୁଡା, ଚଳ, ନିଶ୍ଚଳ ସମସ୍ତଙ୍କ ପ୍ରକୃତି ଓ ଆକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ, ଭିନ୍ନ ପରିମାପ କରିବା ପାଇଁ ରଖିଛି ବିରାଟ କମ୍ପ୍ୟୁଟର ଅନନ୍ତ ଆକାଶ। ଅନିତ୍ୟ, ଅସାର, କ୍ଷଣଭଙ୍ଗୁର ମୋହ ମାୟା ସଂସାରରେ କିଏ କେତେ ଆଲୋକିତ ମହକିତ ଉଲ୍ଲସିତ କରେ ଧରାପୃଷ୍ଠ। କାହାର ପାଦ ଚିହ୍ନ ରହିଯାଏ ମାଟି, ପାଣି ଓ ଶିଳା ବକ୍ଷରେ। କେତେଜଣଙ୍କ ପାଦଚିହ୍ନ ଶିଳା ବକ୍ଷରେ ରହେ, ସେମାନଙ୍କୁ ଜଗତ ଝୁରେ।

ଦେଶ ପରାଧୀନତା ଶୃଙ୍ଖଳରେ ଆବଦ୍ଧ, ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ ଲୋକ କବି, ନାଟ୍ୟକାର ବାଳକୃଷ୍ଣ ମହାନ୍ତି ୧୯୦୦ ମସିହା ଫେବୃୟାରୀ ମାସ ୪ ତାରିଖ ଭୌମୀ ଏକାଦଶୀ ତିଥିରେ ଜଗତସିଂହପୁରର ପଳାଶୋଳ ଗ୍ରାମରେ ପିତା ଦିବାକର ମହାନ୍ତି ମାତା ଲାବଣ୍ୟବତୀଙ୍କ କୋଳମଣ୍ଡନ କରିଥିଲେ। ପିଲାବେଳୁ ସେ ସାହାସ ଓ ଧୈର୍ଯ୍ୟର ପ୍ରତୀକ ଥିଲେ। ପିଲା ସମୟରେ ତାଙ୍କର ଜାତକର ନାମ ରଖାଯାଇଥିଲା ଦୋଳଗୋବିନ୍ଦ। ସେ ଆନୁଷ୍ଠାନିକ ଭାବେ ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ସେ ୧୭ବର୍ଷ ବୟସରେ ୧୨ବର୍ଷର କନ୍ୟା ନିଶାମଣିଙ୍କୁ ବିବାହ କରିଥିଲେ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ତାଙ୍କର କଳାକାର ପ୍ରତିଭା ବାରି ହୋଇ ପଡୁଥିଲା। ପିଲାବେଳୁ ବାଳକୃଷ୍ଣ ପଳାଶୋଳ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ସମୟରେ ଅନୁଷ୍ଠିତ ହେଉଥିବା, ସୁଆଙ୍ଗ, ଯାତ୍ରା, ପାଲା ଆଦିକୁ ଲକ୍ଷ୍ୟକରି ଯାତ୍ରା ମନସ୍କ ହୋଇଥିଲେ। କଳା ଜଗତରେ ଏକ ନୂତନ ସାମାଜିକ ଆଦର୍ଶ ସୃଷ୍ଟି ପାଇଁ ନାଟକର ପରିବର୍ତ୍ତନ କଲେ ଯାତ୍ରା ପ୍ରେମୀ ଅଧିକ ଆକୃଷ୍ଟ ହେବେ। ଏହି ଲକ୍ଷ୍ୟ ନେଇ ବାଳକୃଷ୍ଣ ୧୯୨୦ ମସିହାରେ ଶ୍ରୀ ଦୁର୍ଗା ଯାତ୍ରା ଦଳ ଗଠନ କରିଥିଲେ, ପରେ ପରେ ତାଙ୍କ ଚେଷ୍ଟାରେ ଜୟଦୁର୍ଗା ନାଟ୍ୟ ମଣ୍ଡଳୀ ପୂର୍ଣ୍ଣାଙ୍ଗ ରୂପେ ଆତ୍ମପ୍ରକାଶ କଲା। ପୌରାଣିକ ନାଟକ ପ୍ରାଧାନ୍ୟ ସମୟରେ ସେ ପ୍ରଥମେ ସାମାଜିକ କାଳ୍ପନିକ ନାଟକ 'ବିଜୟ ବସନ୍ତ' ରଚନା କରି ଓଡ଼ିଆ ନାଟ୍ୟ ସାହିତ୍ୟରେ ଚହଳ ସୃଷ୍ଟି କରିଥିଲେ। ଅଭିନୀତ ନାଟକ 'ବିଜୟ ବସନ୍ତ' ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲା।




ବାଳକୃଷ୍ଣଙ୍କ ସାହିତ୍ୟରେ ବୀର, ହାସ୍ୟ, ବାତ୍ସଲ୍ୟ, କରୁଣ ଓ ଶୃଙ୍ଗାର ଆଦି ରସର ପଟ୍ଟାନ୍ତର ନାହିଁ। ତାଙ୍କ ସାହିତ୍ୟ ହେଲା ପୌରାଣିକ, ଐତିହାସିକ, ସାମାଜିକ ଓ କାଳ୍ପନିକ। ତାଙ୍କ ନାଟକ ଓ ଗୀତିନାଟ୍ୟ ମଧ୍ୟରେ ସର୍ବାଧିକ ହେଉଛି ପୌରାଣିକ। ସେ ୬୦ରୁ ଉର୍ଦ୍ଧ୍ୱ ନାଟକ ରଚନା କରିଥିଲେ। ଏତଦ୍ ଭିନ୍ନ ସେ ଅନେକ ଭଜନ, ଜଣାଣ, ସଙ୍ଗୀତ ଲୀଳା ଓ ଫାର୍ଶ ଆଦିର ରଚୟିତା। ତାଙ୍କ ପୌରାଣିକ ନାଟକ ଗୁଡ଼ିକ ମଧ୍ୟରେ ଘଟୋତ୍କଚ, କଂସ ବଧ, ଅଭିମନ୍ୟୁ ବିବାହ, ଜୟଦ୍ରଥ, ସୀତା ବନବାସ, ସାବିତ୍ରୀ ଉପାଖ୍ୟାନ, ବାଣା ପରାଜୟ, ରୁକ୍ମିଣୀ ପରିଣୟ, ପ୍ରହ୍ଲାଦ ଚରିତ, ଦାନବୀର ରାଜା ହରିଚନ୍ଦ୍ର, ଶକୁନ୍ତଳା, ମଥୁରା ବିଜୟ, ବୀରବାହୁ ଯୁଦ୍ଧ, ଖାଣ୍ଡବ ଦହନ ଓ ଶ୍ରୀରାମ ବନଗମନ। ସେହିପରି ଐତିହାସିକ କିମ୍ବଦନ୍ତୀ ଆଧାରରେ କେଦାରଗୌରୀ, କାଞ୍ଚି କାବେରୀ, ଇରାନର ରାଣୀ, ଶ୍ରୀଜଗନ୍ନାଥ, ଲଳିତା ବିଦ୍ୟାପିତ, ଚଣ୍ଡୀଦାସ, ନବାବ, ଜୟଦେବ ଭଳି ଅନେକ ନାଟକ ରଚନା କରିଥିଲେ। ସେ ରଚନା କରିଥିବା ସାମାଜିକ ଓ କାଳ୍ପନିକ ନାଟକ ଗୁଡିକ ହେଲା କାଞ୍ଚନବାଳା, ସୁଶୀଳ ମାଳତୀ, ଅରିଧ୍ୱଂସ, କୁମୁଦ କେଦାର, ସମସ୍ୟା, ଅମର ବିଳାସ, ମୋହନ ସୁନ୍ଦର, ସଇତାନ, ସୁନ୍ଦର ଲୋଭା, ଗୁପ୍ତମନ୍ତ୍ର, ବିଜୟବସନ୍ତ, ବିଜୟ ବୈଜୟନ୍ତୀ ପରି ଅନେକ ନାଟକ, ଲୋକ କଥା ଓ ଲୋକ କାହାଣୀକୁ ନେଇ ତାଙ୍କର ରଚନା ହେଉଛି– ନିର୍ମଳପ୍ରଭା, ଚତୁରୀ ଚମ୍ପାଫୁଲ, ମୋହନ ସୁନ୍ଦର ପ୍ରଭୃତି ଅନେକ।

ବାଳକୃଷ୍ଣ ମହାନ୍ତି ତାଙ୍କ ଗୀତିନାଟ୍ୟରେ ଉଚ୍ଚମାନର ଗଦ୍ୟସଂଳାପ ଭରିଦେଇ ଜନମାନସର ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କର ଲେଖନୀ ଚାଳନା ତାଙ୍କୁ ଏକାଧାରରେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ସଂଗଠକ ଓ ମଞ୍ଚ ପରିଚାଳକ ଭାବରେ ଗଢି ତୋଳିଥିଲା। ତାଙ୍କ ରଚନାଶୈଳୀ ନିଜସ୍ୱ ଓ ବହୁ ପ୍ରଚଳିତ ଢଗଢମାଳି, ରୁଢି ପଦ, ଇଂରାଜୀ ଶବ୍ଦାବଳୀ, ସରଳ ଗାଉଁଲି ଭାଷାର ପ୍ରୟୋଗ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ତାଙ୍କ ସଙ୍ଗୀତରେ ସେ ଯମକ, ଅନୁପ୍ରାସ, ଉପମା ଆଦି ଅଳଙ୍କାର ମଧ୍ୟ ବ୍ୟବହାର କରିଛନ୍ତି। କଳା ସହିତ ତାଙ୍କର ସାମାଜିକ ସେବାର ପଟ୍ଟାନ୍ତର ନାହିଁ।

ଯାତ୍ରାଜଗତର ମହାନାୟକ, ବହୁମୁଖୀ ସାହିତ୍ୟ ପ୍ରତିଭାର ଅଧିକାରୀ ନାଟ୍ୟକାର ବାଳକୃଷ୍ଣ ମହାନ୍ତିଙ୍କର ୧୯୫୮ ମସିହା ମାର୍ଚ୍ଚ ୩୦ ତାରିଖରେ କର୍ମମୟ ଜୀବନର ଅବସାନ ଘଟିଲା। ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ। ଜୀବନର ପରପାରିକୁ ଯାଇଥିଲେ ମଧ୍ୟ ସେ ଆମ ଭିତରେ ଅମର ହୋଇ ରହିବେ।




ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଅଧକ୍ଷ ଦିଲ୍ଲୀପ କୁମାର ଦାସ ଶିବିରକୁ ଉଦଘାଟନ କରି କହିଥିଲେ ଯେ, ଆଜିର ସମାଜରେ ନାରୀ ନିର୍ଯାତନା, ଶୋଷଣ ଓ ଦୁଷ୍କର୍ମ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସୁରକ୍ଷା ପାଇବାକୁ ହେଲେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେବା ନିହାତି ଜରୁରୀ। ମୋଟିଭେଶନାଲ ବକ୍ତା ଭାବେ କମଳ ଲୋଚନ ମହାରଣା ଯୋଗଦେଇ ପାଞ୍ଚ ପ୍ରତିଶତ ଅସାମାଜିକ ଲୋକଙ୍କ ବିରୋଧରେ ଯଦି ପଞ୍ଚନବେ ପ୍ରତିଶତ ଲୋକ ଲଢ଼ିବେ ସମାଜରେ ସମସ୍ତେ ଶାନ୍ତିରେ ଜୀବନଯାପନ କରି ପାରିବେ ବୋଲି କହିବା ସହ ଛାତ୍ରୀମାନେ ରାଣୀ ଲକ୍ଷ୍ମୀବାଈଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କରି ତାଙ୍କରିଭଳି ସାହସୀ, ଯୋଦ୍ଧା ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଅଧ୍ୟାପକ ପ୍ରଶାନ୍ତ ରାଉତରାୟ ଓ ସଙ୍ଗୀତ ନନ୍ଦ ଯୋଗଦେଇ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ମମତା ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ କ୍ରୀଡ଼ା ଶିକ୍ଷକ ଗଦାଧର ସାହୁ, ମାଷ୍ଟର ଟ୍ରେନର ଶିଲା ସାହୁ ଓ ଅନିତା ପୃଷ୍ଟି ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ୧୦ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି।

# ପୁଲିସ ପଞ୍ଝାରେ ଲୁଟେରା ଗ୍ୟାଙ୍ଗ୍

**୨ ଅଭିଯୁକ୍ତ ଗିରଫ, ୩ ଫେରାର**

**ଅଭିଯୁକ୍ତଙ୍କ ଠାରୁ ଏକ ଲକ୍ଷରୁ ଉର୍ଦ୍ଧ୍ୱଟଙ୍କାର ଧଳାଜହର ଜବତ**



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଧଳା ଜହର ପାଇଁ ଲୁଟ୍ କରି ଆତଙ୍କ ଖେଳାଉଥିବା ଲୁଟେରା ଗ୍ୟାଙ୍ଗର ୨ଜଣଙ୍କୁ କାବୁ କରିଛି କାକଟପୁର ଥାନା ପୁଲିସ। ଅନ୍ୟ ୩ ଜଣ ସମ୍ପୃକ୍ତ ଫେରାର ରହିଛନ୍ତି ବୋଲି ଥାନାଅଧିକାରୀ ଉମେଶ କୁମାର ସାହୁ ସୂଚନା ଦେଇଛନ୍ତି। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳରେ ମାତିଛନ୍ତି ଲୁଟେରା। ସିଧା ଟାର୍ଗେଟ କରୁଛନ୍ତି ବିଭିନ୍ନ ମନ୍ଦିର ଓ ବିଦ୍ୟାଳୟ। କିନ୍ତୁ ଦୁର୍ବୃତ୍ତ ଅଥବା ଚୋରଙ୍କୁ ଧରିବାରେ ଦୀର୍ଘ ଦିନରୁ ବିଫଳ ଥିବା ସତ୍ତ୍ୱେ ଏଥିରେ ଧଳାଜହର ବ୍ୟବସାୟୀ ଲୁଟେରା ଗ୍ୟାଙ୍ଗ ସମ୍ପୃକ୍ତ ବୋଲି ପୋଲିସ ତରଫରୁ ସୂଚନା ମିଳିଛି। ଚୋରି ପାଦୁର୍ଭାବ ବୃଦ୍ଧି ପାଇବାରୁ ପୁରୀ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ କାକଟପୁର ଥାନା ପୋଲିସ ରାତ୍ରକାଳୀନ ପେଟ୍ରୋଲିଂ ଜୋର ଧରିଥିଲା। ସେହି ସମୟରେ ପେଟ୍ରୋଲିଂ କରୁଥିବା ବେଳେ ଶନିବାର ପ୍ରତ୍ୟୁଷରୁ ବିଶେଷ ସୂତ୍ରରୁ ଖବର ପାଇ ଅସ୍ତରଙ୍ଗ ବ୍ଲକ୍ ନଈଗୁଆଁ ପଞ୍ଚାୟତ ଓସ୍ତପୁର ନିକଟରୁ ସକାଳ ୫ଘ ୩୦ମିନିଟ ସମୟରେ କାକଟପୁର ଥାନା ସବଇନ୍ସପେକ୍ଟର ପ୍ରିୟଦର୍ଶନୀ ବରାଳ, ଏଏସଆଇ ମନୋରଞ୍ଜନ ପରିଡ଼ା, ଏସ ମହାରଣା ଓ ଅଜିତ ବେହେରା ନଈଗୁଆଁ ନିକଟ ଓସ୍ତପୁର ରାସ୍ତାରେ ୨ ଜଣ ଧଳାଜହର ବ୍ୟବସାୟୀଙ୍କୁ ଧରିଥିଲେ। ଉକ୍ତ ଯୁବକ ଦୁଇଜଣ ହେଉଛନ୍ତି ଓସ୍ତପୁର ଗ୍ରାମର ବିଭୁତି ସେନାପତି ଓରଫ ଭୂପତି (୩୧) ଓ ଖଣ୍ଡାସାହି ଗ୍ରାମର ରାଜେଶ ବିଶ୍ୱାଳ (୩୧)। ପୋଲିସ ସେମାନଙ୍କ ନିକଟରୁ ୧୦. ୫ଗ୍ରାମର ଧଳାଜହର ଜବତ କରିବା ସହ ୨ଟି ସ୍ମାଟଫୋନ୍ ଯଥା ପୋକ ସି-୫୦ ଓ ରିୟଲମୀ ସି-୧୨ ଜବତ କରିଥିଲେ। ଧଳାଜହରର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ଠାରୁ ସୂଚନା ମିଳିଛି। ଅନ୍ୟପଟେ କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁଙ୍କ କହିବା ମୁତାବକ ଗତ ଜାନୁୟାରୀ ୧୮ତାରିଖରେ ଓସ୍ତପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ସାମଗ୍ରୀ ଗୁରୁବାର ୭ଫେବୃଆରୀ ଦିନ ସକାଳୁ ଅସ୍ତରଙ୍ଗ ବ୍ଲକ୍ କେନ୍ଦ୍ରାପଟି ପଞ୍ଚାୟତ ହରଡ଼ପଡିଆ ନିକଟସ୍ଥ ରାମଦାସକଳ ଘର ନିକଟରୁ କୌଣସି ଦୁର୍ବୃତ୍ତ ୨ଟି ସ୍ମାଟ ଏଲଇଡିଟିଭି, ଜେରକ୍ସ ମେସିନ, ୨ଟି ବ୍ୟାଟେରୀ, ସାଉଣ୍ଡ ସ୍ପିକର ଫିଙ୍ଗିଦେଇଥିବା ବେଳେ ପୁଲିସ ଜବତ କରିଥିଲା। କିନ୍ତୁ ଥାନା ଅଧିକାରୀ କହିବା ଅନୁଯାୟୀ ୨ ଜଣ ଧଳା ଜହର ବ୍ୟବସାୟୀ ଚୋରି ସହ ସମ୍ପୃକ୍ତ ଅନ୍ୟ ୩ ଜଣ ଫେରାର ରହିଛନ୍ତି। ଧଳାଜହର ବ୍ୟବସାୟ ଘଟଣାରେ ବିଭୁତି ସେନାପତି ଓ ରାଜେଶ ବିଶ୍ୱାଳଙ୍କୁ କାକଟପୁର ଥାନାରେ ମାମଲା ରୁଜୁ ସହ ଏନଡିପିଏସ ଆକ୍ଟ ୧୯୮୫ ରୁଜୁ କରି ଅଦାଲତକୁ ଚାଲାଣ କରାଯାଇଛି। କିନ୍ତୁ ଅନୁରୂପ ଭାବେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମନ୍ଦିର ଓ ବିଦ୍ୟାଳୟରୁ ଚୋରି ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ଟେର ପାଉନି ପୋଲିସ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଲୁଟେରା ଗ୍ୟାଙ୍ଗ ଧରା ନ ପଡ଼ିବାରୁ ବାରମ୍ବାର ଏଭଳି ଲୁଟ କରି ଚାଲିଛନ୍ତି। ତେବେ ପେଶାଦାର ଲୁଟେରା ନାଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଲୁଟ ହେଉଛି ନାଁ କୌଣସି ଗ୍ୟାଙ୍ଗ ଏ କାମ କରୁଛି ତାହା ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ପାଇଁ ସନ୍ଦେହ ସୃଷ୍ଟି କରିଛି।

# ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ




ପାରାଦୀପ, (ଭାସ୍କର ନ୍ୟୁଜ୍): ଦୀର୍ଘ ତିନିଦିନ ଧରି ଚାଲୁଥିବା ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନର ଦ୍ୱିତୀୟ ଦିବସରେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବର ଶୋଭାବର୍ଦ୍ଧନ କରିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପାଢ଼ୀ କହିଥିଲେ ଯେ ଓଡ଼ିଶାରେ ବହୁତ କମ ମହାବିଦ୍ୟାଳୟ ଏପରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିବାର ସୌଭାଗ୍ୟ ପାଇଥାନ୍ତି। ସେ ଆହୁରି ମଧ କହିଛନ୍ତି ଯେ, ଏହି ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ଆଲୁମିନି ଆଜି ବଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବେଳେ ଏହି କଲେଜର ପୂର୍ବତନ ଛାତ୍ର ବିଭୁ ପ୍ରସାଦ ତରାଇ ଲୋକସଭା ସାଂସଦ ଏବଂ ସମ୍ପଦ ସ୍ୱାଇଁ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦରେ ଅଧିଷ୍ଠିତ ହେବା ଏବଂ ବସନ୍ତ ବିଶ୍ୱାଳ ଦୀର୍ଘବର୍ଷ ଧରି ପୌରାଧକ୍ଷ ଭାବେ ନିର୍ବାଚିତ ହେବା ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛି। ସେହିପରି ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଏବଂ ଆଲୁମୁନି ଆସୋସିଏସନ୍ର ଉପଦେଷ୍ଟା ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ହୋଇ ଗୁରୁମାନଙ୍କ ଆଜ୍ଞାଧୀନ ଓ ଆଶୀର୍ବାଦରେ ଛାତ୍ରଛାତ୍ରୀ ମାନଙ୍କର ଉନ୍ନତି ଓ ବିକାଶ ଘଟିଥାଏ ବୋଲି ସମବେତ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ। ତେବେ ସମ୍ପ୍ରତି ସରକାର ନୂତନ ଶିକ୍ଷାନୀତି ଯୋଗୁଁ ଯୁବପିଢ଼ିଙ୍କ ସୁନିଶ୍ଚିତ ବିକାଶ ହେବ ବୋଲି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ଏହି ବିଦ୍ୟାଳୟରେ ଅଧୟନ ସମୟର ଅନୁଭୂତି ବିଷୟରେ ବର୍ଣ୍ଣନା କରିବା ସହ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ପ୍ରତିବଦ୍ଧ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଲୁମିନି ଆସୋସିଏସନର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଶତପଥୀ ମହାବିଦ୍ୟାଳୟ ନିଜର ଭାବବିହ୍ୱଳ ବକ୍ତବ୍ୟ ରଖି ବାଚସ୍ପତି ପାଢ଼ୀ କଲେଜର ଏହି ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ଯୋଗ ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଶେଷରେ ଆଲୁମିନି ଆସୋସିଏସନର ସମ୍ପାଦକ ଗୌତମ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଲୁମିନି ଆସୋସିଏସନ ପକ୍ଷରୁ ମୁଖ୍ୟ ଅତିଥି ପାଢ଼ୀ, ମନ୍ତ୍ରୀ ସ୍ୱାଇଁଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

## ଶ୍ରମିକ କଲ୍ୟାଣ ସଚେତନତା ରଥର ଶୁଭାରମ୍ଭ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲାପାଳ ବିଶାଳ ସିଂହ ଶ୍ରମିକ ବର୍ଗଙ୍କ ସପକ୍ଷରେ ସରକାରଙ୍କ ଦ୍ୱାରା ପ୍ରଣୀତ ସମସ୍ତ ଯୋଜନା ଓ କାର୍ଯ୍ୟକଳାପ ବିଷୟରେ ବ୍ୟାପକ ସଚେତନତା ପାଇଁ ସ୍ଥାନୀୟ ଅଞ୍ଚଳରେ ଏକ ଶ୍ରମିକ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁକ୍ରବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ, କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଲବ ସାମନ୍ତରାୟ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୂର୍ଯ୍ୟ ନାରାୟଣ ମାଳି ଏବଂ ଅନ୍ୟାନ୍ୟ ଅତିରିକ୍ତ ଶ୍ରମ ଅଧିକାରୀ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, କେନ୍ଦୁଝରର କର୍ମଚାରୀଙ୍କ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିଲ୍ଲାର ସମସ୍ତ ବ୍ଲକରେ ଏକ ମାସ ବ୍ୟାପୀ ଏହି ଅଭିଯାନ ଜାରି ରହିବ ଏବଂ ସଚେତନତା ରଥ ପ୍ରତ୍ୟକ ଗାଁରେ ପହଞ୍ଚିବ।

# ପ୍ରଥମ ଦିନରେ ବ୍ଲକ୍ ବ୍ଲଷ୍ଟର ରେକର୍ଡ଼ ଭାଙ୍ଗିଲା ସନାତନୀ

ବାରିପଦା, (ଭାସ୍କର ନ୍ୟୁଜ୍): ସାରା ଓଡ଼ିଶାରେ ଶନିବାର ଚଳଚ୍ଚିତ୍ର 'ସନାତନୀ'ର ଶୁଭ ମୁକ୍ତିଲାଭ ହୋଇଛି। ଓଡ଼ିଶାର ୨୨ଟି ସିନେମା ହଲରେ ଆଜି ରିଲିଜ୍ ହୋଇଛି ଚଳଚିତ୍ର ସନାତନୀ। ସିନେମା ହଲଗୁଡ଼ିକରେ ଲୋକଙ୍କ ଭିଡ଼ ଜମିଥିଲା। ଦର୍ଶକଙ୍କ ମତ ନେବାରୁ ଜଣାପଡ଼ିଛି ଯେ, ଏହି ଚଳଚିତ୍ରକୁ ସମସ୍ତ ହିନ୍ଦୁ ଭାଇଭଉଣୀମାନେ ଦେଖିବା ଉଚିତ୍। ଆଜି ବଜରଙ୍ଗ ଦଳର ଅନେକ ସଦସ୍ୟ ବାରିପଦା ରକ୍ସି ସିନେମା ହଲରେ ଚଳଚ୍ଚିତ୍ର ସନାତନୀକୁ ଦେଖି ଖୁସି ବ୍ୟକ୍ତ କରିଥିଲେ। ସେମାନଙ୍କ କହିବା ଅନୁଯାୟୀ ଏହି ଚଳଚ୍ଚିତ୍ରରେ କିପରି ନିରୀହ ଆଦିବାସୀ ଲୋକଙ୍କୁ ଧର୍ମାନ୍ତରୀକରଣ ଓ ସେମାନଙ୍କୁ ବିଭିନ୍ନ ଆଳ ଦେଖାଇ ଅନ୍ୟ ଧର୍ମକୁ ପରିବର୍ତ୍ତନ କରାଯାଉଛି ତାହା ଦର୍ଶାଯାଇଛି। ବହୁ ବାଦବିବାଦ ପରେ ଶେଷରେ ସିନେମାଟି ମୁକ୍ତିଲାଭ ପରେ ବାରିପଦା ର ରକ୍ସି ସିନେମା ହୋଲ ରେ ଆଜି ଦର୍ଶକଙ୍କ ମନ ଜୟ କରିଛି । ଏହି ସିନେମା ଧର୍ମ ନାଁରେ ବେପାର ଓ ଧର୍ମାନ୍ତୀକରଣ ଉପରେ ପ୍ରଭାବ ପକାଇବ । ଅନେକଙ୍କ ଆଖି ଓ ମୁଖା ଖୋଲିବ । ତେଣୁ ହଲ୍ ? ଆସି ସିନେମା



ଦେଖିବା ସହ ମତାମତ ରଖିବାକୁ ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ ବିଜେପି ନେତା କବିବିଷ୍ଣୁ ଶତପଥୀ, ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସହ ସମ୍ପାଦକ ମୋହନ ଗିରି, ପ୍ରଚାରପ୍ରସାର ପ୍ରମୁଖଙ୍କ ତରଫରୁ ଦର୍ଶକଙ୍କୁ ନିବେଦନ କରାଯାଇଛି ସିନେମାଟିକୁ ଉପଭୋଗ କରିବାକୁ। ସେହିଭଳି ଦୀପକ ପାଣିଗ୍ରାହୀ ପୂର୍ବତନ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଆଚାର୍ଯ୍ୟ, ପ୍ରବୀର ଭଞ୍ଜଦେଓ, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ବିଶ୍ୱଜିତ ରଣା ତଥା କଳ୍ପ ରାୟବାବୁ, ଦେବାଶିଷ ଦାସ, ଅମିତ ନାୟକ, ସପନ ଘୋଷ, ସଞ୍ଜୟ କୁମାର ରାମ, ବାସୁଦେବ ପଣ୍ଡା, ସାଧୁ ନୀଳାମ୍ବରଦିବାକର ତ୍ରିପାଠୀ, ବିଶ୍ୱକର୍ମା ଡାକୁଆ, ଦୀପକ ପାଣଗ୍ରାହୀ, ଶୁଭେନ୍ଦୁ ବେହେରା, ଶୁଭମ ତ୍ରିପାଠୀ, ହରି ପଣ୍ଡା, କାଳୀଚରଣ ମାରାଣ୍ଡି, ଦେବାଶିଷ ଦତ୍ତ, ବାସୁଦେବ ପଣ୍ଡା, କାହ୍ନୁ ଦାସ, ସୁରଜ୍ ବେଲ୍ତାଳ, ପ୍ରଶାନ୍ତ ନାୟକ, ନନୀ ଗୋପାଳ ଦାସ ଇତ୍ୟାଦିଙ୍କ ପ୍ରମୁଖଙ୍କ ଉପସ୍ଥିତିରେ ଭିଏଚପି ଓ ବଜରଙ୍ଗ ଦଳର ଶତାଧିକ କର୍ମୀ ଚଳଚିତ୍ର ଦେଖି ପତିକ୍ରିୟା ରଖିଥିଲେ।

# ପୂର୍ବତନ ଉପନଗରପାଳ ହୃଦାନନ୍ଦ ମହାରଣାଙ୍କ ପରଲୋକ



ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ନଗରପାଳ ହୃଦାନନ୍ଦ ମହାରଣା (୫୭)ଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ହୃଦାନନ୍ଦ ବ୍ୟକ୍ତିଗତ କାର୍ଯ୍ୟରେ ଢେଙ୍କାନାଳ ଯାଇଥିବା ବେଳେ ମଧାହ୍ନ ସମୟରେ ତାଙ୍କର ହୃଦଘାତ ହୋଇଥିଲା। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରାହ୍ନରେ ତାଙ୍କ ମରଶରୀର ଭୁବନ ଏନ୍ଏସି ଅନ୍ତର୍ଗତ ୭ ନମ୍ବର ୱାର୍ଡ଼ ଗୁଜୁରୀହାଟ ସ୍ଥିତ ବାସଭବନରେ ପହଞ୍ଚିବା ପରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ପରେ ମରଶରୀରକୁ ସହର ପରିକ୍ରମା କରାଯାଇ ରଗଡ଼ି ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ସ୍ୱର୍ଗତ ହୃଦାନନ୍ଦ ୨୦୦୨ ଓ ୨୦୦୭ ମସିହାରେ ବିଜୁ ଜନତା ଦଳ କାଉନସିଲର ଭାବେ ବିଜୟୀ ହେବା ସହ ୨୦୦୨ରେ ଉପ ନଗରପାଳ ହୋଇଥିଲେ। ୨୦୨୨ ପୌର ନିର୍ବାଚନ ସମୟରେ ସେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ଭୁବନ ଏନ୍ଏସି ରାଜନୀତିରେ ଚାଣକ୍ୟ ଭାବେ ପରିଚିତ ତଥା ଧୁରୀଣ ରାଜନୀତିଜ୍ଞ ହୃଦାନନ୍ଦଙ୍କ ଅକାଳ ବିୟୋଗ ସମଗ୍ର ଭୁବନରେ ଗଭୀର ଶୋକ ପ୍ରକାଶପାଇଛି।

# ନିମାପଡ଼ା ଏକଲବ୍ୟ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ ଦ୍ୱାରା ପରିଚାଳିତ ଐକଲବ୍ୟ ଶିକ୍ଷାକେନ୍ଦ୍ରର ସପ୍ତମ ବାର୍ଷିକ ଉତ୍ସବ ତଳଅଣିଆ ବେହେରା ସାହି ନିକଟସ୍ଥ ପ୍ରଶାସନିକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଶନିବାର ଅପରାହ୍ନ ସମୟରେ ଆୟୋଜିତ କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ନିମାପଡ଼ା ବିଜ୍ଞାପିତ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାଶ, ଡଃ ପ୍ରଭାତ କୁମାର ତ୍ରୀପାଠୀ, ଶିକ୍ଷାବିତ୍ ଜୋସ୍ନାରାଣୀ ବସ୍ତିଆ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଗଗନବିହାରୀ ଦାଶ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି, ଏକଲବ୍ୟ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଲିଙ୍ଗରାଜ ପ୍ରଧାନ ଯୋଗଦେଇ ଏକଲବ୍ୟ ଶିକ୍ଷାନୁଷ୍ଠାନ ବିଷୟରେ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ସଂଗୀତା ମହାରଣା, ଶିକ୍ଷୟିତ୍ରୀ ଏକଲବ୍ୟ ଶିକ୍ଷାକେନ୍ଦ୍ରଙ୍କୁ ସୃଜନଶୀଳ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟ ତିନିଜଣ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମଧୁସ୍ମିତା ଜେନା ଶ୍ରଦ୍ଧାଞ୍ଜଳୀ ମିଶ୍ର, ଗାୟତ୍ରୀ ସେନାପତି, ମଞ୍ଜୁଲତା ମହାନ୍ତି, ଅଭିପ୍ସା ସେନାପତି ପରିଚାଳନା କରିଥିଲେ।

# ଜଙ୍ଗଲରୁ ଦୁଇ ନିଖୋଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ହତ୍ୟା ନା ଆତ୍ମହତ୍ୟା ସନ୍ଦେହ**

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଦୁଇ ନିଖୋଜ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ମୃତ ଛାତ୍ରୀ ଦୁଇଜଣ ହେଲେ ମାଲକାନାଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି ୭୨ଗ୍ରାମର ତିମିର ହାଲଦାରଙ୍କ କନ୍ୟା ଜ୍ୟୋତି ହାଲଦାର (୧୨) ଓ ଏମଭି ୧୨୬ ଗ୍ରାମର ୱାଗା ସୋଡିଙ୍କ କନ୍ୟା ମନ୍ଦିରା ସୋଡି (୧୩) ବୋଲି ଜଣାପଡିଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ଆତ୍ମହତ୍ୟା କି ହତ୍ୟା ସନ୍ଦେହ ଘେରରେ ରହିଛି। ସୂଚନା ଅନୁସାରେ, ଜ୍ୟୋତି ହାଲଦାର ଓ ମନ୍ଦିରା ସୋଡି ଗୁରୁବାର ବିଦ୍ୟାଳୟକୁ ଆସି ଆଉ ଘରକୁ ଫେରି ନଥିଲେ। ପରିବାର ପକ୍ଷରୁ ଏମଭି ୭୯ ଥାନାରେ ଦୁଇ ଛାତ୍ରୀଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ କରିଥିଲେ। ନିଭୋଗ ଅଭିଯୋଗ ପାଇ ପୋଲିସ ତଦନ୍ତ ଜାରି ରଖିଥିଲା। ଶନିବାର ସକାଳେ ବିଦ୍ୟାଳୟ ଠାରୁ ପ୍ରାୟ ୩ କିଲୋମିଟର ଦୂର ବିଲିଗୁଡା ଗ୍ରାମ ନିକଟ ଜଙ୍ଗଲ ମଧରେ ଏକ ଆମ୍ବ ଗଛରେ ଦୁଇଜଣ ଛାତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଗ୍ରାମର କିଛି ମହିଳା ଦେଖିଥିଲେ। ପରେ ଏ ସମ୍ବନ୍ଧରେ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ମାଲକାନଗିରି ଏସଡିପିଓ ସଚିନ ପାଟିଲଙ୍କ ସହ ଏମଭି ୭୯ ଥାନା ଅଧିକାରୀ ଏବଂ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କୋରାପୁଟ ଠାରୁ ସାଇଣ୍ଟିଫିକ ଟିମ ଆସିଲା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦେଇଛନ୍ତି ଏସଡିପିଓ ପାଟିଲ। ଏମଭି - ୭୨ ଗ୍ରାମର ସ୍ଥାନୀୟ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ। ଗତକାଲି ଅପରାହ୍ନ ୪ ଟା ପରେ ବିଦ୍ୟାଳୟରୁ ବହାରି ଘରକୁ ନ ଯାଇ ଏପରି ଘଟଣା ଘଟାଇ ଥିବା ଜଣାପଡ଼ିଛି।

# ପବନଦୀପ ଓ ଅରୁଣିତାଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଗତ ଶୁକ୍ରବାର ଦିନ ଆଡମ୍ବର ସହକାରେ ଉଦଘାଟିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି ସମାରୋହରେ ମହାବିଦ୍ୟାଳୟ ଓ ଆଲୁମୁନି ଆସୋସିଏସନ ଦ୍ୱାରା ବିଭିନ୍ନ ସାଂସ୍କୃତିକ ଓ ସଙ୍ଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉଦଘାଟନୀ ସନ୍ଧ୍ୟାରେ ବଲିଉଡ ତଥା ଇଣ୍ଡିଆନ ଅଇଡ଼ଲର ତାରକା କଣ୍ଠଶିଳ୍ପୀ ପବନଦୀପ ଓ ଅରୁଣିତାଙ୍କ ସୁମଧୁର ସଂଗୀତରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ତାଳ ମିଳାଇ ଗୀତ ଗାଇବା ସହ ଉତ୍ସାହ ସହ ନୃତ୍ୟ କରିଥିଲେ। ବହୁଳ ପରିମାଣରେ ଏଥିରେ ଛାତ୍ରଛାତ୍ରୀ, କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ପ୍ରାକ୍ତନ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଭରପୁର ମନଭରି ଉପଭୋଗ କରିଥିଲେ। ଏତଦ୍‌ବ୍ୟତୀତ ଦିନସାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଅନ୍ୟ ଦୁଇଦିନ ସାଂସ୍କୃତିକ ସଭା କାର୍ଯ୍ୟକ୍ରମ ସହିତ ସନ୍ଧ୍ୟାରେ ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ରହିଛି। ଏହିସବୁ କାର୍ଯ୍ୟକ୍ରମଗୁଡିକୁ ପାରାଦୀପ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଆଲୁମିନି ଆସୋସିଏସନର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପ୍ରଧାପକ ଅକ୍ଷୟ ମିଶ୍ର ଓ ଗଣେଶ୍ୱର ପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଆଲୁମିନି ଆସୋସିଏସନର ସମସ୍ତ କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ।

# ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଜନ୍ମଜୟନ୍ତୀ ପାଳିତ

ତାଳଚେର, (ଭାସ୍କର ନ୍ୟୁଜ୍): ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା, ଆଜନ୍ମ ବିପ୍ଳବୀ ତଥା ପୂର୍ବତନ ଉପମୁଖ୍ୟ ମନ୍ତ୍ରୀ ଜନନେତା ପବିତ୍ର ମୋହନ ପ୍ରଧାନଙ୍କ ଶନିବାର ୧୧୮ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ତାଳଚେର ପବିତ୍ର ମୋହନ ପ୍ରଧାନ ସ୍ମୃତି କମିଟି ପକ୍ଷରୁ ଆବାହକ ତପନ ମହାରଣାଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୁତିଆ ଯୋଗଦେଇ ତାଳଚେର ପବିତ୍ର ମୋହନ ଛକ ସ୍ଥିତ ପବିତ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପବିତ୍ର ମୋହନଙ୍କ ନୀତି ଆଦର୍ଶ ସମ୍ପର୍କରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଅନୁଗୁଳ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ ଯୋଗଦେଇ ତାଳଚେରର ବରପୁତ୍ର ପବିତ୍ର ପ୍ରଧାନଙ୍କ ଜୀବନୀ, ଆଦର୍ଶ ସମ୍ପର୍କରେ ଉପସ୍ଥିତ ପବିତ୍ର ପ୍ରେମୀମାନଙ୍କୁ ସୂଚନା ଦେଇଥିଲେ। ସେହିପରି ପ୍ରଶାସନିକ ଅଧିକାରୀ ତାଳଚେର ଡେପୁଟି କଲେକ୍ଟର ବିକାଶ ରଞ୍ଜନ ଶବର ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ନମ୍ବର ୱାର୍ଡ ଆସିଫ ଖାଁ, ଯଶୋବନ୍ତ ମିଶ୍ର, ମମତା ରାଉତ, ସଂଜୀବ ଗଡ଼ନାୟକ, ସବିତା ପାଲ, ବଲବିନ୍ଦର କୌର ଅମ୍ବିକା ବେହେରା, ଶ୍ରମିକ ନେତା ବାବୁନି ସ୍ୱାଇଁ, ସ୍ମୃତି କମିଟି ସଭାପତି ଜିତେନ୍ଦ୍ର ମହାପାତ୍ର, ଅକ୍ଷୟ ମହାନ୍ତି ସ୍ମୃତି କମିଟି ସମ୍ପାଦକ ଶିତିକାନ୍ତ ବାରିକ, ଜଗନ୍ନାଥ ସେବକ ପ୍ରଫୁଲ୍ଲ ଦାସ, ଆମ ପ୍ରତିଭା ଆମ ପରିଚୟ ଓ ଆଗେଇବା ପରିବାର ପକ୍ଷରୁ ବରିଷ୍ଠ ସାମ୍ବାଦିକ ପ୍ରକାଶ ସାହୁ, ଯୁବ ନେତା ରଜୀବ ରାଉତ, ପ୍ରମୁଖଙ୍କ ସମେତ ବହୁ ବିଭିନ୍ନବର୍ଗର ପବିତ୍ର ପ୍ରେମୀ ମହିଳା ସ୍ୱେଚ୍ଛାସେବୀମାନେ ଯୋଗଦେଇ ବୀରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଳଚେର ପୌର ପ୍ରଶାସନ ପକ୍ଷରୁ ବଡ଼ବାବୁ ଚିତ୍ତରଞ୍ଜନ ସାହୁଙ୍କ ନେତୃତ୍ୱରେ ପ୍ରତିମୂର୍ତ୍ତିକୁ ସଫାସୁତରା କରି ଆୟୋଜନର ବ୍ୟବସ୍ଥା କରାଯାଇଥିଲା।



# ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ରରେ ମହର୍ଷି ଅଗସ୍ତ୍ୟଙ୍କ ସମ୍ପର୍କରେ ଆଲୋଚନାଚକ୍ର




ଭୁବନେଶ୍ୱରଳ, (ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ତାମିଲ ସଙ୍ଗମର ଆନୁଷଙ୍ଗିକ କାର୍ଯ୍ୟକ୍ରମ ଭାବରେ ଭାରତବର୍ଷର ସଂଯୋଗକାରୀ ମହର୍ଷି ଅଗସ୍ତ୍ୟଙ୍କ ଜୀବନୀ ଓ ଅବଦାନ ସଂପର୍କରେ ଏକ ଆଲୋଚନାଚକ୍ର ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ବକ୍ତା ଭାବରେ ଯୋଗଦେଇ ପ୍ରଫେସର ଗୋପାଳକୃଷ୍ଣ ଦାଶ ଋଗ୍‌ବେଦର ମନ୍ତ୍ରଦ୍ରଷ୍ଟା ଋଷି ଭାବରେ ଅଗସ୍ତ୍ୟଙ୍କ ମହତ୍ତ୍ୱ ପ୍ରତିପାଦନ କରି ସେ କିପରି ଦକ୍ଷିଣ ଓ ଉତ୍ତର ଭାରତ ମଧ୍ୟରେ ସଂଯୋଗ ସ୍ଥାପନ କରିପାରିଥିଲେ ତାହା ଆଲୋଚନା କରିଥିଲେ। ମହର୍ଷି ଅଗସ୍ତ୍ୟ ଓ ତାଙ୍କ ସହଧର୍ମିଣୀ ଲୋପାମୁଦ୍ରାଙ୍କ ବିଷୟରେ ବର୍ଣ୍ଣନା କରି ଭାରତବର୍ଷର ଭୌଗୋଳିକ ଓ ରାଜନୈତିକ ସମନ୍ୱୟ ସାଧନରେ ସେମାନଙ୍କର ଅବଦାନ ବିଷୟରେ ବ୍ୟାଖ୍ୟା କରିଥିଲେ। ସମ୍ମାନିତ ବକ୍ତା ଭାବରେ ଯୋଗଦାନ କରି ଡ. ନିର୍ମଳସୁନ୍ଦର ମିଶ୍ର ବେଦ, ପୁରାଣ ଓ ଶାସ୍ତ୍ରରେ ମହର୍ଷି ଅଗସ୍ତ୍ୟଙ୍କର ବିଭିନ୍ନ ଉଲ୍ଲେଖ ଦର୍ଶାଇ ଅନାଲୋଚିତ ହୋଇ ରହିଥିବା ଏହି ପ୍ରାଚୀନ ମନ୍ତ୍ରଦ୍ରଷ୍ଟା ଋଷିଙ୍କର ପୁନଃଆବିଷ୍କାର ପ୍ରୟୋଜନ ବୋଲି ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଡ. ପଦ୍ମଲୋଚନ ପଧାନ ବେଦ, ପଦ୍ମପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରଭୃତି ଗ୍ରନ୍ଥରୁ ମହର୍ଷି ଅଗସ୍ତ୍ୟଙ୍କ କଥା ବର୍ଣ୍ଣନାକରି ଅଗସ୍ତ୍ୟ ସଂହିତାରେ ସେ କିପରି ବିଦ୍ୟୁତ୍ ଉତ୍ପାଦନ ବିଷୟରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ତାହା ଆଲୋଚନା କରିଥିଲେ। ଏଥିରେ ଅଧକ୍ଷତା କରି ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ମହର୍ଷି ଅଗସ୍ତ୍ୟ ଏକ ବା ଏକାଧିକ ହୁଅନ୍ତୁ, ସେ ଯେ ଭାରତୀୟ ସାଂସ୍କୃତିକ ପରମ୍ପରାର ପ୍ରତିଭୂ ଏକଥା ସ୍ମରଣ ରଖିବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଥମରୁ ସମସ୍ତଙ୍କୁ ସ୍ୱାଗତ ଜଣାଇ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଆର୍ଯ୍ୟ, ଦ୍ରାବିଡ଼ଙ୍କ ମିଳନର ସୂତ୍ରପାତ ମଧ୍ୟରେ ମହର୍ଷି ଅଗସ୍ତ୍ୟଙ୍କ ଦ୍ୱାରା ସମଗ୍ର ଭାରତବର୍ଷର ଐକ୍ୟ ସ୍ଥାପନର ପରମ୍ପରାକୁ ପୁନରୁଦ୍ଧାର କରିବା ପାଇଁ ବାରଣାସୀଠାରେ ଆରମ୍ଭ ହୋଇଥିବା ତାମିଲ ସଙ୍ଗମର ଯଥାର୍ଥତା ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭିକ ସ୍ତୁତି ଗାନ କରିଥିଲେ ଡ. ହିମାଦ୍ରି ତନୟା ମିଶ୍ର ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ଅମ୍ବରୀଶ ଶତପଥୀ। ଏଥିରେ ଯୋଗଦାନ କରିଥିଲେ ଡ. ବିଜୟ କୁମାର, ଡ. ମାୟାଧର ସ୍ୱାଇଁ, ଡ. ମୃଦୁଳା ମିଶ୍ର, ଡ. କୃଷ୍ଣମୋହନ ଦାଶ, ଡ. ରୁଦ୍ର ନାରାୟଣ ମହାପାତ୍ର, ଡ. ଭୀମସେନ ବେହେରା, ଡ. ପୀତାମ୍ବର ବେହେରା, ଡ. ଅଶୋକ ରଥ, ଡ. ଝରଣାରାଣୀ ତ୍ରିପାଠୀ, ଡ. ସରୋଜିନୀ ପାଣି, ଡ. ମନସା ଶ୍ରୀଚନ୍ଦନ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ, ଡ. ଜ୍ୟୋତିପ୍ରଭା ମହାନ୍ତି ଓ ରୂପଶ୍ରୀ ଧର।

# ଦିନଦ୍ୱିପ୍ରହରରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାଅଞ୍ଚଳ ଦିନକୁ ଦିନ ଅପରାଧୀଙ୍କ ଭୂସ୍ୱର୍ଗ ପାଲଟିଛି। କେତେବେଳେ କେଉଁ ମନ୍ଦିରରୁ ଲୁଟ କଲେଣି କେତେବେଳେ ଘରେ ପଶି ଲୁଟପାଟ କରୁଥିବା ବେଳେ ଆଖି ପିଛୁଳାରେ ବାଇକି ଧରି ଛୁ ମାରୁଛନ୍ତି। ଏହାକୁ ନେଇ ଥାନାରେ ଅଭିଯୋଗ ଫର୍ଦ୍ଦ ବଢ଼ିବାରେ ଲାଗିଛି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି ଶତ, କିନ୍ତୁ ଅପରାଧୀଙ୍କ ଟେର ପାଉନି। ଏଯାବତ ପୋଲିସ ଲୁଟେରାକୁ ଧରିବାରେ ବିଫଳ ହେବା ଘଟଣା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହିଭଳି ଏକ ଘଟଣା ଘଟିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବାଘମରା ନିକଟରେ। ତିନି ଜଣ ଯୁବକ ବାଇକିରେ ଆସି ରୁଦ୍ରପ୍ରସାଦ ସେନାପତିଙ୍କୁ ରାସ୍ତାରେ ଅଟକାଇଥିଲେ। ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପକେଟରେ ହାତ ପୁରାଇଥିଲେ। କିଛି ନ ପାଇବାରୁ ବେକରେ ଥିବା ୨୦ ଗ୍ରାମର ସୁନାଚେନ ନେବାବେଳେ ରୁଦ୍ରପ୍ରସାଦ ବିରୋଧ କରିବାରୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇ ଥିଲେ। ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଏଡ଼ବାଂଶ ଗ୍ରାମର ରୁଦ୍ରପ୍ରସାଦ ସେନାପତି ନିଜ ପୁଅର ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେବା ପାଇଁ ଶନିବାର ଅପରାହ୍ନ ୪ଘଟିକା ସମୟରେ ଯାଉଥିବା ବେଳେ ଦୁର୍ବୃତ୍ତ ଅଟକାଇ ଏଭଳି ଲୁଟ କରିଥିଲେ। ଆକ୍ରମଣରେ ରୁଦ୍ରଙ୍କ ବେକ ଓ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଏ ନେଇ ରୁଦ୍ର ପ୍ରସାଦ ସେନାପତି ଅସ୍ତରଙ୍ଗ ଥାନାରେ ଶନିବାର ସନ୍ଧ୍ୟାରେ ଲିଖିତ ଅଭିଯୋଗ ଦେଇଛନ୍ତି। ସ୍ଥାନୀୟଲୋକଙ୍କ କହିବା ମୁତାବକ, ଅସ୍ତରଙ୍ଗ ଅଞ୍ଚଳରେ ନିଶା ବେପାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଯୁବଗୋଷ୍ଠୀର ଯୁବକମାନେ ନିଶା କବଳରେ ପଡ଼ି ବିଭିନ୍ନ ଅସାମାଜିକ କାର୍ଯ୍ୟ କରୁଛନ୍ତି। ତେବେ ଲୁଟେରା ମାନେ ଏପରି ବାରମ୍ବାର ମହିଳା ଓ ଯୁବକଙ୍କୁ ଟାର୍ଗେଟ କରୁଥିବା ବେଳେ ଚିନ୍ତାରେ ପୋଲିସ।



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ସଦର ବ୍ଲକର ବିଭିନ୍ନ ଗ୍ରାମରେ ବନ ବିଭାଗ ତରଫରୁ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବନ ବିଭାଗ ଅଧିକାରୀ ଓ ଗାଁ ଲୋକେ ଉପସ୍ଥିତ ରହିଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କିପରି କରାଯାଇପାରିବ ଗାଁ ଗାଁରେ ଲୋକଙ୍କୁ ସଚେତନତା କରାଇବା ପାଇଁ ବନପାଳ ଅକ୍ଷୟ କୁମାର ମହାନ୍ତି ଗାଁ ଲୋକଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଝାରବେଲଦା, ଭାଲୁଘର, ଆମ୍ବୁଆପଶି, କେନ୍ଦୁଆ, ମହାଦେବପୁର, କେରି, ଯାମୁନାଳିଆର ଗ୍ରାମବାସୀ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍କୁଲ ଛାତ୍ରଛାତ୍ରୀ, ଗଜ ସାଥୀ, ବନ ସୁରକ୍ଷା ସମିତି ଓ ସରପଞ୍ଚ, ସମିତି ସଭ୍ୟ, ମେମ୍ବରମାନେ ଉପସ୍ଥିତ ରହିଥିଲେ। ଦିନକୁ ଦିନ ଜଙ୍ଗଲ ଧ୍ୱଂସ ହେଉଥିବା ଓ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଯୋଗୁଁ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି ଏଣୁ ଜଙ୍ଗଲର ଜୀବଜନ୍ତୁ ଗାଁ ଆଡେ ମାଡ଼ି ଆସୁଅଛନ୍ତି। ଏଥିପାଇଁ ଗାଁ ଲୋକେ ସଚେତନ ହେବା ଦରକାର ବୋଲି ବନରକ୍ଷୀ ସରୋଜ କୁମାର ପାତ୍ର କହିଛନ୍ତି। ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା ଜଳବାୟୁର ଅଭାବ ଅନଟନ ରହିବ ନାହିଁ ଏଣୁ ଆଜି ଦିନ ଠାରୁ ଜଙ୍ଗଲର ଯତ୍ନ ନେବା ଓ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା ଲୋକମାନଙ୍କୁ କହି ସଚେତନତା କରାଇଥିଲେ।

# ଜଳଧାରା ପ୍ରକଳ୍ପକୁ ଉଦ୍‌ଘାଟନ କଲେ ବିଧାୟକ ଓ ଜିଲ୍ଲାପାଳ



କୋରାପୁଟ (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ତଥା କୋଟିଆ ପଞ୍ଚାୟତର ଟାଉପଦର ଗ୍ରାମର ଜଳଛାୟା ପ୍ରକଳ୍ପ କାର୍ଯାଳୟ ପକ୍ଷରୁ ଆୟୋଜିତ ଜଳଧାରା ପ୍ରକଳ୍ପ କାର୍ଯ୍ୟକ୍ରମକୁ ବିଧାୟକ ରାମଚନ୍ଦ୍ର କାଡାମ ଓ ଜିଲ୍ଲାପାଳି ଭି କିର୍ତି ଭାସନ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାରଙ୍କ ଠାରୁ ଅନୁମୋଦନ ହୋଇ ଆସିଥିବା ଜଳଧାରା ପ୍ରକଳ୍ପକୁ ଯଥାଶୀଘ୍ର ଉଦ୍‌ଘାଟନ କରି ଲୋକଙ୍କ କାର୍ଯ୍ୟରେ ଲଗାଇବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗ୍ରାମରେ ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ କରାଯାଇଥିଲା। ପ୍ରକଳ୍ପର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନେଇ ଉଭୟ ବିଧାୟକ ଏବଂ ଜିଲ୍ଲାପାଳ ଗ୍ରାମବାସୀଙ୍କୁ ବୁଝାଇଥିଲେ। ପଥୁରିଆ ସ୍ଥାନ ବା ଜମିରେ ଚାଷୀଙ୍କ ପାଇଁ କିପରି ଫାରମଫଣ୍ଡ ତିଆରି ହୋଇପାରିବା ଲକ୍ଷ୍ୟ ରଖି ରାଜ୍ୟ ସରକାର ୬ଜିଲ୍ଲାରେ ୩ ମଡେଲ ଫାରମଫଣ୍ଡ ନିର୍ମାଣ ଆରମ୍ଭ କରିବା ନିଷ୍ପତି ନିଆଯାଇଥିବା କହିଥିଲେ। ଟାଉପଦର ଗ୍ରାମର ହିତାଧିକାରୀ ମାଲକା ପାଙ୍ଗିଙ୍କ ଜମିରେ ଆନୁଷ୍ଠାନିକ ଭାବେ ବିଧାୟକ ଓ ଜିଲ୍ଲାପାଳ ନଡିଆ ମାରି ଉଦ୍‌ଘାଟନ କରିଥିଲେ। ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଏବଂ ବିଭାଗର ଡାଇରେକ୍ଟର ଟେକ୍ନିକାଲ ସୁବେନ୍ଦୁ କୁମାର ଦାସ, ପିଡି ଶିବଶଙ୍କର ଜେଟି ଓ ଏଡିଏସ୍‌ସି ସୁମନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସାରି ବିଧାୟକ ଏବଂ ଜିଲ୍ଲାପାଳ ବାରାବନ୍ଧ ଗ୍ରାମରେ କେତେକ ଚାଷୀଙ୍କ ଷ୍ଟ୍ରବେରୀ କ୍ଷେତକୁ ପରିଦର୍ଶନ କରିଥିଲେ। ଚାଷୀଙ୍କ ସହ ଷ୍ଟବେରୀ ଚାଷ ପାଇଁ ସରକାରୀସ୍ତରରେ ସହଯୋଗ ରହିବା ନେଇ ଆଲୋଚନା କରିଥିଲେ। ଜିଲ୍ଲାପାଳ ଦେଓମାଳି ଗସ୍ତ କରି ଏହାର ବିକାଶ କାର୍ଯ୍ୟ ତଦାରଖ କରି ତ୍ୱରାନ୍ୱିତ କରିବା ନେଇ ବିଡିଓ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। କୋଟିଆ ଆଶ୍ରମ ବିଦ୍ୟାଳୟରେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇଥିଲେ।

## ସାନ୍ଦିପନୀ ବିଦ୍ୟାନିକେତନର ପ୍ରବେଶ ଉତ୍ସବ

ଚିକିଟି(ଭାସ୍କର ନ୍ୟୁଜ୍ ): ଏହି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ସାନ୍ଦୀପନି ବିଦ୍ୟାନିକେତନର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରବେଶ ଉତ୍ସବରେ ୨୯ରୁ ଊର୍ଦ୍ଧ୍ୱ ନୂତନଭାବେ ଯୋଗ ଦେଇଥିଲେ। ଶିଶୁମାନଙ୍କୁ ନେଇ ନୂଆପଡା ଗ୍ରାମର ଶେଷ ମୁଣ୍ଡରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର ଓ ଜଗନ୍ନାଥ ମନ୍ଦିର ଯାଇ ପୂଜାର୍ଚ୍ଚନା କରି ବିଦ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ ଏବଂ ବିଦ୍ୟାଳୟର ସହସ୍ରାଧିକ ଛାତ୍ରଛାତ୍ରୀ ନୂତନ ଶିଶୁମାନଙ୍କୁ ସ୍ୱାଗତ ଜଣାଇ ପ୍ରବେଶ କରିଥିଲେ। ଏହି ଅବସର ଉପଲକ୍ଷେ ସାନ୍ଦୀପନି ବିଦ୍ୟା ନିକେତନ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ଅନୁଷ୍ଠାନର ପ୍ରଧାନଚାର୍ଯ୍ୟ ବିବେକାନନ୍ଦ ପଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ସମ୍ପାଦକ ତଥା ନୂଆପଡା ସମିତିସଭ୍ୟ ସିମାଞ୍ଚଳ, ସଭାପତି ନାଗଭୂଷଣ ପ୍ରମୁଖ ଯୋଗଦେଇ ନୂତନ ଶିଶୁମାନଙ୍କର ଶିକ୍ଷାର କିପରି ଅଗ୍ରଗତି ଘଟିବ ସେ ଉପରେ ଆଲୋଚନା କରିବା ସହିତ ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆଦର୍ଶ ଗୁରୁମା ରଶ୍ମିରେଖା ପଣ୍ଡା, ବରିଷ୍ଠ ଗୁରୁମା ସସ୍ମିତା ଜେନା, ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଅଜିତ କୁମାର ପଣ୍ଡା, ଉମାକାନ୍ତ ପାତ୍ର, ରଞ୍ଜନ ବାଡ଼ତ୍ୟା, ସନ୍ତୋଷ ବେହେରା, ଗୁରୁମା ପ୍ରମିତା ପ୍ରଧାନ, ଦିବାନି ପ୍ରଧାନ, କିଶୋରୀ ପ୍ରଧାନ, ସଂଯୁକ୍ତା ପ୍ରଧାନ, ରଶ୍ମିତା କୁଣ୍ଡ, ପୂଜା ଆଚାରୀ, ଲିପ୍ସା ସାହୁ, ପ୍ରଭାତୀ ପ୍ରଧାନ ସୁନିତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଏକଲବ୍ୟ ଆବାସିକ ବିଦ୍ୟାଳୟର ସ୍ଥାନ ପରିବର୍ତ୍ତନକୁ ନେଇ ଅସନ୍ତୋଷ

ମାଲକାନାଗିରି (ଭାସ୍କର ନ୍ୟୁଜ୍ ): ମାଲକାନଗିରି ଜିଲ୍ଲା ପଡ଼ିଆ ସଦର ବ୍ଲକରେ ଏକଲବ୍ୟ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ସକାଶେ ଚିହ୍ନଟ ହୋଇଥିବା ସ୍ଥାନ ପରିବର୍ତ୍ତନ କଥାକୁ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କେନ୍ଦ୍ରୀୟ ଟିମ୍‌ର ଅନୁଧ୍ୟାନ ପରେ ସ୍ଥାନ ପରିବର୍ତ୍ତନ କଥାକୁ ଅଞ୍ଚଳବାସୀ ସହଜେ ଗ୍ରହଣ କରିପାରୁ ନାହାନ୍ତି। ଆଜି ମୋଟୁମଗୁଡା ଖେଳ ପଡିଆରେ ଶତାଧିକ ଅଞ୍ଚଳବାସୀ ଏକାଠି ହୋଇ ପ୍ରଶାସନକୁ ସ୍ଥାନ ପରିବର୍ତ୍ତନ ନକରିବାକୁ ସତର୍କ କରାଇଛନ୍ତି। ସ୍ଥାନ ପରିବର୍ତ୍ତନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଞ୍ଚଳବାସୀଙ୍କ କହିବା ପ୍ରକାରେ ପଡ଼ିଆ ଠାରୁ ପ୍ରାୟ ଦେଢ କିମି ଦୂରରେ ସିଲାକୋଟ ମୁଖ୍ୟରାସ୍ତା ପାର୍ଶ୍ୱରେ ଏକଲବ୍ୟ ଆବାସିକ ବିଦ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା। ଏଥିପାଇଁ ରାଜସ୍ୱ ନିରୀକ୍ଷକଙ୍କ ସହଯୋଗରେ ପ୍ରାୟ ୧୫ ଏକର ଜମି ଚିହ୍ନଟ ହୋଇଥିଲା। ସେଠାରେ ବିଦ୍ୟାଳୟ ନିର୍ମାଣ ହେଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ଅଞ୍ଚଳବାସୀ ଖୁସି ପ୍ରକଟ କରିଥିଲେ। ଏବେ ହଠାତ୍ ଉକ୍ତ ସ୍ଥାନକୁ ଉଚିତ ନଥିବା ଦର୍ଶାଇ ଅନ୍ୟତ୍ର ସ୍ଥାନାନ୍ତରଣ କରାଯିବା କାରଣ କ'ଣ ବୋଲି ପ୍ରଶ୍ନ କରାଯାଇଛି। ଆଜିର ଏହି ମେଳିରେ ବ୍ଲକ ଅଧକ୍ଷା ଯମୁନା ମୁଷାଜୀ, ସାଂସଦ ପ୍ରତିନିଧି ପି.ଭେଙ୍କେଟେଶ୍ୱର ରାଓଙ୍କ ସମେତ ବିଭିନ୍ନ ଅଞ୍ଚଳର ତୃଣମୂଳ ପ୍ରତିନିଧି, ଦଳୀୟ କର୍ମୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ । ସେମାନଙ୍କ କହିବା କଥା ହେଲା, ସଦର ଠାରେ ବିଦ୍ୟାଳୟର କୋଠା ନିର୍ମାଣ ହେଲେ ସମସ୍ତ ପଞ୍ଚାୟତର ପିଲାଙ୍କ ଯତାୟତ ପାଇଁ ସହଜ ହୋଇପାରିବ। କର୍ମଚାରୀଙ୍କ ଥଇଥାନ, ଯାତାୟାତ ସମେତ ପ୍ରଶାସନିକ ପ୍ରକ୍ରିୟା ମଧ୍ୟ ବ୍ଲକ ମୁଖ୍ୟାଳୟରୁ ସହଜରେ ହୋଇପାରିବ। ଆଗାମୀଦିନରେ ଜିଲ୍ଲାପାଳଙ୍କୁ ଭେଟି ଘଟଣା ବାବଦରେ ଲିଖିତ ଅଭିଯୋଗ କରାଯିବ ବୋଲି ବ୍ଲକ୍ ଅଧକ୍ଷା କହିଛନ୍ତି। ପୂର୍ବରୁ ଚିହ୍ନଟ ସ୍ଥାନରେ କିମ୍ବା ଆବଶ୍ୟକ ସ୍ଥଳେ ସଦର ଅଞ୍ଚଳରେ ଥିବା ଅନ୍ୟ ସରକାରୀ ସ୍ଥାନରେ ନିର୍ମାଣ କରାଯାଉ ବୋଲି ପୂର୍ବତନ ବ୍ଲକ ଅଧକ୍ଷ ଦେବା ମାଡକାମୀ, ସମାଜସେବୀ ଏନ୍. ରାଘବ ରାଓ, କାଗମ ବାଲାୟା, ନାକା ନୁକାଲ ରାଜୁ, ସନ୍ନ୍ୟାସୀ ରାଓ, ଅଶୋକ ପାଲ, ସୁବାସ ଭୌମିକ, ଚିନାମ୍ ଏଙ୍ଗଲାୟା, ସତ୍ୟନାରାୟଣ ମାଝୀଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ମୋଟୁ ତହସିଲଦାରଙ୍କୁ ପଚାରିବାରୁ ସ୍କୁଲ ନିର୍ମାଣ ଲାଗି ୧୨ ଏକରରୁ ଅଧିକ ଜାଗା ଆବଶ୍ୟକ। ସମସ୍ତଙ୍କ ସହମତି କ୍ରମେ ପଡିଆ ବ୍ଲକର କୌଣସି ସ୍ଥାନରେ କରାଯିବ ବୋଲି କହିଛନ୍ତି।

# ଶବରୀ ବିଦ୍ୟା ଭବନରେ ବିଦାୟକାଳୀନ ଉତ୍ସବ ପାଳିତ



ମାଲକାନଗିରି (ଭାସ୍କର ନ୍ୟୁଜ୍ ): ମାଲକାନାଗିରି ଜିଲ୍ଲା ଏମ ଭି ୭୯ ଶବରୀ ବିଦ୍ୟା ଭବନରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକମାନେ ଏବଂ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏଥିରେ ପ୍ରଧାନଶିକ୍ଷକ ପ୍ରଶାନ୍ତ ନାୟକଙ୍କ ସମେତ ବିଭୂତି ଭୂଷଣ ସେଠୀ, ପ୍ରଭାତ ମଣ୍ଡଳ, ହିମାଂଶୁ ମଣ୍ଡଳ, ଦୀପକ ମେହେର, ସତ୍ୟବ୍ରତ ବାରିକ, ସମ୍ପତ କୁମାର ଲେଙ୍କା, ଶର୍ମିଳା ଢାଲି, କବିତା ସରକାର, ଅମିତା ପ୍ରଧାନ, ସାଇ କୁମାର ଏ ମଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ନବମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା ଓ ସମାରୋହରେ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ସେମାନଙ୍କ ଆଦ୍ୟ ଶ୍ରେଣୀରୁ ଆଜି ପର୍ଯ୍ୟନ୍ତର ଯାତ୍ରା, ସ୍କୁଲ ପ୍ରତି ଥିବା ଭଲପାଇବା, ଏବଂ ଆଗାମୀ ଶିକ୍ଷାର ଯାଏଁ ଯିବା ଉପରେ ଅନୁଭୂତି ଆଦି ଉପରେ ଆଲୋଚନା କରିଥିଲେ।

# ଦୁଇଦିନ ହେଲା ବିଏସଏନଏଲ ସେବା ଠପ୍



ମାଲକାନାଗିରି (ଭାସ୍କର ନ୍ୟୁଜ୍ ): ମାଲକାନଗିରି ଜିଲ୍ଲା ବାଲିମେଳା ଏନ୍‌ଏସି ଓ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ଅଞ୍ଚଳରେ ଗତଦୁଇ ଦିନ ପୂର୍ବରୁ ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟା ଠାରୁ ଆଜି ଦିନ ୧ ଘଟିକା ପର୍ଯ୍ୟନ୍ତ ପ୍ରାୟ ୪୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ସେବା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ଯାହାଫଳରେ ଅଞ୍ଚଳରେ ବସବାସ କରୁଥିବା ହଜାର ହଜାର ଉପଭୋକ୍ତା ମୋବାଇଲ ସେବାରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଏସ୍‌ଏନ୍‌ଏଲ୍ ବିଭାଗର ଜେଟିଓ ରାମକ୍ରୀଷ୍ଣା ରାଓଙ୍କୁ ପଚାରିବାରୁ ସେ କହିଲେ ଯେ, ବାଲିମେଳା -ଗୋବିନ୍ଦପାଲ୍ଲୀ ମଝିରେ କୌଣସି କାରଣରୁ କେବୁଲ ସର୍ଟ ହୋଇଥିବା କାରଣରୁ ନେଟୱାର୍କ ବନ୍ଦ ରହିଛି। ବିଭାଗ ପକ୍ଷରୁ ଏହାକୁ ତୁରନ୍ତ ମରାମତି କରାଯାଉଛି ବୋଲି କହିଥିଲେ। ୟାରି ମଧ୍ୟରେ ଗତକାଲି ରାତିରେ କିଛି ସମୟ ପାଇଁ ନେଟୱାର୍କ ଆସୁଥିବା ବେଳେ ପୁଣି ଏପର୍ଯ୍ୟନ୍ତ ବନ୍ଦହୋଇ ରହିଥିବା ଜଣାପଡ଼ିଛି । ଏ ନେଇ ଅଞ୍ଚଳରେ ବିଭିନ୍ନ ପ୍ରକାରର କାର୍ଯ୍ୟ ଠପ୍ ହୋଇ ରହିଥିବା ବେଳେ ଶୀଘ୍ର ମରାମତି ନିମନ୍ତେ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ୨୪କେଜି ଗଞ୍ଜେଇ ଜବତ ୩ ଗିରଫ

କୋରାପୁଟ(ଭାସ୍କର ନ୍ୟୁଜ୍ ): କୋରାପୁଟ ଅବକାରୀ ବିଭାଗ ପକ୍ଷରୁ ମ୍ୟୁନିସିପାଲଟି ଅଞ୍ଚଳର ସୁନାପୁର ଓ ଡାଙ୍ଗଦେଉଳା ଅଞ୍ଚଳରେ ଚଢାଉ କରାଯାଇ ୨୬କେଜି ଗଞ୍ଜେଇ ଜବତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ବିହାରର ସନ୍ତୋଷ ପ୍ରସାଦ, ଗୁଜୁରାଟର ରାଜେଶ କାହ୍ନୁ ଭାଇ ଓ ଦୀପକ ଦୀନେଶ ଭାଇ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ସୁଧୀର କୁମାର ସାହୁ କହିଛନ୍ତି। ଚଢାଉରେ କୋରାପୁଟ ଅବକାରୀ ନିରୀକ୍ଷକ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସାମିଲ ଥିଲେ।

# ମାଟ୍ରିକ୍‌ରେ ପରୀକ୍ଷା ଦେବେ ୧୬ହଜାର ୪୫୦ ଛାତ୍ରଛାତ୍ରୀ

କୋରାପୁଟ (ଭାସ୍କର ନ୍ୟୁଜ) ଫେବ୍ରୁଆରି ୨୧ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ପରୀକ୍ଷାକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି। କୋରାପୁଟ ଜିଲ୍ଲାର ୨୭୪ଟି ହାଇସ୍କୁଲ, ଗୋଟିଏ ମଧ୍ୟମା ଓ ୧୨ଟି ମୁକ୍ତ ବିଦ୍ୟାଳୟର ୧୬ହଜାର ୪୫୦ ଛାତ୍ରଛାତ୍ରୀ ୭୮ଟି କେନ୍ଦ୍ରରେ ପରୀକ୍ଷା ଦେବେ। ପ୍ରଶ୍ନପତ୍ର ପରିଚାଳନା ପାଇଁ ୧୪ବ୍ଲକ, ୪ଟି ପୌରାଞ୍ଚଳରେ ୧୦ଟି ନୋଡାଲ କେନ୍ଦ୍ର କରାଯାଇଛି। ୧୬୦୬୧ ଛାତ୍ରଛାତ୍ରୀ ରେଗୁଲାର ପରୀକ୍ଷା ଦେବା ପାଇଁ ଫର୍ମ ଫିଲଅପ୍ କରିଛନ୍ତି। ସେହିପରି ଏକ୍ସ ରେଗୁଲାରରେ ୭୬, ପତ୍ର ବିନିମୟରେ ୨୭୫, ମୁକ୍ତ ବିଦ୍ୟାଳୟରେ ୨୭୫ ଓ ମଧ୍ୟମାରେ ୧୪ ଫର୍ମ ଫିଲଅପ୍ କରିଛନ୍ତି । ସରକାରୀ ହାଇସ୍କୁଲରେ ୪୦ଟି, ସେବାଶ୍ରମ ହାଇସ୍କୁଲରେ ୨୧ଟି, ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲରେ ୧୩ଟି, ଅଣ ଅନୁଦାନ ପ୍ରାପ୍ତ ହାଇସ୍କୁଲ ୪ଟି ଏଭଳି ୭୮ଟି କେନ୍ଦ୍ର କରାଯାଇଛି। ଜୟପୁର ବ୍ଲକ ଓ ପୌରାଞ୍ଚଳରେ ସର୍ବାଧିକ ୧୧ଟି, କୋରାପୁଟ ବ୍ଲକ ଓ ପୌରାଚଂଳରେ ୧୦ଟି ବୋରିଗୁମ୍ମାରେ ୮ଟି , ବୈପାରିଗୁଡା, କୋଟପାଡ, କୁନ୍ଦୁରା, ସେମିଳିଗୁଡାରେ ୬ଟି ଲେଖାଏଁ, ନନ୍ଦପୁର ଓ ପଟାଙ୍ଗିରେ ୫ଟି ଲେଖାଏଁ, ଦଶମନ୍ତପୁର ଓ ଲକ୍ଷ୍ମୀପୁରରେ ୪ଟି ଲେଖାଏଁ, ଲମତାପୁଟରେ ୩ଟି, ବନ୍ଧୁଗାଁ ଓ ନାରାୟଣପାଟଣା ୨ଟି ଲେଖାଏଁ ପରୀକ୍ଷା କେନ୍ଦ୍ର କରାଯାଇଛି। ପ୍ରଶ୍ନପତ୍ର ପାଇଁ ହୋଇଥିବା ୧୦ଟି ନୋଡାଲ କେନ୍ଦ୍ର ହୋଇଥିବା ବେଳେ ନୋଡାଲ କେନ୍ଦ୍ରରୁ ପ୍ରଶ୍ନପତ୍ର ବିତରଣ ପାଇଁ ୨୩ଟି ଟିମ୍ ଗଠନ କରାଯାଇଛି। ଲକ୍ଷ୍ମୀପୁର ସାଙ୍ଗନା ହାଇସ୍କୁଲ ନୋଡାଲ କେନ୍ଦ୍ରକୁ ୮ଟି ପରୀକ୍ଷା କେନ୍ଦ୍ର ଟ୍ୟାଗ୍ କରାଯାଇଛି। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ କୋରାପୁଟରୁ ୧୫ଟି ପରୀକ୍ଷା କେନ୍ଦ୍ର, ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ସହ ୨୩ଟି ପରୀକ୍ଷା କେନ୍ଦ୍ର, ସରକାରୀ ହାଇସ୍କୁଲ ବୋରିଗୁମ୍ମାକୁ ୮ଟି ପରୀକ୍ଷା କେନ୍ଦ୍ର, କୋଟପାଡ ସରକାରୀ ହାଇସ୍କୁଲରୁ ୬ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଯିବ। ପରୀକ୍ଷା କେନ୍ଦ୍ରରୁ ଏକ କମିଟି ମଧ୍ୟରେ ୧୬ଟି ହାଇସ୍କୁଲ, ୨ରୁ ୫କିମି ମଧ୍ୟରେ ୮୪ଟି, ୬ରୁ ୧୦କିମି ମଧ୍ୟରେ ୧୪୭ଟି, ୧୧ରୁ ୧୫କିମି ମଧ୍ୟରେ ୨୩ଟି, ୧୬ରୁ ୨୦କିମି ମଧ୍ୟରେ ୪ଟି ହାଇସ୍କୁଲ ରହିଛି। କେନ୍ଦ୍ରରେ ଗୋଟିଏ ରୁମରେ ୧୫୦ ପରୀକ୍ଷାର୍ଥୀ ଦେବେ। ପାନୀୟ ଜଳ, ବିଦ୍ୟୁତ ଆଲୁଅ ସହ ଶୌଚାଳୟ ବ୍ୟବସ୍ଥା କେନ୍ଦ୍ର ପକ୍ଷରୁ ପୂର୍ବରୁ କରାଯିବ। ଗୋଟିଏ ସ୍କୁଲର ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥି ଗୋଟିଏ ପରୀକ୍ଷା କେନ୍ଦ୍ରରେ ହିଁ ପରୀକ୍ଷା ଦେବେ ଓ ପ୍ରଶ୍ନପତ୍ର ସାମନ ରହିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ମଧ୍ୟମା ସଂସ୍କୃତ ପରୀକ୍ଷାର୍ଥୀଙ୍କୁ ନୋଡାଲ କେନ୍ଦ୍ରରେ ପରୀକ୍ଷା କେନ୍ଦ୍ର ହେବ। ଦ୍ୱିତୀୟ ସିଟିଂରେ ଏହି ପିଲା ପରୀକ୍ଷା ଦେବେ। ସେହିପରି ପ୍ରାକ୍ଟିକାଲ ପରୀକ୍ଷା ୫କିମି ମଧ୍ୟରେ କରାଯିବ। ଆବଶ୍ୟକସ୍ଥଳେ ୧୦କିମି ଦୂରକୁ ବଢିବ ବୋଲି ସୂଚନା ମିଳିଛି।

# ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ନୂତନ ପିଟିଏ କମିଟି ଗଠିତ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ରାଙ୍କିସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ଗଠିତ ହୋଇଛି। ଆଜି ବିଦ୍ୟାଳୟ ପରିସରରେ ଅଭିଭାବକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ନୂତନ ପିଟିଏ କମିଟି ଗଠନ ହୋଇଛି। ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସିପାଲ ପିଟିଏ କମିଟିର ଅଧକ୍ଷ ସୁଶାନ୍ତ କୁମାର ସାହୁ ଥିବାବେଳେ ସମ୍ପାଦକ ଭାବେ ଅଭିଭାବକ ପକ୍ଷରୁ ଦେବରାଜ ଆଚାର୍ଯ୍ୟ, ଉପ ସଭାନେତ୍ରୀ ଭାବେ ରଶ୍ମିନ ସାହୁ, ଇସି ମେମ୍ବର ଭାବେ ରଞ୍ଜନ କୁମାର ସେଠୀ, ନିରଞ୍ଜନ ବେହୁରା, ବିଜୟ ପ୍ରଧାନ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଶିକ୍ଷକ ସୁବ୍ରତ କୁମାର ବେହେରା, ଶିକ୍ଷକ ଘନଶ୍ୟାମ ଭୋଇ ଶିକ୍ଷକ ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ଅଧକ୍ଷଙ୍କ ପ୍ରସ୍ତାବ କ୍ରମେ ନୂତନ ସାଧାରଣ ସଭା ମଧ ଅନୁଷ୍ଠିତ ହୋଇଛି। ଅଭିଭାବକଙ୍କ ଉପସ୍ଥିତିରେ ଅନୁଷ୍ଠିତ ସଭାରେ ପ୍ରତ୍ୟେକ ଶ୍ରେଣୀ ର ଉଭୟ ଏ ଓ ବି ବିଭାଗ ପାଇଁ ଜଣେ ଜଣେ ପୁରୁଷ ଓ ମହିଳା ଅଭିଭାବକଙ୍କୁ ପ୍ରତିନିଧି ଭାବେ ଚୟନ କରାଯାଇ ସାଧାରଣ ସଭା ଗଠନ ହୋଇଛି। ନୂତନ ଭାବେ ଗଠିତ ହୋଇଥିବା ଇ.ସି(କାର୍ଯ୍ୟକାରୀ କମିଟି) ଓ ସାଧାରଣ ସଭା ଆଗାମି ଦିନରେ ବିଦ୍ୟାଳୟର ସମସ୍ୟା ଦୂର କରିବା ସହ ଅଭିଭାବକମାନଙ୍କ ସମସ୍ୟା ଏବଂ ବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ପାଇଁ କାର୍ଯ୍ୟ କରିବ ବୋଲି ନବଗଠିତ ପିଟିଏ କମିଟିର ସମ୍ପାଦକ ଦେବରାଜ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ଗଣଧାରଣା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦୁଝର (ଭାସ୍କର ନ୍ୟୁଜ୍ ): ଏସ୍.ଏମ୍.ଇ ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀସଂଘ ଅଲ୍ ଓଡ଼ିଶା ନଳକୂପ ମିସ୍ତ୍ରୀ ଓ ପମ୍ପ ଚାଳକମାନଙ୍କୁ କୁଶଳୀ କାରିଗର ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀ ମାନ୍ୟତା ଆରଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ବ୍ଲକକୁ ଦରମା ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ ପାନୀୟଜଳ ଯୋଗାଣ ଅତି ଆବଶ୍ୟକୀୟ ଓ ଗୁରୁତ୍ୱପୂର୍ଣ୍ଣ ବିଭାଗ। ନଳକୂପ ପ୍ରତି ଦରମା ୧୫ଟଙ୍କା ମାସିକ ପାରିଶ୍ରମିକ ୫୦୦, ୧୦୦୦, ୧୬୦୦, ୨୦୦୦ ଟଙ୍କା ବର୍ତ୍ତମାନ ୩୨୫୦ ଟଙ୍କା ଦିଆଯାଉଛି। ଚିଠି ନଂ ପିଆର୍ ଡିଡବ୍ଲୁୟୁଏସ୍‌ଏସ୍ (ଏଫଇ)ପିଜି ୦୦୦୨-୨୦୨୨ ନଂ-୪୧୧୭୨ ୨୨/୦୨/୨୦୨୪ ଭତ୍ତା ଦେବାରେ ଓଡ଼ିଶା ବିଗତ ରାଜ୍ୟ ସରକାର ବ୍ୟସ୍ତ ଥିଲେ। ସରକାରଙ୍କ ନଳକୂପ ମରାମତି କାରିଗର ଓ ପମ୍ପ ଚାଳକ ଭାବେ ଦୀର୍ଘ ୨୬ବର୍ଷ ଧରି ଦୈନିକ ୮ ଘଣ୍ଟାକୁ ୧୨ଘଣ୍ଟା ବସୁଧା ଯୋଜନାରେ ଜନସାଧାରଣ ମାନଙ୍କୁ କଠିନ ପରିଶ୍ରମ କରି ପାନୀୟଜଳ ଯୋଗାଇ ଆସୁଛନ୍ତି। ତେବେ କୁଶଳୀ କାରିଗର ମାନ୍ୟତା ତାଲିମ ଦେଇ ରାଜ୍ୟ ସରକାର ଦୈନିକ ୧୦୮ ଟଙ୍କା ୩୩ପଇସା ଦେଉଛନ୍ତି। ବର୍ତ୍ତମାନ ଦରମାକୁ ନେଇ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇ ପଡିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ବ୍ଲକ ମାଧ୍ୟମରେ କୁଶଳୀ କାରିଗର ଦରମା ପ୍ରଦାନ, ନଳକୂପ କାରିଗର ଓ ପମ୍ପ ଚାଳକମାନଙ୍କୁ ଜଳଜୀବନ ମିଶନ ମେଗା ପ୍ରକଳ୍ପ ଠାରେ ନିୟମିତ ନିଯୁକ୍ତି, ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗୀୟ ଖାଲିଥିବା ପଦବୀକୁ ନଳକୂପ କାରିଗର ଏବଂ ପମ୍ପ ଚାଳକମାନଙ୍କୁ ନିଯୁକ୍ତି ଆଦି ୧୦ଦଫା ଦାବି କରିଛନ୍ତି। ଏ ନେଇ ଏସ୍‌ଏମ୍‌ଇ ଓ ପମ୍ପ ପରିଚାଳକ ମହା ସଂଘର ନିର୍ଦ୍ଦେଶ କ୍ରମେ ଫେବୃଆରୀ ମାସ ୧୨ ତାରିଖ ଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଗଣଧାରଣାରେ ବସିବେ। କାର୍ଯ୍ୟବନ୍ଦ କରୁଥିବାରୁ ଜିଲ୍ଲାପାଳଙ୍କୁ ଲିଖିତ ଅବଗତ କରାଯାଇଛି। ଶୁକ୍ରବାର ଏସ୍.ଏମ୍.ଇ ପରିଚାଳକ ସଂଘର କେନ୍ଦୁଝର ଶାଖାର ନନ୍ଦ କିଶୋର ମହାନ୍ତ, ମୃରଳୀଧର ମହାନ୍ତ, ଭାଗିରଥି ମହାନ୍ତ, ଦୁର୍ଯ୍ୟୋଧନ ସର୍ଦ୍ଦାର, କମଳାକାନ୍ତ ଦେହୁରୀ, ଅଜିତ୍ କୁମାର ନାଏକ ପ୍ରମୁଖ ଏହି ଦାବିପତ୍ର ଦେଇଥିଲେ।

# ଆଲୋକ ନଗରରେ ବିଶ୍ୱଶାନ୍ତି ମହାଯଜ୍ଞ



ନିଆଳ(ଭାସ୍କର ନ୍ୟୁଜ୍ ): ନିଆଳି ଆଲୋକ ନଗର ସ୍ଥିତ ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିରରେ ଚତୁର୍ଥ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ବହୁ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଯଜ୍ଞ ୪ଦିନ ଧରି ଚାଲିଥିବା ବେଳେ ଶୁକ୍ରବାର ଦିନ ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞର ମୁଖ୍ୟ କର୍ତ୍ତା ଭାବେ ସୁବାଷ ମହାପାତ୍ର, ପତ୍ନୀ ପ୍ରଭାସିନୀ ମହାପାତ୍ର, କଲ୍ୟାଣୀ ସ୍ୱାଇଁ, ଜ୍ୟୋତି ରଞ୍ଜନ ସେନାପତି, ଅପରାଜିତା ସେନାପତି, ପ୍ରକାଶ ମିଶ୍ର, ସ୍ମିତା ମିଶ୍ର, ହିମାଂଶୁ ଶେଖର ଜେନା, ନିରୋତ୍ତମ ଜେନା କର୍ତ୍ତା ହୋଇଛନ୍ତି। ଆଲୋକ ନଗର ଉନ୍ନୟନ ପରିଷଦର ସଭାପତି ଗଗନ ବିହାରୀ ସ୍ୱାଇଁ, ସମ୍ପାଦକ ସତ୍ୟ ଭୂଷଣ ମହାପାତ୍ର କାର୍ଯ୍ୟ ପରିଚାଳନା କରିଥିବାବେଳେ ଚାରିଦିନ ଧରି ଚାଲିଥିବା ଏହି ଯଜ୍ଞରେ ପ୍ରଭାତ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଶୁକ୍ରବାର ଦିନ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଚାଲିଥିବା ବେଳେ ଆଲୋକ ନଗରବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଆଲୋକ ନଗର ଧରଣୀଧର ନାୟକ ଶିଶିର ନାୟକ, ଦ୍ୱାରିକା ନାଥ ସାହୁ, ଦିଲୀପ ମହାନ୍ତି, ସ୍ମୃତି ରଞ୍ଜନ ସ୍ୱାଇଁଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଚାରିଦିନ ବ୍ୟାପି ଚାଲିଥିବା ଯଜ୍ଞ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଶୀର୍ବଚନ ସମାରୋହ




ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ନେଇ ଆଶୀର୍ବଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଜୟ କୁମାର ବିଶ୍ୱାଳ, ରାଷ୍ଟ୍ରୀୟ ସ୍ୱୟଂ ସେବା ସଂଘର ବ୍ୟବସ୍ଥା ପ୍ରମୁଖ ଲଖନପୁର ଖଣ୍ଡ ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବେ ଲଖନପୁର ଖୋଲା ମୁହଁ କୋଇଲା ଖଣିର ପର୍ସନାଲ ମ୍ୟାନେଜର ଆସ୍ତିକ ପ୍ରସାଦ ସାହୁ, ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋବିନ୍ଦ ସିଂହ, ଉପ ସଭାପତି ଜୟନ୍ତ ବାରିକ, ସମ୍ପାଦକ ସାହେବ ରାଓ, ଯୁଗ୍ମ ସମ୍ପାଦକ ବିଜୟ କୁମାର ସାହୁ ଉପସ୍ଥିତ ଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ଅତିଥି ପରିଚୟ ଦେବା ସଙ୍ଗେ ସଙ୍ଗେ ସମସ୍ତ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଶୁଭ କାମନା ଦେବା ସହିତ ନିଜ ଚରିତ୍ର କିପରି ଗଠନ କରିବେ ସେ ବିଷୟରେ ତାଙ୍କ ଉପଦେଶ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବସନ୍ତ ମହାପାତ୍ର ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କର ବାର୍ଷିକ ବିବରଣୀ ଦେଇଥିଲେ। ବିଦ୍ୟାଳୟର କିଶୋର ଭଇଁସାଲ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଓ ସମାଜରେ କିପରି ଆଗେଇବେ ସେ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ବରିଷ୍ଠ ଗୁରୁମା ପୁଷ୍ପା ଜସ୍ୱାଲ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକାମାନେ ବିଶେଷ ଭାବରେ ସହଯୋଗ କରିଥିଲେ।

# ମୃତଦେହ ଫେରାଇ ଆଣିବା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସମ୍ପର୍କୀୟ



କେନ୍ଦୁଝର (ଭାସ୍କର ନ୍ୟୁଜ୍ ): ଶ୍ରମିକ ହୋଇ ଯାଇଥିଲେ ଶବ ପାଲଟି ଗଲେ। ମୃତଦେହ ଆଣିବାକୁ ଘର ଲୋକେ ଅସମର୍ଥ। ମୃତଦେହ ଆଣି ଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କଲେ ପରିବାର ଲୋକେ। ଏମିତି ଏକ ହୃଦୟ ବିଦାରକ ଘଟଣା ଦେଖିବା ମିଳିଛି କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ବାଂଶପାଳ ବ୍ଲକର ତଳବାରୁଡା ଗାଁରେ। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ବାଂଶପାଳ ବ୍ଲକ ଅନ୍ତର୍ଗତ ତଳବାରୁଡା ଗାଁର କାହ୍ନୁଚରଣ ପାତ୍ରଙ୍କ ତିନି ପୁଅ ଓ ଦୁଇଝିଅ । କାହ୍ନୁଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ସେ ଜଣେ ଗରିବ ଶ୍ରେଣୀର ଲୋକ ସହ ରୋଗୀଣା ହୋଇଥିବାରୁ କାମଧନ୍ଦା କରିପାରନ୍ତି ନାହିଁ। ତେଣୁ ପଇସା ରୋଜଗାର କରି ଘର ଚଳାଇବା ପାଇଁ ତାଙ୍କ ତିନିପୁଅ ବାହାର ରାଜ୍ୟରେ ଯାଇ ଶ୍ରମିକ ଭାବରେ କାମ କରୁଛନ୍ତି। ବଡ଼ପୁଅ ସରତ କେରଳରେ, ମଝିଆ ପୁଅ ଗଙ୍ଗାଧର ଆନ୍ଧ୍ରରେ ଓ ସାନ ପୁଅ ଦିଲୁ ପାତ୍ର ବାଙ୍ଗାଲୋରରେ କାମ କରୁଛନ୍ତି। ସାନପୁଅ ଦିଲୁ ବାଙ୍ଗାଲୋରର ତୁମକୁରଠାରେ ବିଗ୍ ବାସ୍କେଟ ଡିସି ଫୋର ନାମକ ଏକ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବରେ କାର୍ଯ୍ୟ କରୁଥିଲେ। ହେଲେ ଦୁର୍ଭାଗ୍ୟ ବଶତଃ ଗୁରୁବାର ଦିନ ରାତିରେ ତାଙ୍କର ଏକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ବର୍ତ୍ତମାନ ଦିଲୁଙ୍କ ଘରେ କେବଳ ରୋଗୀଣା ବୃଦ୍ଧ ବାପା-ମା'ଙ୍କ ଛଡ଼ା ଆଉ କେହି ନାହାନ୍ତି। ସେପଟେ ପୁଅର ମୃତଦେହ ଆଣିବାକୁ ସେମାନଙ୍କ ପାଖରେ ପଇସା ମଧ୍ୟ ନାହିଁ। ତେଣୁ ଶୁକ୍ରବାର ତାଙ୍କର ଜଣେ ସମ୍ପର୍କୀୟ ଭାଇ ଜିଲ୍ଲାପାଳଙ୍କ ନିକଟକୁ ଆସି ତାଙ୍କ ଭାଇର ମୃତଦେହ ଆଣିଦେବାକୁ ଗୁହାରୀ କରିଛନ୍ତି। ଜିଲ୍ଲାପାଳ ମଧ୍ୟ ତୁରନ୍ତ ମୃତଦେହ ଅଣିବାର ବ୍ୟବସ୍ଥା କରିବାକୁ ଶ୍ରମ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମ ଆୟୁକ୍ତ ମଧ୍ୟ ମୃତଦେହ ଆଣିବାର ବ୍ୟବସ୍ଥା କରାଯାଉଥିବା କହିଛନ୍ତି।



ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ ଗାରିଡି କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଡୁମାଡଙ୍ଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡୁମାଡଙ୍ଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଦୁର୍ଗା ପିୟୁପି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଙ୍କା ପାଢ଼ୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉପସ୍ଥିତ ଥିବା ସଭାପତିଙ୍କ ସମେତ ମୁଖ୍ୟ ଓ ସମ୍ମାନିତ ଅତିଥିମାନେ ନିପୁଣ ଓଡ଼ିଶା ମେଳାର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ନିପୁଣ ଓଡ଼ିଶା ମେଳାରେ ମୌଳିକ ସାକ୍ଷରତା, ମୌଳିକ ସଂଖ୍ୟା ଜ୍ଞାନ ଓ ସୃଜନଶୀଳତା ଭଳି ଥିବା ବିଭିନ୍ନ ଷ୍ଟଲ ମାଧ୍ୟମରେ ୧୫ଟି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ତିଆରି ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଏହା ମାଧ୍ୟମରେ ବିଶେଷ କରି ପ୍ରଥମରୁ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମୂଳଦୁଆ ସୁଦୃଢ଼ ହେବା, ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇବା ସହ ଆନନ୍ଦ ଦାୟକ ପରିବେଶ ମଧ୍ୟରେ ଶିକ୍ଷାଦାନ କରାଯାଇ ପାରିବ। କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରି ଅତି ସୁନ୍ଦର ଭାବରେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍କୁଲର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ମଧ୍ୟ ଉପସ୍ଥିତ ରହିଥିଲେ।

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଫୁଁ, ବେଧଡ଼କ ଚାଲିଛି ଇଟାଭାଟି



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ଚାଲିଛି ବେଧଡ଼କ ଇଟା ଭାଟି। ଧୂଆଁରେ ପରିବେଷ ପ୍ରଦୂଷଣ ହେଉଛି। ଗତ କିଛି ବର୍ଷ ହେଲା ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ଅହେତୁକ ବୃଦ୍ଧି ପାଉଛି। ଗ୍ରୀଷ୍ମ ଆରମ୍ଭରୁ ହିଁ ଗରମ ଏବଂ ଗୁଳୁଗୁଳିରେ ଜନଜୀବନକୁ ଅସ୍ତବ୍ୟସ୍ତ ହୋଇଯାଉଛି। ଇଟାଭାଟି ଯୋଗୁ ମୃର୍ତ୍ତିକା କ୍ଷୟ ହେବାରେ ମଧ୍ୟ ଲାଗିଛି। ବିଭିନ୍ନ ପଞ୍ଚାୟତରେ ବେଆଇନ ଭାବେ ଶତାଧିକ ଇଟାଭାଟି ଚାଲିଛି। ସେଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଛନ୍ତି। ତଥାପି ଏ ଦିଗରେ ପଦକ୍ଷେପ ନିଆଯାଉନି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଏହାର ଉପକଣ୍ଠରେ ଶତାଧିକ ଇଟାଭାଟି ରହିଛି। ବିଶେଷ କରି ଅସ୍ତରଙ୍ଗ ତହସିଲ୍ ଅଧୀନ ଅସ୍ତରଙ୍ଗ, ମାଳଦା ଛକ, ନଗର, ଆଳସାହି, ବାଲିଡିଆ, ଡେରୁଣିଆ, କୁଣ୍ଡେଶ୍ୱର, ଶିଶୁଆ, ସରିପୁର, ତାଳଦା, ନୂଆଗଡ, ଝାଡ଼ଲିଙ୍ଗ, ପାଟଳଦା, ମାଣ୍ଡୁକି, ଛୁରିଆନା ଆଦି ଗାଁ ନିକଟରେ ମାଳମାଳ ବେଆଇନ ଇଟାଭାଟି ଚାଲିଛି। ଶତାଧିକ ବେଆଇନ ଇଟାଭାଟି ଯୋଗୁ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଇଟାଭାଟି ଥିବା ଅଞ୍ଚଳରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଲାଣି। ସରକାରୀ ନିୟମ ଅନୁଯାୟୀ ଜମିର ମାତ୍ର ଏକ ଫୁଟ ତଳକୁ ଖୋଳିବା ପାଇଁ ଜମି ମାଲିକଙ୍କ ଅଧିକାର ରହିଛି। କିନ୍ତୁ ଏଠାରେ ତାହାର ତୀବ୍ର ବ୍ୟତିକ୍ରମ ଦେଖାଦେଇଛି। ମାଲିକମାନେ ରାଜସ୍ୱ ବିଭାଗରୁ ଅନୁମତି ନନେଇ ମନଇଚ୍ଛା ଇଟାଭାଟି ତିଆରି କରୁଛନ୍ତି। ବିଭାଗୀୟ ଅଧିକାରୀ ଜାଣିଶୁଣି ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ଥିବା ଗୋଚର ଜମି, ସରକାରୀ ଜମି, ନଦୀ, ନାଳ ଓ ଜଳଉତ୍ସ ନିକଟରେ ଇଟାଭାଟି ଗଢ଼ିଉଠିଛି। ଜଳଉତ୍ସଠାରୁ ୭୫୦ ମିଟର, ଜନବସତି ଠାରୁ ହଜାରେ ମିଟର, ମୁଖ୍ୟପଥ ଠାରୁ ୫୦୦ ମିଟର ଦୂରରେ ଇଟାଭାଟି କରାଯିବାର ନିୟମ ରହିଛି। ଇଟାଭାଟିରେ ଚିମିନି ସ୍ଥାପନ କଲେ ଧୂଆଁ ଉପରକୁ ଛଡ଼ାଯିବ। ବିଡ଼ମ୍ବନାର ବିଷୟ କୌଣସି ଗୋଟିଏ ସ୍ଥାନରେ ମଧ୍ୟ ଏହି ନିୟମ ପାଳନ କରାଯାଉନଥିବା ଦେଖିବାକୁ ମିଳିଛି। ତଥାପି ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏହା ଦେଖି ଚୁପ୍ ରହୁଛନ୍ତି। କେହି ଅଭିଯୋଗ କଲେ ତହସିଲ୍ କର୍ମଚାରୀ ଲୋକ ଦେଖାଣିଆ ଚଢ଼ଉ କରି ଇଟାଭାଟି ସ୍ଥାନ ବୁଲି ପକେଟ ଗରମ କରି ଆସୁଛନ୍ତି। ଅନ୍ୟପକ୍ଷରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ଏ ଦିଗରେ ପଦକ୍ଷେପ ନେଉନାହାନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷ ମଧ୍ୟ ନିଦାବିଷ୍ଣୁ ସାଜିଛନ୍ତି। ଏହାର ଫାଇଦା ନେଉଛନ୍ତି ମାଫିଆ। ସ୍ୱଳ୍ପ ମଜୁରିରେ ଲୋକଙ୍କୁ ଖଟାଉଛନ୍ତି। ବେଆଇନ ଭାବେ ଇଟାଭାଟି କରି ମାଲାମାଲ ହେଉଛନ୍ତି। ରାଜସ୍ୱ ଓ ପ୍ରଦୂଷଣ ବିଭାଗର କୋହଳ ମନୋଭାବ ଯୋଗୁ ଏଭଳି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀଙ୍କୁ ପଚାରିବାରୁ କହିଛନ୍ତି, ବେଆଇନ ଇଟାଭାଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାୟିତ୍ୱ ରାଜସ୍ୱ ବିଭାଗର। ବିଭାଗ ପକ୍ଷରୁ କେବଳ ପ୍ରଦୂଷଣ ମାତ୍ରା ଯାଞ୍ଚ କରାଯାଏ। ଶତାଧିକ ବେଆଇନ ଇଟାଭାଟି ଗଢ଼ିଉଠିଥିବାରୁ ଅନେକ ସମୟରେ ଯାଞ୍ଚ କରିବା ମଧ୍ୟ ସମ୍ଭବ ହେଉନି। ତେବେ ପରିବେଶ ଏହାଦ୍ୱାରା ପ୍ରଦୂଷିତ ମାତ୍ରା ବଢ଼ିଥିବା ସେ ସ୍ୱୀକାର କରିଛନ୍ତି। ତେବେ କେବେ ରାଜସ୍ୱ ବିଭାଗର ନଜର ପଡୁଛି ତାହା ହିଁ ଅପେକ୍ଷା।

# ରେଢୁଆରେ ବିଜେପିର ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଅଧିନ ରେଢୁଆ ମେଡିକାଲ ପଡିଆ ପରିଷରରେ ଜଇପୁର ବିଜେପି ମଣ୍ଡଳର ପକ୍ଷରୁ ଶନିବାର ଜିଲ୍ଲା ଉପସଭାପତି ସତ୍ୟବ୍ରତ ପଣ୍ଡାଙ୍କ ସଭାପତିତ୍ୟରେ ଏକ ସମ୍ବର୍ଦ୍ଧନା ଓ ମିଶ୍ରଣ ସଭା ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଯୋଗଦେଇ ବିଜେପି କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ ଦେବା ସହିତ ସଂଗଠନନ କୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନୂତନ ଜିଲ୍ଲା ସଭାପତି ପ୍ରତାପ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ଓମ ପ୍ରକାଶ ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ତିର୍ତ୍ତୋଲ ବିଧାନସଭା ପ୍ରାର୍ଥୀ ରାଜ କିଶୋର ବେହେରା,ପୂର୍ବତନ ଜିଲ୍ଲା ସମ୍ପାଦକ ପ୍ରକାଶ କୁମାର ଦଳାଇ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ଦାଶ,ବିଜେପି ନେତା ମାନସ ଦାସ, ଜଇପୁର ମଣ୍ଡଳ ସଭାପତି ବନୋଜ ନାୟକ,ଜଇପୁର ମଣ୍ଡଳ ନିର୍ବାଚନ ଅଧିକାରୀ ସରୋଜ କାନ୍ତ ସ୍ୱାଇଁ, ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠୀ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବିଜେପି କିପରି ଅନ୍ୟ ଦଳମାନଙ୍କ ଠାରୁ ରଘୁନାଥପୁର ବ୍ଲକ ତଥା ଜିଲ୍ଲାରେ ଆଗୁଆ ହେବ ଓ ଲୋକ ମାନଙ୍କ ପାଇଁ କାର୍ଯ୍ୟକରିବ ଭାଷଣ ପ୍ରସଙ୍ଗରେ ମତରଖିଥିଲେ। ଏହି କାର୍ଯ୍ୟକ୍ରମରେ ନବନିର୍ବାଚିତ ଜିଲ୍ଲା ସଭାପତିଙ୍କୁ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବାସହ ମଞ୍ଚାସୀନ ସମସ୍ତ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ୩୬ ଜଣ ବୁଥ ସଭାପତି, ରଘୁନାଥପୁର ମଣ୍ଡଳ ସଭାପତି ସ୍ୱରାଜ ସାମଲ ଙ୍କୁ ମଧ୍ୟ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା। ରଘୁନାଥପୁର ବ୍ଲକର ବିଭିନ୍ନ ପଞ୍ଚାୟତର ମାନଙ୍କରୁ ଆସିଥିବା ବିଜେଡି କର୍ମୀ ରାକେଶ ମହାପାତ୍ର, ଜଗନ୍ନାଥ ବାରିକ, ପ୍ରଦିପ୍ତ କୁମାର ବାରିକ, ରଞ୍ଜନ ପଣ୍ଡା, ଇଂ ଝରଣା ଦାସ, ସୁଶିଲ ସାମଲ ସମେତ ୨୫ ଜଣ କର୍ମୀ ମାନଙ୍କୁ ମଞ୍ଚରେ ଅତିଥିମାନେ ସ୍ୱାଗତ ସମ୍ବର୍ଦ୍ଧନା କରି ବିଜେପିରେ ମିଶ୍ରଣ କରାଇଥିଲେ। ଏଥିରେ ଅତିଥି ପରିଚୟ କରିଥିଲେ ବିଜେପି ନେତା ପ୍ରଭଞ୍ଜନ ମଲ୍ଲିକ। ଧନ୍ୟ ବାଦ ଦେଇଥିଲେ ରେଢୁଆ ପଞ୍ଚାୟତର ପ୍ରମୁଖ ଗଣେଷ ବେହେରା।ଏହି କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ ପ୍ରଭାତ ପଣ୍ଡା, ଅଶୋକ ନାୟକ, ବଳରାମ ଦଳାଇ, ବିଶ୍ୱନାଥ ମଲ୍ଲିକ, ସ୍ମୃତିରଞ୍ଜନ ନାୟକ, ସୁମାଂସୁ ଜେନା, ସୁଦର୍ଶନ ସ୍ୱାଇଁଙ୍କ ପ୍ରମୁଖ। ଏଥିରେ ୧୦ଗୋଟି ପଞ୍ଚାୟତର ବିଜେପି ପଞ୍ଚାୟତ ପ୍ରମୁଖ, ଛାମୁଆ ନେତା,ସମସ୍ତ ମଣ୍ଡଳର ମହିଳା ଓ ପୁରୁଷ କର୍ମୀମାନେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଥିଲେ।

# ପବିତ୍ର ମୋହନ ହାଇସ୍କୁଲର ପ୍ରତିଷ୍ଠାତାଙ୍କ ୧୧୮ତମ ଜୟନ୍ତୀ ଓ ବାର୍ଷିକୋତ୍ସବ ପାଳିତ

କଣିହାଁ (ଭାସ୍କର ନ୍ୟୁଜ୍): ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, କଣିହାଁ ଠାରେ ବିଦ୍ୟାଳୟର ପ୍ରତିଷ୍ଠାତା ପବିତ୍ର ମୋହନ ପ୍ରଧାନଙ୍କର ୧୧୮ତମ ଜୟନ୍ତୀ ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଦ୍ଧି ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏନଟିପିସିର ମୁଖ୍ୟ ଅଶୋକ ସେହେଗଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନେ ବିବେକାନନ୍ଦ ଓ ପବିତ୍ର ମୋହନ ପ୍ରଧାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପଦେଶ ଦେଇଥିଲେ। ଜିନ୍ଦଲ ଡେରାଙ୍ଗର ଉପସଭାପତି ସୁରେଶ ବଂଶଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କଣିହାଁ କୋଇଲା କ୍ଷେତ୍ରର ପ୍ରବନ୍ଧକ ଲେଖକ ଦିନେଶ କୁମାର ମାଲି ମୁଖ୍ୟବକ୍ତା ଭାବରେ ଯୋଗଦେଇ ପବିତ୍ର ମୋହନ ପ୍ରଧାନଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ତଥା ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଅବସରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ ଅନ୍ୟତମ ଅତିଥିଭାବେ ଯୋଗଦେଇ ସେ ସମୟର ସ୍କୁଲ ଓ ବର୍ତ୍ତମାନର ସ୍କୁଲକୁ ଦେଖି ଆନନ୍ଦ ପ୍ରକାଶ କରିଥିଲେ। ଏସ୍ଏମ୍ସି ଓ ଆଲୁମିନ ବିଦ୍ୟାଳୟର ଉନ୍ନତି କଳ୍ପେ ବହୁତ ସମୟ ଦେଉଥିବା ଜାଣି ଖୁସିବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ରାଜକିଶୋର ସାହୁ ଛାତ୍ରଛାତ୍ରୀମାନଙ୍କୁ କଲାମଙ୍କ ପରି ଉଚ୍ଚ ସ୍ୱପ୍ନ ଦେଖିବାକୁ ନିବେଦନ କରିଥିଲେ। ସରପଞ୍ଚ ରଂଜିତା ବେହେରା ଓ ଏସଏମସି ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ ବିଦ୍ୟାଳୟର ଉନ୍ନତି କଳ୍ପେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ।



## ଚାଷୀଙ୍କୁ ସମବାୟ ସମିତି ସମ୍ପାଦକଙ୍କ ଦୁର୍ବ୍ୟହାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରଘୁନାଥପୁର ଶାଖା ଅଧିନରେ ଥିବା ପ୍ରହରାଜପୁର ସମବାୟ ସମିତିର ସମ୍ପାଦକ ସେହି ଗ୍ରାମର ଅକ୍ଷୟ କୁମାର ସିଂହ ନାମକ ଜଣେ ଚାଷୀଙ୍କୁ ଦୁର୍ବ୍ୟହାର କରିଥିବା ନେଇ ଚାଷୀ ଜଣକ ଜଗତସିଂହପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ପ୍ରତିବର୍ଷ ସେ ପ୍ରହରାଜପୁର ସମବାୟ ସମିତିରେ ଚାଲୁଥିବା ଧାନମଣ୍ଡିରେ ଧାନ ଦେଇଥାନ୍ତି। ଚଳିତ ବର୍ଷମଧ ମଣ୍ଡିରେ ଧାନ ଦେବା ପାଇଁ ଆବେଦନ କରିଥିଲେ। ମାତ୍ର ସମ୍ପାଦକ ଅନ୍ୟଚାଷୀମାନଙ୍କ ଠାରୁ ଲାଞ୍ଚ ନେଇ ସେମାନଙ୍କୁ ମଣ୍ଡି ଟୋକନ ଦେବା ସହିତ ତାଙ୍କ ଟୋକନକୁ ଜାଣିଶୁଣି ଆକ୍ରୋଶ ମୂଳକ ଭାବେ କାଟି ଦେଇଛନ୍ତି। ଏ ବାବଦରେ ଚାଷୀ ଶ୍ରୀ ସିଂହ ସମ୍ପାଦକଙ୍କୁ ପଚାରିବାରୁ ସେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିକରି ଦୁର୍ବ୍ୟହାର କରିଛନ୍ତି। ଆହୁରି ମଧ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଖାତିର ନକରି ମଣ୍ଡିରେ ୫ କେଜି ଧାନ ଚାଷୀଙ୍କ ଠାରୁ ଜୋର ଜବରଦସ୍ତି କାଟୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ତୁରନ୍ତ ଏହି ଲାଞ୍ଚଖୋର କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀ ଶ୍ରୀ ସିଂହ ସରଙ୍କ ନିକଟରେ ଦାବି କରିଛନ୍ତି।

## ଜଙ୍ଗଲ ଓ ଜଳବାୟୁର ପରିବର୍ତ୍ତନ ନେଇ ସଚେତନତା

କାକଟପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ କାକଟପୁର ସରକାରୀ ନୋଡାଲ ହାଇସ୍କୁଲରେ ସେଣ୍ଟର ଫର ଏନର୍ଭାରମେଣ୍ଟାଲ ଷ୍ଟଡିଜ୍, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ମୋଟ ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ନୟାହାଟ ହାଇସ୍କୁଲର ଅଭିଜ୍ଞ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ବିଚାରକ ରୂପେ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଉଦ୍ଘାଟନୀ ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ରୂପେ ପାଟପୁର ହାଇସ୍କୁଲର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ରଥ ଯୋଗ ଦେଇ ପ୍ରାକୃତିକ ଭାରସାମ୍ୟ ରକ୍ଷା ପାଇଁ ସବୁଜିମା ଆବଶ୍ୟକତା ଉପରେ ଛାତ୍ରଛାତ୍ରୀଙ୍କୁ ଧାରଣା ଦେଇଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ରାଉତ ଛାତ୍ରଛାତ୍ରୀଙ୍କୁ ଇକୋ କ୍ଲବର ଗୁରୁତ୍ୱ, ସରକାରୀ ପ୍ରୋତ୍ସାହନ ଏବଂ ପରିବେଶର ସୁରକ୍ଷା ଉପରେ ସଚେତନ କରିଥିଲେ।

# ଲକ୍ଷ୍ମୀନାରାୟଣପୁର ଉପ୍ରା ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା



ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟପୁର ଉପ୍ରା ବିଦ୍ୟାଳୟ ପରିସରରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଧରଣୀଧର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ବେହେରା, ମୁଖ୍ୟ ବକ୍ତା ଭାବରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଏବିଇଓ ଦେବଦତ୍ତ ଶତପଥି, ଲକ୍ଷ୍ମୀନାରାୟଣ ପୁର ସମିତି ସଭ୍ୟ ଫନିନ୍ଦ୍ର ବେହେରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରବିନ୍ଦ୍ର କୁମାର ନନ୍ଦ ବେଦମନ୍ତ୍ର ଉଚ୍ଚାରଣ କରିଥିବା ବେଳେ ମୁଖ୍ୟ ଅତିଥି ଶ୍ରୀ ବେହେରା ପ୍ରଦୀପ ପ୍ରଜ୍ୱଳନ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ବରାଳ ଅତିଥିମାନଙ୍କୁ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପ୍ରଧାନଶିକ୍ଷକ କ୍ଷିରୋଦ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଲକ୍ଷ୍ମୀନାରାୟଣପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅୟସକାନ୍ତ ରାଉତ ନିପୁଣ ଓଡ଼ିଶା ମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ, ଛାତ୍ରାଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଭାଷା ଓ ସଂଖ୍ୟାଜ୍ଞାନ ସମ୍ପର୍କରେ ସଚେତନ କରିବା ପାଇଁ ବିଦ୍ୟାଳୟ ପରିସରରେ ଆୟୋଜିତ ଷ୍ଟଲକୁ ଅତିଥିମାନେ ଉଦ୍‌ଘାଟନ କରିବା ପରେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ବିଜୟ ଦେବବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବାଲିତୁଠରେ ପାନଚାଷୀ ଏକତା ମଞ୍ଚ ପକ୍ଷରୁ ପ୍ରସ୍ତୁତି ବୈଠକ

ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପାନଚାଷୀ ଏକତା ମଞ୍ଚ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିତୁଠ, ବାମଦେଇପୁର, ନୂଆଗାଁ, ଗଡ଼କୁଜଙ୍ଗ, ଢ଼ିଙ୍କିଆ ଓ କୁଞ୍ଜକୋଠି ପଞ୍ଚାୟତକୁ ନେଇ ଗଠିତ ହୋଇଛି ପାନ ଚାଷୀ ଏକତା ମଞ୍ଚ। ପାନ ଚାଷୀ ଏକତା ମଞ୍ଚ ପକ୍ଷରୁ ଆଜି ସନ୍ଧ୍ୟାରେ ବାଲିତୁଠ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ଚାଷୀ ଦୁର୍ଯ୍ୟଧନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ୧୧ ତାରିଖରେ କାକଟପୁରର ଗୁଣ୍ଡୁରୀ ହାଟ ଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ରାଜ୍ୟ ସ୍ତରୀୟ ପାନଚାଷୀ ସମ୍ମେଳନରେ ଯୋଗଦେବା ପାଇଁ ପ୍ରତି ପଞ୍ଚାୟତରୁ ୧୦ଜଣ ଲେଖାଏଁ ପାନଚାଷୀ ଯୋଗଦେବାକୁ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାନ ଚାଷୀ ବୁଲୁ ବେଉରା, ମହେନ୍ଦ୍ର ଜେନା, ଭରତ ସାମଲ, ନଟବର ସାମଲ, ଧୀରେନ୍ଦ୍ର ସ୍ୱାଇଁ, ରଙ୍ଗାଧର ମହାପାତ୍ର, ମଧୁସୂଦନ ବେଜ, ଧନେଶ୍ୱର ସାହୁ, ଗୌରାଙ୍ଗ ବାରିକ, ନାରାୟଣ ବିଶ୍ୱାଳ, ଲକ୍ଷ୍ମୀଧର ନାୟକ, ନାରାୟଣ ପାତ୍ର, ରମାକାନ୍ତ ପ୍ରଧାନ, ଧୀରେନ୍ଦ୍ର ମହାନ୍ତି, ଜଗନ୍ନାଥ ବାରିକ, ବାସୁଦେବ ଖଣ୍ଡୁଆଳ, ସୁଶାନ୍ତ ସ୍ୱାଇଁ, ବାବାଜୀ ଖଟୁଆ, ଗଣେଷ ଦାସ, କାଳନ୍ଦି ମହାରଣା, ଅମୂଲ୍ୟ ମହାପାତ୍ର, ପ୍ରସନ୍ନ ସ୍ୱାଇଁ, ରମେଶ ସ୍ୱାଇଁ, ବୈଷ୍ଣବ ସ୍ୱାଇଁ, ଅରକ୍ଷୀତ ଦାସ, ପ୍ରଫୁଲ୍ଲ ନାୟକ, ବିଷ୍ଣୁ ଦାସ, ଫଗୁ ଚରଣ ନାୟକ, ନବକିଶୋର ସ୍ୱାଇଁ, ରବିନ୍ଦ୍ର ଦାସ ଓ ଶରତ ମହାପାତ୍ର ପ୍ରମୁଖ ଯୋଗଦେଇ ପାନ ଚାଷୀମାନେ କିପରି ରାଜ୍ୟ ସରକାରଙ୍କ ତରଫରୁ ସହାୟତା ପାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ।

# ୟୁବି ହାଇସ୍କୁଲରେ ଭଞ୍ଜ ଜୟନ୍ତୀ



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ଉଭୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଓ ଭଞ୍ଜ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଅପୂର୍ବ ବିଲକ୍ଷଣୀୟ ପ୍ରତିଭା ଧାରୀ ଉତ୍କର୍ଷ କଳାର ଦେଶ ଉତ୍କଳ ନାମକୁ ସାର୍ଥକ କରୁଥିବା ଯେଉଁ ସାରସ୍ୱତ ପ୍ରତିଭା ସମୂହ ବିଭିନ୍ନ ସମୟରେ ଉତ୍କଳ ମାତାଙ୍କ ଚାରୁ ଅଙ୍କ ମଣ୍ଡନ କରି ସମସାମୟିକ ସଂସ୍କୃତ ପ୍ରତିସ୍ପର୍ଦ୍ଧୀ ସାରସ୍ୱତ ଯୋଗ ସାଧକମାନଙ୍କୁ ନିଜର ସ୍ୱୀୟ ସ୍ୱତନ୍ତ୍ରତା ପ୍ରତିପାଦନ ପୂର୍ବକ ଓଡ଼ିଆ ସାହିତ୍ୟକାଶରେ ଧ୍ରୁବତାରା ସଦୃଶ ନିଜର ଛବି ଚିର ଜାଜ୍ୱଲ୍ୟମାନ କରି ରଖିଛନ୍ତି, ତା'ର ସର୍ବାଗ୍ରେ ଯିଏ ଅଛନ୍ତି ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି କବିଗୁରୁ, ବୀରବର, ଶବ୍ଦ ସମୁଦ୍ର ଲଘଂନକାରୀ ବାଣୀପୁତ୍ର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ଏହି ସାରସ୍ୱତ ସାଧକଙ୍କ ଜୟନ୍ତୀ ପାଳନ ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ନାହାକ। ବିଦ୍ୟାଳୟର ଭଞ୍ଜ ସାହିତ୍ୟାନୁରାଗୀ ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ରଙ୍କ ସଂଯୋଜନରେ ଅନୁଷ୍ଠିତ ହୋଇଯାଇଛି ଏହି ଉତ୍ସବ। ପୂଜ୍ୟପୂଜାର ସ୍ୱାକ୍ଷର ବହନକାରୀ ଏହି ଅନନ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭଞ୍ଜ ପ୍ରବକ୍ତା ତଥା ଗବେଷକ ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଡ. କମ୍ବୁପାଣି ସାମନ୍ତ ଏବଂ ଉପେନ୍ଦ୍ର ଭଞ୍ଜ ଶବ୍ଦ ସମୁଦ୍ର ପାର କରିଛନ୍ତି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭଞ୍ଜ ସାହିତ୍ୟ ଗବେଷକ ଡ଼. ଶାନ୍ତନୁ କୁମାର ରଥ ଯୋଗ ଦେଇ ଉପେନ୍ଦ୍ର ଭଞ୍ଜ, ଓଡ଼ିଆ ଓ ଓଡ଼ିଶାର ଅସ୍ମିତାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ଗୋପବନ୍ଧୁ ମହାପାତ୍ର ଯୋଗଦେଇଥିଲେ। ଭଞ୍ଜନଗର ସହରର ସମସ୍ତ ଅନୁଷ୍ଠାନ ଭଞ୍ଜଙ୍କ ନାମରେ ନାମିତ ହେବା ଉଚିତ ବୋଲି ଉଲ୍ଲେଖ କରିଥିଲେ। ଡ଼ଃ ସୁରେଶ ଚନ୍ଦ୍ର ପଣ୍ଡା ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାଶ କାବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ଓ ସମ୍ମାନିତ ଅତିଥି କାମରାଜୁ ସାହାଣୀ ଉପେନ୍ଦ୍ରଙ୍କ ସାହିତ୍ୟର ପଟାନ୍ତର ନାହିଁ ବୋଲି ମତ ପ୍ରକାଶ କରିଥିଲେ। ଅତିଥି ସୁରେନ୍ଦ୍ର ଶତପଥୀ ଭଞ୍ଜ ଶବ୍ଦ ସମ୍ରାଟ ବୋଲି କହିଥିଲେ। ସଭାପତି ଶ୍ରୀ ଉମାକାନ୍ତ ନାହାକ ଉପେନ୍ଦ୍ର ଭଞ୍ଜ ହିଁ ଉପେନ୍ଦ୍ର ଭଞ୍ଜ ଅଟନ୍ତି ବୋଲି ମତ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଭଞ୍ଜଙ୍କ ତୈଳ ଚିତ୍ର ଓ ବିଦ୍ୟାଳୟ ପରିସରସ୍ଥ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ଛାତ୍ର ଅରୁଣ କୁମାରଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସଂଯୋଜକ ଶ୍ରୀ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ। ରସଗର୍ଭକ ଆଲୋଚନା ପରେ ଭଞ୍ଜ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ସଂଯୋଜକ ଶ୍ରୀ ମିଶ୍ର, 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ ଓ ତତ୍କାଳୀନ ବାଲେଶ୍ୱର କଲେକ୍ଟର ଜନ୍ ବିମ୍ସଙ୍କ ଉକ୍ତିକୁ ଉଦ୍ଧାର କରି କହିଥିଲେ ଯେ ଉପେନ୍ଦ୍ର ଭଞ୍ଜଙ୍କ ଯୋଗୁଁ ଆମେ ଆଜି ଓଡ଼ିଆ' ବୋଲି ମତ ଦେଇଥିଲେ ଏବଂ ଶିକ୍ଷକ ବିରୁପାକ୍ଷ ପଣ୍ଡା ଭଞ୍ଜଙ୍କ ସଂପର୍କିତ ଏକ ସ୍ୱ-ରଚିତ କବିତା ଆବୃତ୍ତି କରିଥିଲେ। ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଡିଆଇଇଟି-ସିଆର୍‌ସି ପକ୍ଷରୁ ଭବିଷ୍ୟତ ଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ




ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ, ବାରିପଦା ଠାରେ ଡିଆଇଇଟି-ସିଆର୍‌ସି ସଂଯୋଗ କାର୍ଯ୍ୟକ୍ରମ ଅଧୀନରେ ମୟୂରଭଞ୍ଜ ଜିଲ୍ଲାର ଆଗାମୀ ୬ ମାସ ପାଇଁ ଭବିଷ୍ୟତ ଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି, ଜିଲ୍ଲା ପେଡାଗଜୀ ସଂଯୋଜକ ଶୈଳବାଳା ବେହେରା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣି ଓ ବର୍ତ୍ତମାନ ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆ ତଥା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଆଞ୍ଚଳିକ ସମ୍ବଳ କେନ୍ଦ୍ର ସଂଯୋଜକ ଏବଂ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ୬ ମାସିକ ଭବିଷ୍ୟତ କାର୍ଯ୍ୟ ଯୋଜନା, ମୌଳିକ ସାକ୍ଷରତା ଓ ଭାଷାଜ୍ଞାନ ସଶକ୍ତିକରଣ, ଶ୍ରେଣୀ ଗୃହ ପର୍ଯ୍ୟବେକ୍ଷଣ, ନିପୁଣ ପ୍ରମାଣିତ ବିଦ୍ୟାଳୟ କାର୍ଯ୍ୟକ୍ରମ, ଶିଶୁ ବାଟିକା, ଗୋଷ୍ଠୀ ସମ୍ବଳ କେନ୍ଦ୍ର ସଂଯୋଜକ ନିମନ୍ତେ ସକ୍ରୀୟାତ୍ମକ ଗବେଷଣା ଇତ୍ୟାଦି ଆଲୋଚନା କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସେଠୀ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ଡାକୁଆ ଏହି ଯୋଜନାର ସଶକ୍ତ ତଥା ରାଷ୍ଟ୍ରୀୟ ପରାଖ ସର୍ବେକ୍ଷଣରେ ଜିଲ୍ଲାର ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ଗୋଷ୍ଠି ଶିକ୍ଷା ଅଧିକାରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିନ୍ଧାଣୀ ଓ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅଭିମନ୍ୟୁ ବେହେରା ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ପାଇଁ ସମସ୍ତଙ୍କର ସକ୍ରିୟ ଭୂମିକା, ଅଂଶଗ୍ରହଣ ଏବଂ ସହଯୋଗ ଏକାନ୍ତ କାମ୍ୟ ବୋଲି ଗୁରୁତ୍ୱାରୋପ କରିଥିଲେ। ଏଥିରେ ଜିଲ୍ଲାର ୪ଟି ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ/ପ୍ରଶିକ୍ଷିକା, ଶିକ୍ଷକ ପ୍ରଶିକ୍ଷକ/ପ୍ରଶିକ୍ଷିକା, ୨୬ ବ୍ଲକର ଗୋଷ୍ଠି ଶିକ୍ଷା ଅଧିକାରୀ ତଥା ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଉପସ୍ଥିତ ରହି ଏହି କାର୍ଯ୍ୟ ଯୋଜନା ସଫଳ ରୂପାୟନ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ରାଶିଫଳ

ରବିବାର, ୯ ଫେବୃଆରୀ ୨୦୨୫



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ବୃଷ :** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକ୍କାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ। ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତୁ।



**ମିଥୁନ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ଆଜି ପ୍ରଣୟଙ୍କ ପାଇଁ ଏକ ଭଲ ଦିନ। ମିଠା ଖାଦ୍ୟ ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ। ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।



**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ।



**କନ୍ୟା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ। ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ। ସାଙ୍ଗମାନଙ୍କ ସହିତ ମିଳନ ହେବ।



**ତୁଳା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ। ଆଜି ଆପଣ କଠିନ ପରିଶ୍ରମ କରିବା ପରେ ହିଁ ସଫଳତା ପାଇବେ। ଆପଣ ମାନସିକ ବିଭ୍ରାଟ ଅନୁଭବ କରିବେ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମାଙ୍ଗଳିକ କାର୍ଯ୍ୟରେ ଉପସ୍ଥିତ ହେବାର ଏକ ସୁଯୋଗ ରହିଛି।



**କୁମ୍ଭ :** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ। ସ୍ୱାସ୍ଥ୍ୟ ଭଲ ହେବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରି ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଗୁଣପୁର (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲାରାମନାଗୁଡା ବ୍ଲକ ପେଣକାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଗୋଷ୍ଠୀସାଧନ ସଂଯୋଜକ ଦାମୋଦର ହିମିରିକା ଓ ସିଆରସିସି ରମେଶ ଚନ୍ଦ୍ର ମୁଦୁଲି ଉପସ୍ଥିତ ଥିଲେ। ଏଥିରେ ପେଣକାମ, ଭାମିନୀ ଓ ପାରକ୍ଷିତି କ୍ଲଷ୍ଟରର ୧୯୦ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଚକ୍ଷୁ ପରୀକ୍ଷା କରିଥିଲେ । ଚକ୍ଷୁ ପରୀକ୍ଷା ପାଇଁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ଚକ୍ଷୁ ବିଭାଗର ଆପାଥଲାମନିଷ୍ଟ ରବିନ୍ଦ୍ର ସାହୁ ଓ ପଦ୍ମପୁର ଗୋଷ୍ଠୀ ଚିକିତ୍ସାଳୟର ଆପାଥଲାମନିଷ୍ଟ ସିଂହଳ ବାବୁ ଉପସ୍ଥିତି ରହି ପିଲାଙ୍କ ଚକ୍ଷୁ ପରୀକ୍ଷା କରିବା ସହ ଯେଉଁ ଛାତ୍ରଛାତ୍ରୀଙ୍କ ଚଷମା ଆବଶ୍ୟକ ପଡୁଛି ସେମାନଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯିବ ବୋଲି କହିଥିଲେ। ଏହି ସୁନେତ୍ର କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶକ୍ତି ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବାବେଳେ ଏଥିରେ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ନିୟମଗିରି ସୁରକ୍ଷା ସମିତିର ପଦଯାତ୍ରା




ବିଷମକଟକ ( ଭାସ୍କର ନ୍ୟୁଜ ): ନିୟମଗିରିର ଡଙ୍ଗରିଆ ଜନଜାତି ଅଧିକାର ଓ ଖଣି ଖନନ ପ୍ରକଳ୍ପ ବିରୋଧରେ ସଚେତନତା ଆଣିବା ଲକ୍ଷ୍ୟରେ ନିୟମଗିରି ସୁରକ୍ଷା ସମିତି ଏକ ବୃହତ୍ ପଦଯାତ୍ରା ଆରମ୍ଭ କରିଛି । ଏହି ଅଭିଯାନ କଲ୍ୟାଣସିଙ୍ଗପୁର ବ୍ଲକର ପାର୍ସାଲି ପଞ୍ଚାୟତରୁ ଆରମ୍ଭ ହୋଇ,ବିଷମକଟକ ବ୍ଲକ କୁର୍ଲି ପଞ୍ଚାୟତ ଅଭିମୁଖେ ଅଗ୍ରସର ହୋଇଛି। କୁର୍ଲି ପଞ୍ଚାୟତରେ ପହଞ୍ଚିବା ପରେ, ସରପଞ୍ଚ ସୁବର୍ଦ୍ଧନି ୱାଡାକା ଏହି ପଦଯାତ୍ରାକୁ ଆନୁଷ୍ଠାନିକ ଭାବରେ ସ୍ୱାଗତ କରି ପଞ୍ଚାୟତର ବୁଦ୍ଧିଜୀବୀ ମାନଙ୍କ ସହ ଏକ ବୈଠକ ଆୟୋଜନ କରି ନିୟମରାଜା ପର୍ବକୁ ଯିବା ପାଇଁ କହିଥିଲେ । ନିୟମଗିରି ସୁରକ୍ଷା ସମିତିର ସଭାପତି ଲଦ ଶିକକା ଏହି ବୈଠକରେ କହିଥିଲେ ଯେ ପଦଯାତ୍ରାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ୨୧-୨୩ ଫେବୃଆରୀରେ ଆୟୋଜିତ "ନିୟମ ରାଜା ପର୍ବ" ନିମନ୍ତେ ସମଗ୍ର ୧୧୨ ଖଣ୍ଡ ଗ୍ରାମକୁ ନିମନ୍ତ୍ରଣ ଦେବା ଓ ସମୁଦାୟର ଏକତା ଗଠନ କରିବା । ନିୟମଗିରିର ପର୍ଯ୍ୟାବରଣ ଓ ଡଙ୍ଗରିଆ ସମୁଦାୟର ଅସ୍ତିତ୍ୱ ସୁରକ୍ଷିତ ରଖିବା ନିମନ୍ତେ ନିୟମଗିରି ସୁରକ୍ଷା ସମିତି ଓ ଡଙ୍ଗରିଆ ଜନଜାତି ଖଣି ଖନନ ପ୍ରକଳ୍ପ ବିରୋଧରେ ଦୃଢ଼ ଅବସ୍ଥାନ ଗ୍ରହଣ କରିଛନ୍ତି । ୨୦୧୩ ମସିହାରେ ସୁପ୍ରିମକୋର୍ଟ ଗ୍ରାମସଭାର ସମ୍ମତି ବିନା କୌଣସି ଖଣି ଖନନ ନିଷେଧ କରିଥିଲେ । କିନ୍ତୁ କମ୍ପାନୀ ଦଲାଲ ମାନଙ୍କୁ ବାହାରରୁ ଆଣି ସ୍ଥାନୀୟ ଲୋକଙ୍କୁ ପ୍ରଲୋଭନ ଦେଖେଇ ଲୋକ ଅନୁପସ୍ଥିତି ରେ ଗ୍ରାମସଭା ଜବରଦସ୍ତ କରାଉଛି । ଏମିତି କଲେ ଅମେବି ଜବରଦସ୍ତ କମ୍ପାନୀ ଗେଟରେ ବସିବୁ ପାହାଡ଼ ଖୋଲିଲେ ପ୍ରାକୃତିକ ସଂସାଧନ ନଷ୍ଟ ହେବ,ପାଣି ସମସ୍ୟା, ଚାଷ ବିନାଶ ଓ ବାୟୁମଣ୍ଡଳ ପ୍ରଦୂଷଣ ସୃଷ୍ଟି କରିପାରେ ବୋଲି ସମିତି ଜଣାଇଛି । ନିୟମ ରାଜା ପର୍ବ କେବଳ ଏକ ଉତ୍ସବ ନୁହେଁ, ଏହା ନିୟମଗିରିର ପର୍ଯ୍ୟାବରଣ, ଡଙ୍ଗରିଆ ଜନଜାତି ଓ ସାଂସ୍କୃତିକ ଅସ୍ତିତ୍ୱ ସୁରକ୍ଷାର ପ୍ରତୀକ । ଡଙ୍ଗରିଆ ସମୁଦାୟ ଏହି ପର୍ବରେ ଯୁବପିଢ଼ିକୁ ସାମିଲ କରି ଦେଶର ବୁଦ୍ଧିଜୀବୀ, ପରିବେଶପ୍ରେମୀ ଓ ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ସମର୍ଥନ ଗ୍ରହଣ କରିଛନ୍ତି। ସମଗ୍ର ଅଞ୍ଚଳରେ ନିୟମଗିରି ସୁରକ୍ଷା ସମିତିର ଅଭିଯାନ ପ୍ରଭାବ ପକାଇଛି । ଏହି ପଦଯାତ୍ରା ଏବଂ "ନିୟମ ରାଜା ପର୍ବ" ମାଧ୍ୟମରେ ସ୍ଥାନୀୟ ବାସିନ୍ଦା ଓ ଡଙ୍ଗରିଆ ଜନଜାତିର ଅସ୍ତିତ୍ୱ ସୁରକ୍ଷା, ପରିବେଶ ସଂରକ୍ଷଣ ଓ ପ୍ରାକୃତିକ ସମ୍ପଦ ରକ୍ଷାକରିବା କୁ କହିଥିଲେ ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର



କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ୍): ଶୁକ୍ରବାର ଦିନ କୋଷାଗୁମୁଡ଼ା ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ବା ମନରେଗା ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୨୬ଗୋଟି ପଞ୍ଚାୟତର ମହିଳାମାନଙ୍କ ସହ ଓଡ଼ିଶା ଜୀବିକା ମିଶନର ମା' ମାନେ ଓ ପ୍ରତ୍ୟେକ ପଞ୍ଚାୟତର ଗ୍ରାମ ରୋଜଗାର ସେବକ,ପିଇଓ, ସମିତି ସଭ୍ୟ/ସଭ୍ୟାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ବିଷୟ ଉପରେ ଜିଲ୍ଲା ସମାଜିକ ସମୀକ୍ଷକ ବିଭୂଷିତ ଚଲାଣ ବିସ୍ତୃତ ଭାବରେ ଉପସ୍ଥିତ ସଦସ୍ୟଙ୍କୁ କାର୍ଯ୍ୟ ଉପରେ କିଭଳି କାର୍ଯ୍ୟ ଆରମ୍ଭ କରିବେ, କିଭଳି ପଞ୍ଜୀକରଣ କରିବେ ଏବଂ ଯାହା ସରକାର ଙ୍କ ଦ୍ୱାରା ଆସିବା କାର୍ଯ୍ୟକୁ ନିଜ ଅଞ୍ଚଳରେ କରି ନିଜେ ଆତ୍ମନିର୍ଭରଶୀଳ ହେବେ ସେ ବିଷୟ ଉପରେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ୮୮ଟି ସମସ୍ୟା ଉପରେ ୨୬ଗୋଟି ପଞ୍ଚାୟତ ସ୍ତରରେ ଥିବା ସମସ୍ତ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ଭାବେ, ଜିପିଡ଼ିଓ, ଏପିଓ, ପିଇଓ, ଜିଆରଏସ ମାନେ ବିଡିଓ ଙ୍କୁ ତଥ୍ୟ ପ୍ରଦାନ କରିବା ପାଇଁ ଉପଜିଲ୍ଲାପାଳ ଶ୍ରୀ ମିଶ୍ର ବୈଠକରେ କହିଥିଲେ। ପରେ ଉପସ୍ଥିତ ଜନ ସାଧାରଣଙ୍କ ଆବାସ ବକେୟା, ବିଦ୍ୟାଳୟ ପାଚେରୀ ନିର୍ମାଣ, ମନରେଗା କାର୍ଯ୍ୟର ବକେୟା ଭଳି ସମସ୍ୟା ଉପରେ ଆଲୋଚନା କରିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ କହିଥିଲେ । କୋଷାଗୁମୁଡା ଅଞ୍ଚଳରେ ଦିନକୁ ଦିନ କାର୍ଯ୍ୟର ଅଟକଳ ସିମେଣ୍ଟ ଫଳକ କୁ କିଏ ଏବଂ କାହିଁକି ଭାଙ୍ଗୁଛି ତାହା ଉପରେ ନଜର ରଖିବା ପାଇଁ ଉପଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ କହିଥିଲେ । ଏହି ପରିପ୍ରେକ୍ଷୀରେ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିପିଡ଼ିଓ-ତ୍ରିଲୋଚନ ଛଞ୍ଚାଣ, ମୋତିଗାଁ ସମିତି ସଭ୍ୟ ତ୍ରିଲୋଚନ ଧାକୋଡ଼, ସାମ୍ବାଦିକ ସନ୍ତୋଷ କୁମାର ପ୍ରମୁଖଙ୍କ ସହ ବ୍ଲକ ର ମନରେଗା ବିଭାଗର ଏପିଓ ଅଙ୍କିତା ସାହୁ, ଯୁଧିଷ୍ଠିର ଗୌଡ଼, ରଶ୍ମିରଞ୍ଜନ ପ୍ରଧାନ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ଦିନେଶ କୁମାର ସାହୁ,ଏଚଆର ବିଭାଗରୁ ଭି-ଅନନ୍ତ କୁମାର, ବିପିଏ-କୀର୍ତିରଞ୍ଜନ ସାହୁ, ଶିବ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକର ୨୬ ଗୋଟି ପଞ୍ଚାୟତରୁ ଜିଆରଏସ, ପିଇଓ ଙ୍କ ଶହ ପ୍ରାୟ ୫୦ରୁ ଅଧିକ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

## ଆଦିବାସୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଧାମନଡଙ୍ଗା ପଞ୍ଚାୟତ ଜାମୁଟଝୁଲା ଗ୍ରାମସ୍ଥିତ ଆଦିବାସୀ ହାଇସ୍କୁଲ୍‌ର ୨୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ପଞ୍ଚାୟତ ର ଆଦିବାସୀ ବହୁଳ ଗ୍ରାମରେ ଆଦିବାସୀମାନଙ୍କୁ ଉଚ୍ଚ ଶିକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ଗଠିତ ହୋଇଥିଲା । ବିଦ୍ୟାଳୟର ବାର୍ଷିକ ଉତ୍ସବ ରେ ବିଧାୟକ ଲକ୍ଷ୍ମଣ ବାଗ (ମୁଖ୍ୟ ଅତିଥି) ବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ଶିବାଜି ମହାନ୍ତି(ସମ୍ମାନିତ ଅତିଥି) ଭାବେ ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ପଟ୍ଟନାୟକ ସଭାର ସଭାପତିତ୍ୱ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସଭାକୁ ଶିକ୍ଷକ ଶୁଭେନ୍ଦୁ ମହାନ୍ତି ପରିଚାଳନା କରିଥିଲେ ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ଚାନ୍ଦିନୀମାଲ ପଞ୍ଚାୟତ ଚିଟିଣ୍ଡା ଲାଲବାହାଦୁର ଶାସ୍ତ୍ରୀ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ସମାଜସେବୀ ବିଶ୍ୱଲୋଚନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଲିଙ୍ଗରାଜ ନାଏକ ଓ ସମ୍ମାନିତ ଅତିଥିଭାବେ ସନ୍ତୋଷ ପଟେଲ, କ୍ଷେତ୍ରବର ପଟେଲ, ଚାନ୍ଦିନୀମାଲ ନାଏବ ସରପଞ୍ଚ ମଞ୍ଜୁ ପଟେଲ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଭୋଇ ଏହି ସ୍କୁଲର ବିଭିନ୍ନ ସମସ୍ୟା ସମାଧାନ ନେଇ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସହିତ ଅଭିଭାବକମାନେ ଅତି ଆନନ୍ଦରେ ଉପଭୋଗ କରିଥିଲେ।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡା ଗ୍ରାମ ପଞ୍ଚାୟତର ପୂଜାରୀଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ୨୦୨୪-୨୦୨୫ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାପାତ୍ର ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂଜାରିଗୁଡ଼ା ସରପଞ୍ଚ ଅନାଦି ମାଝୀ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସ୍କୁଲ ପରିଚାଳନା ସଭାପତି ଶେଖର ଖୁରା,, ତେନ୍ତୁଳୀଖୁଣ୍ଟି ସରପଞ୍ଚ ଟଭା ନାୟକ ,ସମିରମେଶ ରାୟ.ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମୋହନ ମଧୁସୁଦନ ବାଗ, ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଞ୍ଚାସୀନ ଥିଲେ । ପ୍ରଥମେ ବିଦ୍ୟାଦାତା ଗଣେଶଙ୍କୁ ପୂଜାର୍ଚ୍ଚନା କରାଯାଇ ଥିଲା ।ଏହା ପରେ ନିପୁଣ ଓଡ଼ିଶା ଲୋଗ ଉନ୍ମୋଚନ କରି ଶପଥ ପାଠ କରାଯାଇ ଥିଲା । ନିପୁଣ ଓଡିଶା କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଥମରୁ ତୃତୀୟ ଶ୍ରେଣୀ ମଧ୍ୟରେ ବ୍ୟବହୃତ ସଂଖ୍ୟା ଜ୍ଞାନ ଓ ସ୍ୱାକ୍ଷରତା ଅଭିବୃଦ୍ଧି ପାଇଁ ବିଭିନ୍ନ ଶିକ୍ଷଣ ସାମଗ୍ରୀ ଗୁଡିକ ପ୍ରଦର୍ଶିତ ହୋଇଥିଲା। ଏଥିପାଇଁ କେତେକ ଷ୍ଟଲ ଗୁଡ଼ିକ କରାଯାଇଥିଲା। ନିପୁଣ ଓଡିଶାର ଲକ୍ଷ୍ୟ ହେଉଛି ସମସ୍ତ ପିଲାମାନଙ୍କର ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ବୃଦ୍ଧି କରି ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କର ପ୍ରଚେଷ୍ଟା ରହିବା ଆବଶ୍ୟ ବୋଲି ଗୋଷ୍ଠି ଶିକ୍ଷା ଅଧିକାରୀ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ସମସ୍ତ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକମାନେ ଉପସ୍ଥିତ ରହି ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳାକୁ ସଫଳ କରିଥିଲେ। ଏହି କାର୍ଯ୍ୟ କ୍ରମରେ ଉଭୟ ପୂଜାରୀ ଗୁଡା ଏବଂ ତେନ୍ତୁଳିଖୁଣ୍ଟି କ୍ଲଷ୍ଟରର ସିଆର୍‌ସିସି ସହ ସମସ୍ତ ସିଆର୍‌ସିସି, ଆସିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ । ପୂଜାରୀ ଗୁଡା ବିଦ୍ୟାଳୟର ସହକାରୀ ଶିକ୍ଷକ ବିଭୂତି ପତି ସଭା ପରିଚାଳନା କରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ପରିସମାପ୍ତି କରି ଥିଲେ ।

## ଦୁର୍ଘଟଣାରେ ସନ୍ଧ୍ୟା ଗୁରୁମାଙ୍କ ଦେହାନ୍ତ

ଝରୀଗାଁ (ଭାସ୍କର ନ୍ୟୁଜ୍): ବାଇକ ଦୁର୍ଘଟଣାରେ ଝରୀଗାଁ ର ସନ୍ଧ୍ୟା ଗୁରୁମାଙ୍କ ଦେହାନ୍ତ ଘଟିଛି। ଝରୀଗାଁ ରେ ଦୀର୍ଘ ପଚିଶ ବର୍ଷ ଧରି ଏକ ଶିକ୍ଷାନୁଷ୍ଠାନ ଖୋଲି ଗୁରୁମା ଭାବେ ଅନେକ ଲୋକଙ୍କ ମାର୍ଗଦର୍ଶିକା ସାଜିଥିବା ସଂଧ୍ୟା ଗୁରୁମାଙ୍କ ଦେହାନ୍ତ ଖବର ପାଇ ସମଗ୍ର ଝରୀଗାଁବାସୀ ମର୍ମାହତ ହୋଇପଡିଛନ୍ତି। ସେ ଝରୀଗାଁର କେବଳ ଗୁରୁମା ନଥିଲେ ଝରୀଗାଁ ପାଇଁ ତାଙ୍କର ରହିଛି ଅସୀମ ଅବଦାନ।



ଜଣେ ସ୍ୱେଚ୍ଛାସେବୀ ଭାବେ ବିଭିନ୍ନ କାର୍ଯ୍ୟରେ ନିଜକୁ ସାମିଲ କରିବା ସହିତ ଝରୀଗାଁ ର ସେ ଥିଲେ ଜଣେ ଶୁଭାକାଂକ୍ଷୀ ମଧ୍ୟ। ଏକାଧାରରେ କହିବାକୁ ଗଲେ ସନ୍ଧ୍ୟା ମା' ଝରୀଗାଁ ର ସମସ୍ତଙ୍କର ଥିଲେ ଗୁରୁମା, ଲୋକଙ୍କୁ ଆଧାତ୍ମିକ ଜ୍ଞାନ ବାଣ୍ଟି ଏକ ସୁସ୍ଥ ସମାଜ ଗଢିବାରେ ତାଙ୍କର ପ୍ରଗାଢ ନିଶା ଥିଲା। ନିଜର ଘର ପରିବାର ଭୁଲି ନିଜକୁ ବ୍ରହ୍ମାକୁମାରୀ ଭାବେ ଝରୀଗାଁ ଆଶ୍ରମରେ ଆଜକୁ ପଚିଶି ବର୍ଷ ଧରି ରହିଆସୁଥିଲେ। ଝରୀଗାଁ ଠାରେ ସ୍ୱରାଜ ବିଦ୍ୟାପୀଠ ଏକ ବିଦ୍ୟାଳୟ ଖୋଲି ପିଲାଙ୍କୁ ଉତ୍ତମ ଶିକ୍ଷା ଦେଇଆସୁଥିଲେ। ସୂଚନା ପ୍ରକାରେ ସେ ଶିକ୍ଷାନୁଷ୍ଠାନ କାର୍ଯ୍ୟରେ ନବରଙ୍ଗପୁର ଶିକ୍ଷାଧିକାରୀଙ୍କ ନିକଟକୁ ଯାଇ ଫେରୁଥିବା ବେଳେ ଡାବୁଗାଁ ସ୍ଥିତ ଆବାସିକ ବିଦ୍ୟାଳୟ ନିକଟରେ ଥିବା ହମ୍ପସରେ ବାଇକରୁ ଖସିପଡି ଥିଲେ ଫଳରେ ମୁଣ୍ଡରେ ଗଭୀର ଆଘାତ ଲାଗିବା କାରଣରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କୋରାପୁଟ ନିଆଯାଇଥିଲା ସେଠାରେ ତାଙ୍କର ଦେହାନ୍ତ ଘଟିଥିଲା, ଯାହାକି ଝରୀଗାଁ ଠାରେ ଏକ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

## ନୂତନ ବସ୍‌ଷ୍ଟାଣ୍ଡର ଭୂମି ପୂଜନ କଲେ ବିଧାୟକ



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଙ୍କ ଦ୍ୱାରା ଆଜି ନୂତନ ବଷ୍ଟାଣ୍ଡ ର ଭୂମି ପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶ୍ରୀ ସାଉନ୍ତା ଆଜି ବାଜା ବାଜଣା ସହ ନିଜ ଘରୁ ଏକ ବିରାଟ ପଟୁଆର ରେ ବାହାରି ଭୂମି ପୂଜନ ସ୍ଥାନରେ ପହଞ୍ଚି ପୂଜା କାର୍ଯ୍ୟରେ ଯୋଗ ଦେଇ ଥିଲେ ।ସେଠାରେ ହୋମ ଯଜ୍ଞ ସରିବା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା ।ଦୀର୍ଘ ଦିନ ଧରି ଏହି କାର୍ଯ୍ୟକ୍ର ଅଟକି ପଡ଼ିଥିବା ବେଳେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଧାନ ସଭାରେ ମୁଁ ନୂତନ ବଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଥିଲି ।ସେ ଯାହା ହେଉ ଏହି ରାସ୍ତା ଦେଇ ଚଳ ପ୍ରଚଳ କରୁଥିବା ଅନେକ ପାସେଞ୍ଜର ଗାଡ଼ି ଲକ୍ଷ୍ମୀପୁର ବଜାର ରେ ରଖୁଥିବାରୁ ସବୁ କ୍ଷେତ୍ର ରେ ସମସ୍ୟା ସୃଷ୍ଟି ହେଉଛି ।ନୂଆ ବଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିଲେ ସେ ସମସ୍ୟାରୁ ଲକ୍ଷ୍ମୀପୁର ବାସୀଙ୍କୁ ମୁକ୍ତି ମିଳିବ ବୋଲି କହିଥିଲେ ।ଏହି ଭୂମି ପୂଜନ କାର୍ଯ୍ୟରେ ବିଧାୟକ ଙ୍କ ସହ ସାଂସଦ ପ୍ରତିନିଧି କୈଳାସ ଖସଲା, ଜିଲ୍ଲାପରିଷଦ ସଭ୍ୟା ପିଙ୍କି ହିମେରିକା,ମଣ୍ଟି ଖରା ଓ ରାଜ୍ୟ ପରିବହନ ପ୍ରୋଜେକ୍ଟ ମେନେଜର ପି.କେ ନାୟକ ଉପସ୍ଥିତ ଥିବା ବେଳେ ଅଶୋକ ମିଶ୍ର ମନ୍ତ୍ର ପାଠ କରିଥିଲେ ।

# ଖଡ଼ିଆଳ ମହୋତ୍ସବ ଉଦ୍‌ଯାପିତ

# ଶେଷ ଦିନରେ ହଜାର ହଜାର ସଂଖ୍ୟାରେ ଜନ ସମାଗମ



ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଠାରେ ହୋଇ ଆସୁଥିବା ଖଡ଼ିଆଳ ମହୋତ୍ସବ ୨୦୨୫ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ମହୋତ୍ସବ ପଡ଼ିଆରେ ହଜାର ହଜାର ସଂଖ୍ୟା ରେ ଜନ ସମାଗମ ହୋଇଥିଲା ।ଲୋକେ କିଣା ବିକା, ଖାଇବା ଷ୍ଟଲ ଓ ମିନା ବଜାର ବିଭିନ୍ନ ପ୍ରକାରର ଦୋଳିର ମଜା ନେଇଥିଲେ। ରାତ୍ରରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସଭାପତିତ୍ୱ କରିଥିଲେ ବିଧାୟକ ଖଡ଼ିଆଳ, ଅଧୀରାଜ ପାଣିଗ୍ରହୀ, ମୁଖ୍ୟ ଅତିଥି ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ, ସମ୍ମାନୀତ ଅତିଥି ଦିବ୍ୟ ଶଙ୍କର ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନ ର ବିଧାୟକ ଜୁନାଗଡ଼, ତାରା ପ୍ରସାଦ ବାହିନୀପତି ବିଧାୟକ ଜୟପୁର, ବିଶ୍ୱରଞ୍ଜନ ମଲ୍ଲିକ୍, ବିଧାୟକ ବରି, ଉଜ୍ଜ୍ୱଳ ଗୁପ୍ତା ଅଧକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ ଖଡ଼ିଆଳ ମଞ୍ଚାସୀନ ହୋଇଥିଲେ । ଏହି ଅବସରରେ ପଶ୍ଚିମ ଓଡିଶାର ବରଗଡ ଧନୁଯାତ୍ରା ପରେ ଖଡ଼ିଆଳ ମହୋତ୍ସବ ଦ୍ୱିତୀୟ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଦୁଇ ବର୍ଷ ଧରି ଖଡ଼ିଆଳ ଅଞ୍ଚଳକୁ ଶାନ୍ତି ଶୃଙ୍ଖଳା ରକ୍ଷା କରି ମହୋତ୍ସବ ପରିଚାଳନା କରିଥିବା ପୂର୍ବତନ ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ଖଡ଼ିଆଳ ଅଞ୍ଚଳର ପାଞ୍ଚଜଣ ଓଡିଶା ପ୍ରଶାସନିକ ସେବାରେ ସଫଳତା ହାସଲ କରିଥିବା ସୁଚିସ୍ମିତା ମହାନ୍ତି, ବିକାଶ ଅଗ୍ରୱାଲ, ନିଖିଳ ଦାସ, ସୌରଭ ବିଶି ଓ ସୁପ୍ରିୟା ପ୍ରିୟଦର୍ଶିନୀଙ୍କୁ ସମ୍ମାନୀତ କରାଯାଇଥିଲା। ସେହିପରି ମହୋତ୍ସବ ମଣ୍ଡପ ତିଆରି କରିଥିବା ଅମିତ ମେହେରଙ୍କୁ ସମ୍ମାନୀତ କରାଯାଇଥିଲା । ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ବୋଡ଼େନର ପ୍ରାଧାପକ ସାମୁଏଲ ଦାନୀ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବାବେଳେ ଅକ୍ଷୟ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଷ୍ଟାର ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଷ୍ଟାର ନାଇଟରେ ପ୍ରସିଦ୍ଧ ବଲିଉଡ ଗାୟକ ଜାଭେଦ ଅଲ୍ଲୀଙ୍କ ଗୀତରେ ଦର୍ଶକ ଝୁମିଥିଲେ। ପୋଲିସ ପକ୍ଷରୁ ଆଇନ ସୁରକ୍ଷାକୁ କଡାକଡି କରାଯାଇଥିଲା।

## ମାଉସୀ ମା'ଙ୍କ ନୂତନ ମନ୍ଦିର ଓ ନବଗ୍ରହ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ମହାକୁମା ମାଉସୀମା (ଶ୍ରୀଗୁଣ୍ଡିଚା ) ଙ୍କ ନୂତନ ମନ୍ଦିର ଓ ନବଗ୍ରହ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆଜି ଆଡ଼ମ୍ବର ସହ ଅନୁଷ୍ଠିତ ହୋଇ ଯାଇଛି। ଦୀର୍ଘ ବର୍ଷ ଧରି ଦୁର୍ଗାଗୁଡ଼ି ସାହିରେ ପୁରୁଣା ଘରେ ମାଉସୀ ମା ମନ୍ଦିର ଥିବା ବେଳେ ଗତ କିଛି ମାସ ହେଲା ନୂତନ ଭାବେ ମାଉସୀ ମା ମନ୍ଦିର ନିର୍ମାଣ ହୋଇ ସାରିଛି। ଉକ୍ତ ମନ୍ଦିର ପ୍ରତିଷ୍ଠା ହେବା ପରେ ପାର୍ଶ୍ୱ ଦେବାଦେବୀ ନବଗ୍ରହ ମୂର୍ତ୍ତିଙ୍କୁ ବିଧିବଦ୍ଧ ଭାବେ ପୂଜା କରା ଯାଇ ଆଜି ରାତ୍ରରେ ମନ୍ଦିରକୁ ପ୍ରବେଶ କରାଯାଇଛି। ଗୁରୁବାର ଅପରାହ୍ନରେ ଅଙ୍କୁର ରୋପଣ ଓ ପୁଷ୍କରଣୀରୁ ପବିତ୍ର ଜଳ ସଂଗ୍ରହ କରା ଯାଇ ଶତାଧିକ ମହିଳା କଳସ ମୁଣ୍ଡାଇ ସହର ପରିକ୍ରମା କରି ମାଉସୀ ମା ମନ୍ଦିର ପୂଜା ମଣ୍ଡପ ନିକଟରେ କଳସ ପ୍ରତିଷ୍ଠା କରା ଜାଇଥିଲା, ଗତକାଲି ପ୍ରାତଃରେ ରାଜ ପୌରହିତ ପଣ୍ଡିତ ବିନାୟକ ଶତପଥି,ପଣ୍ଡିତ ଶଙ୍କର ମିଶ୍ର, ପଣ୍ଡିତ ରମେଶ ଚନ୍ଦ୍ର ଶତପଥି, ପଣ୍ଡିତ ମୃତ୍ୟୁଞ୍ଜୟ ମହାପାତ୍ର, ମନ୍ଦିର ପୂଜକ ବ୍ରାହ୍ମଣ କାହ୍ନୁ ନନ୍ଦଙ୍କ ଦ୍ୱାରା ସୂର୍ଯ୍ୟ ପୂଜା, ଗୋ ପୂଜା, ଅଗ୍ନି ସଂଯୋଗ, କଳସ ପୂଜା, ବାସ୍ତୁପୂଜା, ହୋମଯଜ୍ଞ, ନବଗ୍ରହ ପୂଜା,ଶୋଡ଼ସ ସ୍ତମ୍ଭ ପୂଜା, ମହାପ୍ରଭୁ ସ୍ନାନ, ଦେବତାଙ୍କର ନ୍ୟାସ, ସନ୍ଧ୍ୟାରେ ଦେବାଦେବୀଙ୍କ ମନ୍ଦିର ପ୍ରବେଶ, ହୋମ ଯଜ୍ଞର ପୂର୍ଣ୍ଣାହୁତୀ ଆଦି ପୂଜାବିଧି ସମ୍ପନ୍ନ କରା ଯାଇଥିଲା। ଏହି ପୂଜାରେ ତ୍ରିନାଥ ପାଢ଼ୀ ମୂଖ୍ୟକର୍ତ୍ତା ଭାବେ ସଙ୍କଳ୍ପ କରି ହୋମ ଓ ପୂଜାରେ ବସି ଥିବା ବେଳେ, ମନ୍ଦିର ନିର୍ମାଣକାରୀ ବିଶ୍ୱକର୍ମା (ଶିଳ୍ପୀ ) କୂଳମଣି ମାଝୀ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟ, ସହରର ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହ ତହସିଲଦାର, ଆରାଇ, ସାହିବାସିନ୍ଦା ପ୍ରମୁଖ ମାନେ ଉପସ୍ଥିତ ଥିଲେ, ସମସ୍ତ ଭକ୍ତଙ୍କ ପାଇଁ ପ୍ରଶାସନ ପକ୍ଷରୁ ଭୋଗ ଓ ଅର୍ଣ୍ଣ ପ୍ରସାଦର ବ୍ୟବସ୍ଥା ମଧ୍ୟ କରା ଯାଇଥିଲା।



# ଖଇର କାଠ ଜବତ: ମାଲିକ ସହ ଗାଡ଼ିଚାଳକ ଗିରଫ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକର ସଲେପଡ଼ା ଠାରେ ଏକ ଟାଟା ୪୦୭ ରେ ଖଇର କାଠ ଲୋଡ ହେଉ ଥିବା ସମୟରେ ଫରେଷ୍ଟର ଖଗେଶ୍ୱର ମାଝୀଙ୍କ ନେତୃତ୍ୱରେ ଖଡ଼ିଆଳ ବନଖଣ୍ଡର ଏକ ଟିମ୍ ଚଡ଼ାଉ କରି ୨ ହଜାର କୁଇଣ୍ଟାଲରୁ ଅଧିକ ଖଇର କାଠ ବୋଝେଇ ପିକଅପ୍ ଓ ଏକ ବାଇକ୍ ଜବତ ହୋଇଥିବା ପ୍ରକାଶ କରିଛନ୍ତି ବନଖଣ୍ଡ ଅଧିକାରୀ । ଖଇର କାଠ ଚୋରିରେ ସଂପୃକ୍ତ ଦୁଇ ଜଣ ଗାଡି ଚାଳକ ନିରଞ୍ଜନ ମହନନ୍ଦ (୩୫) ଓ ସୁରେନ୍ଦ୍ର ମାଝି (୨୯)ଙ୍କୁ ବନବିଭାଗ ଗିରଫ କରି ତଦନ୍ତ କରୁଛି। ଗିରଫ ମଧ୍ୟରେ କାଠ ମାଲିକ ସହ ଗାଡ଼ି ଚାଳକ ଅଛନ୍ତି । ଏ ଦୁଇଜଣ ବଲାଙ୍ଗୀର ଜିଲ୍ଲାର ବଡ଼ବାଙ୍କୀ ଓ ଧାମନ ଡଙ୍ଗା ଗ୍ରାମର ବୋଲି ଜଣାପଡ଼ିଛି । ଏନେଇ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଆଜିଜ ଖାନ ପ୍ରକାଶ କରିଛନ୍ତି ।

# ଆଶାକର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

କନ୍ଧମାଳ(ଭାସ୍କର ନ୍ୟୁଜ): ଆଶାକର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ। କମ୍ ମାର୍କ ରଖିଥିବା ମହିଳାଙ୍କୁ କିପରି ମିଳିଲା ଆଶା ନିଯୁକ୍ତି । ଅଧିକ ମାର୍କ ରଖିଥିବା ମହିଳା ଆଣିଲେ ଅଭିଯୋଗ। ଲିଖିତ ଆକାରରେ ଦେଲେ କୋଟଗଡ ଥାନା ଅଧିକାରୀ ସହିତ କନ୍ଧମାଳ ଜିଲ୍ଲାପାଳଙ୍କୁ । ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲା କୋଟଗଡ ଥାନା ଅନ୍ତର୍ଗତ ଆଟାଲ ୱାର୍ଡରେ ଥିବା ମେଡିକାଲରେ ଡିପିଏମ୍‌ଙ୍କ ନିର୍ଦ୍ଦେଶ କ୍ରମେ ଆଶା କର୍ମୀ ନିଯୁକ୍ତି ବାହାର କରିଥିଲେ । ଆଟାଲ୍ ଗ୍ରାମର ବବିତା ମଲ୍ଲିକ ସମସ୍ତ ସାର୍ଟିଫିକେଟ ସହ ଫର୍ମ ଦାଖଲ କରିଥିଲେ। ଡିପିଏମ୍ ସମସ୍ତ ସାର୍ଟିଫିକେଟ ଭେରିଫାଏ କରି ସମସ୍ତ ତଥ୍ୟ ଠିକ୍ ଅଛି କହିଥିଲେ। କିନ୍ତୁ ନିଯୁକ୍ତି କମ୍ ମାର୍କ ରଖିଥିବା ମହିଳାଙ୍କୁ ଦିଆଯାଇଥିବା ଘଟଣା ପ୍ରକାଶ ପାଇବା ପରେ ଗ୍ରାମବାସୀ ଉତ୍ତେଜନା ପ୍ରକାଶ କରି କୋଟଗଡ ଥାନାରେ ଲିଖିତ ଜଣାଇବା ସହ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ ଜଣାଇଥିବା ଜଣାପଡ଼ିଛି । ଇତି ମଧ୍ୟରେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ ଆଶା ନିଯୁକ୍ତି ପାଇଥିବା ମହିଳାଙ୍କୁ ଗ୍ରାମରେ ପୁରାଇଦେବୁ ନାହିଁ ବୋଲି ସୂଚନା ମଧ୍ୟ ଦେଇଥିବା ଜଣାପଡିଛି ।

## ପ୍ଲାଟଫର୍ମ ପରିବର୍ତ୍ତନ: ଟ୍ରେନ୍ ଅଟକିବ ୧୦ ମିନିଟ୍




ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ରେଳ ଷ୍ଟେସନରେ ଏଣିକି ଶେଷ ମୁହୂର୍ତ୍ତରେ ଟ୍ରେନର ପ୍ଲାଟଫର୍ମ ପରିବର୍ତ୍ତନ କରାଗଲେ ଯାତ୍ରୀଙ୍କ ସୁବିଧା ଲାଗି ୧୦ ମିନିଟ ପର୍ଯ୍ୟନ୍ତ ଟ୍ରେନ ରହଣି କରିବ। ଏନେଇ ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ ବିଳାସପୁର ସିନିଅର ଡ଼ିସିଏମ ବ୍ରଜରାଜନଗର ବାଣିଜ୍ୟକ ନିରୀକ୍ଷକଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ବ୍ରଜରାଜନଗର ଷ୍ଟେସନରେ ଟ୍ରେନ ଆଗମନର ପ୍ଲାଟଫର୍ମ ଘୋଷଣା ପରେ ଯଦି ଏଥିରେ ପରିବର୍ତ୍ତନ ଘଟେ ତେବେ ଏଭଳି ସ୍ଥିତିରେ ଯାତ୍ରୀଙ୍କ ସୁବିଧା ପାଇଁ ଡ୍ୟୁଟିରେ ଥିବା ଷ୍ଟେସନ ମାଷ୍ଟରଙ୍କୁ ଟ୍ରେନକୁ ସର୍ବନିମ୍ନ ୧୦ ମିନିଟ ରହଣି ପାଇଁ ମେମୋ ଜାରି କରିବା ଲାଗି ପତ୍ରରେ ପରାମର୍ଶ ଦିଆଯାଇଛି। ଗତ ୩୧ ତାରିଖ ଦିନ ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ ବିଳାସପୁର ଡିଭିଜନର ବରିଷ୍ଠ ଅଧିକାରୀମାନେ ବ୍ରଜରାଜନଗର ରେଳ ଷ୍ଟେସନ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ବ୍ରଜରାଜନଗର ନାଗରିକ ମଞ୍ଚ ତରଫରୁ ଅନୀଲ ଅଗ୍ରୱାଲ, ପ୍ରକାଶ ଜୈନ, ଅଶୋକ ପିନିଆନି ସେମାନଙ୍କୁ ଭେଟି ବ୍ରଜରାଜନଗର ଷ୍ଟେସନରେ ଟ୍ରେନ ଆଗମନ ନେଇ ପ୍ଲାଟଫର୍ମ ନିଶ୍ଚିତ ହୋଇ ସାରିଥିବା ପରେ ମଧ୍ୟ ଶେଷ ମୁହୂର୍ତ୍ତରେ ଏହାର ପରିବର୍ତ୍ତନ ଘଟିବାରୁ ଯାତ୍ରୀମାନେ ଗୋଟିଏରୁ ଅନ୍ୟ ପ୍ଲାଟଫର୍ମ ଯିବାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଜଣାଇଥିଲେ। ଏଭଳି ସ୍ଥିତିରେ ଅନେକ ସମୟରେ ଲୋକେ ଟ୍ରେନରେ ଯାତ୍ରା କରିବାରୁ ବଞ୍ଚିତ ହେବା ସହିତ କେତେକ ଅନ୍ୟ ବଗିରେ ବହୁ କଷ୍ଟରେ ଯାତ୍ରା କରୁଥିବା ଅଭିଯୋଗ କରିଥିଲେ। ତେଣୁ ଯାତ୍ରୀଙ୍କ ଆରାମ ଓ ସୁବିଧାକୁ ନଜରରେ ଲିଖିତ ଭାବେ ଏହାର ସମାଧାନ କରିବା ଲାଗି ସ୍ଥାନୀୟ ନାଗରିକ ରେଳବାଇ ଅଧିକାରୀଙ୍କୁ ଅନୁରୋଧ କରିଥିଲେ।



ସୁବର୍ଣ୍ଣପୁର- ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ପ୍ରସିଦ୍ଧ ପୀଠ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇ ଠାରେ ଚାଲିଥିବା ପାତାଳୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ସୁବର୍ଣ୍ଣପୁର ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ର, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧ ରାଧାକାନ୍ତ ମହାକୁର ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ରଖିଥିଲେ ଓ ପାତାଳୀ ଶ୍ରୀକ୍ଷେତ୍ରର ଏକ ଅନଲାଇନ ୱେବସାଇଟ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଶ୍ରୀ ମହାଲିଙ୍ଗ ମନ୍ତ୍ରୀ ଆୟୋଜକ ବନ୍ଧୁ ଙ୍କୁ ପ୍ରଶଂସା କରିବା ସହ ଓଡ଼ିଆ ଙ୍କ ଅସ୍ମିତା ଜଗନ୍ନାଥ ସଂସ୍କୃତି ସୁରକ୍ଷା କରିବା ସହ ପୀଠର ବିକାଶ ପାଇଁ ସଦାସର୍ବଦା ଚେଷ୍ଟା କରିବି ଓ ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଦାବି ରଖିବାକୁ ନିର୍ଭର ପ୍ରତିଶୃତି ଦେଇଥିଲେ । ଏହି ମାସ ଠାରୁ ପାତାଳୀରେ ମହାପ୍ରଭୁଙ୍କ ଭବ୍ୟମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ଶ୍ରୀ ଜଗଦଲା କହିଛନ୍ତି । ଏହି ଅବସରରେ ସପ୍ତମ ଦିନ ତଥା ଅନ୍ତିମ ସନ୍ଧ୍ୟାରେ ସଂଜ୍ୟୋତ କଳା କେନ୍ଦ୍ର, ବଲାଙ୍ଗିର ର ନିର୍ଦ୍ଦେଶିକା ତଥା ନାଟ୍ୟଗୁରୁ ଶ୍ରୀମତୀ ସଂଗୀତା ଦାସ ଙ୍କ ଗ୍ରୁପ୍ ଲୋକ ସଙ୍ଗୀତ ଏବଂ ଲୋକ ନୃତ୍ୟ ପରିବେଷଣ କରିଥିଲେ ଯାହାକି ହଜାର ହଜାର ଦର୍ଶକ ଙ୍କ ମନକୁ ବେଶ ଛୁଇଁଥିଲା । ପରେ ପରେ ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପୁରୀ ମହ୍ଲାର ଭଜନ ଗ୍ରୁପ୍ ଦ୍ୱାରା ଜଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥି ସହିତ ଦଣ୍ଡ ନୃତ୍ୟ କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୌଦ୍ଧିକ ମଣ୍ଡପରେ ପାତାଳୀ ସେନା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।

## ସୀମାନ୍ତରେ ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାରେ ୩ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ । ସୂଚନା ଅନୁଯାୟୀ ମାଓ ସଙ୍ଗଠନ ଧୀରେ ଧୀରେ ଦୁର୍ବଳ ହେଉଥିବା ବେଳେ ମାଓ ସଙ୍ଗଠନ ଛାଡି ସାଧାରଣ ଜୀବନ ଜାପନ ପାଇଁ ଅନେକ ମାଓବାଦୀ ବର୍ତ୍ତମାନ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି । ଏହି କ୍ରମରେ ଛତିଶଗଡର ନାରାୟଣପୁର ଜିଲ୍ଲାରେ ଆଜି ରୈନୁ ଉସେଣ୍ଡି, ମୈନୁ ଉଡ୍ଡା, ସାନୁ ଉସେଣ୍ଡି, ନାମକ ୩ ଜଣ ଆତ୍ମସମର୍ପଣ କରିଛନ୍ତି ।


“छत्तीसगढ़ शासन, वन एवं जलवायु परिवर्तन विभाग”

धमतरी वनमंडल धमतरी

काष्ठागार धमतरी का ई–ऑक्सन का संक्षिप्त विज्ञापन

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत **धमतरी काष्ठागार** में संग्रहित ईमारती काष्ठ, जलाऊ एवं बल्ली का ई–ऑक्सन द्वारा निर्वर्तन निम्नानुसार किया जावेगा। इच्छुक बोलीदारों से अनुरोध है, कि वे ई–ऑक्सन में भाग लेवें। ई–ऑक्सन की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार धमतरी से प्राप्त की जा सकती है।

नीलाम दिनांक – 11 फरवरी 2025
नीलाम समय – प्रातः 9.00 बजे से

नीलाम में प्रस्तावित वनोपज की अनुमानित मात्रा

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली/ खूंटा नग में | लट्ठा घ.मी. | बल्ली/ खूंटा नग में | लट्ठा घ.मी. | बल्ली/खूंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 100.717 | 1109 | 1.956 | 480 | 102.673 | 1589 |
| बीजा | 0.187 | - | - | - | 0.187 | - |
| हल्दू/मुण्डी | - | - | 1.810 | - | 1.810 | - |
| साजा | 0.128 | - | - | 16 | 0.128 | 16 |
| नीलगिरी | 0.361 | - | - | - | 0.361 | - |
| अन्य | 78.387 | 859 | 3.487 | - | 81.874 | 859 |
| योग– | 179.780 | 1968 | 7.253 | 496 | 187.033 | 2464 |

जलाऊ

| प्रजाति | काष्ठागार धमतरी | योग | केन्द्रीय उपभोक्ता डिपो श्यामतराई पुराना बांस | कुरूद डिपो में पुराना बांस विभिन्न साईज के टुकड़ो में (साईज 5.50 मीटर) |
|---|---|---|---|---|
| | नया | | | |
| अन्य | 88 | 88 | 1923 नग | 1000 नग |
| योग– | 88 | 88 | 1923 नग | 1000 नग |

टीपः–
(1) क्रेताओं को ई–ऑक्सन के पूर्व एम.एस.टी.सी. ई–कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई–ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई– कार्मस पोर्टल में अपने आईडी से लॉगइन करके देख सकते है।
(4) ई–ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट मे अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

फोन – 07722–238371,
फैक्स – 07722–236137

वनमंडलाधिकारी
धमतरी वनमंडल धमतरी

G-242505496/ 7



ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଇ-ଟେଣ୍ଡର ନୋଟିସ୍

**ଇ-ଟେଣ୍ଡର ନୋଟିସ୍ ନଂ:** ଟିଆରଡି-ଆର-୨୦୨୪-ଇ ୧୪, ତାରିଖ: ୦୩.୦୨.୨୦୨୫, କାର୍ଯ୍ୟର ନାମ: ରାୟପୁର ମଣ୍ଡଳର ରାୟପୁର ଲାଖୋଲି ସେକ୍ସନ ଏବଂ ମରୋଦା-ଦିଲ୍ଲୀ ରାଜହରା (୩ ସୁଇଚ୍ ପୋଷ୍ଟ) ସେକ୍ସନର ସ୍କାଡା ସିଷ୍ଟମ ପାଇଁ ଦୁଇବର୍ଷ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୧୮,୪୭,୨୩୨, ଅମାନତ ଜମା: ଟ.୩୭,୦୦୦/-, ଟେଣ୍ଡର ଦାଖଲ ତାରିଖ: ତା ୦୪.୦୩.୨୦୨୫ ଅପରାହ୍ନ ୩ଟା ପର୍ଯ୍ୟନ୍ତ, ଟେଣ୍ଡର ଖୋଲିବାର ତାରିଖ: ୦୪.୦୩.୨୦୨୫ ଅପରାହ୍ନ ୩.୩୦ । ଟେଣ୍ଡରର କାଗଜପତ୍ର, ଆବଶ୍ୟକତା, ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ପୂର୍ଣ୍ଣ ବିବରଣୀ ପାଇଁ ବରିଷ୍ଠ ମଣ୍ଡଳ ଇଲେକ୍ଟ୍ରିକାଲ ଇଞ୍ଜିନିୟ (ଟିଆରଡି) ଏସ୍‌ଇସିଆର, ରାୟପୁର କାର୍ଯ୍ୟାଳୟ ସହ ସଂପର୍କ କରନ୍ତୁ କିମ୍ବା ଆମର ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ ଡାଉନଲୋଡ୍ କରନ୍ତୁ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଇଞ୍ଜିନିୟର-ଟିଆରଡି,
ଦକ୍ଷିଣପୂର୍ବ ମଧ୍ୟ ରେଳପଥ
ରାୟପୁର

PR/R/TRD/FL/235

South East Central Railway @secrail



ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ

ଇ-ଟେଣ୍ଡର ନୋଟିସ୍

**କ୍ରମିକ ନଂ(୧):** ଇ-ଟେଣ୍ଡର ନଂ- ସିନିୟର ଡିଇଇ-ଜି-ଆର-ଓଟିପି ୨୪-୨୫-୩୩, ତାରିଖ: ୦୬.୦୨.୨୦୨୫ । କାର୍ଯ୍ୟର ନାମ: ଆଂଶିକ ବୈଦ୍ୟୁତିକ କାର୍ଯ୍ୟ। (୧) ଅନ୍ତଗଡ଼ଠାରେ ଆରପିଏଫ ଆଉଟପୋଷ୍ଟ ନିର୍ମାଣ ସହ ଗାର୍ଡ ରୁମ୍, ରେଷ୍ଟ ରୁମ୍ ନିର୍ମାଣ। (୨) ତାରକୋଇଠାରେ ଆରପିଏଫ ଆଉଟପୋଷ୍ଟ ନିର୍ମାଣ ସହ ଗାର୍ଡରୁମ୍, ରେଷ୍ଟରୁମ୍ ନିର୍ମାଣ। (୩) ରାଓଘାଟଠାରେ ଆରପିଏଫ ଆଉଟପୋଷ୍ଟ ନିର୍ମାଣ ସହ ଗାର୍ଡରୁମ୍, ରେଷ୍ଟ ରୁମ୍ ନିର୍ମାଣ। (୪) ରାୟପୁର ଡିଭିଜନରେ ଥିବା ଆରପିଏଫ ବାରାକର ସମ୍ପ୍ରସାରଣ (ରାୟପୁର, ଡବ୍ଲୁଆରଏସ୍, ବିଏମ୍‌ୱାଇ, ଡିଆରଜେଡ୍, ବିୱାଇଟି, ବିୱାଇଏ ଏବଂ ଦୁର୍ଗ)। ଟେଣ୍ଡର ମୂଲ୍ୟ: ଟ. ୮୧,୨୨,୨୫୦.୦୦/-, ଅମାନତ ଜମା: ୧,୬୨,୫୦୦.୦୦/-, ଟେଣ୍ଡର ଦାଖଲ ତାରିଖ: ୦୭.୦୩.୨୦୨୫ ପୂର୍ବାହ୍ନ ୧୧.୩୦ । ପରବର୍ତ୍ତୀ ବିବରଣୀ/ ଟେଣ୍ଡରପେପର କ୍ରୟ, ଆବଶ୍ୟକତା ଏବଂ କାର୍ଯ୍ୟର ସଂପୂର୍ଣ୍ଣ ବିବରଣୀ ପାଇଁ ଦୟାକର ସିନିୟର ଡିଇଇ/ଜି/ଆର କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମର ୱେବସାଇଟ୍ www.ireps.gov.in ରୁ ଟେଣ୍ଡର ଡକ୍ୟୁମେଣ୍ଟ ଡାଉନଲୋଡ୍ କରନ୍ତୁ। ଏ କ୍ଷେତ୍ରରେ ମାନୁଆଲ ଅଫର ଗ୍ରହଣଯୋଗ୍ୟ ନୁହେଁ। ଯଦି ବି ଆସେ ତେବେ ତାହା ଅଗ୍ରାହ୍ୟ କରାଯିବ।

ସିନିୟର ଡିଇଇ(ଆରଏସ୍ ଆଣ୍ଡ ଜି)
ଦକ୍ଷିଣପୂର୍ବ କେନ୍ଦ୍ରୀୟ ରେଳପଥ
ରାୟପୁର

PR/R/Sr.DEE (RS&G)/ AAA /239

South East Central Railway @secrail


## ନଗର ଉନ୍ନୟନମନ୍ତ୍ରୀଙ୍କ ସୂଚନା

# ବଦଳିବ ମୋ ବସ୍ ନାମ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱର ସମେତ କଟକ, ରାଉରକେଲା, ସମ୍ବଲପୁର ଓ ଖୋର୍ଦ୍ଧା ସହରରେ ଚାଲୁଥିବା ମୋ ବସ୍‌ର ନାମ ପରିବର୍ତ୍ତନ କରାଯିବ। ଏ ନେଇ ଶନିବାର ସୂଚନା ଦେଇଛନ୍ତି ରାଜ୍ୟ ନଗରଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି, ମୋ ବସ୍‌ର ନାମ ପରିବର୍ତ୍ତନ କରାଯାଇ ଆମ ବସ୍ ରଖାଯିବ। ସେ କହିଥିଲେ, ମୋ ବସ୍ ଏକ ଅହଂକାରୀ ଶବ୍ଦ। ମୋହନ ସରକାର ହେଉଛନ୍ତି ଲୋକଙ୍କ ସରକାର। ତେଣୁ ମୋ ବଦଳରେ ଆମର କହିବା ଠିକ୍ ହେବ। ଅନ୍ୟପକ୍ଷରେ ଗତ କିଛିଦିନ ହେବ ଲଗାତାର ମୋ ବସ୍ ଦୁର୍ଘଟଣା ଘଟାଉଥିବା ନେଇ ଖବର ଆସିବା ପରେ ଏହାକୁ ରୋକିବା ପାଇଁ ଉଦ୍ୟମ କରାଯାଉଥିବା ମନ୍ତ୍ରୀ କହିଛନ୍ତି। ଦୁର୍ଘଟଣା ରୋକିବାକୁ ବସ୍‌ଗୁଡ଼ିକରେ କ୍ୟାମେରା ଲଗାଯିବ। ବସ୍‌ର ଆଗ ଓ ପଛରେ କ୍ୟାମେରା ଲାଗିବ। ସେହିପରି ବସ୍‌ର ଚାଳକମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ରାସ୍ତାରେ ଗାଡ଼ି ଚଳାଇବାବେଳେ ଯାତ୍ରୀଙ୍କ ସୁରକ୍ଷାକୁ ନଜର ଦେବାକୁ ପଡ଼ିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ଗତ ୪ ତାରିଖରେ ଭୁବନେଶ୍ୱରର କିଟ୍ ଛକରୁ ନନ୍ଦନକାନନ ଛକ ଯାଉଥିବା ମୋ ବସ୍ ରଘୁନାଥପୁର ନିକଟରେ ଏକ ଶିଶୁକନ୍ୟାକୁ ଧକ୍କା ଦେବାରୁ ତା'ର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ବସ୍‌ର ଡ୍ରାଇଭର ନୃସିଂହ ସେଠୀ ନନ୍ଦନକାନନ ଥାନାରେ ଆତ୍ମସମର୍ପଣ କରିବା ପରେ ତାକୁ ଗିରଫ କରାଯାଇଥିଲା। କେବଳ ଏତିକି ନୁହେଁ, ଗତ କିଛିଦିନ ହେବ ମୋ ବସ୍ ଦୁର୍ଘଟଣା ଘଟାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି।


ମହକୁମେ, ବରିଷ୍ଠ ଦେୱାନୀ ବିଚାରପତି ଙ୍କ ଅଦାଲତ, କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର

Order 5 Rule 20 C.P.C.

ସିଭିଲ ମୋକଦ୍ଦମା ନଂ. ୬୨/ ୨୦୨୨ (F.D.)

ଭାନୁଦେଇ ମହାନନ୍ଦ ........................................ ବାଦୀ

ବନାମ

ରାଜକୁମାରି ମହାନନ୍ଦ ଓ ଅନ୍ୟମାନେ ........................................ ପ୍ରତିବାଦୀ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ. ୪- ରାଜିବ ମହାନନ୍ଦ, ପିତା- ସ୍ୱର୍ଗତ ବିଦେସି ମହାନନ୍ଦ, ବୟସ ୪୮ ବର୍ଷ,
ପ୍ରତିବାଦୀ ନଂ. ୯ – ବିମଳା ମହାନନ୍ଦ, ପିତା- ସ୍ୱର୍ଗତ ଭାନୁ ମହାନନ୍ଦ, ବୟସ ୫୫ ବର୍ଷ,
ପ୍ରତିବାଦୀ ନଂ. ୧୦ – ପ୍ରମିଳା ମହାନନ୍ଦ, ପିତା- ସ୍ୱର୍ଗତ ଭାନୁ ମହାନନ୍ଦ, ବୟସ ୫୧ ବର୍ଷ,
ପ୍ରତିବାଦୀ ନଂ. ୧୧ – ମିନା ମହାନନ୍ଦ, ପିତା- ସ୍ୱର୍ଗତ ଭାନୁ ମହାନନ୍ଦ, ବୟସ ୪୬ ବର୍ଷ,
ସମସ୍ତ ନିବାସୀ/ପୋ.- ଖଣ୍ଡୋକଟା, ଥାନା/ ତହସିଲ- କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର ।

ଏତଦ୍ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭାନୁଦେଇ ମହାନନ୍ଦ, ସ୍ୱାମି- ସ୍ୱର୍ଗତ ଜୟରାମ ମହାନନ୍ଦ, ନିବାସୀ/ପୋ.- ଖଣ୍ଡୋକଟା, ଥାନା/ ତହସିଲ- କୁଚିଣ୍ଡା, ଜିଲ୍ଲା- ସମ୍ବଲପର । ତୁମ୍ଭ ମାନଙ୍କ ନାମରେ ଉପରୋକ୍ତ ବିଚାରାଳୟରେ ଖଣ୍ଡୋକଟା ମୌଜା ସ୍ଥିତ ଖାତା ନଂ. ୧୫୪ ର ରକବା ଏ. ୬.୪୯ଡ଼ି ର ଭାଗବଣ୍ଟା (Partition) ନିମନ୍ତେ ଉପରୋକ୍ତ ମୋକଦ୍ଦମା ଦାୟର କରିଥିଲେ । ଯାହାକି ବାଦି ସପକ୍ଷରେ ଡ଼ିକ୍ରି ହୋଇ ବର୍ତ୍ତମାନ ଫାଇନାଲ ଡ଼ିକ୍ରି ପାଇଁ ବାଦୀ ଦରଖାସ୍ତ କରିଛନ୍ତି । ତୁମ୍ଭଙ୍କୁ ଅଦାଲତ ତରଫରୁ ନୋଟିସ ଯାଉଥିଲେ ମଧ୍ୟ ତୁମ୍ଭେ ଜାଣିଶୁଣି ଏହାକୁ ଗ୍ରହଣ ନ କରି ଅଗ୍ରାହ୍ୟ କରୁଥିବା ପ୍ରତିତ ହେଉଅଛି ।

ଏଣୁ ଏତଦ୍ ଦ୍ୱାରା ଜଣାଇ ଦିଆ ଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମା ର ପରବର୍ତ୍ତି ତାରିଖ ଆସନ୍ତା ତା. ୨୦.୦୨.୨୦୨୫ ରିଖ ସମୟ ୧୦.୦୦ଘଣ୍ଟା ଧାର୍ଯ୍ୟ କରାଯାଇଛି । ଉକ୍ତ ତାରିଖ ଓ ସମୟ ମତେ ତୁମ୍ଭେ ନିଜେ କିମ୍ବା ତୁମ୍ଭ ଓକିଲଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମା ବିଷୟରେ ଲିଖିତ ଭାବରେ ଜଣାଇବ ନଚେତ ମୋକଦ୍ଦମାଟି ତୁମ୍ଭ ଅନୁପସ୍ଥିତିରେ ଏକତରଫା ଭାବରେ ବିଚାର କରାଯିବ ।

ସ୍ୱା/-
ବରିଷ୍ଠ ଦେୱାନୀ ବିଚାରପତି କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ବାରବାଟୀ...

କଠିନ ପରିଶ୍ରମ ମଧ୍ୟ କରିଛନ୍ତି। ରବିବାର ବାରବାଟୀ ଷ୍ଟାଡିୟମରେ ଦିବାରାତ୍ର ମ୍ୟାଚ୍ ଖେଳାଯିବ। ଏହାପୂର୍ବରୁ ଭାରତୀୟ ଟିମ୍ ଶନିବାର ଅପରାହ୍ନରେ ଭୁବନେଶ୍ୱର ହୋଟେଲ ମେ' ଫେୟାରରୁ ବାହାରି କଟକ ଯାଇଥିଲେ। ଖେଳାଳିମାନେ ଏକ ସ୍ୱତନ୍ତ୍ର ବସ୍ ଯୋଗେ ସେଠାରେ ପହଞ୍ଚିଥିଲେ। ହୋଟେଲ ସାମ୍ନାରେ ଖେଳାଳିମାନଙ୍କୁ ଦେଖିବା ପାଇଁ ପ୍ରବଳ ଗହଳି ଲାଗି ରହିଥିଲା। ଅଭ୍ୟାସ ମ୍ୟାଚ୍ ଦେଖିବା ପାଇଁ ବାରବାଟୀ ଷ୍ଟାଡିୟମର କିଛି ଗ୍ୟାଲେରୀକୁ ଖୋଲା ଯାଇଥିଲା। ସେଠାରେ ଖେଳପ୍ରେମୀଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ ନାଗପୁରରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ବିଜୟ ହାସଲ କରିଛି। ତେଣୁ ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହୋଇ ଶୃଙ୍ଖଳାକୁ ୨-୦ରେ ଅଗ୍ରଣୀ ରଖିବା ପାଇଁ ଉଦ୍ୟମ କରିବ ବୋଲି କୁହାଯାଉଛି।

### ବିଜେପି ହାତରେ...

ଦମ୍‌ଦାର ପ୍ରଚାର ଓ ସିଟ୍ ବାଇ ସିଟ୍ ରଣନୀତିକୁ ଆପ୍ ବୁଝିବାରେ ଅକ୍ଷମ ହେବାରୁ ଏଭଳି ସ୍ଥିତି ଉପୁଜିଛି। ଏପରିକି ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସମେତ ଆପ୍‌ର ବହୁ ହେଭିୱେଟ୍ ବିଜେପି ପ୍ରାର୍ଥୀଙ୍କ ଆଗରେ ଧରାଶାୟୀ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ନୂଆଦିଲ୍ଲୀ ଆସନରେ ବିଜେପିର ପ୍ରଭେସ ବର୍ମା ୪ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି। ସେହିପରି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଶ ସିସୋଦିଆ ଜଙ୍ଗପୁର ଆସନରେ ବିଜେପିର ତରଭିନ୍ଦର ସିଂଙ୍କଠାରୁ ୬୦୦ରୁ ଅଧିକ ଭୋଟରେ ପରାଜିତ ହୋଇଛନ୍ତି। ଦଳର ଅନ୍ୟତମ ଦୁଇ ହେଭିୱେଟ୍ ସତ୍ୟେନ୍ଦ୍ର ଜୈନ ଓ ସୌରଭ ଭରଦ୍ୱାଜ ମଧ୍ୟ ଏହି ନିର୍ବାଚନରେ ପରାସ୍ତ ହୋଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଥିବା ଆତିଶୀ ଏହି ନିର୍ବାଚନରେ ବିଜୟଲାଭ କରିଛନ୍ତି। ସେ ବିଜେପିର ରମେଶ ବିଧୁରୀଙ୍କଠାରୁ ପଛରେ ଥିଲେ ମଧ୍ୟ ଶେଷ ସମୟରେ ବିଜୟଲାଭ କରିଥିଲେ। ୧ହଜାରରୁ କମ୍ ଭୋଟରେ ସେ କାଲକାଜି ଆସନରୁ ବିଜୟୀ ହୋଇଥିବା ସୂଚନା ମିଳିଛି। ତେବେ ମନୀଶ ସିସୋଦିଆ ତାଙ୍କ ପାରମ୍ପରିକ ଆସନ ଛାଡ଼ି ଜଙ୍ଗପୁରା ଆସିଥିବାରୁ ପରାଜିତ ହୋଇଥିବା କୁହାଯାଉଛି। ଉଭୟ ପତପରଗଞ୍ଜ ଓ ଜଙ୍ଗପୁରାରେ ଆପ୍ ପରାଜୟ ବରଣ କରିଛି। ଜଙ୍ଗପୁରାରେ ମନୀଶ ସିସୋଦିଆ ପ୍ରାର୍ଥୀ ହୋଇଥିବାବେଳେ ପତପରଗଞ୍ଜରେ ଶିକ୍ଷାବିତ ଅବଧ ଓଝା ଆପ୍‌ର ପ୍ରାର୍ଥୀ ହୋଇଥିଲେ। ଦିଲ୍ଲୀ ପରାଜୟ ପରେ ଆପ୍‌କୁ ଏକ ବଡ଼ଧରଣର ଝଟ୍‌କା ଲାଗିଛି। ଅନ୍ୟପକ୍ଷରେ ଦୀର୍ଘ ୨୭ ବର୍ଷ ପରେ ବିଜେପି ଦିଲ୍ଲୀ ଦଖଲ କରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ ସସ୍‌ପେନ୍ସ ଆରମ୍ଭ ହୋଇଛି। ସରକାର ଗଠନ କରିବାକୁ ଯାଉଥିବା ବିଜେପି ଦିଲ୍ଲୀରେ ବିନା ମୁଖ୍ୟମନ୍ତ୍ରୀ ଚେହେରାରେ ନିର୍ବାଚନ ଲଢିଥିଲା। ଏହି ବିଜୟ ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟି ଥିବା କୁହାଯାଉଛି। ଏଥିସହ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମଧ୍ୟ ବେଶ୍ କସରତ କରିଥିବା ଜଣାପଡ଼ିଛି। ଦିଲ୍ଲୀରେ ବିଜେପିର ବାଜିମାତ ପରେ ଦିଲ୍ଲୀର ବିଜେପି କାର୍ଯ୍ୟାଳୟରେ ବିଜୟ ଉତ୍ସବ ମନାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦଳର ବହୁ ହେଭିୱେଟ୍ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଯେ ଶନିବାର ସକାଳ ୮ଟାରୁ କଡ଼ା ସୁରକ୍ଷା ମଧ୍ୟରେ ଭୋଟଗଣତି ଆରମ୍ଭ ହୋଇଥିଲା। ଗତ ୫ ତାରିଖରେ ବିଧାନସଭାର ୭୦ ଆସନ ପାଇଁ ମତଦାନ ଅନୁଷ୍ଠିତ ହୋଇଥିଲା।

### ମା'ମାନେ ବିକାଶ...

ଯୋଜନାରେ ସହାୟତା ପାଇଲେ। ଏହି ସହାୟତା ରାଶି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁଭଦ୍ରା ଯୋଜନାରେ ମା'ମାନଙ୍କୁ ୨ଟି କିସ୍ତିରେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ୫ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି । ଏହି ସହାୟତା ରାଶି ପ୍ରଦାନର ଉଦ୍ଦେଶ୍ୟ ରହିଛି ମା'ମାନଙ୍କୁ ବିକାଶର ପାର୍ଟନର କରିବା, ମା'ମାନେ ଏହାକୁ ପାରିବାରିକ ଖର୍ଚ୍ଚ ପାଇଁ ବ୍ୟବହାର ନ କରି ବିଭିନ୍ନ ବିଜିନେସ ପାଇଁ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନାରୀର ଶକ୍ତି ସାମର୍ଥ୍ୟ ଏବଂ ପ୍ରତିଭାର ଉପଯୋଗ କରି ସାମାଜିକ ପ୍ରଗତିକୁ ତ୍ୱରାନ୍ୱିତ କରାଇବା ସୁଭଦ୍ରା ଯୋଜନାର ଉଦ୍ଦେଶ୍ୟ । ଏଥିପାଇଁ ମା'ମାନଙ୍କୁ ବିଜିନେସ କରିବାର ବିଭିନ୍ନ କୌଶଳ ଶିଖିବାକୁ ପଡ଼ିବ । ବିଭିନ୍ନ ଟ୍ରେଡରେ ମଧ୍ୟ ଦକ୍ଷତାର ବିକାଶ କରିବାକୁ ପଡ଼ିବ । ମା'ମାନଙ୍କ ଦକ୍ଷତା ବିକାଶ କରିବାକୁ ନିକଟରେ ଆୟୋଜିତ ହୋଇଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟ ସରକାର ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ଆଇ.ଆଇ.ଏମ୍. ସମ୍ବଲପୁର ସହିତ ଅନୁବନ୍ଧିତ ହୋଇଛନ୍ତି । ଆଗାମୀ ଦିନରେ ଆହୁରି ଅନେକ ସଂସ୍ଥା ଏଥିରେ ଯୋଡ଼ି ହେବେ । ମା'ମାନେ ବିଜିନେସ କରିବାର କଳା କୌଶଳ ଶିଖିଲେ ସେମାନେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି ସେ କହିଥିଲେ । ସେ କହିଥିଲେ ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହେବ । ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିବା ସହିତ ନିଜ ଅଧିକାର ପ୍ରତି ସଚେତନ ହୋଇପାରୁଛନ୍ତି । ସୁଭଦ୍ରା ଯୋଜନା ଓଡ଼ିଶା ମା ଓ ଭଉଣୀମାନଙ୍କ ଜୀବନରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ମହିଳା ସଶକ୍ତିକରଣର ସ୍ୱପ୍ନକୁ ବାସ୍ତବ ରୂପ ଦେଇଛି ଏହି ସୁଭଦ୍ରା ଯୋଜନା। ବିକଶିତ ଓଡ଼ିଶାର ସାରଥି ହେବେ ଆମ ରାଜ୍ୟର ମା ଓ ଭଉଣୀମାନେ । ସୁଭଦ୍ରା ଯୋଜନା ମହିଳାଙ୍କ ଆୟ ବଢ଼ାଇବା ସହିତ ରାଜ୍ୟର ଅର୍ଥନୈତିକ ପ୍ରଗତିରେ ମହିଳାଙ୍କ ଯୋଗଦାନକୁ ସୁଦୃଢ଼ କରିବ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯାଜପୁର ଜିଲ୍ଲା ଓଡ଼ିଶାର ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ଖ୍ୟାତି ଅର୍ଜନ କରିଥିବା ବେଳେ ସ୍ୱାଧିନତା ସଂଗ୍ରାମ ଠାରୁ କଳା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ସବୁ କ୍ଷେତ୍ରରେ ଯାଜପୁରର ସ୍ୱତନ୍ତ୍ର ପରିଚୟ ରହିଛି । ଯାଜପୁର ତାର ଐତିହ୍ୟକୁ ସାଥିରେ ନେଇ ଆଜି ବିକାଶ ପଥରେ ଆଗେଇ ଚାଲିଛି । ସୁଭଦ୍ରା ଯୋଜନାରେ ଜିଲ୍ଲାର ସମୁଦାୟ ୪.୯୪ ଲକ୍ଷରୁ ଅଧିକ ମା ଓ ଭଉଣୀ ସାମିଲ ହୋଇଛନ୍ତି । ତନ୍ମଧ୍ୟରୁ ୩. ୭୫ ଲକ୍ଷରୁ ଅଧିକ ମହିଳାଙ୍କୁ ପ୍ରଥମ କିସ୍ତିର ଅର୍ଥରାଶି ପ୍ରାପ୍ତ ହୋଇସାରିଛି । ଆଜି ଚତୁର୍ଥ ପର୍ଯ୍ୟାୟର ପ୍ରଥମ କିସ୍ତିରେ ଯାଜପୁର ଜିଲ୍ଲାରେ ୭୯ ହଜାରରୁ ଅଧିକ ହିତାଧିକାରୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଗଲା ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ ଯେ, ସୁଭଦ୍ରା ଏକ ଯୋଜନା ନୁହେଁ, ଏହା ଆଗାମୀ ଦିନରେ ମହିଳାମାନଙ୍କର ଜୀବନ ଧାରଣର ଏକ ମାଧ୍ୟମ ହେବ। ରାଜ୍ୟରେ ମହିଳାମାନଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସରକାର ସର୍ବଦା ମହିଳାଙ୍କୁ ଅଗ୍ରାଧିକାର ଦେଇଛନ୍ତି । ମା ସୁଭଦ୍ରାଙ୍କ ଶକ୍ତିରେ ଓଡ଼ିଶାର ସମସ୍ତ ମା ଭଉଣୀମାନେ ଶକ୍ତିଶାଳୀ ହୁଅନ୍ତୁ ବୋଲି ସେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ, ହସ୍ତଶିଳ୍ପ ପ୍ରଦୀପ ବଳ ସାମନ୍ତ, କୋରେଇ, ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ, ଅମର ନାୟକ, ଧର୍ମଶାଳା ବିଧାୟକ, ହିମାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହି ଓଡିଶା ସରକାରଙ୍କ ସୁଭଦ୍ରା ଯୋଜନାକୁ ମହିଳା ମାନଙ୍କ ଆର୍ଥିକ ଓ ସାମାଜିକ ଜୀବନର ମାନଦଣ୍ଡ ବୋଲି କହିଥିଲେ। ଇତ୍ୟବସରରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।


GOVERNMENT OF ODISHA
e-Procurement Notice, ANGUL (R&B) DIVISION
Bid Identification No.39 of 2024-25
e-mail ID- angulrbdivision@yahoo.co.in

B-934

1. Number of Works : 02 (Two) number of road works
2. Approximate estimated cost : Varies from 36.00 lakh to 42.00 lakh
3. Period of completion : 01 (One) Calendar months
4. Date & Time of availability of bid document In the portal : Dt..11.02.2025 at 10.00 A.M.
5. Last date / Time for receipt of bid in the portal : Dt. 20.02.2025 up to 5.00 P.M.
6. Date of opening Bid : Dt. 21.02.2025 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in ONLINE bidding only.

Further details can be seen from the e-procurement portal https:/tendersodisha.gov.in

Sd/- Superintending Engineer,
Angul (R&B) Division

OIPR 34074/11/0018/2425



GOVERNMENT OF ODISHA
OFFICE OF THE EXECUTIVE ENGINEER,
P.H. DIVISION, BALASORE

C-1599

Phone : 9438660004, e-mail-eephbls@gmail.com

NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.03.02.2025

The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid-Identification No. | Value of Work (Rs. In Lakh) | Class of contractor | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|---|
| | | | | | | From | To | | |
| 1 | Supply of ISI Marked DI (K-7) Pipes for different Pipe Water Supply Projects of Soro Municipality & Remuna N.A.C. under State Plan. | SEPHBLS-31 dt.03.02.2025 | 266.19 | Manufacturer | 60 (Sixty) Days | 11:00 Hrs. of dt.10.02.2025 | 17:00 Hrs. of dt.25.02.2025 | 17:00 Hrs. Of 19.02.2025 | 11:00 Hrs. Of 27.02.2025 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid :- The Superintending Engineer, P.H. Division, Balasore-756056, Odisha, Phone : 9438660004

Sd/-Superintending Engineer,
P.H. Division, Balasore.

OIPR 13053/11/0017/2425



C-1597

e-mail: eephbhpt@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766002

NATIONAL COMPETITIVE BIDDING THROUGH e-Procurement
Identification No.SEPH-BHPT– 48 of 2024-25/ Dt. 04.02.2025
e-Procurement Notice

01. Name of the Work : 1 no Work.
02. Type of Bid. : Single Bid System
03. Estimated Cost : Rs. 17.93 lakh
04. Period of Completion : 02 (Two) Calendar Months
05. Date & Time of availability of bid document in the portal : From 11.00 AM of dt. 10.02.2025 to 5.00 PM of 19.02.2025
06. Last date / time of receipt of bids in the portal : 5.00 PM of 19.02.2025.
07. Date & Time of opening of technical bids : At 11.30 AM of 20.02.2025
08. Name and Address of the Officer Inviting Bid : Superintending Engineer, P.H. Division, Bhawanipatna , Railway Station Road, At/Po- Parmanandpur, 766002 Dist- Kalahandi.

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/-Superintending Engineer,
P.H. Division, Bhawanipatna

OIPR 13059/11/0020/2425



E-mail: eerw_ptng@yahoo.in
Phone No – 06658-222121

GOVT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION PATNAGARH

O-1440

e Procurement Notice

IFB IDENTIFICATION NO. EEPTNG- Online -12/2024-25

| | | | |
|---|---|---|---|
| 1. | Name of work | : | Special Repair Bridge works |
| 2. | Total no of work | : | 04 (Four) Nos Bridge work |
| 3. | Time for completion | : | 01 (One) Calendar month |
| 4. | Approximate estimated cost | | 5.08 lakh to 27.46 lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-Online-12/2024-25 | 10.02.2025 at 11.00 AM | 15.02.2025 upto 5.00 P.M | 14.02.2025 upto 5.00 PM | 17.02.2025 at 11.000 A.M |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Sd/-Executive Engineer
R.W.Division, Patnagarh

OIPR 25154/11/0016/2425



O-1390

By E_Mail/e-Despatch
E_Mail ID : serwcbaripada@gmail.com
Ph-No-06792-261343/261344
Gangraj, Baripada

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
"e" Procurement Notice for Building Work

Identification No.- Online Tender- Building N.C.B. No. 366 for 2024-25.

Letter No. 345 / Date.31.01.2025 //

1. Name of the work :- Construction of Academic Block for District Institute of Education Training (DIET) as Center of Excellence at Baripada in the District of Mayurbhanj for the year 2024-25.
2. Total No. of work :- 01 No. (One )
3. Estimated Cost :- Rs.439.56 Lakh (approximately).
4. Eligible Class of Contractor :- As Per Annexure
5. Period of Completion :- As Per Annexure.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Building On-line N.C.B. No.366 | Dt.10.02.2025 at 11.00 A.M. | Dt.24.02.2025 up to 5.00 P.M. | Dt.21.02.2025 up to 5.00 P.M. | Dt.25.02.2025 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum / Addendum will be displayed in the above e_tender website only.

Sd/- Chief Construction Engineer,
R.W. Circle, Baripada

OIPR 25130/11/0017/2425



OFFICE OF THE DIVISIONAL FOREST OFFICER, KALAHANDI NORTH DIVISION
NEAR OLD GOVT. BUS STAND, BHAWANIPATNA, KALAHANDI, ODISHA - 766001
E-mail ID: dfo.kalahandinorth@odisha.gov.in Phone No. 06670-230526

Bid Identification No. BC-DFOKLDN – 07/2024-25

NOTICE INVITING SHORT TENDER

MM-468

| | | |
|---|---|---|
| 1 | Name of the Work | Construction of Elephant Care Centre at Kutrukhai of Kalahandi North Division (Elephant Open Moat, Kraal, Service Road, Kitchen Nursery, Enclosure % Shed for Calf, Veterinary & Mahut shed) |
| 2 | Estimated Cost | Rs. 1,29,33,288/- |
| 3 | No. of Works | 1 (One) |
| 4 | Period & time of completion | To be completed by 31.03.2025 |
| 5 | Date & time of availability of the bid document in the portal | 10.02.2025 to 15.02.2025 (Up to 5.00 PM) online bidding |
| 6 | Last Date/ Time for receipt of bids in the portal | Up to 5.00 PM of 15.02.2025 |
| 7 | Date & Time of bid opening | 11.00 AM on 17.02.2025 |
| 8 | Name & Address of the officer inviting Bid | Divisional Forest Officer, Kalahandi North Division, At – Bhawanipatna, Dist – Kalahandi, PIN - 766001 |

Others can be seen from Detailed Notice Inviting Tenders available in website: - www.tenderodisha.gov.in.

Corrigendum if any shall only be published.

Sd/-Divisional Forest Officer,
Kalahandi North Division

OIPR 08107/11/0012/2425



B-929

E-Mail I.D.-eerbjspr@gmail.com

OFFICE OF THE SUPERINTENDING ENGINEER
JAGATSINGHPUR (R&B) DIVISION, JAGATSINGHPUR

GOVERNMENT OF ODISHA
('e' PROCUREMENT NOTICE)
Bid Identification No. S.E. JSP(R&B)-11 of 2024-25
TENDER CALL NOTICE

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Building works as mentioned below.
2. No. of Work :- 04Nos.
3. Nature of work :- Road works
4. Class of Contractor :- "B" "C" & "D"
5. Tender Paper Cost :- Rs. 6000/- & Rs 4000/- (Online)
6. Available of bid documents in the website :- From 10/02/2025 to 5PM of 17/02/2025
7. Date of Opening of Bid :- 11AM of 18/02/2025
8. Date of Lottery :- At 4P.M. On 19.02.2025

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/-(Er. Sarbendu Sutar)
Superintending Engineer,
Jagatsinghpur (R&B) Division.

OIPR 34093/11/0015/2425

# ଜାତୀୟ,ଅନ୍ତର୍ଜାତୀୟ ଓ ବାଣିଜ୍ୟ





ନୂଆଦିଲ୍ଲୀ: ଆମେରିକାରେ ବଢ଼ି ଚାଲିଛି ବମାନ ଦୁର୍ଘଟଣା । ୮ ଦିନ ମଧ୍ୟରେ ଥାର୍ଡ ପ୍ଲେନ୍ କ୍ରାସ୍ । ଶୁକ୍ରବାର ପଶ୍ଚିମ ଆଲାସ୍କାରୁ ଗାଏବ ହୋଇଯାଇଥିବା ଛୋଟ ବିମାନ ଦୁର୍ଘଟଣାର ଶିକାର ହୋଇଛି । ଏଥିରେ ଯାତ୍ରା କରୁଥିବା ସମସ୍ତ ୧୦ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଛି । ଆମେରିକୀୟ ତଟରକ୍ଷକ ବାହିନୀର ଏକ ହେଲିକପ୍ଟର ସର୍ଚ୍ଚ ଅପରେସନରେ ଲାଗିଛି । ଏକ ସ୍ଥାନରେ ବିମାନର ଧ୍ୱଂସାବଶେଷ ପଡ଼ିଥିବା ଦେଖିବାକୁ ମିଳିଛି । ଏହାର ଯାଞ୍ଚ ପାଇଁ ଦୁଇଟି ଉଦ୍ଧାରକାରୀ ଦଳ ଗଠନ କରାଯାଇଛି । ଉଡ଼ାଣର ଏକ ଘଣ୍ଟା ପରେ ବିମାନ ସହ ସିଗନାଲ୍ ବ୍ରେକ୍ ହୋଇଥିଲା । ଆଲାସ୍କାର ସାର୍ବଜନିକ ସୁରକ୍ଷା ସେବା ଅନୁଯାୟୀ, ବେରିଂ ଏୟାରର ସିଙ୍ଗଲ୍ ଇଞ୍ଜିନ ଥିବା ଟର୍ବୋପ୍ରାପ ବିମାନ ଗୁରୁବାର ଦ୍ୱିପ୍ରହରରେ ୯ ଯାତ୍ରୀ ନେଇ ଅନାଲାକଲିଟରୁ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା । ବେରିଂ ଏୟାରର ପରିଚାଳକ ନିର୍ଦ୍ଦେଶ ଡେଭିଡ୍ ଆଲ୍‌ସନ କହିଛନ୍ତି, ଅପରାହ୍ଣ ୨.୩୭ ମିନିଟ ବିମାନ ଟେକ୍ ଅପ୍ କରିଥିଲା । ଏହାର ଏକ ଘଣ୍ଟା ପରେ ବିମାନଠାରୁ ରେଡିଓ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ତେବେ ପଶ୍ଚିମ ଆଲାସ୍କାରେ ଏକ ବିମାନର ଧ୍ୱଂସାବଶେଷ ଠାବ ହୋଇଥିବାରୁ ଏହାକୁ ବେରିଂ ଏୟାର ବିମାନ ବୋଲି ଅନୁମାନ କରାଯାଉଛି ।

### ଦିଲ୍ଲୀବାସୀଙ୍କ ପାଇଁ ଖୁସି ଖବର

## ମହିଳାଙ୍କୁ ମାସକୁ ମିଳିବ ୨୫୦୦ ଓ ଯୁବକଙ୍କୁ ୧୫ ହାଜର ଟଙ୍କା



ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳର ଚିତ୍ର ଏବେ ପ୍ରାୟ ସ୍ପଷ୍ଟ ହୋଇଯାଇଛି । ଯେଉଁଥିରେ ଭାଜପା ସରକାର ଗଠନ କରୁଥିବା ପରି ମନେ ହେଉଛି । ଏହି ଖବର ଲେଖାଯିବା ସମୟରେ, ଭାଜପା ୪୭ଟି ଆସନରେ ଆଗୁଆ ଥିବା ବେଳେ ଆମ ଆଦମୀ ପାର୍ଟି ମାତ୍ର ୨୩ଟି ଆସନରେ ଆଗୁଆ ଅଛି । ତେବେ ନିର୍ବାଚନ ପୂର୍ବରୁ ସରକାରକକୁ ଆସିଲେ ଭାଜପା ଦିଲ୍ଲୀବାସୀଙ୍କୁ ବଡ଼ ପ୍ରତିଶ୍ରୁତି ଦେଇଥିଲା । ବର୍ତ୍ତମାନ ଟ୍ରେଣ୍ଡ ଅନୁସାରେ ଭାଜପା ମ୍ୟାଜିକ ନମ୍ବର ଛୁଇଁ ସାରିଛି । ଏହି କ୍ରମରେ ଆସନ୍ତୁ ଦେଖିବା ଦିଲ୍ଲୀବାସୀ ଏବେ ମାଗଣାରେ କଣ ପାଇବେ । ଯଦି ଦିଲ୍ଲୀରେ ଭାଜପା ସରକାର ଗଠନ କରେ, ତେବେ ଗରିବ ମହିଳାମାନେ ପ୍ରତି ମାସରେ ୨୫୦୦ ଟଙ୍କା ପାଇବେ । ଗରିବ ମହିଳାମାନେ ୫୦୦ଟଙ୍କାରେ ସିଲିଣ୍ଡର ପାଇବେ ଏବଂ ହୋଲି-ଦୀପାବଳିରେ ମାଗଣା ସିଲିଣ୍ଡର ପାଇବେ । ଗର୍ଭବତୀ ମହିଳାଙ୍କୁ ୨୧ହଜାର ଟଙ୍କାର ଆର୍ଥିକ ସହାୟତା ମିଳିବ । ଦିଲ୍ଲୀବାସୀଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସାର ସୁବିଧା ମଧ୍ୟ ମିଳିବ । ଆୟୁଷ୍ମାନ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଯୋଗାଇ ଦିଆଯିବ । ସେହିପରି ଓପିଡି ସେବା ଏବଂ ଲ୍ୟାବ ପରୀକ୍ଷା ମଧ୍ୟ ମାଗଣା ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଏବେ ଦିଲ୍ଲୀର ୧୭୦୦ ରୁ ଅଧିକ ଅନଧିକୃତ କଲୋନୀରେ ରହୁଥିବା ଲୋକମାନେ ସେମାନଙ୍କ ଘରର ମାଲିକାନା ଅଧିକାର ପାଇବେ । ଦିଲ୍ଲୀରେ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଯୁବକଙ୍କୁ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯିବ । ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ପ୍ରତି ମାସରେ ୧୦୦୦ ଟଙ୍କା ସହାୟତା ମିଳିବ ।

### ୧୦୪କୁ ନେଇ ଥମିନି ବିବାଦ

## ଆଉ ୫୮୬ଙ୍କୁ ଫେରାଇ ଦେବାକୁ ଚାହିଁଲାଣି ଟ୍ରମ୍ପ ପ୍ରଶାସନ

ୱାଶିଂଟନ/ନୂଆଦିଲ୍ଲୀ: ମାତ୍ର ତିନି ଦିନ ପୂର୍ବେ ଗତ ୫ ତାରିଖରେ ଆମେରିକାରେ ରହୁଥିବା ୧୦୪ ଅବୈଧ ପ୍ରବାସୀ ଭାରତୀୟଙ୍କୁ ଭାରତକୁ ମୁକ୍ତ କରାଯାଇଥିଲା । ଏହି ଭାରତୀୟମାନଙ୍କୁ ଏକ ଆମେରିକୀୟ ସାମରିକ ବିମାନରେ ହାତକଡ଼ି ଏବଂ ଶିକୁଳିରେ ବାନ୍ଧି ଭାରତ ଅଣାଯାଇଥିଲା । ଏହି ପ୍ରସଙ୍ଗରେ ସଂସଦରେ ଗତ ଦୁଇଦିନ ଧରି ହଙ୍ଗୋଳ ଚାଲିଛି । ଏବେ ଭାରତର ବୈଦେଶିକ ମନ୍ତ୍ରଣାଳୟ ଆଉ ଏକ ନୂତନ ଅପଡେଟ ଦେଇଛି । ବୈଦେଶିକ ସଚିବ ବିବେକ ମିସ୍ତ୍ରୀ କହିଛନ୍ତି ଯେ ଆମେରିକା ୪୮୭ ଭାରତୀୟଙ୍କ ପାଇଁ ଚୂଡ଼ାନ୍ତ ନିବାସନ ନିର୍ଦ୍ଦେଶ ଜାରି କରିଛି । ସୂଚନାଯୋଗ୍ୟ, ୯୯ ଭାରତୀୟ ପୂର୍ବରୁ ନିର୍ବାସନ ପାଇଁ ପ୍ରସ୍ତୁତ ଥିଲେ । ଏହିପରି ଭାବରେ ଏହି ସଂଖ୍ୟା ଏବେ ୫୮୬ରେ ପହଞ୍ଚିଛି । ଏହା ସହିତ ଆମେରିକା ଭାରତକୁ ୨୯୮ ଜଣଙ୍କ ଆଉ ଏକ ତାଲିକା ମଧ୍ୟ ପଠାଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରସ୍ତାବିତ ଆମେରିକା ଗସ୍ତ ପୂର୍ବରୁ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ, ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ ଶୁକ୍ରବାର କହିଛନ୍ତି ଯେ ଆମେରିକା କର୍ତ୍ତୃପକ୍ଷ ଭାରତକୁ ସୂଚନା ଦେଇଛନ୍ତି ଯେ ସେମାନଙ୍କୁ ୪୮୭ ସମ୍ଭାବ୍ୟ ଭାରତୀୟ ନାଗରିକଙ୍କ ପାଇଁ ଚୂଡ଼ାନ୍ତ ଅପସାରଣ ନିର୍ଦ୍ଦେଶ ଦିଆଯାଇଛି ଏବଂ ୨୯୮ ଜଣଙ୍କ ପାଇଁ ପରିଚୟ ବିବରଣୀ ମଧ୍ୟ ପ୍ରଦାନ କରାଯାଇଛି । ଯେତେବେଳେ ବିବେକ ମିସ୍ତ୍ରୀଙ୍କୁ ପଚରାଗଲା ଯେ ଭାରତ ସରକାର ଆମେରିକା ସହିତ ନିର୍ବାସିତ ଭାରତୀୟଙ୍କ ପ୍ରତି ଅମାନବୀୟ ବ୍ୟବହାର ପ୍ରସଙ୍ଗ ଉଠାଇଛନ୍ତି କି ? ମିସ୍ତ୍ରୀ କହିଲେ, ହଁ, ଆମେ ଏହି ପ୍ରସଙ୍ଗରେ ଆମେରିକୀୟ ଅଧିକାରୀଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛୁ ଏବଂ ଆମେ ଏହି ବିଷୟରେ ସେମାନଙ୍କ ନିକଟରେ ଆମର ବକ୍ତବ୍ୟ ପ୍ରକାଶ କରିଛୁ ।

## ମାଘ ପୂର୍ଣ୍ଣିମା ଓ ମହାଶିବରାତ୍ରୀରେ ହେବନି ଅମୃତ ସ୍ନାନ



ନୂଆଦିଲ୍ଲୀ : ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ମେଳା ଆସନ୍ତା ୨୬ ତାରିଖ ମହାଶିବରାତ୍ରୀ ଅବସରରେ ସମାପ୍ତ ହେବ । ମହାକୁମ୍ଭରେ ଆଉ ୨ଟି ସ୍ନାନ ରହିଛି, ତାହା ହେଉଛି ମାଘ ପୂର୍ଣ୍ଣିମା ଓ ମହାଶିବରାତ୍ରୀ । କିନ୍ତୁ ଏହି ଦୁଇଦିନ ଅମୃତ ସ୍ନାନ ହେବ ନାହିଁ । ଏହି କାରଣରୁ ଏବେଠାରୁ ନାଗାସାଧୁମାନେ ବାରାଣସୀ ଅଭିମୁଖେ ଯାତ୍ରାରମ୍ଭ କରିଛନ୍ତି । ମହାକୁମ୍ଭ ମେଳା ଗ୍ରହ ଓ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଆୟୋଜନ କରାଯାଏ । ମୁଖ୍ୟତଃ ସୂର୍ଯ୍ୟ ମକର ରାଶିରେ ଥିବା ବେଳେ ବୃହସ୍ପତି ବୃଷ ରାଶିରେ ଥିବା ବେଳେ ସ୍ନାନକୁ ଅମୃତ ସ୍ନାନ ବୋଲି ବିବେଚନା କରାଯାଏ । ସେହି ଅନୁଯାୟୀ ମକର ସଂକ୍ରାନ୍ତି, ମୌନି ଅମାବାସ୍ୟା ଓ ବସନ୍ତ ପଞ୍ଚମୀରେ ଶୁଭ ସମାବେଶ ଅନୁଷ୍ଠିତ ହେଉଥିବାରୁ ଏହି ତିଥିରେ ଅମୃତ ସ୍ନାନ କରାଯାଇଥିଲା । ତେବେ ମାଘ ପୂର୍ଣ୍ଣିମା ଓ ମହାଶିବରାତ୍ରୀରେ କାହିଁକି ହେବନି ଅମୃତ ସ୍ନାନ ? ମହାକୁମ୍ଭ ମେଳା ଗ୍ରହ ଓ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଆୟୋଜନ କରାଯାଏ । ମୁଖ୍ୟତଃ ସୂର୍ଯ୍ୟ ମକର ରାଶିରେ ଥିବା ବେଳେ ବୃହସ୍ପତି ବୃଷ ରାଶିରେ ଥିବା ବେଳେ ସ୍ନାନକୁ ଅମୃତ ସ୍ନାନ ବୋଲି ବିବେଚନା କରାଯାଏ । ସେହି ଅନୁଯାୟୀ ମକର ସଂକ୍ରାନ୍ତି, ମୌନି ଅମାବାସ୍ୟା ଓ ବସନ୍ତ ପଞ୍ଚମୀରେ ଶୁଭ ସମାବେଶ ଅନୁଷ୍ଠିତ ହେଉଥିବାରୁ ଏହି ତିଥିରେ ଅମୃତ ସ୍ନାନ କରାଯାଇଥିଲା । ମାଘ ପୂର୍ଣ୍ଣିମା ଦିନ ବୃହସ୍ପତି ବୃଷ ରାଶିରେ ରହିବେ, କିନ୍ତୁ ସୂର୍ଯ୍ୟ କୁମ୍ଭ ରାଶିକୁ ଚାଲିଯିବେ । ଏହାବ୍ୟତୀତ ମହାଶିବରାତ୍ରୀରେ ସୂର୍ଯ୍ୟ ମଧ୍ୟ କୁମ୍ଭ ରାଶିରେ ରହିବେ, ତେଣୁ ଏହି ଦିନ ସ୍ନାନକୁ ଅମୃତ ସ୍ନାନ ଭାବେ ବିବେଚନା କରାଯିବ ନାହିଁ । ଏସବୁ ସତ୍ତ୍ୱେ ମାଘ ପୂର୍ଣ୍ଣିମା ଓ ମହାଶିବରାତ୍ରୀରେ ସ୍ନାନ କରିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ । ଏହି ଦୁଇ ତିଥିରେ ପବିତ୍ର ସଙ୍ଗମ ସ୍ଥଳରେ ସ୍ନାନ କଲେ ବିଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ ।

## ଆପ୍‌ର ପରାଜୟ ପରେ ଭାବୁକ ହେଲେ ଆନ୍ନା



ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟି ଏବଂ ଅରବିନ୍ଦ କେଜରିୱାଲଙ୍କ ପରାଜୟରେ ସାମାଜିକ କର୍ମୀ ଆନ୍ନା ହଜାରେ ଭାବପ୍ରବଣ ହୋଇପଡିଛନ୍ତି । ଆନ୍ନା ହଜାରେ ଭାବପ୍ରବଣ ହୋଇ କହିଛନ୍ତି ଯେ ସେ କେଜରିୱାଲଙ୍କୁ ବହୁତ ବୁଝାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ସେ ସମାଜ ବିଷୟରେ ଚିନ୍ତା ନକରି ରାଜନୀତିରେ ପ୍ରବେଶ କରିଥିଲେ । ସେ କହିଲେ, 'ମୁଁ ତାଙ୍କଠାରୁ ବହୁତ ଆଶା କରିଥିଲି । ମୁଁ ତାଙ୍କୁ ବହୁତ ଭଲପାଉଥିଲି, କିନ୍ତୁ ସେ ଚାଲିଗଲେ । ସାମାଜିକ କର୍ମୀ ଆନ୍ନା ହଜାରେ କହିଛନ୍ତି, 'ମୁଁ ବହୁତ ଦିନ ଧରି କହିଆସୁଛି ଯେ ନିର୍ବାଚନ ଲଢ଼ିବା ସମୟରେ ପ୍ରାର୍ଥୀଙ୍କ ଆଚରଣ, ଚିନ୍ତାଧାରା ଏବଂ ଚରିତ୍ର ପବିତ୍ର ହେବା ଉଚିତ । ଏହି ଲୋକମାନେ ମଦ ନୀତିରେ ଲିପ୍ତ ଥିଲେ, ସେମାନଙ୍କର ଛବି ଖରାପ ଥିଲା, ଏହି କାରଣରୁ ସେମାନଙ୍କୁ କମ୍ ଭୋଟ ମିଳିଥିଲା । ଆନ୍ନା ହଜାରେ କହିଛନ୍ତି ଯେ ମଦ ନୀତି ଏବଂ ଟଙ୍କା ଉପରେ ଧ୍ୟାନ ଦେବା କାରଣରୁ ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱାଧୀନ ଆମ ଆଦମୀ ପାର୍ଟି (ଆପ୍)କୁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ପରାଜୟର ସାମ୍ନା କରିବାକୁ ପଡିଲା । ସାମାଜିକ କର୍ମୀ କହିଛନ୍ତି ଯେ ଅରବିନ୍ଦ କେଜରିୱାଲ ନିଃସ୍ୱାର୍ଥପର ଭାବରେ ଲୋକଙ୍କ ସେବା କରିବାର କର୍ତ୍ତବ୍ୟକୁ ବୁଝିପାରିଲେ ନାହିଁ । କେଜରିୱାଲଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ ପ୍ରାର୍ଥୀଙ୍କ ଚରିତ୍ର ସଫା ହେବା ଉଚିତ ଏବଂ ତାଙ୍କୁ ତ୍ୟାଗର ଗୁଣ ଜାଣିବା ଉଚିତ । ପ୍ରାର୍ଥୀଙ୍କ ଏହି ଗୁଣଗୁଡ଼ିକ ଲୋକଙ୍କ ବିଶ୍ୱାସ ଜିତିଥାଏ ଏବଂ ସେମାନେ ଭାବନ୍ତି ଯେ ପ୍ରାର୍ଥୀ ସେମାନଙ୍କ ପାଇଁ କିଛି କରିବେ । ଉଲ୍ଲେଖ ଥାଉ କି ବରିଷ୍ଠ ଆପ ନେତା ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଜଙ୍ଗପୁରାରୁ ପରାଜୟ ସ୍ୱୀକାର କରିଛନ୍ତି, ଯେତେବେଳେ ଦଳର ସୁପ୍ରିମୋ ଅରବିନ୍ଦ କେଜରିୱାଲ ନୂଆଦିଲ୍ଲୀ ବିଧାନସଭା ଆସନରୁ ପରାଜୟର ସମ୍ମୁଖୀନ ହୋଇଛନ୍ତି । ଦୁର୍ନୀତି ବିରୋଧୀ ଆନ୍ଦୋଳନ ପରେ ୨୦୧୨ ମସିହାରେ କେଜ୍ରିୱାଲଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି (ଇଇଚ) ପ୍ରତିଷ୍ଠିତ ହୋଇଥିଲା । କେଜରିୱାଲଙ୍କୁ ହଜାରେଙ୍କ ସମର୍ଥକ ବୋଲି ବିବେଚନା କରାଯାଏ, କିନ୍ତୁ ୨୦୧୨ ମସିହାରେ ଆମ ଆଦମୀ ପାର୍ଟି ଗଠନ ହେବା ପରେ ଦୁହେଁ ଅଲଗା ହୋଇଗଲେ ।

## ମଇ ୪ରେ ହେବ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା

ନୂଆଦିଲ୍ଲୀ: ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି ଆସନ୍ତା ମେ' ୪ତାରିଖରେ ଅନୁଷ୍ଠିତ ହେବ । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏହି ବିଷୟ ଘୋଷଣା କରିଛି । ଏଥିପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୭ରେ ଶେଷ ହେବ । ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ଦୃଷ୍ଟିରୁ ଏହା ଦେଶର ସର୍ବବୃହତ ପ୍ରବେଶିକା ପରୀକ୍ଷା । ୨୦୨୪ରେ ରେକର୍ଡ ସଂଖ୍ୟକ ୨୪ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ମେଡିକାଲ କଲେଜରେ ନାମଲେଖା ପାଇଁ ଏନ୍‌ଟିଏ ପ୍ରତିବର୍ଷ ନିଟ୍ ଆୟୋଜନ କରିଥାଏ । ଏମ୍‌ବିଏସ୍‌ଏସ୍ ପାଠ୍ୟକ୍ରମ ପାଇଁ ମୋଟ ୧ ଲକ୍ଷ ୮ ହଜାର ଆସନ ଉପଲବ୍ଧ ଅଛି । ସେଥିମଧ୍ୟରେ ପ୍ରାୟ ୫୬ ହଜାର ସରକାରୀ ଓ ୫୨ ହଜାର ଘରୋଇ କଲେଜରେ ଆସନ ରହିଛି । ଦନ୍ତ ଚିକିତ୍ସା, ଆୟୁର୍ବେଦ, ୟୁନାନୀ ଓ ସିଦ୍ଧରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ନିଟ୍ ପରୀକ୍ଷା ଫଳକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଗତ ମାସରେ ଏନଟିଏ ଘୋଷଣା କରିଥିଲା ଯେ ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ପେନ୍ ଏବଂ ପେପର ମୋଡରେ ଅନୁଷ୍ଠିତ ହେବ । ଗତବର୍ଷ ନିଟ୍‌ରେ ପ୍ରଶ୍ନପତ୍ର ଲିକ୍ ଓ ମାମଲା ସମେତ ଅନେକ ଅନିୟମିତତା ଅଭିଯୋଗ ଆସିଥିବା ବେଳେ ପରୀକ୍ଷାର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିବା ପରେ ୟୁଜିସି-ନେଟ୍ ବାତିଲ୍ କରାଯାଇଥିଲା । ଉଭୟ ମାମଲାରେ ସିବିଆଇ ତଦନ୍ତ ଜାରି ରଖିଛି ।

## ଛତିଶଗଡ଼ରେ ଆରମ୍ଭ ହେଲା ଡିଜିଟାଲ୍ ଗଭର୍ଣ୍ଣାନ୍ସ



ରାୟପୁର: ଏକ ବଡ଼ଧରଣର ପଦକ୍ଷେପ ସ୍ୱରୂପ ଛତିଶଗଡ଼ ସରକାର ତାଙ୍କ ରାଜ୍ୟରେ ଡିଜିଟାଲ୍ ଗଭର୍ଣ୍ଣାନ୍ସର ଶୁଭାରମ୍ଭ କରିଛନ୍ତି । ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି ଯେ, ଛତିଶଗଡ଼ ସରକାରଙ୍କ ସବୁ ବିଭାଗରେ ଡିଜିଟାଲ୍ ଗଭର୍ଣ୍ଣାନ୍ସ କାର୍ଯ୍ୟକାରୀ କରାଯିବ ଏବଂ ଇ-ଅଫିସ୍ କାର୍ଯ୍ୟକାରୀ ହେବ । ଫଳରେ ଏହା କର୍ମଚାରୀଙ୍କ ମଧ୍ୟରେ କାର୍ଯ୍ୟଦକ୍ଷତା ସୃଷ୍ଟି କରିବା ସହ ଲୋକମାନଙ୍କୁ ସହଜରେ ସେମାନଙ୍କ ସମସ୍ୟା ଦୂର କରିବାରେ ସହାୟକ ହୋଇପାରିବ । ସେ କହିଥିଲେ ଏ କ୍ଷେତ୍ରରେ ତାଙ୍କ ସରକାର ଶୂନ୍ୟ ସହନଶୀଳତା ନୀତି ଆପଣେଇପାରିବେ । ବିଶେଷକରି ଦୁର୍ନୀତିକୁ ଏହା ମାଧ୍ୟମରେ ଦୂର କରାଯାଇପାରିବ ବୋଲି ଶ୍ରୀ ସାଏ କହିଥିଲେ । ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ୧୬ଟି ବିଭାଗରେ ଏହା କାର୍ଯ୍ୟକାରୀ କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲାସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ସାଏ ସୂଚନା ଦେଇଥିଲେ । ସେ କହିଥିଲେ, ଡିଜିଟାଲ ପରିବର୍ତ୍ତନ ସରକାରୀ କାର୍ଯ୍ୟ କରିବାରେ ବିଶେଷ ସହାୟକ ହୋଇପାରିବ । ପ୍ରଶାସନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ସରକାରୀ ବାବୁମାନଙ୍କ କାର୍ଯ୍ୟରେ ବିଳମ୍ବକୁ ମଧ୍ୟ ରୋକାଯାଇପାରିବ । ଏ କ୍ଷେତ୍ରରେ ସବୁ ବିଭାଗର ସଚିବମାନଙ୍କୁ ଚିଠି ଲେଖାଯାଇ ତୁରନ୍ତ ପଦକ୍ଷେପ ନେବାକୁ ଶ୍ରୀ ସାଏ ନିର୍ଦ୍ଦେଶ ଦେଇଛନ୍ତି । ଅତ୍ୟାଧୁନିକ ପ୍ରଶାସନିକ ସେବା ଲୋକଙ୍କୁ ଯୋଗାଇ ଦେବା ମୋ ସରକାରର ଲକ୍ଷ୍ୟ ବୋଲି ବିଷ୍ଣୁଦେବ କହିଥିଲେ । ମୋ ସରକାର ଦ୍ରୁତ ଗତିରେ ଏକ୍ଷେତ୍ରରେ ଆଗକୁ ବଢୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ ଭିଜନକୁ ଆଖିଆଗରେ ରଖି ପ୍ରଶାସନକୁ ସୁଦୃଢ଼ କରିବା ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ ।

# ବାଣିଜ୍ୟ



ନୂଆଦିଲ୍ଲୀ: ଭାରତର ଅନ୍ୟତମ ଅଗ୍ରଣୀ ଇଲେକ୍ଟ୍ରିକ ଦୁଇଚକିଆ ଯାନ ନିର୍ମାତା ପ୍ୟୋର ଇଭି ପକ୍ଷରୁ ଏହାର ଏକ୍ସ ପ୍ଲାଟଫର୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଅପ୍‌ଗ୍ରେଡ ଭାବେ ଏକ୍ସ ପ୍ଲାଟ୍‌ଫର୍ମ ୩.୦ର ଘୋଷଣା କରାଯାଇଛି । ଏହି ନୂଆ ପ୍ଲାଟଫର୍ମ ଆଡଭାନ୍ସଡ ଏଆଇ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ଯାହା ଉପଭୋକ୍ତା ଅନୁଭୂତିକୁ ଉନ୍ନତ କରିବା କ୍ଷେତ୍ରରେ ଏକ ବଡ ପଦକ୍ଷେପକୁ ଚିହ୍ନିତ କରୁଛି ଏବଂ ଯାନର କାର୍ଯ୍ୟଦକ୍ଷତା, କନେକ୍ଟିଭିଟି ଓ ଚାଳକଙ୍କ ସୁବିଧା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିବା ଆଧୁନିକ ଫିଚର ପ୍ରଦାନ କରୁଛି । ଏକ୍ସ ପ୍ଲାଟଫର୍ମ ୩.୦ର ଅନ୍ୟତମ ସ୍ୱତନ୍ତ୍ର ଫିଚର ହେଉଛି ଥ୍ରିଲ ମୋଡ ଯାହା ଟର୍କ ବଢାଇବା ସହ ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ୨୫% ବୃଦ୍ଧି କରୁଛି । ଏହି ପ୍ଲାଟଫର୍ମ ଆଡଭାନ୍ସଡ ପ୍ରେଡିକ୍ଟିଭ ଏଆଇକୁ ମଧ୍ୟ ଏକୀକୃତ କରିଛି, ଏହା ହେଉଛି ଏକ ସିଷ୍ଟମ ଯାହା ଚାଳକଙ୍କ ଆଚରଣରୁ ଶିଖିଥାଏ ଏବଂ ବିଭିନ୍ନ ଚାଳନା ସ୍ଥିତି ସହ ଖାପ ଖୁଆଇଥାଏ । ଏହି ଫିଚର 'ପ୍ରିଭେନ୍‌ସନ ଇଜ୍ ବେଟର ଦ୍ୟାନ କ୍ୟୋର' ସିଦ୍ଧାନ୍ତ ଉପରେ କାର୍ଯ୍ୟ କରୁଛି, ସମ୍ଭାବ୍ୟ ସମସ୍ୟାଗୁଡିକୁ ପୂର୍ବରୁ ଚିହ୍ନଟ ଓ ସମାଧାନ କରି ୱ୦୦% ଭେଇକିଲ ଅପ୍‌ଟାଇମ ନିଶ୍ଚିତ କରୁଛି । କ୍ଲାଉଡ ଏଆଇ ସହ ଜଡିତ ଏହି ପ୍ଲାଟଫର୍ମ ଅପ୍‌ଡେଟ ଓ ଅପ୍‌ଗ୍ରେଡ ପ୍ରଦାନ କରୁଛି, ଉତ୍ତମ ପ୍ରଦର୍ଶନ ପାଇଁ ଗାଡିର ସଫ୍ଟୱେୟାରକୁ ଅପ୍-ଟୁ-ଡେଟ ଓ ଅପ୍ଟିମାଇଜ ରଖୁଛି । ଏହି ଶୁଭାରମ୍ଭ ସମ୍ପର୍କରେ ମତପ୍ରକାଶ କରି ପ୍ୟୋର ଇଭିର ପ୍ରତିଷ୍ଠାତା ଓ ଏମଡି ଡା. ନିଶାନ୍ତ ଡୋଙ୍ଗରି କହିଛନ୍ତି, 'ଏକ୍ସ ପ୍ଲାଟଫର୍ମ ୩.୦ର ଶୁଭାରମ୍ଭ ସହିତ ଆମେ ଆଧୁନିକ ଏଆଇ ଟେକ୍ନୋଲୋଜିଗୁଡିକୁ ସହଜରେ ସମନ୍ୱିତ କରି ବୈଦ୍ୟୁତିକ ଯାତାୟତ ବିପ୍ଳବର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛୁ ।

## ୱାର୍ଲ୍ଡ ବୁକ୍ ଫେୟାର ଆୟୋଜନ ଜନୋପଯୋଗୀ: ଆଚାର୍ଯ୍ୟ ବାଳକୃଷ୍ଣ




ନୂଆଦିଲ୍ଲୀ: ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ ଯାହାକି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଭାରତ ସରକାରଙ୍କ ଅଧୀନରେ ତାହାର ତତ୍ତ୍ୱାବଧାନରେ ପ୍ରଗତି ମୈଦାନର ଭାରତ ମଣ୍ଡପରେ ଆୟୋଜିତ ୱାର୍ଲ୍ଡ ବୁକ୍ ଫେୟାର ଜନୋପଯୋଗୀ ବୋଲି ପତଞ୍ଜଳି ଯୋଗପୀଠର ମହାମନ୍ତ୍ରୀ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି । ଏହି ପୁସ୍ତକ ମେଳା ବିଶ୍ୱସ୍ତରରେ ସାହିତ୍ୟକୁ ପହଞ୍ଚାଇବା ସହ ଜ୍ଞାନ ଅର୍ଜନ କରିବାରେ ସହାୟକ ହୋଇପାରିବ । ସେ ଆହୁରି କହିଥିଲେ ଯେ, ପତଞ୍ଜଳିର ଯୋଗ ଓ ଆୟୁର୍ବେଦ ସାରା ବିଶ୍ୱରେ ପ୍ରତିଷ୍ଠା ଲାଭକରିଛି । ଯୋଗ ଉପରେ ଚର୍ଚ୍ଚା କରି ବାଳକୃଷ୍ଣ କହିଥିଲେ ଯେ, ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ଯେ, ଆଜି ଯୋଗ ସାରା ବିଶ୍ୱରେ ପ୍ରସିଦ୍ଧିଲାଭ କରିଛି । ବିଶ୍ୱର ବିଭିନ୍ନ ଭାଷାଭାଷୀଙ୍କ ଲୋକ ଯୋଗକୁ ଆଦରି ନେଇଛନ୍ତି । ଯୋଗର ବ୍ୟାପକ ଗହନ ଅର୍ଥ ରହିଛି, ଯାହା ଆମ ଶାରିରୀକ ବ୍ୟାୟାମ, କଷ୍ଟ ଆସନ ଏବଂ ପ୍ରାଣାୟାମ ସହିତ ଜଡିତ । ଆୟୁର୍ବେଦ ସନ୍ଦର୍ଭରେ ଉଲ୍ଲେଖ କରାଯାଇଛି ଯେ, ଆୟୁର୍ବେଦକୁ ସାରା ବିଶ୍ୱରେ ପହଞ୍ଚାଇବା ପାଇଁ ପତଞ୍ଜଳି ଯୋଗପୀଠ ଦୀର୍ଘଦିନ ହେବ କାର୍ଯ୍ୟ କରିଆସୁଛି । ଆୟୁର୍ବେଦ ହେଉଛି ବିଜ୍ଞାନର ଅନ୍ୟ ରୂପ । ଆୟୁର୍ବେଦର ସ୍ୱତନ୍ତ୍ରତା ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ । ଦୈନନ୍ଦିନ ଜୀବନରେ ଆମେମାନେ ଏଲୋପାଥିକର ସିନ୍ଥେଟିକ୍ ଔଷଧ ବ୍ୟବହାର କରି ଜୀବନକୁ ନର୍କଗାମୀ କରୁଛୁ । କିନ୍ତ ଆୟୁର୍ବେଦ ଆମ ଜୀବନରେ ସଫଳତା ଆଣିବା ସହ ରୋଗକୁ ଦୂର କରିବାରେ ସମର୍ଥ ହୋଇଛି ବୋଲି ବାଳକୃଷ୍ଣ କହିଥିଲେ । ସେ ଆହୁରି କହିଥିଲେ ଯେ, ପତଞ୍ଜଳି ବିଭିନ୍ନ ଜଡିବୁଟିରେ ଆୟୁର୍ବେଦ ଔଷଧ ପ୍ରସ୍ତୁତ କରୁଛି । ଆମର ବିଭିନ୍ନ ପ୍ରକାର ଔଷଧର ପ୍ରସ୍ତୁତି ତଥା ଜଡିବୁଟି ସଂଗ୍ରହ ନେଇ ଆମେ ଏକ ପୁସ୍ତକ ପ୍ରକାଶନ କରିବାକୁ ଯାଉଛୁ, ଯେଉଁଥିରେ ୩୨ହଜାର ଔଷଧ ସମ୍ପର୍କରେ ଉଲ୍ଲେଖ କରାଯିବ ।

## ଅକ୍ଷୟ କୁମାର ଏବଂ ରାଜପାଲ ଯାଦବଙ୍କ ଅଭିନୀତ ନୂଆ ଟିଭିସି ଉନ୍ମୋଚିତ



ମୁମ୍ବାଇ: ବହୁ-ବ୍ୟବସାୟ କର୍ପୋରେସନ ତଥା ଅଗ୍ରଣୀ ଏଫଏମସିଜି କମ୍ପାନି ଧର୍ମପାଲ ସତ୍ୟପାଲ ଗ୍ରୁପ୍ (ଡିଏସ୍ ଗ୍ରୁପ୍)ର ଅନ୍ୟତମ ପ୍ରମୁଖ ବ୍ରାଣ୍ଡ କ୍ୟାଚ ସ୍ପାଇସ ଆଜି ବଲିଉଡ ସୁପରଷ୍ଟାର ଅକ୍ଷୟ କୁମାର ଏବଂ ରାଜପାଲ ଯାଦବଙ୍କୁ ନେଇ ଦୁଇଟି ନୂଆ ଟିଭି ବିଜ୍ଞାପନ ଉନ୍ମୋଚନ କରିଛି । ଆକର୍ଷଣୀୟ ଏବଂ ହାସ୍ୟାସ୍ପଦ କାହାଣୀ ମାଧ୍ୟମରେ ଏହି ଅଭିଯାନ ବ୍ରାଣ୍ଡର 'କ୍ୟୁଁକି ଖାନା ସିର୍ଫ ଖାନା ନହିଁ ହୋତା' (ଖାଦ୍ୟ କେବଳ ଖାଦ୍ୟ ନୁହେଁ) ସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି । ଡେଣ୍ଟସୁ ଇଣ୍ଟରନ୍ୟାସନାଲ ଦ୍ୱାରା ଏହି କ୍ରିଏଟିଭ ଗୁଡ଼ିକୁ ପରିକଳ୍ପନା କରାଯାଇଥିବା ବେଳେ କ୍ରୋମ୍ ପିକ୍ଚର୍ସ ଲିମିଟେଡର ହେମନ୍ତ ଭଣ୍ଡାରୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି । କ୍ୟାଚ ହଳଦୀ ଏବଂ କ୍ୟାଚ ଗରମ ମସଲା ଉପରେ ଫୋକସ୍ କରୁଥିବା ଏହି ନୂତନ ଟିଭିସିଗୁଡ଼ିକର ଏକ ଦୃଢ଼ ବ୍ରାଣ୍ଡ ଫୋକସ୍ ଅଛି ଏବଂ କ୍ରିଏଟିଭଗୁଡ଼କ ରୋଷେଇ ଅନୁଭୂତିକୁ ବଢ଼ାଇବା ତଥା ପରିବାର ଏବଂ ଲୋକଙ୍କୁ ଏକାଠି କରିବାରେ କ୍ୟାଚ୍ ମସଲାର ଅନନ୍ୟ ଭୂମିକାକୁ ପ୍ରଦର୍ଶନ କରୁଛି । ଏହା ସମ୍ପର୍କରେ ଡିଏସ ଗ୍ରୁପର ମସଲା ଡିଭିଜନର ବ୍ୟବସାୟ ମୁଖ୍ୟ ସନ୍ଦୀପ ଘୋଷ କହିଛନ୍ତି, 'ଅକ୍ଷୟ କୁମାର ଏବଂ ରାଜପାଲ ଯାଦବଙ୍କୁ ନେଇ ନୂଆ ଟିଭିସି ଉନ୍ମୋଚନ କରି ଆମେ ଆନନ୍ଦିତ । ଦୈନନ୍ଦିନ ଭୋଜନକୁ ଉନ୍ନତ କରିବା ଏବଂ ସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିବାରେ କ୍ୟାଚ ମସଲାର ଅନନ୍ୟ ଭୂମିକାକୁ ପ୍ରଦର୍ଶିତ କରି ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ଏହି ଅଭିଯାନର ଲକ୍ଷ୍ୟ । ସେହିଭଳି ଅକ୍ଷୟ କୁମାର କହିଛନ୍ତି ଭାରତୀୟ ରୋଷେଇ ଘରର ସମକକ୍ଷ ଡିଏସ ଗ୍ରୁପ ବ୍ରାଣ୍ଡ କ୍ୟାଚ ସଲ୍ଟସ ଆଣ୍ଡ ସ୍ପାଇସ ସହିତ ମୋର ସମ୍ପର୍କକୁ ନବୀକରଣ କରି ମୁଁ ଆନନ୍ଦିତ । ଖାନା ସିର୍ଫ ଖାନା ନହିଁ ହୋତା'ର ଦର୍ଶନ ସହିତ ମୁଁ ଗଭୀର ଭାବରେ ଜଡ଼ିତ ଅନୁଭବ କରୁଛି ।

## ବଜାଜ ଫିନସର୍ଭ ମଲ୍ଟି କ୍ୟାପ ଫଣ୍ଡ ଉନ୍ମୋଚିତ

ମୁମ୍ବାଇ: ବଜାଜ ଫିନସର୍ଭ ଏଏମସି, ବଜାଜ ଫିନସର୍ଭ ମଲ୍ଟି କ୍ୟାପ ଫଣ୍ଡର ଶୁଭାରମ୍ଭ ଘୋଷଣା କରିଛି । ଏହା ଏକ ଓପନ-ଏଣ୍ଡେଡ୍ ଇକ୍ୱିଟି ଯୋଜନା ଯାହା ଲାର୍ଜ କ୍ୟାପ, ମିଡ କ୍ୟାପ ଏବଂ ସ୍ମଲ କ୍ୟାପ ଷ୍ଟକରେ ନିବେଶ କରେ । ଏହି ପାଣ୍ଠି ଫେବୃଆରୀ ୬, ୨୦୨୫ ରେ ସବସ୍କ୍ରିପସନ ପାଇଁ ଖୋଲିବ ଏବଂ ଫେବୃଆରୀ ୨୦, ୨୦୨୫ ରେ ବନ୍ଦ ହେବ । ବଜାଜ ଫିନସର୍ଭ ମଲ୍ଟି କ୍ୟାପ୍ ଫଣ୍ଡ ଏକ ବିପରୀତ ରଣନୀତି ବ୍ୟବହାର କରିବ, ଯାହା ଅବ୍ୟବହୃତ ଏବଂ ଅବମୂଲ୍ୟାୟନିତ ସୁଯୋଗଗୁଡ଼ିକୁ ଚିହ୍ନଟ କରିବ । ଏହି ଫଣ୍ଡ ବଡ଼, ମଧ୍ୟମ ଏବଂ ଛୋଟ କମ୍ପାନୀଗୁଡ଼ିକରେ ନିବେଶର ଏକ ସନ୍ତୁଳିତ ମିଶ୍ରଣ ବଜାୟ ରଖିବ, ଏକ ବିବିଧ ଏବଂ ସନ୍ତୁଳିତ ପୋର୍ଟଫୋଲିଓ ସୁନିଶ୍ଚିତ କରିବ । ଶୃଙ୍ଖଳିତ ନିବେଶ ପଦ୍ଧତି ସହିତ ଏହି ଫଣ୍ଡ ଉଚ୍ଚତର ଦୀର୍ଘକାଳୀନ ରିଟର୍ଣ୍ଣ ହାସଲ କରିବାକୁ ଲକ୍ଷ୍ୟ ରଖିବ । ଲାର୍ଜ କ୍ୟାପ୍, ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍ ସେଗମେଣ୍ଟରେ ବିବିଧ ସୁଯୋଗ ଏବଂ ଅସ୍ଥିରତା ସମୟରେ ଏକ ଭଲ ନିବେଶ ସୁଯୋଗ ଖୋଜୁଥିବା ନିବେଶକମାନଙ୍କ ପାଇଁ ଏହି ଫଣ୍ଡ ଉପଯୁକ୍ତ । ଉପକୃତ ସୁଯୋଗର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିବା ପାଇଁ ନିବେଶକମାନଙ୍କୁ ୫ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟର ନିବେଶ ରଖିବାକୁ ପରାମର୍ଶ ଦିଆଯାଇଛି । ଏହି ଅବସରରେ ବଜାଜ ଫିନସର୍ଭ ଏଏମସିର ସିଇଓ ଗଣେଶ ମୋହନ କହିଛନ୍ତି, ବଜାଜ ଫିନସର୍ଭ ମଲ୍ଟି କ୍ୟାପ୍ ଫଣ୍ଡ ନିବେଶକମାନଙ୍କୁ ଅଣଦେଖା ସମ୍ପତିର ଲୁକ୍କାୟିତ ମୂଲ୍ୟକୁ ଅନଲକ୍ କରିବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରେ । ଏହା ଆକର୍ଷଣୀୟ ମୂଲ୍ୟରେ ଏବଂ ସେମାନଙ୍କର ଆନ୍ତରିକ ମୂଲ୍ୟ ଠାରୁ କମ୍ ଉପଲବ୍ଧ କମ୍ପାନୀଗୁଡ଼ିକରେ ନିବେଶ କରି ଏକ ବିପରୀତ ରଣନୀତି ନିଯୁକ୍ତ କରେ, ଯାହାର ଲକ୍ଷ୍ୟ ସମସ୍ତ ବଜାର ସେଗମେଣ୍ଟରେ ଅଭିବୃଦ୍ଧି ହାସଲ କରିବା ଏବଂ ସେମାନଙ୍କର ବ୍ୟବସାୟ ଚକ୍ର ସମୟରେ ସୁଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସାକାର କରିବା । ସେହିଭଳି ବଜାଜ ଫିନସର୍ଭ ଏଏମସିର ମୁଖ୍ୟ ନିବେଶ ଅଧିକାରୀ ନିମେଶ ଚନ୍ଦନ କହିଛନ୍ତି, 'ବଜାଜ ଫିନସର୍ଭ ମଲ୍ଟି କ୍ୟାପ ଫଣ୍ଡ ଏକ ଶୃଙ୍ଖଳିତ ଗଠନ ଅନୁସରଣ କରିବ, ଯାହା ସମସ୍ତ ମାର୍କେଟ୍ କ୍ୟାପ ସେଗମେଣ୍ଟରେ ବିପରୀତ ଧାରଣା ଆବିଷ୍କାର କରିବା ପାଇଁ ସମାନ ସୁଯୋଗ ପ୍ରଦାନ କରିବ । ନିମେଶ ଚନ୍ଦନ ଏବଂ ସୋରଭ ଗୁପ୍ତା ଏହି ଫଣ୍ଡର ଇକ୍ୱିଟି ଅଂଶକୁ ମିଳିତ ଭାବରେ ପରିଚାଳିତ କରିବେ, ଯେତେବେଳେକି ଋଣ ଅଂଶ ସିଦ୍ଧାର୍ଥ ଚୌଧୁରୀ ପରିଚାଳନା କରିବେ ।

## ଭାଲେଣ୍ଟାଇନ୍ସ ଡେ' ପାଇଁ ଆମାଜନ୍‌ର ସ୍ୱତନ୍ତ୍ର ଷ୍ଟୋର

ନୂଆଦିଲ୍ଲୀ: ଆମାଜନ.ଇନ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଭାଲେଣ୍ଟାଇନ୍ସ ଡେ' ଷ୍ଟୋର ନେଇଆସିଛି । ଯେଉଁଠାରେ ସତେଜ ଫୁଲର ବିବିଧ ବର୍ଗୀକରଣଠାରୁ ଆରମ୍ଭ କରି ଚକୋଲେଟ୍, ଷ୍ଟାଇଲିସ୍ ଆକ୍ସେସରିଜ୍, ଆନନ୍ଦଦାୟକ ଖାଦ୍ୟ ଏବଂ ବିଶେଷ ମୁହୂର୍ତ୍ତଗୁଡ଼ିକୁ ସ୍ମରଣ କରିବା ପାଇଁ ହୃଦୟସ୍ପର୍ଶୀ ବସ୍ତୁ ପର୍ଯ୍ୟନ୍ତ ବ୍ୟାପକ ଚୟନ ପାଇପାରିବେ । କ୍ୟାଡବରି, ଫେରେରୋ ରୋଚର୍ ଏବଂ ଲିଣ୍ଡଟ ଦ୍ୱାରା ପରିଚାଳିତ ମିଠା ଡିଲ୍ ସହିତ ବିଭିନ୍ନ ବର୍ଗରେ ୪୦% ପର୍ଯ୍ୟନ୍ତ ରିହାତି ଉପଭୋଗ କରନ୍ତୁ ଏବଂ ଭାରତର ୱ୦୦% ସେବାଯୋଗ୍ୟ ପିନ୍ କୋଡରେ ଯେକୌଣସି ସ୍ଥାନରେ ଆପଣଙ୍କ ପ୍ରିୟଜନଙ୍କ ଦ୍ୱାର-ଷ୍ଟେପ୍ ରେ ପହଂଚାଇ ଦିଅନ୍ତୁ । ଆମାଜନ.ଇନର ସତେଜ ଫୁଲ ଡେଲିଭରି ସହିତ ପ୍ରେମର ଋତୁକୁ ଆହୁରି ସ୍ୱତନ୍ତ୍ର କରିଦିଅନ୍ତୁ । ଫ୍ଲାୱାରଔରା, ସେଡ୍ସ ଅଫ ସ୍ପ୍ରିଂ ଏବଂ ଫ୍ଲୋରାଲମାର୍ଟ ଭଳି ବ୍ରାଣ୍ଡର ୬୨୦ଟି ଅଫର ସହିତ ଗ୍ରାହକମାନେ କ୍ଲାସିକ୍ ଲାଲ ଗୋଲାପ ଏବଂ ବିଳାସପୂର୍ଣ୍ଣ ପୁଷ୍ପଗୁଚ୍ଛ ସମେତ ୬୦ ରୁ ଅଧିକ ବିକଳ୍ପ ଚୟନ କରିପାରିବେ ଏବଂ ଯଦି ଆପଣ ତଥାପି ଉପଯୁକ୍ତ ଉପହାର ବିଷୟରେ ଅନିଶ୍ଚିତ, ଆମାଜନ.ଇନର ଗିଫ୍ଟ କାର୍ଡ ଗୁଡିକ ଏକ ଆଦର୍ଶ ସମାଧାନ । ଏହି ଭାଲେଣ୍ଟାଇନ୍ସ ଡେ'ରେ ଆମାଜନ ବଜାରର ପ୍ୟାର ବଜାର ସେକ୍ସନରେ ଫ୍ୟାସନ, ହୋମ୍ ଡେକୋର, ରୋଷେଇ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଅନ୍ୟାନ୍ୟରେ ଆକର୍ଷଣୀୟ ଡିଲ୍ ଉପଲବ୍ଧ ରହିଛି । ଏହା ମାତ୍ର ୯୯ ଟଙ୍କାରୁ ଆରମ୍ଭ ହେଉଛି ।

### ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଆକର୍ଷଣୀୟ ଭାଲେଣ୍ଟାଇନ୍ସ କଲେକ୍ସନ ଶୁଭାରମ୍ଭ

## ହୀରା ଗହଣା ଉପରେ ୩୦% ପର୍ଯ୍ୟନ୍ତ ରିହାତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାଲେଣ୍ଟାଇନ ସିଜନରେ ଭାରତର ସବୁଠାରୁ ବିଶ୍ୱସ୍ତ ଜୁଏଲସ ବ୍ରାଣ୍ଡ ମଧ୍ୟରୁ ଅନ୍ୟତମ ରିଲାଏନ୍ସ ଜୁଏଲ୍ସ ଭଲପାଇବାକୁ ସ୍ଥାୟୀ ରୂପରେ ପରିପ୍ରକାଶ କରିବାର ଏକ ଅବସର ପ୍ରସ୍ତୁତ କରିଛି । ରିଲାଏନ୍ସ ଜୁଏଲ୍ସ ଏହାର ସର୍ବଶ୍ରେଷ୍ଠ ଭାଲେଣ୍ଟାଇନ କଲେକ୍ସନ ଶୁଭାରମ୍ଭ କରିଛି, ଯେଉଁଥିରେ ହୀରା ଅଳଙ୍କାରର ଚମତ୍କାର ରେ ସାମିଲ ଅଛି ଯେପରି ଦୈନନ୍ଦିନ ବ୍ୟବହାର ପାଇଁ ଆକର୍ଷକ କାନଫୁଲ, ସୂକ୍ଷ୍ମ ହାର, ଏବଂ କାଳଜୟୀ ରିଙ୍ଗ ଇତ୍ୟାଦି । ଏହି କଲେକ୍ସନ ସ୍ନେହର ଏକ ସ୍ଥାୟୀ ପ୍ରତୀକ ସଦୃଶ ଯାହା ସମୟ ଏବଂ ଟ୍ରେଣ୍ଡରୁ ଉର୍ଦ୍ଧ୍ୱରେ । ଉପହାରକୁ ଅଧିକ ଖାସ କରିବା ପାଇଁ, ରିଲାଏନ୍ସ ଜୁଏଲ୍ସ ୱ୬ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ସମସ୍ତ ରିଲାଏନ୍ସ ଜୁଏଲ୍ସ ଶୋ'ରୁମରେ ଉପଲବ୍ଧ ହୀରା ଅଳଙ୍କାର ଉପରେ ୩୦% ପର୍ଯ୍ୟନ୍ତ ଏକ ବିଶେଷ ଭାଲେଣ୍ଟାଇନ୍ସ ଡେ ରିହାତି ଅଫର ପ୍ରଦାନ କରୁଛି । ବିଚାରପୂର୍ଣ୍ଣ ଉପହାର ପ୍ରଦାନର ମହତ୍ତ୍ୱ ଉପରେ ଆଲୋକପାତ କରି ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ ଏହି ଅନନ୍ୟ କଲେକ୍ସନ ସମ୍ପର୍କରେ କହିଛନ୍ତି 'ଦ୍ରୁତ ଏବଂ ଅବେଗପୂର୍ଣ୍ଣ କ୍ରୟ ଯୁଗରେ ବାସ୍ତବ ଅର୍ଥପୂର୍ଣ୍ଣ ଉପହାରର ମହତ୍ତ୍ୱ ଅତୁଳନୀୟ ଅଟେ । ଅଳଙ୍କାରର କାଳଜୟୀ ଚମତ୍କାରିତା କେବଳ ଏକ ଅଧିଗ୍ରହଣ ନୁହେଁ – ଏହା ଭଲପାଇବା ଏବଂ କୃତଜ୍ଞତାର ଏକ ଯତ୍ନ ସହକାରେ ମନୋନୀତ ଅଭିବ୍ୟକ୍ତି ଅଟେ । ଗ୍ରାହକମାନେ ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର କଲେକ୍ସନରୁ ସେମାନଙ୍କର ଭଲପାଇବାର ସମ୍ପୂର୍ଣ୍ଣ ଅଭିବ୍ୟକ୍ତି ପାଇପାରିବେ । ୱ୦୦ ରୁ ଅଧିକ ସହରରେ ୱ୫୦ ରୁ ଅଧିକ ଶୋ'ରୁମ ସହିତ, ରିଲାଏନ୍ସ ଜୁଏଲ୍ସ ଆପଣଙ୍କ ଭଲପାଇବାକୁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ସହଜ କରିଥାଏ, ଆପଣ ଯେଉଁଠିବି ଥାଆନ୍ତୁ ନା କାହିଁକି ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାତୀୟ କ୍ରୀଡ଼ାରେ ଚାଲିଥିବା ଆଥଲେଟିକ୍ସ ପ୍ରତିଯୋଗିତାର ଉଦଘାଟନୀ ଦିବସରେ ଓଡ଼ିଶାର ଉଦୀୟମାନ ତାରକା ଅନିମେଶ କୁଜୁର ୧୦.୨୮ ସେକେଣ୍ଡରେ ପୁରୁଷ ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଦିନ ୧୦ଟି ସ୍ୱର୍ଣ୍ଣ ପଦକ ମଧ୍ୟରୁ ମହାରାଷ୍ଟ୍ର ଆଣ୍ଡ ସର୍ଭିସେସ୍ ୨ଟି ଲେଖାଏଁ ପଦକ ଜିତିଥିବା ବେଳେ ଓଡ଼ିଶା, ହିମାଚଳ ପ୍ରଦେଶ, ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣା ଓ ତାମିଲନାଡୁ ଗୋଟିଏ ଲେଖାଏଁ ପଦକ ଜିତିଛନ୍ତି। ୧୦.୨୭ ସେକେଣ୍ଡର ବ୍ୟକ୍ତିଗତ ଶ୍ରେଷ୍ଠ ସମୟ ରଖିଥିବା ୨୧ ବର୍ଷୀୟ କୁଜୁର ୨୦୨୨ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତି ଆସାମର ଅମ୍ଲାନ ବୋରଗୋହେନଙ୍କ ଦ୍ୱାରା ସ୍ଥାପିତ ୧୦.୨୮ ସେକେଣ୍ଡର କ୍ରୀଡ଼ା ରେକର୍ଡର ସମକକ୍ଷ ହୋଇଥିଲେ। କୁଜୁର ୨୦୨୪ରେ ଉଭୟ ଫେଡେରେସନ୍ କପ୍ ଏବଂ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପରେ ୧୦୦ ମିଟର ରୌପ୍ୟ ପଦକ ଜିତିଛନ୍ତି। ମହାରାଷ୍ଟ୍ରର ପ୍ରଣବ ଗୁରବ ୧୦.୩୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଥିବା ବେଳେ ବୋର୍ଗୋହେନ ୧୦.୪୩ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହିଥିଲେ। ଜାତୀୟ ରେକର୍ଡଧାରୀ ସର୍ଭିସେସର ମଣିକାନ୍ତ ହୋବଲିଧର ୧୦.୪୬ ସେକେଣ୍ଡ ସମୟ ନେଇ ପଞ୍ଚମ ସ୍ଥାନରେ ରହିଥିଲେ। ୨୦୨୩ରେ ତାଙ୍କର ଜାତୀୟ ରେକର୍ଡ ୧୦.୨୩ ସେକେଣ୍ଡ ରହିଛି।

# ରୋହିତ ଶର୍ମାଙ୍କ ପାଇଁ ଶୁଭ ବାରବାଟୀ ଷ୍ଟାଡିୟମ୍



କଟକ(ଭାସ୍କର ନ୍ୟୁଜ): ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ସମସ୍ତ ପ୍ରଶଂସକଙ୍କ ନଜର ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ରହିବ। ଏହି ସିରିଜର ପ୍ରଥମ ମ୍ୟାଚ୍ ?ରେ ରୋହିତ ବ୍ୟାଟ୍‌ରେ କିଛି ବିଶେଷ କରିପାରି ନଥିଲେ ଏବଂ ମାତ୍ର ୨ ରନ କରି ଆଉଟ୍ ହୋଇଥିଲେ। ଏହି ଇନିଂସ୍ ପରେ ତାଙ୍କୁ ବହୁତ ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଥିଲା। ତେଣୁ ଏବେ ସମସ୍ତଙ୍କ ନଜର ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ରହିଛି। ରୋହିତଙ୍କ ପାଇଁ ସବୁଠାରୁ ଭଲ କଥା ହେଉଛି କଟକର ବାରବାଟୀ ଷ୍ଟାଡିୟମ ତାଙ୍କ ପାଇଁ ଜଣେ ବ୍ୟାଟସମ୍ୟାନ ଭାବରେ ବହୁତ ଶୁଭ। କଟକର ବାରବାଟୀ ଷ୍ଟାଡିୟମରେ ୩ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। ଏଥିରେ ସେ ୭୧.୫୦ର ହାରରେ ସହିତ ମୋଟ ୧୪୩ ରନ କରିପାରିଛନ୍ତି। ଏଥିମଧ୍ୟରୁ ରୋହିତଙ୍କ ବ୍ୟାଟରୁ ଦୁଇଥର ଅର୍ଦ୍ଧଶତକୀୟ ଇନିଂସ ଦେଖିବାକୁ ମିଳିଛି। ଏହି ସଂଖ୍ୟାଗୁଡ଼ିକ ନିଶ୍ଚିତ ଭାବରେ ରୋହିତଙ୍କ ପାଇଁ ବହୁତ ଆଶ୍ୱସ୍ତିକର ହେବ ଏବଂ ଏହାକୁ ଦେଖି ତାଙ୍କର ଆତ୍ମବିଶ୍ୱାସ ମଧ୍ୟ ଟିକେ ବଢ଼ିଯିବ। କଟକର ପିଚ ତାର ବ୍ୟାଟିଂ ଦକ୍ଷତା ପାଇଁ ଜଣାଶୁଣା, ତେଣୁ ରୋହିତଙ୍କ ପାଖରେ ଦ୍ୱିତୀୟ ଦିନିକିଆରେ ଏକ ବଡ଼ ଇନିଂସ ଖେଳିବାର ସୁଯୋଗ ରହିବ। ଯଦି ରୋହିତ ଏହା କରିବାରେ ସଫଳ ହୁଅନ୍ତି, ତେବେ ସେ ଏକ ଚମତ୍କାର ରେକର୍ଡ ହାସଲ କରିବେ। ଯଦି ରୋହିତ ଶର୍ମା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆରେ ୨୪ ରନ କରିବାରେ ସଫଳ ହୁଅନ୍ତି, ତେବେ ସେ ଦିନିକିଆ କ୍ରିକେଟରେ ସର୍ବାଧିକ ରନ କରିଥିବା ଖେଳାଳିଙ୍କ ତାଲିକାରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ନିଜର ସ୍ଥାନ ପକ୍କା କରିବେ। ରୋହିତ ବର୍ତ୍ତମାନ ୧୧ତମ ସ୍ଥାନରେ ଅଛନ୍ତି। ୨୪ ରନ୍ କରିବା ମାତ୍ରେ ସେ ରାହୁଲ ଦ୍ରାବିଡଙ୍କୁ ପଛରେ ପକାଇଦେବେ। ରାହୁଲ ଦିନିକିଆରେ ୧୦,୮୮୯ ରନ ସହିତ ୧୦ମ ସ୍ଥାନରେ ଅଛନ୍ତି। ଯଦି ରୋହିତ ୧୩୪ ରନ କରିବାରେ ସଫଳ ହୁଅନ୍ତି, ତେବେ ସେ ଦିନିକିଆ କ୍ରିକେଟରେ ୧୧,୦୦୦ ରନ ପୂରଣ କରିବେ, ଏବଂ ବିରାଟ କୋହଲିଙ୍କ ପରେ ଦିନିକିଆରେ ଏହି ସଂଖ୍ୟାରେ ପହଞ୍ଚିବାରେ ଦ୍ୱିତୀୟ ଖେଳାଳି ହେବେ।

# ବିଶ୍ୱବିଜେତା ଭାରତୀୟ ଖେଳାଳିଙ୍କୁ ଡାଏମଣ୍ଡ ରିଙ୍ଗ୍ ଦେଲା ବିସିସିଆଇ




ନୂଆଦିଲ୍ଲୀ: ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ୨୦୨୪ ଟି-୨୦ ବିଶ୍ୱକପ ଟାଇଟଲ ଜିତିଥିଲା। ଟିମ ଇଣ୍ଡିଆର ବିଜୟ ପରେ, ଏକ ବିଜୟ ପରେଡ ମଧ୍ୟ ଆୟୋଜନ କରାଯାଇଥିଲା। ଏହା ପରେ ପୁରସ୍କାର କାର୍ଯ୍ୟକ୍ରମରେ ଖେଳାଳିମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ନିକଟରେ ନମନ ପୁରସ୍କାର ଆୟୋଜନ କରିଥିଲା। ଏହି ସମୟରେ ଟିମ ଇଣ୍ଡିଆର ଖେଳାଳିମାନଙ୍କୁ ଡାଏମଣ୍ଡ ରିଙ୍ଗ ଉପହାର ଦିଆଯାଇଥିଲା। ଏହା ଏକ ବହୁତ ମହଙ୍ଗା ରିଙ୍ଗ। ବିସିସିଆଇ ଏକ ଭିଡିଓ ଜାରି କରିଛି। ଏହା ହେଉଛି ନମନ ପୁରସ୍କାରର ଭିଡିଓ। ଏଥିରେ ଖେଳାଳିମାନଙ୍କୁ ଅଙ୍ଗୁଠି ଦେଖାଯାଇଥାଏ। ବିସିସିଆଇ ଏକ୍ସରେ ଭିଡିଓଟି ଶେୟାର କରି ଲେଖିଛି, ଟିମ ଇଣ୍ଡିଆକୁ ଚାମ୍ପିଅନ ମୁଦିରେ ସମ୍ମାନିତ କରାଯାଇଥିଲା। ଏହି ରିଙ୍ଗଟି ଡାଏମଣ୍ଡରେ ତିଆରି। ଏହି ରିଙ୍ଗର ସବୁଠାରୁ ବଡ଼ ଏବଂ ପ୍ରଥମ ବିଶେଷତ୍ୱ ହେଉଛି ଏହା ଚାମ୍ପିଅନ୍ସଙ୍କ ରିଙ୍ଗ। ଏହା ସହିତ, ଏହାକୁ ଏକ ସ୍ୱତନ୍ତ୍ର ଉପାୟରେ ଡିଜାଇନ କରାଯାଇଛି। ପ୍ରତ୍ୟେକ ଖେଳାଳିଙ୍କ ନାମ ରିଙ୍ଗ୍ ଉପରେ ଲେଖାଯାଇଛି। ରୋହିତ ଶର୍ମା ଯେଉଁ ରିଙ୍ଗ୍ ପାଇଥିଲେ ସେଥିରେ ତାଙ୍କ ନାମ ଲେଖା ହୋଇଛି। ଏହା ସହିତ ଖେଳାଳିମାନଙ୍କ ରନ୍ ମଧ୍ୟ ରିଙ୍ଗ୍‌ରେ ଲେଖାଯାଇଛି। ଟିମ ଇଣ୍ଡିଆ ଖେଳାଳିମାନେ ପାଇଥିବା ରିଙ୍ଗ ବହୁତ ମହଙ୍ଗା। ଏହାର ସବୁଠାରୁ ବଡ଼ କାରଣ ହେଉଛି ଏହା ଡାଏମଣ୍ଡରେ ତିଆରି। ଦ୍ୱିତୀୟ କାରଣ ହେଉଛି ଏହାକୁ ଏକ ସ୍ୱତନ୍ତ୍ର ଉପାୟରେ ଡିଜାଇନ କରାଯାଇଛି। ଦଳର ପ୍ରତ୍ୟେକ ଖେଳାଳି ତାଙ୍କ ନାମରେ ଏକ ରିଙ୍ଗ୍ ପାଇଛନ୍ତି। ଏହି ରିଙ୍ଗ୍‌ର ପ୍ରକୃତ ମୂଲ୍ୟ ବିଷୟରେ କୌଣସି ସରକାରୀ ସୂଚନା ଉପଲବ୍ଧ ନାହିଁ। କିନ୍ତୁ ରିପୋର୍ଟ ଅନୁସାରେ, ଡାଏମଣ୍ଡ ରିଙ୍ଗର ମୂଲ୍ୟ ଲକ୍ଷାଧିକ ଟଙ୍କା।

# ଏମ୍‌ଜିଏମ୍ ଟି-୨୦ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟନ କଲେ ରବି ଶାସ୍ତ୍ରୀ



କଟକ(ଭାସ୍କର ନ୍ୟୁଜ): ଏମଜିଏମ୍ ଟି-୨୦ ଚାମ୍ପିଅନସିପ୍ ଶନିବାରରୁ କଟକର କପୁରସିଂଠାରେ ଅବସ୍ଥିତ ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟସ୍‌ରେ ଆରମ୍ଭ ହୋଇଛି। ପୂର୍ବତନ କ୍ରିକେଟର ତଥା ଭାରତୀୟ ଦଳର ପୂର୍ବତନ କୋଚ ରବି ଶାସ୍ତ୍ରୀ ଏବଂ ପୂର୍ବତନ ଟେଷ୍ଟ କ୍ରିକେଟର ଭରତ ଅରୁଣ ଏହି ୪-ଦିନିଆ ଟି-୨୦ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି । ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫେବୃଆରୀ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଟୁର୍ଣ୍ଣାମେଣ୍ଟରେ ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟସର ବଛା ବଛା ଖେଳାଳିଙ୍କ ବ୍ୟତୀତ ଚେନ୍ନାଇ, ହାଇଦରାବାଦ ଏବଂ ଭଦୋଦରାସ୍ଥିତ କୋଚିଂ ବିୟଣ୍ଡ କ୍ରିକେଟ ଏକ୍ସଲେନ୍ସ ସେଣ୍ଟରର କ୍ରିକେଟ ଟିମ୍‌ଗୁଡିକ ଅଂଶଗ୍ରହଣ କରିବେ । ଟିମ୍ ଇଣ୍ଡିଆର ବିଶିଷ୍ଟ କ୍ରିକେଟର ଏବଂ ପ୍ରାକ୍ତନ ଆନ୍ତର୍ଜାତିକ ବୋଲର ଶ୍ରୀ ଭେଙ୍କଟପତି ରାଜୁ ଏବଂ ଓଡ଼ିଶାର ସୁପରିଚିତ ଆନ୍ତର୍ଜାତିକ କ୍ରିକେଟର ଶ୍ରୀ ଦେବାଶିଷ ମହାନ୍ତି ମଧ୍ୟ ଏହି ଉତ୍ସବରେ ଯୋଗଦେବେ । ଏହି ଟୁର୍ଣ୍ଣାମେଣ୍ଟକୁ ନେଇ ନିଜର ପ୍ରଶଂସା ବ୍ୟକ୍ତ କରି ରବି ଶାସ୍ତ୍ରୀ କହିଛନ୍ତି, ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟସରେ ଯୁବ କ୍ରିକେଟରଙ୍କ ଅଭିବୃଦ୍ଧି ଏବଂ ସେମାନଙ୍କ ଉନ୍ନତି ନିମନ୍ତେ ବିଶ୍ୱ ମାନର ଭିତ୍ତିଭୂମି ଓ ଆବାସିକ ସୁବିଧା ରହିଛି । ଏମଜିଏମ୍ ଟି୨୦ ଚାମ୍ପିଅନସିପ୍ ୨୦୨୫ ଖେଳାଳିମାନଙ୍କ ପାଇଁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ତଥା ସେମାନଙ୍କ ସ୍ୱପ୍ନ ସାକାର ନିମନ୍ତେ ପ୍ରୟାସ କରିବାକୁ ଏକ ଭଲ ସୁଯୋଗ ଆଣିଛି । ଏହି ଅବସରରେ ପଙ୍କଜ ଲୋଚନ ମହାନ୍ତି, ସିଏମଡି, ଏମଜିଏମ୍ ଗ୍ରୁପ୍ କହିଛନ୍ତି, ଏହି ଟୁର୍ଣ୍ଣାମେଣ୍ଟ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ତାହାସହିତ ଓଡ଼ିଶାରେ କ୍ରିକେଟର ସୁଯୋଗ ସୃଷ୍ଟି କରୁଛି ଏବଂ ଏହାକୁ ମଜଭୁତ କରୁଛି ।

## ବିସିସିଆଇର ଚମତ୍କାର ଫର୍ମୁଲା

# ଅଧିନାୟକ ପଦକୁ ଫେରିବେ ୩ ଖେଳାଳି

ନୂଆଦିଲ୍ଲୀ: ଆଜିକାଲି ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍ ଖେଳୁଛି । ଏହି ସମୟରେ, ସାମ୍ନାକୁ ଆସିଛି ଗୋଟିଏ ରିପୋର୍ଟ । କାରଣ ଚର୍ଚ୍ଚା ହେଉଥିଲା ଟିମ୍ ଇଣ୍ଡିଆର ଅଧିନାୟକତ୍ୱ ବିଷୟରେ । ରିପୋର୍ଟରେ କୁହାଯାଇଛି ଯେ ରୋହିତ ଶର୍ମାଙ୍କ ପରେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ଇଉଉଓ) ତିନୋଟି ଫର୍ମାଟ ପାଇଁ ଭିନ୍ନ ଭିନ୍ନ ଅଧିନାୟକ ବାଛିବ। ଭିନ୍ନ ଅଧିନାୟକ ବାଛିବା ଦୃଷ୍ଟିରୁ, ବିରାଟ କୋହଲି ପୁଣି ଥରେ ଟିମ୍ ଇଣ୍ଡିଆର ଅଧିନାୟକ ହୋଇପାରନ୍ତି। ଏହା ବ୍ୟତୀତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମଧ୍ୟ ଦାୟିତ୍ୱ ମିଳିପାରେ। ଆପଣଙ୍କୁ କହି ରଖୁଛୁ ଯେ ବିସିସିଆଇ ପ୍ରାୟତଃ ତିନୋଟି ଫର୍ମାଟ ପାଇଁ ସମାନ ଅଧିନାୟକ ରଖିବାକୁ ନିଷ୍ପତ୍ତି ନେଇଛି । କିନ୍ତୁ ଏଥର ଭାରତୀୟ ବୋର୍ଡ ଏହାର ପାରମ୍ପରିକ ଢଙ୍ଗ ଅପେକ୍ଷା କିଛି ଭିନ୍ନ ଚିନ୍ତା କରୁଛି । ୨୦୨୪ ଟି-୨୦ ବିଶ୍ୱକପ୍ ପରେ ରୋହିତ ଶର୍ମା ଏହି ଫର୍ମାଟରୁ ଅବସର ନେଇଥିଲେ । ଯାହା ପରେ ବିସିସିଆଇ ସୂର୍ଯ୍ୟକୁମାର ଯାଦବଙ୍କୁ ଟି-୨୦ ଆନ୍ତର୍ଜାତୀୟ ଦଳର ଅଧିନାୟକ ଭାବରେ ନିଯୁକ୍ତ କରିଥିଲା। ବିସିସିଆଇର ଏକ ସୂତ୍ର କହିଛନ୍ତି, 'ଭାରତ ଖୁବ୍ ଶୀଘ୍ର ତିନୋଟି ଫର୍ମାଟ୍ ପାଇଁ ତିନି ଜଣ ଅଧିନାୟକ ପାଇବ। ଅଧିନାୟକମାନେ କିପରି ପ୍ରଦର୍ଶନ କରନ୍ତି ତାହା ଦେଖିବା ବହୁତ ଆକର୍ଷଣୀୟ ହେବ। ରିପୋର୍ଟରେ କୁହାଯାଇଛି ଯେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଚାହୁଁଛନ୍ତି ଯେ ବିରାଟ କୋହଲି ପୁଣି ଥରେ ଭାରତର ଟେଷ୍ଟ ଦଳର ଦାୟିତ୍ୱ ନିଅନ୍ତୁ। ଆଜିକାଲି କୋହଲି ତାଙ୍କ ଖରାପ ଫର୍ମ ନେଇ ଚର୍ଚ୍ଚାରେ ଅଛନ୍ତି । ତଥାପି, ଏବେ ଦେଖିବା ଆକର୍ଷଣୀୟ ହେବ ଯେ କୋହଲି ପୁଣି ଥରେ ଟିମ୍ ଇଣ୍ଡିଆର ଦାୟିତ୍ୱ ନେଉଛନ୍ତି କି ନାହିଁ। ରିପୋର୍ଟରେ କୁହାଯାଇଛି ଯେ ପ୍ରଶିକ୍ଷକ ଗୌତମ ଗମ୍ଭୀର ଚାହୁଁଛନ୍ତି ଯେ ହାର୍ଦ୍ଦିକ ପାଣ୍ଡ୍ୟା ଏକଦିବସୀୟ ଦଳର ଦାୟିତ୍ୱ ନିଅନ୍ତୁ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଗୌତମ ଗମ୍ଭୀର ଚାହୁଁଥିଲେ ଯେ ହାର୍ଦ୍ଦିକଙ୍କୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଟିମ୍ ଇଣ୍ଡିଆର ଉପ-ଅଧିନାୟକ କରାଯାଉ, କିନ୍ତୁ ମୁଖ୍ୟ ଚୟନକର୍ତ୍ତା ଏବଂ ପ୍ରଶିକ୍ଷକ ରୋହିତ ଶର୍ମା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ସୂର୍ଯ୍ୟକୁମାର ଯାଦବ ଟି-୨୦ ଆନ୍ତର୍ଜାତୀୟରେ ଟିମ୍ ଇଣ୍ଡିଆର ନେତୃତ୍ୱ ନେଉଛନ୍ତି। ସୂର୍ଯ୍ୟ ଅଧିନାୟକ ହେବା ପରଠାରୁ ଟିମ୍ ଇଣ୍ଡିଆ ଗୋଟିଏ ବି ଟି-୨୦ ସିରିଜ୍ ହାରିନାହିଁ। ଏପରି ପରିସ୍ଥିତିରେ, ଟି-୨୦ ଅଧିନାୟକ ଭାବରେ ସୂର୍ଯ୍ୟଙ୍କ ଜାରି ରହିବା ନିଶ୍ଚିତ ମନେ ହେଉଛି। ରିପୋର୍ଟରେ ଆହୁରି ମଧ୍ୟ ସୂତ୍ରକୁ ଉଦ୍ଧୃତ କରାଯାଇଛି ଯେ, 'ଏପରି ପରିବର୍ତ୍ତନ ସିଷ୍ଟମ ପାଇଁ ବହୁତ ନାଜୁକ ହୋଇପାରେ, କିନ୍ତୁ ବୋର୍ଡ ଏଥିପାଇଁ ପ୍ରସ୍ତୁତ।

# ବରିମୁଣ୍ଡ ବାପୁଜୀ ସରକାର ଉଚ୍ଚବିଦ୍ୟାଳୟର ୧୮ ତମ ବାର୍ଷିକ କ୍ରୀଡା ଉତ୍ସବ



ଭୁବନେଶ୍ୱର/ବାରଙ୍ଗ(ଭାସ୍କର ନ୍ୟୁଜ): ଶନିବାର ଉତ୍ତର ଭୁବନେଶ୍ୱର ବରିମୁଣ୍ଡ ବାପୁଜୀ ସରକାର ଉଚ୍ଚବିଦ୍ୟାଳୟର ୧୮ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ ରାଉତ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିମୁଣ୍ଡ ପଞ୍ଚାୟତ ସରପଞ୍ଚ ସୁପ୍ରିୟା ମଲ୍ଲିକ, ସମିତି ସଭ୍ୟା ସସ୍ମିତା ବରାଳ, ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ମଲ୍ଲିକ, କ୍ରୀଡା ଶିକ୍ଷକ ଅନନ୍ତ ସାହୁ, ବିଦ୍ୟାଳୟ ଅଧକ୍ଷ ଶରତ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି ସରୋଜ କୁମାର ଓଝା, ବେଣୁଧର ବାରିକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସ୍ତରରେ କ୍ରୀଡାରେ ଉନ୍ନତ ପ୍ରଦର୍ଶନ ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଉତ୍ସବକୁ ବିଦ୍ୟାଳୟ ଶିକ୍ଷୟିତ୍ରୀ କୃଷ୍ଣା କୁମାରୀ ଦାଶ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିନର ଖେଳରେ ଡିଆରକେ (ଏ) ବିସିଏକୁ ୧୦୮ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଡିଆର କେ (ଏ) ୩୩. ୩ ଓଭରରେ ସମସ୍ତ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଉପେନ୍ଦ୍ର ନାୟକ ୬୭ ଓ ଗଣେଶ୍ୱର ସିଂହ ୩୯ ରନ କରିଥିବା ବେଳେ ବିପକ୍ଷ ଦଳର ଚନ୍ଦନ ସିଂହ ୪ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ବିସିଏ ୩୦. ୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୯ ରନ ସଂଗ୍ରହ କରିପାରିଥିଲା ଦଳ । ଅଭିଷେକ ଶର୍ମା ୨୨ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ମାରି ଲୋକନାଥ ୪ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ । ଆସନ୍ତା ୧୦ ତାରିଖରେ ଦିନ ବିସିଏ ଓ ରାଇରଙ୍ଗପୁର ମଧ୍ୟରେ ଖେଳ ହେବ ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି ।

## ପାକିସ୍ତାନ ଟିମ୍‌କୁ ଶେହବାଜଙ୍କ ପରାମର୍ଶ

# କେବଳ ଟୁର୍ଣ୍ଣାମେଣ୍ଟ ନୁହେଁ, ଭାରତକୁ ହରାଇବା ପ୍ରକୃତ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ/ଇସଲାମାବାଦ: ଚାମ୍ପିଅନ୍ସ ଟ୍ରଫି ୨୦୨୫କୁ ଆଉ କିଛି ଦିନ ବାକି। ଏହାକୁ ନେଇ ସମସ୍ତ ଦଳ ନିଜ ନିଜ ପ୍ରସ୍ତୁତିରେ ବ୍ୟସ୍ତ। ଏମିତିରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ବଡ଼ ବୟାନ ଦେଇଛନ୍ତି। ତାଙ୍କ ଟିମ୍‌ର ପ୍ରକୃତ ଚ୍ୟାଲେଞ୍ଜ କେବଳ ଟାଇଟଲ ଜିତିବା ନୁହେଁ ବରଂ ପଡୋଶୀ ଭାରତକୁ ପରାସ୍ତ କରିବା ବୋଲି ସେ କହିଛନ୍ତି। ଚାମ୍ପିଅନ୍ସ ଟ୍ରଫି ବିବାଦକୁ ନେଇ ଭାରତ ୟୁଏଇରେ ଏହାର ମ୍ୟାଚ୍ ଖେଳିବ। ଫେବୃଆରୀ ୨୩ରେ ଦୁବାଇରେ ଭାରତ-ପାକ ପ୍ରତିଦ୍ୱନ୍ଦ୍ୱିତା ହେବ, ଯାହା ଉପରେ ସମସ୍ତଙ୍କ ନଜର ରହିଛି। ଏହାକୁ ନେଇ ଶେହବାଜ କହିଛନ୍ତି, ଆମ ଟିମ୍ ବହୁତ ଭଲ ଏବଂ ସେମାନେ ସାମ୍ପ୍ରତିକ ସମୟରେ ଭଲ ପ୍ରଦର୍ଶନ କରିଛନ୍ତି । କିନ୍ତୁ ବର୍ତ୍ତମାନ କେବଳ ଚାମ୍ପିଅନ୍ସ ଟ୍ରଫି ଜିତିବା ପ୍ରକୃତ ଚ୍ୟାଲେଞ୍ଜ ନୁହେଁ ବରଂ ଦୁବାଇରେ ହେବାକୁ ଥିବା ଆଗାମୀ ମ୍ୟାଚ୍‌ରେ ଆମର ଚିରପ୍ରତିଦ୍ୱନ୍ଦ୍ୱୀ ଭାରତକୁ ପରାସ୍ତ କରିବା। ପୂରା ଦେଶ ସେମାନଙ୍କ ପଛରେ ଛିଡ଼ା ହୋଇଛି, ଲାହୋରରେ ନବୀକରଣ ହୋଇଥିବା ଗଦାଫି ଷ୍ଟାଡିୟମର ଉଦ୍‌ଘାଟନ ଉତ୍ସବରେ ଭାଷଣ ଦେଇ ସରିଫ ଏଭଳି କହିଛନ୍ତି। ସରିଫ ଆହୁରି ମଧ୍ୟ କହିଛନ୍ତି, ପାକିସ୍ତାନ ପାଇଁ ଏହା ଏକ ବଡ଼ ସୁଯୋଗ ଯେ ଆମେ ପ୍ରାୟ ୨୯ ବର୍ଷ ପରେ ଏକ ବଡ଼ ଓଉଉ ଟୁର୍ନାମେଣ୍ଟ ଆୟୋଜନ କରୁଛୁ। ମୋର ପୂର୍ଣ୍ଣ ବିଶ୍ୱାସ ଯେ ଆମ ଦଳ ଆଗାମୀ ଚାମ୍ପିଅନ୍ସ ଟ୍ରଫିରେ ଦେଶକୁ ଗର୍ବିତ କରିବ। ତେବେ ପ୍ରଥମ ଥର ପାଇଁ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରୁଛି । ଷ୍ଟାଡିୟମର ଉଦଘାଟନ ଉତ୍ସବରେ ରାଜନେତା, ସରକାରୀ ଅଧିକାରୀ, ପିସିବି ପ୍ରତିନିଧି, ଜାତୀୟ ପୁରୁଷ ଦଳର ସମଗ୍ର ଚାମ୍ପିଅନ୍ସ ଟ୍ରଫି ଦଳ, ପାକିସ୍ତାନ ସୁପର ଲିଗ ଫ୍ରାଞ୍ଚାଇଜ ମାଲିକ ଏବଂ ପୂର୍ବତନ ପିସିବି ଅଧ୍ୟକ୍ଷ ଜାକା ଅସରଫ ଏବଂ ନଜାମ ସେଟ୍ଟିଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମାତ୍ର ୧୧୭ ଦିନ ମଧ୍ୟରେ ଷ୍ଟାଡିୟମ ପ୍ରସ୍ତୁତ ହେବାର ଉତ୍ସବ ପାଳନ କରାଯାଇଥିଲା ଏବଂ ପିସିବି ଟୁର୍ନାମେଣ୍ଟ ପାଇଁ ଦଳର ଜର୍ସି ଲଞ୍ଚ କରିଥିଲା। ପାକିସ୍ତାନ ଫେବୃଆରୀ ୧୯ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ତାଙ୍କର ଅଭିଯାନ ଆରମ୍ଭ କରିବ।

## ଫ୍ରି ଷ୍ଟାଇଲ୍ ଚେସ୍ ଗ୍ରାଣ୍ଡ୍ ସ୍ଲାମ୍

# ଗୁକେଶଙ୍କ ତିନି ଡ୍ର', ଗୋଟିଏ ପରାଜୟ



ନୂଆଦିଲ୍ଲୀ: ବିଶ୍ୱ ଚାମ୍ପିଅନ ଡି.ଗୁକେଶ ଚେସ୍‌ର ନୂଆ ଫର୍ମାଟ୍ ଫ୍ରିଷ୍ଟାଇଲ୍ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟରେ ଚମକପଦ ପ୍ରଦର୍ଶନ ଦେଖାଇବାରେ ବିଫଳ ରହିଛନ୍ତି। ପ୍ରଥମ ଚାରୋଟି ପର୍ଯ୍ୟାୟରେ ସେ ତିନି ଡ୍ର' ଖେଳିଥିବା ବେଳେ ଗୋଟିଏ ମ୍ୟାଚ୍ ହରାଇବାକୁ ପଡ଼ିଛି । ଫ୍ରାନ୍ସର ଅଲିରେଜାଙ୍କଠାରୁ ସେ ପରାଜିତ ହୋଇଛନ୍ତି। ଗ୍ରୁପ୍ ଷ୍ଟେଜରେ ଏବେ ୫ଟି ପର୍ଯ୍ୟାୟ ରହିଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ପାଇଁ ଗୁକେଶଙ୍କୁ ୧୦ ପ୍ରତିଯୋଗୀଙ୍କ ମଧ୍ୟରେ ଶୀର୍ଷ ୮ରେ ସ୍ଥାନରେ ରହିବାକୁ ପଡ଼ିବ । ଶୀର୍ଷ ୮ ଖେଳାଳିଙ୍କ ମଧ୍ୟରେ ରହିବାକୁ ହେଲେ ଗୁକେଶଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ । ଫ୍ୟାବିୟାନୋ କାରୁଆନା ଏବଂ ସିନ୍ଦାରୋଭ ୩.୫-୩.୫ ଅଙ୍କ ସହ ଶୀର୍ଷରେ ଅଛନ୍ତି । ବିଶ୍ୱର ଏକ ନମ୍ବର ଖେଳାଳି ମାଗନସ୍ କାର୍ଲସନ ଦୁଇଟି ବିଜୟ ଏବଂ ଦୁଇଟି ପରାଜୟ ଦେଖିଛନ୍ତି । ଚେସ୍‌ର ଏହି ନୂଆ ଫର୍ମାଟକୁ ଜର୍ମାନୀର ଉଦ୍ୟୋଗୀ ଜନ୍ ହେନରିକ୍ ବ୍ୟୁଟଲର୍ ଆରମ୍ଭ କରିଛନ୍ତି । ଏହି ଫର୍ମାଟରେ ଗୋଟିଗୁଡ଼ିକୁ ସ୍ଥାୟୀ ପରିବର୍ତ୍ତେ ଭିନ୍ନ ଭିନ୍ନ ପୋଜିସନରେ ରଖାଯାଇଥାଏ । ପୂର୍ବତନ ବିଶ୍ୱ ଚେସ୍ ଚାମ୍ପିଅନ ବବି ଫିଶରଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ୯୬୦ ଚେସ୍‌କୁ ଫ୍ରି ଷ୍ଟାଇଲ୍ ନାଁରେ ମୁଖ୍ୟ ଧାରାରେ ସାମିଲ କରିବା ପାଇଁ ଉଦ୍ୟମ କରାଯାଉଛି । ଏଥିରେ ଗୋଟିଗୁଡ଼ିକ ପ୍ରାରମ୍ଭିକ ସ୍ଥିତିକୁ ବଦଳା ଯାଇଥାଏ । ପ୍ରତିଯୋଗିତାରେ ମୋଟ ୧୦ଜଣ ଖେଳାଳି ସର୍ବପ୍ରଥମେ ରାଉଣ୍ଡ ରବିନ୍ ଆଧାରରେ ରାପିଡ୍ ଫର୍ମାଟରେ ମୁକାବିଲା ଖେଳିବେ । ଏହାପରେ ଶୀର୍ଷ ୮ ଖେଳାଳି ପ୍ଲେ ଅଫ୍‌ରେ ପ୍ରବେଶ କରିବେ । ସେଠାରୁ ବେଷ୍ଟ ଅଫ୍ ଟୁ ଆଧାରରେ କ୍ଲାସିକଲ୍ ଫର୍ମାଟରେ ମୁକାବିଲା ଖେଳାଯିବ । ଫେବ୍ରୁଆରୀ ୭-୮ ରାଉଣ୍ଡ ରବିନ୍ ଷ୍ଟେଜ୍, ଫେବ୍ରୁଆରୀ ୯-୧୦ କ୍ୱାର୍ଟର ଫାଇନାଲ୍, ଫେବ୍ରୁଆରୀ ୧୧-୧୨ରେ ସେମିଫାଇନାଲ୍ ଏବଂ ପ୍ଲେ ଅଫ୍ । ଫେବ୍ରୁଆରୀ ୧୩-୧୪ରେ ଫାଇନାଲ୍ ମୁକାବିଲା ଖେଳାଯିବ । ପ୍ରତିଯୋଗିତାରେ ମୋଟ ୬ ଲକ୍ଷ ୬୦ ହଜାର ଡଲାର ପୁରସ୍କାର ଦିଆଯିବ । ଏଥିରୁ ବିଜେତା ଖେଳାଳିଙ୍କୁ ମୋଟ ୨ ଲକ୍ଷ ଡଲାର ଅର୍ଥାତ୍ ୧ କୋଟି ୬୦ ଲକ୍ଷ ଟଙ୍କା ମିଳିବ ।

## ବିସିଏ କ୍ରିକେଟ୍ ପ୍ରତିଯୋଗିତା

# ଫାଇନାଲ୍‌ରେ ପଲେଇ ଓ ନାଳିପଡିଆ କ୍ରିକେଟ କ୍ଲବ୍ ଚାମ୍ପିୟନ୍



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବିସିଏ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତାର ଫାଇନାଲ ଖେଳରେ ପଲେଇ କ୍ରିକେଟ କ୍ଲବ ଓ ନାଳିପଡିଆ କ୍ରିକେଟ କ୍ଲବ ଚମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଆଜିର ପୃଥକ ପୃଥକ ଭାବେ ଅନୁଷ୍ଠିତ ହେଉଥିବା ପ୍ରଥମ ଫାଇନାଲ ମ୍ୟାଚ ବଡଖିର ଓ ନାଳିପଡିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡଖିର କ୍ରିକେଟ କ୍ଲବର ଅଧିନାୟକ ଟସ ଜିଣି ପ୍ରଥମେ ବୋଲିଂ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରିଥିଲେ। ନାଳିପଡିଆ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୭ ଓଭରରେ ୬ୱିକେଟ ହରାଇ ୧୭୩ରନ ସଂଗ୍ରହ କରିଥିଲା। ଜବାବରେ ବଡଖିର ନିର୍ଦ୍ଧାରିତ ଓଭରରେ ୭ୱିକେଟେ ହରାଇ ୧୨୧ ରନ ସଂଗ୍ରହ କରିଥିଲା। ଫଳରେ ନାଳିପଡିଆ ୫୨ରନରେ ବିଜୟୀ ହୋଇ ଚମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଏହି ଖେଳରେ ଅଜୟ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ପ୍ରଶାନ୍ତ ବେହେରା ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ସେହିପରି ଭାବେ ଦ୍ୱିତୀୟ ଫାଇନାଲ ମ୍ୟାଚ ଡିଡିଏଲ କ୍ରିକେଟ କ୍ଲବ ଓ ପଲେଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡିଡିଏଲ କ୍ରିକେଟ କ୍ଲବର ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରିବା ନିମନ୍ତେ ନିଷ୍ପତି ନେଇଥିଲେ । ଏହି ଦଳ ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୧୫୬ରନ ସଂଗ୍ରହ କରିଥିଲା। ଜବାରେ ପଲେଇ କ୍ରିକେଟ କ୍ଲବ ୧୪.୫ଓଭରରେ ୨ ୱିକେଟ ହରାଇ ୧୬୧ରନ ସଂଗ୍ରହ କରିଥିଲା। ଫଳରେ ପଲେଇ କ୍ରିକେଟ୍ କ୍ଲବ୍ ୮ୱିକେଟରେ ବିଜୟୀ ହୋଇ ଚମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଏହି ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫଦି ସିରିଜ ରୂପେ ରାଜେନ୍ଦ୍ର ଶର୍ମା ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ଜ୍ୟୋତି ରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିରୂପେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ସମ୍ମାନିତ ଅତିଥିଭାବେ କଟକ ଜିଲ୍ଲାପରିଷଦ ଅଧ୍ୟକ୍ଷ କିଶୋର ମିଶ୍ର, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଚଳଚିତ୍ର ଅଭିନେତ୍ରୀ ଐଶ୍ୱରୀୟା ବେହେରା, ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧକ୍ଷା ରୋଜି ସେଠୀ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ବିପ୍ଳବ କେଶରୀ କାପ, ବିଜେଡି ନେତା ସେକ ନୁରଉଦ୍ଦିନ ପ୍ରମୁଖ ଅତିଥିରୂପେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଖେଳକୁ ରମାକାନ୍ତ ପରିଡା, ପ୍ରଦୀପ୍ତ ଦାସ, ବିଜୟ ସାହୁ ପରିଚଳାନା କରିଥିଲେ। ଏହି ଖେଳକୁ ସଫଳ କରାଇବାରେ ତାପସ ଦାସ, ବଳରାମ ସାହୁ, ଆଲୋକ ପରିଡା, ଶୁବାଶିଷ ବେହେରା, ନିତ୍ୟାନନ୍ଦ ସ୍ୱାଇଁ, ଅଶୋକ ରାଉତ, ପର୍ଶୁରାମ ସାମଲ,ଚନ୍ଦନ ଘଡାଇ, ଅଭୟ କୁମାର ସାହୁ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

# ସାହିତ୍ୟ



## ନୂଆ ନୂଆ ପ୍ରେମ

ନିରଞ୍ଜନ ସାହୁ

ନୂଆ ନୂଆ ଏବେ ଜଣଙ୍କ ସାଥିରେ
ଭଲପାଇବାଟା ଜମିଛି
ତାହାରି ପ୍ରେମରେ ଉବୁଟୁବୁ ହୋଇ
ମୋ ମନ ତା ପଛେ ଭ୍ରମିଛି ।

ତାହାର ଚାହାଣି ମନ ଭୁଲାଇଛି
ତା ହସରେ ମନ ମୋହିଛି
ତାହାର ଚାଲିରେ ମନ ଉଲ୍ଲସିତ
ତାକୁ ପାଶୋରିବା ନୋହିଛି
କେବେକେବେ ପୁଣି ରାତି ସପନରେ
ଗୋପନେ ତା ସାଥେ ରମିଛି ।

ଏ ଆଖି ସର୍ବଦା ତାହାକୁ ଖୋଜୁଛି
ଗପିବାକୁ ଇଛା ହେଉଛି
ତା ଦେହକୁ ଟିକେ ଛୁଇଁଦେବା ପରେ
ଅପାର ଆନନ୍ଦ ଦେଉଛି
ଯେତିକି ସମୟ ତା ପାଇଁ ଯାଉଛି
ନିଜ ପାଇଁ ସେତେ କମିଛି ।

ଲାଗୁଛି ଏଥର ଏହି ପ୍ରେମ ନିଶ୍ଚେ
ନୂଆ କଥା କିଛି କହୁଛି
ଏହି ପ୍ରେମରେ ମୁଁ ଉବୁଟୁବୁ ହୋଇ
ଭାବନା ଭିତରେ ରହୁଛି
ପ୍ରେମରେ ସଫଳ ହୋଇବା ପାଇଁକି
ଗୁରୁଜନ ପଦେ ନମିଛି ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ*
*ମୋ-୯୯୩୮୭୪୧୫୮୩*

## ଜୀବନ ଯାତ୍ରା



ସୁଦର୍ଶନ ମହାପାତ୍ର

ଜୀବନରେ କେଉଁଠି କେବେ କାହାର ସବୁ କିଛି ଠିକ୍ ଭାବରେ ଚାଲିଥାଏ କି ? ଏକଦମ୍ ସାବଲୀଳ..। ସଜଳ ସକାଳ ପରି ମିଠା ଅନୁଭବ। ସବୁବେଳେ କ'ଣ ଜୀବନରେ ଥାଏ ଖୁସି, ସ୍ୱାଚ୍ଛନ୍ଦ୍ୟ ଆଉ ଛଳଛଳ ପଣ...। ଜୀବନ ତ ସବୁବେଳେ ଅବୁଝା ଅବୁଝା। ଜୀବନର ଯାତ୍ରା କେବେ ବି ଚାହୁଁଥିବା ଭଳି ସୁଗମ ନୁହେଁ। ଖାଲ ଢିପ, ଉନ୍ନତି ଅବନ୍ନତି ବି ଜୀବନରେ ଦୃଶ୍ୟ ହୁଏ। ସତେ ସିଡ଼ି ଆଉ ସାପର ଖେଳ।ସବୁକୁ ନେଇ ସିନା ଜୀବନ...।

ହେଲେ ସୌଭାଗ୍ୟ କେବେ ନକରାତ୍ମକ ଦୃଷ୍ଟିରେ ନିଜ ଜୀବନକୁ ଦେଖିବାକୁ ପ୍ରସ୍ତୁତ ନଥିଲା। କୌଣସି ଉପାୟରେ ସୁଖ ସଉରଭ ପ୍ରାପ୍ତ ହେବା ହିଁ ଥିଲା ତା'ର ଜୀବନର ଲକ୍ଷ୍ୟ।

ବିଏସସିରେ ସ୍ନାତକ ପରେ ତା'ର କେତେଜଣ ସାଙ୍ଗଙ୍କ ପରି ସେ ବି ଇଛା କରିଥିଲା ମାର୍କେଟିଂ ଜବ୍‌ରେ ଯୋଗ ଦେବ ଏବଂ ପରିବାରର ଆର୍ଥିକ ଅସୁବିଧା ଦୂର କରିବ ବୋଲି। ହେଲେ ବାପା ମା'ଙ୍କ ଇଛାରେ ବର୍ଷେ ଦୁଇ ବର୍ଷ ଚାକିରି ପାଇଁ ବିଭିନ୍ନ ପ୍ରତିଯୋଗିତା ମୂଳକ ଚାକିରି ପାଇଁ ଚେଷ୍ଟା ଚଳାଇଥିଲା।

ହେଲେ ପରୀକ୍ଷାରେ ବାରମ୍ବାର ଅସଫଳତାର ସ୍ୱାଦ ଚାଖୁଥିବା ସୌଭାଗ୍ୟକୁ ପ୍ରଶ୍ନବାଣରେ ଘାଇଲା କରୁଥିଲେ ବାପା ।

-' ବିନା କୋଚିଂରେ ଆଜିକାଲି ଏସବୁ ପରୀକ୍ଷାରେ ସଫଳତା ପାଇବା ଖୁବ୍ କଷ୍ଟକର। ତାପରେ ସବୁ ଜାଗାରେ ଚିହ୍ନା ପରିଚୟ ଲାଞ୍ଚ କାରବାର ବି ଚାଲିଛି ତ ଚାକିରି କେମିତି ହେବ?' ଦିନେ ଉତ୍ତର ରଖିଲା ସୌଭାଗ୍ୟ।

-' ତାହେଲେ ତୁ କହୁଛୁ ସମସ୍ତେ ଲାଞ୍ଚ ଦେଇ ଚାକିରି ପାଉଛନ୍ତି ?କେତେ ବର୍ଷ ପର୍ଯ୍ୟନ୍ତ ଏମିତି ବିନା ରୋଜଗାରରେ ବସିଥିବୁ ?' ବିରକ୍ତ ହୋଇ କହିଲେ ବାପା।

-' ରୋଜଗାର ଚାହୁଁଛ ତ ମୁଁ ପ୍ରସ୍ତୁତ ଅଛି। ତାହେଲେ ମୋ ଇଛା ଅନୁସାରେ ଚାକିରି କରିବାକୁ ମୋତେ ଛାଡ଼ିଦିଅ।' ସେଦିନ ଜୋର ଗଳାରେ କହିଲା ସୌଭାଗ୍ୟ ଏବଂ ବାପାଙ୍କ ଗାଳିକୁ ସେ ତା ସ୍ୱପ୍ନ ପୂରଣ କରିବାର ସୁଯୋଗ ରୂପରେ ଗ୍ରହଣ କଲା।

ସତକୁ ସତ ସେ ଦୁଇ ମାସ ଭିତରେ ତା'ର ଚାକିରି ଜୀବନ ଆରମ୍ଭ କଲା ଗୋଟିଏ ମେଡିସିନ କମ୍ପାନୀର ରିପ୍ରେଜେଣ୍ଟେଟିଭ ହୋଇ।

'ଡାକ୍ତର ମାନଙ୍କ ମନକୁ ପାଇଲା ଭଳି କାମ କଲେ ସିନା ତୁମକୁ ସେ ଭଲପାଇବେ କିମ୍ବା ତୁମ ପାଇଁ କମ୍ପାନୀ ପ୍ରଡକ୍ଟ ବିକ୍ରିର ସୁଯୋଗ ସୃଷ୍ଟି କରିବେ । ନଚେତ୍ ଡାକ୍ତର ଜଣେ ତୁମ କମ୍ପାନୀର ଔଷଧ କାହିଁକି ଲେଖିବ ? ଆଜିକାଲି କ'ଣ କମ୍ପାନୀ ମାନଙ୍କର ଭିଡ଼ କମ୍ କି ଏଇ ପ୍ରତିଯୋଗିତା ମୂଳକ ବିଶାଳ ବଜାରରେ ? 'ମିଟିଂରେ ଏମିତି କେତେ କଥା ଉଦାହରଣ ଦେଇ ବୁଝାନ୍ତି ସିନିଅର ମ୍ୟାନେଜରମାନେ। ସବୁ ମନଦେଇ ଶୁଣେ ସୌଭାଗ୍ୟ ଏବଂ ସେସବୁକୁ କାମରେ ଲଗାଏ ପରିସ୍ଥିତି ଅନୁସାରେ।

ଅଳ୍ପ ଦିନର ଚାକିରି ଭିତରେ ସୌଭାଗ୍ୟ ଶିଖି ଯାଇଥିଲା ମେଡ଼ିସିନ୍ ମାର୍କେଟିଂ କରିବାର କଳା। ଧାଁ ଦଉଡ ଜୀବନକୁ ସେ ଆଦରି ନେଇଥିଲା। ସେ ଶିଖି ଯାଇଥିଲା ନିଜ ପ୍ରଡକ୍ଟ ବିକିବାର ବିଭିନ୍ନ ଫନ୍ଦି ଫିକର। କେବେ ଡାକ୍ତରଙ୍କୁ ଉପହାର ଲାଞ୍ଚ ଦେଇ ତ କେବେ ପେଞ୍ଚ ର ମାଧ୍ୟମ ଦେଇ ସେ ପୁରା କରୁଥିଲା କମ୍ପାନୀ ଦେଇଥିବା ସେଲସ୍ ଟାର୍ଗେଟ...।

ନେଇ ଆଣି ଥୋଇ ପାରୁଥିବା କଳା କୌଶଳର କ୍ରମେ ପରିପକ୍ୱତା ଲାଭ କରୁଥିଲା ସୌଭାଗ୍ୟ। ସେଇଥିପାଇଁ ତ ମେଡ଼ିସିନ୍ ରିପ୍ରେଜେଣ୍ଟେଟିଭରୁ ଏରିଆ ମ୍ୟାନେଜରର ପୋଷ୍ଟ ଏବଂ ସେଇଠୁ ପୁଣି ଆଉ ଗୋଟିଏ ପାହାଚ ଡେଇଁ ରିଜିଓନାଲ ମ୍ୟାନେଜରର ପୋଷ୍ଟ ଲାଭ କରିଥିଲା । ତା' ସଫଳତାର କାହାଣୀ କମ୍ପାନୀରର ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ଥିଲା। ତେଣୁ ଖାଲି ପ୍ରମୋସନ ନୁହେଁ, ପ୍ରୋତ୍ସାହନ ରାଶି ବି ଭଲରେ ଉପାର୍ଜନ କରୁଥିଲା ସେ।

ଯଦିଓ ଚାକିରିରେ ରହିଥିଲା ତା' ପାଇଁ ଅନେକ ଚାପ, ଅନେକ ଚ୍ୟାଲେଞ୍ଜ ହେଲେ ବାପା ମା' ପତ୍ନୀ ସନ୍ତାନ ଦୁଇଟିଙ୍କୁ ନେଇ ଖୁସିରେ ଥିଲା ତା'ର ପାରିବାରିକ ଜୀବନ।

ଆହୁରି ଆଗକୁ ଯିବା ଥିଲା ତା'ର ଲକ୍ଷ୍ୟ। ନିଜ ସ୍ୱାର୍ଥ ସାଧନ ପାଇଁ ଯେ କୌଣସି ଉପାୟ ଅବଲମ୍ବନ କରିପାରୁଥିଲା ସେ ଅନାୟାସରେ। ଯତପରୋନାସ୍ତି ଚେଷ୍ଟା କରୁଥିଲା କମ୍ପାନୀର ଗୁଡ଼ ବୁକ୍‌ରେ ରହିବାକୁ । ଯେତେବେଳେ ସମୂହ ସଫଳତା ମିଳୁଥିଲା ସେଇ ସଫଳତାର ଶ୍ରେୟ ନିଜେ ଗୋଟେଇ ନେଉଥିଲା ଚତୁରତାର ସହିତ। କୌଣସି ମାସରେ ଯଦି ଖରାପ ସେଲସ୍ ହେଉଥିଲା କିମ୍ବା କମ୍ପାନୀର ଟାର୍ଗେଟ ପୂରଣ ହେଉ ନଥିଲା ସେତେବେଳେ ଅଧିନସ୍ଥ ରିପ୍ରେଜେଣ୍ଟେଟିଭ ଉପରେ ଦାଉ ସାଧିବାକୁ ଚେଷ୍ଟା କରୁଥିଲା। ପ୍ରାଇଭେଟ୍ କମ୍ପାନୀରେ ଚାକିରି ନାଁକୁ ମାତ୍ର ? ଆଜି ଅଛି କାଲିକୁ ନାହିଁ। ସକାଳେ ଅଛି ସଞ୍ଜକୁ ନାହିଁ ! ଏଇ ଅଛି ଏଇ ନାହିଁ, ସତେ ପାଣିର ଫୋଟକା..।

ସୌଭାଗ୍ୟର ଜୟଯାତ୍ରା କିନ୍ତୁ ଅବ୍ୟାହତ ରହିଥିଲା।

ହେଲେ କିଏ ଜାଣିଥିଲା ହଠାତ୍ ଜୀବନରେ ଏମିତି ଏକ ମୋଡ଼ ଆସିବ ବୋଲି ? ସବୁକିଛି ଠିକଠାକ ଚାଲିଥିବା ବେଳେ ସୌଭାଗ୍ୟ ଦୁର୍ଘଟଣାର ଶିକାର ହେଲା। ମିଟିଂ ସରିବା ପରେ ସେଦିନ ରାତି ଦଶଟାରେ ବାଇକ୍ ଚଳାଇ ଘରକୁ ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱସ୍ଥ ଗୋଟିଏ ଗଛରେ ପିଟିଦେଲା ଭାରସାମ୍ୟ ହରାଇ।

ସେଇ ଦୁର୍ଘଟଣା ତା' ଜୀବନର ଗତିପଥକୁ ବଦଳାଇ ଦେଲା ଅକସ୍ମାତ। ମାର୍କେଟିଂ ଜବ୍‌ରେ ଧାଁ ଦଉଡ ନାହିଁ ତ ସେଲସ୍ ନାହିଁ। ସେଲସ୍ ନାହିଁ ତ ଟାର୍ଗେଟ ପୂରଣ ଅସମ୍ଭବ। ଛଅ ମାସ ବିଶ୍ରାମ ନେବାକୁ ପଡିଲା ତ କମ୍ପାନୀରୁ ଛଟେଇ ହୋଇଗଲା। ଯେଉଁଠୁ ଜୀବନ ଆରମ୍ଭ କରିଥିଲା ପୁଣି ସେଇଠି ପହଞ୍ଚିଗଲା। ଏକଦମ୍ ପାରାଲାଇଜ୍।

ଘରେ ରହି ସୌଭାଗ୍ୟ ଏବେ ଟିୟୁସନ କିଛି ଯୋଗାଡ କରିବାରେ ସଫଳ ହୋଇଛି। ଜୀବନ ଅଛି ତ ସାଧନର ବି ଆବଶ୍ୟକତା ଅଛି...। ଛଅ ମାସ ପରେ ସେ ଠିକ୍ ହୋଇଯିବ ଏବଂ ଆଉଥରେ ନୂଆ କମ୍ପାନୀରେ ଯୋଗ ଦେବ ବୋଲି ସେ ଦୃଢ଼ ପରିକର ଥିଲା। ହାରିଯିବାର ଜୀବନ, ଜୀବନ ନୁହେଁ ପରା..!!!

*କୁଞ୍ଜବିହାରୀ ଲେନ, କଟକ*



## କବିତା ଗୁଚ୍ଛ

### ଅଗିରା ପୁନେଇଁ......

ରାମଚନ୍ଦ୍ର ବେହେରା

ମାଘ ମାସ ଶେଷ ପୁନେଇଁ ତିଥିରେ
ଆସେ ଅଗିଜଳା ପର୍ବ
ହର୍ଷ ଉଲ୍ଲାସରେ ସାରା ଗ୍ରାମବାସୀ
ପାଳନ୍ତି ଏକତ୍ର ସର୍ବ।

ପ୍ରତି ଗାଆଁ ମୁଣ୍ଡେ ଛଣ କୁଟା ଆଦି
ଏକାଠି କରନ୍ତି ଜନେ
ସଂଜ ନଇଁଗଲେ ଅଗ୍ନିଙ୍କୁ ପୂଜନ୍ତି
ଭକ୍ତିଭାବ ରଖି ମନେ।

ଶଂଖ ହୁଳହୁଳି ହରିବୋଲ ଧ୍ୱନି
ଅପୂର୍ବ ପୁଲକ ଦିଏ
ଗିନି ମୁରୁଦଙ୍ଗ ଘଣ୍ଟ ଶବଦରେ
ଅଗ୍ନି ପୂଜା ନୀତି ହୁଏ।

ଅଗି ଚଉଦିଗେ ସଭିଏଁ ବୁଲନ୍ତି
ଅଗ୍ନିଙ୍କୁ ହୃଦେ ସୁମରି
ଫଳ ମୂଳ ପୋଡି ଭକ୍ଷଣ କରନ୍ତି
ଦୂରାଏ ଚର୍ମ ବିମାରି।

ଅଗି ପାଉଁସକୁ ସଭିଏଁ ଶ୍ରଦ୍ଧାରେ
ପକାନ୍ତି ନିଜ ବିଲରେ
ବିଶ୍ୱାସ ରହିଛି ଭଲ ଶସ୍ୟ ଫଳେ
ପ୍ରଭୁଂକ କୃପା ବଳରେ।

କୃଷିଭିତ୍ତିକ ଏ ମହାନ ପରବ



ଭାଇଚାରା ଭାବ ଦିଏ
ଉତ୍କଳୀୟ ରୀତି ଧର୍ମ ଓ ସଂସ୍କୃତି
ସଭିଂକ ପରାଣେ ଶୋହେ।

ଗାଆଁ ଚାଳଘର ଛପର ହୁଅଇ
ଅଗ୍ନି ଉତ୍ସବର ଅନ୍ତେ
ପ୍ରଭୁଂକ ଆଶିଷେ ବର୍ଷସାରା ରୁହେ
ବାସଗୃହ ନିରାପଦେ।

ଅଗିରା ପୁନେଇଁ ଅତ୍ୟନ୍ତ ପବିତ୍ର
ଆସ ମନାଇବା ମିଳି
ଆମ ଗାଆଁ କ୍ଷେତ ଶସ୍ୟେ ଭରିଯାଉ
ପ୍ରଭୁଙ୍କୁ କରିବା ଅଳି।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

### ମଲ୍ଲୀ...

ନାଁ ଯେ ଅଟଇ ମଲ୍ଲୀ ଫୁଲ ତାର
ରଙ୍ଗ ଅଟଇ ଧଳା
ବାସନା ଟିକକ ମନ ମୋହିନିଏ
ବୃଦ୍ଧ ହେଉ କି ପିଲା।
ମଲ୍ଲୀ ଅତର ଭାରି ମହକ
ଶରୀର ହୁଏ ସୁଗନ୍ଧିତ
ମଞ୍ଚ ଉପରେ କେତେ ଯେ ଆଦର
ପରିବେଶ ସୁଶୋଭିତ।
କୋମଳ ଚର୍ମ,। ବ୍ରଣ ଉପଚାର
ଅବା ଦେହ ସତେଜତା
କେତେ ଉପକାରୀ ଗୁଣ ଯେ ରହିଛି
ଯତନେ ଗଢ଼ିଚି ବିଧାତା।
ଶୁଭ୍ର ରଙ୍ଗ ଟି ସତ୍ୟ ଶାନ୍ତିର
ସୌଷ୍ଠବ ର ଗନ୍ତାଘର
ଦେଖିଦେଲେ ଥରେ ମନ ଭରିଯାଏ
ଲାଗେ ଦେଖିବି ନିରନ୍ତର।
ମୋଗରା, ଜସ୍ମିନ, ଚମେଲୀ, ମଲ୍ଲୀକା
କେଉଁ ସ୍ଥାନେ କେତେ ନାମ
ଯିଏ ଯେଉଁ ନାମେ ଡାକିଲେ ବି ପରା
ସେହି ଏକା ତାର କାମ।
ମଲ୍ଲୀ ଫୁଲ ପରି ବାସନା ଭରିବା
ସଂସାରେ ସୁକର୍ମ କରି
ମାତୃଭୂମି ପାଇଁ ସୁନାମ ଆଣିବା
ସୌନ୍ଦର୍ଯ୍ୟ ସୁବାସ ଭରି।

*ଗୋପୀନାଥ ଦାଶ*
*ବରପାଲିପଡା, ବଲାଙ୍ଗିର*
*ମୋ -୬୩୭୧୮୦୫୦୭୦*

### ଆସିଛି ବସନ୍ତ

ରାଧାରାଣୀ ପଟ୍ଟନାୟକ



ଛାତି ଥରା ଶୀତ ବିଦାୟ ନେଲାଣି
ଆସିଛି ବସନ୍ତ ଏବେ
ପ୍ରଫୁଲ୍ଲ ଚିତରେ ଧରଣୀ ହସୁଛି
କୋଇଲିର କୁହୁ ରାବେ ।।

ବସନ୍ତ ଋତୁରେ ଆମ୍ର ବୃକ୍ଷ ଡାଳେ
କୋକିଳର କୁହୁତାନ
କର୍ଣ୍ଣ ଗହ୍ୱରରେ ପ୍ରବେଶିଲେ ଥରେ
ପୂର୍ଣ୍ଣ ହୋଇଥାଏ ମନ ।।

ଆଦ୍ୟ ବସନ୍ତର ପ୍ରୀତି ଗଛ ଡାଳେ
ପତ୍ର ହୁଏ ପଲ୍ଲବିତ
ପ୍ରୀତି ପ୍ରଣୟିନୀ ପିକ ଟିଏ କୁଞ୍ଜେ
ସୁ ମଧୁରେ ଗାଏ ଗୀତ ।।

ଫୁଲର ବାସରେ ମହକି ଉଠୁଛି
ମର୍ତ୍ତେ ଅତର ଝରୁଛି
ସୁନେଲି ରଙ୍ଗର ସୋରିଷ କ୍ଷେତଟି
ମୁରୁକି ମୁରୁକି ହସୁଛି ।।

ଭ୍ରମର ଗୁଞ୍ଜନେ ପୁଲକିତ ହୁଏ
ପୁଷ୍ପ ଭରା ଉଦ୍ୟାନ
ଗୁଣୁ ଗୁଣୁ ହୋଇ ପାଗଳ ଭ୍ରମର
ଦିଏ ଫୁଲରେ ଚୁମ୍ବନ ।।

ଦେହେ ଦେହେ ଖେଳେ
କେତେ ଶିହରଣ
ଆଖିରେ କେତେ ସପନ
ପ୍ରେମ ର ପର୍ବ ଧରାକୁ ଆସୁଛି
ରଙ୍ଗରେ ଭରିବ ଜୀବନ ।।

ମହମହ ଫୁଲ ର ସୁବାଷ ରେ
ନାନା ରଙ୍ଗ ଫୁଲର ପାର୍ବଣ
ଆସଗୋ ଆସ ଋତୁ ରାଜ
ତୁମକୁ କରୁଛୁ ସ୍ନେହ ଆମନ୍ତ୍ରଣ ।।

*ଚନ୍ଦନ ନଗର, ବରଗଡ*
*ଫୋନ - ୮୯୧୭୨୩୭୧୩୭*

### କୁହୁଡ଼ି

ପ୍ରେମାନନ୍ଦ ପାଣିଗ୍ରାହୀ

ମାଟି ସହ ଆକାଶର ମିଳନ
ଭୂମି ସହ ଭୂମାର ସମ୍ମୋହନ,
ଅନ୍ଧାରର ଛାତି ଚିରି ସେ ଆସେ
ଆଲିଙ୍ଗନ ମୁଦ୍ରାରେ ଆବୋରି ନିଏ
ଏ ସାରା ଜଗତକୁ ।

ପକ୍ଷୀର କୂଜନରେ
ଶିଶୁର କାନ୍ଦରେ
ଗୁଞ୍ଜରିତ ହେଉଥିବା ସକାଳଟା
ହଠାତ ଶୂନ୍‌ଶାନ୍ ହୋଇଯାଏ ।

ନଈର ସୁଅରେ
ସାଗର ଢେଉରେ
ପଙ୍କ ଆଉ ପଙ୍କଜରେ
ସବୁଠି ତାର କାୟା
ଯେଉଁ କାୟାରେ ନଥାଏ ଛାୟା କି ମାୟା
ନଥାଏ ଛନ୍ଦ କି କପଟତା,
ନଥାଏ ପାଇବାର ଲାଳସା
କି ହରାଇବାର ଦୁଃଖ ।

ଡେଙ୍ଗା-ଗେଡା, ମୋଟା-ପତଳା
ଧନୀ-ଗରୀବ, ସୁନ୍ଦର-ଅସୁନ୍ଦର
ଦୂର ଆଉ ପାଖ
ଦୃଶ୍ୟ ସବୁ ଝାପ୍‌ସା ଲାଗନ୍ତି,
ଦାନା ପାଇଁ ଦୌଡୁଥିବା ମଣିଷଟି
ହତାଶାର ମରୀଚିକା
ଭିତରେ ଖୋଜୁଥାଏ ସାହାରା।

ତୁଷାର ଘେରା ଦିଗନ୍ତ ଆକାଶକୁ ଦେଖି
ଖଣ୍ଡି ଉଡା ଦେଉଥିବା ପକ୍ଷୀ ଛୁଆଗୁଡିକ
କୁରୁଳି ଉଠନ୍ତି,
ଓଦା ଜୁଡୁବୁଡୁ ହୋଇଯାନ୍ତି
କୁହୁଡିର ପ୍ରେମରେ ।

ପ୍ରଭାତକୁ ଶାନ୍ତସିକ୍ତ ଆଉ
ପତ୍ରରୁ ଶିଶିର ଝରାଇଲେ ବି
କେଉଁଠି କେଉଁଠି ସେ ବୋଳିଦିଏ
କଳଙ୍କ କାଳିମା,
କାହାକୁ ନାରଖାର ତ କାହାକୁ ଛାରଖାର
କାହାକୁ କରେ ବି ସେ ବାଟବଣା।

*ଭୁବନ,ଢେଙ୍କାନାଳ*
*ମୋ-୯୪୩୭୭୨୯୩୮୪*

### ବଉଳ ଫୁଲ

ନଳିନୀ ଦାଶ

ବାସ ମହକାଇ ଚଉଦିଗ ଛୁଟେ
ନାଆଁ ତା ବଉଳ ଫୁଲ
ଟିକି ଫୁଲଟିଏ ରଙ୍ଗ ତା'ଧୂସର
କିଏ ହେବ ତାର ତୁଲ ।

ବଡ଼ ଗଛଟିରେ ଶୋଭା ଦିଶୁଥାଏ
ଟିକି ଅଟେ ଫୁଲ ଫଳ
କଞ୍ଚାରେ ନେଳିଆ ପାଚିଲେ ନାଲିଆ
ଚୋପାଟି ତାର ବହଳ ।

ଫୁଲଟିଏ ବୋଲି ମନେ ନାହିଁ ଦୁଃଖ
ଫୁଟିଯାଇ ଝଡିଯାଏ
ଫୁଲଙ୍କ ମେଳରେ ଟିକି ହୋଇଲେବି
ବାସ ତା ବିତରି ଦିଏ ।

ଅଳପ ଆୟୁଷ ନେଇ ଜନମିଛି
ବସୁଧା ମାତାର କୋଳେ
ପାଦେ ଦଳ ନାହିଁ ଚିରି ଦିଅ ନାହିଁ
ଫିଙ୍ଗ ନାହିଁ ନେଇ ତଳେ ।

ଖୁସି ମନେ ଯାଇ ଖୁଡି ମୋ ଗୋଟାଏ
ସୂତାରେ ଦିଅଇ ଗୁନ୍ଥି
ମୁଣ୍ଡକୁ କୁଣ୍ଡାଇ ଗଜରା ବାନ୍ଧଇ
ବଉଳ ଫୁଲର ପେନ୍ଥି ।

ପ୍ରଜାପତି ଉଡ଼ି ଉପରେ ବସଇ
ହୋଇ ମନେ ବଡ଼ ଖୁସି
ଗୁଣୁଗୁଣୁ ଗୀତ ଗାଇ ଭଅଁରଟି
ଉଡ଼ି ଆସେ ହସିହସି ।

ଦେବାଦେବୀଙ୍କର ମଥାରେ ରହନ୍ତା
ହୋଇ କେବେ ଗଳାହାର
ଜୀବନ ତାହାର ସାର୍ଥକ ମଣନ୍ତା
ଜନମ ହୁଅନ୍ତା ସାର ।

ଆଖିରେ ତାହାର ଭରିଛି ସପନ
ଦେବତାଙ୍କୁ ଲାଗି ହେବ
ନାରୀର ଗଭାରେ ଗଜରା ହୋଇବ
ଶୋଭା ସେ ବଢ଼ାଉଥିବ ।

*ଭିକାରିପଡା, ଶରଣକୁଳ,*
*ନୟାଗଡ଼ ମୋ-*
*୯୨୩୮୯୯୬୬୪୯*

### ଏଇ ବୋଧେ ପ୍ରେମ

ଭାସ୍କର ବାରିକ୍

ସୁଖଭୋଗୀ କେବେ ଦେଇ ଜାଣେନାହିଁ
ଅନ୍ୟର ଓଠରେ ହସ
ସ୍ୱାର୍ଥବାଦୀ ହେଲେ ସମୟ ଚକ୍ରରେ
ପିଇବାକୁ ହୁଏ ବିଷ ।

ଓଠ ଉପକୂଳେ ହସର ଜୁଆର
କାହା ଖୁସି ମାରିଦେଇ
ସୁବିଧାବାଦରେ ମତୁଆଲା ମନ
ଶାନ୍ତିରେ ପାରେନି ରହି ।

ମନ ଉପବନ କରିଲ ବିଧ୍ୱସ୍ତ
ନିଜେ ସାଜି ଘୂର୍ଣ୍ଣିଝଡ
ପବିତ୍ର ଗୋଲାପ ପାଦରେ ଦଳିଲ
ଅର୍ଥ ତୁମ ପାଇଁ ବଡ ।

ଶାଣିତ ଖଡ଼ଗ କରି ଦେଇଅଛି
ହୃଦୟକୁ ଦୁଇ ଫାଳ
ଲୁହ ଝରିଅଛି ରକ୍ତ ନିଗିଡିଛି
ଭୋଗିଛି ପ୍ରେମର ଫଳ ।

ହସୁଥିଲ ଦିନେ ଭବିଷ୍ୟତ ଭୁଲି
ମୋତେ ଛୁରୀ ଭୁଷି ଦେଇ
ଆଜି କାନ୍ଦୁଅଛ କଇଁକଇଁ କିଆଁ
ଯାଉଛି କଜଳ ଧୋଇ ।

ପ୍ରତାରଣାର ସେ ଜଳନ୍ତା ଜୁଇରେ
ମୋତେ ଛଟପଟ କରି
ଆଜି କିଆଁ ଆଉ ଚାହୁଁଛ ପଛକୁ
ଦେଖୁଅଛ ଘୁରି ଘୁରି ।

ତିକ୍ତ ଅନୁଭୂତି ଶଠତା ଛଳନା
ଏବେବି ହୃଦୟେ ତାଜା
ବୁଝି ପାରୁନାହିଁ ତଥାପି କାହିଁକି
ସପନେ ରୋଷଣୀ ବାଜା ।

ଭଟ୍ଟା ପଡ଼ିଥିବା ଖୁସିର ଜୁଆର
କିଛି ମୋତେ ଛୁଇଁଅଛି
ସବୁକିଛି ଥାଇ ଅବାଧ୍ୟ ମନଟା
ଅବୁଝା କିଆଁ ହେଉଛି ?

ଏଇ ବୋଧେ ପ୍ରେମ ମୃତ୍ୟୁ ନାହିଁ ଯା'ର
ଶାଶ୍ୱତ ଚିରନ୍ତନ
ନିନ୍ଦା ଅପମାନ ଅପବାଦ ପରେ
ମରିନାହିଁ ପ୍ରେମ ସ୍ୱପ୍ନ ।

*ବାସୁଦେବପୁର, ଭଦ୍ରକ*
*ମୋ- ୯୪୩୭୩୨୦୩୫୦*

## ବାଷ୍ପୀୟ ଶକଟ



ରେଣୁବାଳା ମହାପାତ୍ର

ଟ୍ରେନ ଆସିଲା, ମୁଁ ଚଢ଼ିଲି । ବହୁ ଚିହ୍ନା ଅଚିହ୍ନା ମୁହଁ । ତା' ଭିତରେ ପାଟିତୁଣ୍ଡ କରୁଥିବା କିଛି ବ୍ୟକ୍ତି। ମୁଢ଼ି, ବାଦାମ ବିକୁଥିବା ଛୋଟ ପିଲା ଜଣେ ବୁଲୁଥାଏ । ସମସ୍ତେ ନିଜ ନିଜ ଧନ୍ଦାରେ ବ୍ୟସ୍ତ । ତା' ଭିତରୁ ଜଣେ ବ୍ୟକ୍ତି ସେମିତି ବସିଥାନ୍ତି, ବୋଧେ କିଛି ଚିନ୍ତାରେ ଥାଆନ୍ତି । ଟ୍ରେନ ଗେଟ୍ ପାଖକୁ ଯାଉଥାନ୍ତି, ଆସୁଥାଆନ୍ତି। କିଛି ସମୟ ଦେଖିଲା ପରେ ମୁଁ ପଚାରିଲି, ଆଜ୍ଞା କେହି ଆସିବାର ଅଛନ୍ତି କି ? ସେ କହିଲେ... ହଁ। ମୋ ଝିଅ।

ସେତିକି କହି ସେ ପୁଣି ଗେଟ୍ ପାଖକୁ ଗଲେ। ଟ୍ରେନ ଛାଡ଼ିବ ଛାଡ଼ିବ ହଉଥାଏ। ହର୍ଣ୍ଣ ବାଜିଲା। ମୁଁ ଦେଖିଲି ବ୍ୟକ୍ତି ଜଣକ ନିଜ ସିଟ୍‌ରେ ନାହାଁନ୍ତି। ଦେଖିବାକୁ ଗଲି ଆଗକୁ। ସେମିତି ଗେଟ୍ ମୁହଁରେ ଠିଆ ହୋଇଥାନ୍ତି। ପଚାରିଲି, ଆଜ୍ଞା ଝିଅ ଆସିନାହାନ୍ତି କି ? ସେ ମୋତେ ଅନେଇଲେ କହିଲେ ନାରେ ମାଆ, ଆସିନି। କିନ୍ତୁ ଆସିବ, ନିଶ୍ଚୟ ଆସିବ। ମୋତେ କହିଛି ସେ, ବାପା ମୁଁ ତୁମକୁ ଦେଖା କରିବି। ମୁଁ କହିଲି, ଆପଣ ସିଟରେ ବସନ୍ତୁ। ଝିଅ ଆସିବେ। ଗେଟ୍ ପାଖରେ ଠିଆ ହେବା ବିପଦ। ସେ ମୋତେ ଚାହିଁଲେ। କହିଲେ - କେତେଥର ତାକୁ ବୁଝେଇଲି। ମା'ରେ ହାତରେ ଟିକେ ସମୟ ରଖି ଆସିବୁ। ସବୁବେଳେ ତ ବିଳମ୍ବ। ହେଲେ ବି ସେ ଆସୁଥିବ। ତମେ ଯାଇ ବସ ତୁମ ସିଟ୍‌ରେ। ମୁଁ କହିଲି ନା ମୁଁ ବି ଆପଣଙ୍କ ସାଥିରେ ଅଛି। ଆପଣଙ୍କ ଝିଅ ଆସନ୍ତୁ। କିନ୍ତୁ ଟ୍ରେନ୍ ତ ଛାଡ଼ିବ। ଧୀରେ ଧୀରେ ଗଡିଲାଣି। ବୋଧେ ବିଳମ୍ବ ହେଇଗଲା। ଝିଅ ଆସିପାରିଲେନି। ଆପଣ ମୋତେ ଶୀଘ୍ର ତାଙ୍କ ମୋବାଇଲ ନମ୍ବରଟା ଦିଅନ୍ତୁ। ସେ ଦେଲେ। ତାଙ୍କ ହାତ ଥରୁଥାଏ। ମୁଁ କଲ କଲି। ମୁଁ କହିଲି ମାମା ଅଛନ୍ତି କି ? ସେପଟୁ ଜଣେ ମହିଳା କହିଲେ - କୋଉଠୁ କହୁଥିଲେ ? କିଏ ଆପଣ ? ମୁଁ କହିଲି, ଶୀଘ୍ର ମାମାଙ୍କୁ ଟିକେ ଦିଅନ୍ତୁ। ତାଙ୍କ ବାପା କେତେବେଳୁ ତାଙ୍କୁ ଅପେକ୍ଷା କରିଛନ୍ତି ଟ୍ରେନରେ। ସେ ଟିକେ କଥା ହେଇଗଲେ ତାଙ୍କ ମନଟା ଆଶ୍ୱସ୍ତି ପାଇବ। ଆପଣ ଶୀଘ୍ରଟିକେ ତାଙ୍କୁ ଦିଅନ୍ତୁ । ତା'ପରେ ମୋତେ ଲାଗିଲା ସେପଟୁ କାନ୍ଦୁଛନ୍ତି ମହିଳା ଜଣକ। ମୋତେ କହିଲେ - ମାଆରେ ଆଜିକୁ ଗୋଟେ ବର୍ଷ ହେଲାଣି ମାମା ଆଉ ନାହିଁ। ମୁଁ ଶୁଣିକି ସ୍ତବ୍ଧ। ମୁଁ କହିଲି - ତାହେଲେ ଏଇ ମଉସା ଜଣକ ? ଠିକ୍ ବର୍ଷେ ତଳେ ବାପ, ଝିଅ ହଷ୍ଟେଲରୁ ଘରକୁ ଆସୁଥିଲେ। ଚଳନ୍ତା ଟ୍ରେନରେ ଚଢିଥିଲା ବେଳେ ପାଦ ଖସିଗଲା ଝିଅର। ସେ ଆର ପାରିକୁ ଚାଲିଗଲା। ସେଇ ଦିନଠାରୁ ତା ବାପାଙ୍କର ମୁଣ୍ଡ କାମ କରୁନି। ଯେତେବେଳେ ମନେ ପଡେ ସେ ଷ୍ଟେସନ ଯାଆନ୍ତି। ଟ୍ରେନରେ ବସନ୍ତି। ଝିଅକୁ ଅପେକ୍ଷା କରନ୍ତି। କୋଉ ଷ୍ଟେସନରେ ମଉସା ଓଲ୍‌ହେଇବେ ପଚାରି ଦେଇ ମୁଁ କଲ୍ କାଟିଲି। ମୁଁ କହିଲି - ମଉସା ଟ୍ରେନ ଛାଡ଼ି ଦେଲାଣି। ଆପଣ ବସନ୍ତୁ । ସେ ମଉସାଙ୍କ ହାତରେ ଅମୂଲକୁଲଟେ ଥାଏ। ତାଙ୍କ ଝିଅ ପାଇଁ ଧରିଥାନ୍ତି।

ମଉସା ମୋତେ ଚାହିଁ କହିଲେ - 'ମାମା' ? ମୁଁ କହିଲି ସେ ଅଛନ୍ତି। ମଉସା ବସିଲେ। ଗୁଣୁଗୁଣୁ ହେଇ କହୁଥାନ୍ତି: 'ରହ ରହକ୍ଷଣେ ବାଷ୍ପୀୟ ଶକଟ'...ତା ପର ଷ୍ଟେସନ ରେ ତାଙ୍କୁ ଓହ୍ଲେଇଦେଲି। ଜଣେ ଭଦ୍ର ବ୍ୟକ୍ତି ତାଙ୍କୁ ନେବାକୁ ଆସିଥାନ୍ତି। ମୋତେ ଧନ୍ୟବାଦ୍ ଦେଇ କହିଲେ - ଝିଅ, ଯେ ଜଣେ ରିଟାୟାର୍ଡ ଓଡ଼ିଆ ପ୍ରଫେସର। ସେତିକି କହି ମଉସାଙ୍କୁ ନେଇଗଲେ। ମୁଁ ଟ୍ରେନରେ ବସିଲି। ମଉସାଙ୍କ କଥା ଭାବୁଥାଏ। ମଉସାଙ୍କ ଆଖିରେ ତାଙ୍କ ଝିଅକୁ ଭଲ ପାଇବା ଦେଖୁଥାଏ। ଜଣେ ବାପାର ନିଃସ୍ୱାର୍ଥପର ଭଲ ପାଇବା। କେତେ ଅସହାୟତା ତାଙ୍କ ଆଖିରେ। କେତେ ସେ ଖୋଜୁଥାନ୍ତି। କେତେ ବିକଳ ହଉଥାନ୍ତି ଝିଅ ଆସିନି ବୋଲି। କୁଆଡ୍ରୁ ଭଗବାନ ଏତେ ସାହସ ଦିଅନ୍ତି ଜଣେ ବାପା ହୃଦୟରେ। କୋଉ ମାଟିରେ ତାଙ୍କୁ ଗଢ଼ିଥାନ୍ତି କେଜାଣି। ଏତେ ଶକ୍ତ, ପୁଣି କେତେ ନରମ। ଭାବିଲି ଟିକେ ଅନ୍ୟମନସ୍କ ପାଇଁ ଝିଅ ର ଜୀବନ ଚାଲିଗଲା। ଆଜି ସେ ବାପାର କେତେ ଦମ୍ଭ ଥାଆନ୍ତା। କେତେ କ'ଣ ସେ ଭାବୁଥିବେ। ମୋ ଝିଅ ପାଠ ପଢ଼ିବ, ଭଲ ମଣିଷ ହେବ, ତାର ବାହାଘର କରିବି, ନାତି, ନାତୁଣୀ,..... ଅନେକ କିଛି। ନିଶ୍ଚୟ ବାପା, ମା' ପାଗଳ ହେଇଯିବେ। ମୋର ଟ୍ରାନ୍ସଫର ପାଇଁ ମୁଁ ବି ପ୍ରାୟ ସମୟରେ ସେ ଟ୍ରେନରେ ଯିବା ଆସିବା କରେ। ସବୁବେଳେ ମୋ ଆଖି ମଉସାଙ୍କୁ ଖୋଜେ। କାହିଁ ଆଉ ତାଙ୍କୁ ଦେଖିନି। ଥରେ ଟ୍ରେନ ସେଇ ଷ୍ଟେସନ୍‌ରେ ରହିଥାଏ। ଦେଖିଲି ସେ ମଉସା ଷ୍ଟେସନରେ ବସିଥାନ୍ତି। ମୁଁ ଦୌଡ଼ି ଯାଇ ପଚାରିଲି - ମଉସା ମୋତେ ଚିହ୍ନି ପାରିଲେ ? ସେ ଅନେଇଲେ - କହିଲେ ମା' ରେ - ମାମାକୁ ଦେଖିଲ କି ? ଆଉ ଟ୍ରେନରେ ଚଢ଼ି ପାରୁନି ତ, ଏଇଠି ଅପେକ୍ଷା କରିଛି। ସେ ତ ମଠେଇଟା। ଆସୁଥିବ। ଖରା ହେଇଛି। ଏଇ ଅମୂଲ କୁଲ ନେଇଯା ,ତୁ ଟ୍ରେନରେ ପିଇଦେବୁ। ମୁଁ ବି ନେଲି। ସେଇଠି ମଉସା ପୁଣି କହିଲେ, ସେଦିନ କଣ ବାଷ୍ପୀୟ ଶକଟ ରହିଥିଲା ? ମୁଁ ତ କେତେ କହିଲି: ରହ ରହକ୍ଷଣେ ବାଷ୍ପୀୟ ଶକଟ...। କେତେ ନେହୁରା ହେଲି। ଟ୍ରେନ ତ ରହିଲାନି। ବୁଝିପାରିଲି ମଉସାଙ୍କ କହିବାର ଉଦ୍ଦେଶ୍ୟ। ଟ୍ରେନ ହର୍ଣ୍ଣ ଦେଲା। ମୁଁ ଆସିଲି। କେତେ ଦୂର ଯାଏଁ ଦେଖୁଥାଏ ମଉସାଙ୍କୁ। କେତେ ହତାଶ ଜଣେ ବାପା। କେତେ ନିଛକ ଭଲ ପାଇବା ଝିଅ ପାଇଁ। ତାପରେ କେବେ ଆଉ ଦେଖିନି। ସତରେ ଜଣେ ପିତା ଭଗବାନ ତୁଲ୍ୟ। ନିଜ ପିଲାଙ୍କ ପାଇଁ ତାଙ୍କ ଆଗରେ ସବୁ ତୁଚ୍ଛ। ସେଦିନ ବାଷ୍ପୀୟ ସକଟ ରହିଲାନି ବୋଲି ମଉସାଙ୍କର କ୍ଷୋଭ। ପରିଣତ ବୟସରେ ସେ କାହୁଁ ବୁଝିବେ ଯେ ବାଷ୍ପୀୟ ସକଟ ଥରେ ଛାଡ଼ିଲେ ନିର୍ଦ୍ଦେଶ ନହେବା ଯାଏଁ ରୁହେ ନାହିଁ। ବୋଧେ ନିର୍ଦ୍ଦେଶ ଉପରୁ ବି ଆସିଥିଲା ସେଦିନ। ଭାରି ଦୁଃଖ ଲାଗୁଥାଏ। ସତେ ଯେମିତି ଜଣେ ବାପା ର ଜୀବନ ବାଷ୍ପୀୟ ଶକଟରେ ଅଟକି ଯାଇଥାଏ।

*ଅନୁଗୋଳ*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଗରୁଡ଼ଗାଁରେ ଶ୍ରୀ ଶ୍ରୀ ମହାବୀରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସ ଯାତ୍ରାରେ ଯୋଗ ଦେଇ ପାଣି ଆଣିବା ପରେ ମଣ୍ଡଳ ସଂସ୍କାର, ସୂର୍ଯ୍ୟପୂଜା, ଗୋପୂଜା, ଧରିତ୍ରୀ ପୂଜା, ମହାବୀରଙ୍କ ବିଗ୍ରହ ମହାସ୍ନାନ ବିଧି, ପ୍ରାଣପ୍ରତିଷ୍ଠା, ନବଯୌବନ ଦର୍ଶନ ପୂର୍ଣ୍ଣାହୂତି ଆଦି କାର୍ଯ୍ୟକ୍ରମ ହୋଇଥିବା ବେଳେ ଏଥିରେ ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟେକ ଦିନ ପ୍ରସାଦ ସେବନ ସହିତ ସଂଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ମୁଖ୍ୟ ଉଦ୍ୟୋକ୍ତା ତଥା ମନ୍ଦିରର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ଜ୍ୟେଷ୍ଠପୁତ୍ର ଜ୍ଞାନରଞ୍ଜନ ବେହେରା ଓ ପୁତ୍ରବଧୂ ରାଜଲକ୍ଷ୍ମୀ ପ୍ରଧାନ କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଗ୍ରାମର ବରିଷ୍ଠ ମୁରବୀ ମଧୁସୂଦନ ବେହେରା, ହୃଦାନନ୍ଦ ସାହୁ, ବିଷ୍ଣୁ ବେହେରା, ଶରତ ଚନ୍ଦ୍ର ଓଝା, ମନୋଜ ବେହେରା, ତାପସ ବେହେରା, ପ୍ରସନ୍ନ ସାହୁ, ନାରାୟଣ ସାହୁ, ପ୍ରୀତିରଞ୍ଜନ ବେହେରା ଓ ନିହାର ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଆଧାରକାର୍ଡ଼ ନ ଥିବାରୁ ଭତ୍ତାରୁ ବଞ୍ଚିତ ୮୧ବର୍ଷିୟ ବୃଦ୍ଧ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ଉପରଡବାରି ଗାଁ ର ଅସହାୟ ୮୧ବର୍ଷ ବୟସ୍କ ବୃଦ୍ଧ ମେଲେକା ଈଶ୍ୱରଙ୍କ ଆଧାର କାର୍ଡ଼ ନ ଥିବାରୁ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଆଜକୁ ୨୧ ବର୍ଷ ତଳେ କେବଳ ନିଜର ଭୋଟ ଫୋଟ ଦେଇ ନିଜେ ଭତ୍ତା ପାଇ ଆସୁଥିଲେ। ଭୋଟ କାର୍ଡ ଅନୁଯାଇ ବୃଦ୍ଧଙ୍କ ତା.୧/୧/୧୯୯୪ ମସିହାରେ ୫୦ ବର୍ଷ ବୟସ ରହି ଥିଲା। ବିରାଟ ପାହାଡ଼ ଉପରେ ଉପରଡବାରି ଗାଁ ସେଠାରେ ଏକ କୁଡ଼ିଆ ଘରେ ଅସହାୟ ଅବସ୍ଥାରେ ରହି ଆସୁଛନ୍ତି ଈଶ୍ୱର ବୁଢ଼ା ବାପା। ଗୋଟିଏ ଥର ଭତ୍ତା ପାଇଁ ବନ୍ଧୁଗାଁ ପଞ୍ଚାୟତକୁ ଆସିଲେ ଏହି ଗାଁ'କୁ ଚାଲି ଫେରିବା ଏହି ବୃଦ୍ଧ ବୟସରେ ବହୁ କଷ୍ଟକର। ସରକାରଙ୍କ ଆଧାର କାର୍ଡ ଥିଲେ ଭତ୍ତା ମିଳିବ ଶୁଣିବା ପରେ ବୃଦ୍ଧ ଜଣକ କେଉଁଠାରେ ଯିବ କିଏ ନେବ ଓ ଆଧାର କାର୍ଡ ପାଇଁ କେତେ ଟଙ୍କା ଦେବ ଚିନ୍ତାରେ ରହି ଆଉ ଘରୁ ବାହାରିଲେ ନାହିଁ ଈଶ୍ୱର ବୃଦ୍ଧ ଜଣକ। ବୃଦ୍ଧଙ୍କ ବୟାନ ଅନୁସାରେ ଆଧାର କାର୍ଡ଼ ନାହିଁ ଆଉ ଭତ୍ତା ପାଇବୁ ନାହିଁ କହି ମୋ ଠାରୁ ଭତ୍ତା କାର୍ଡ ଯୋଗାଣ ସହାୟକ ମାଗିଥିବା ଜଣାଇ ଥିଲେ। ଆଜକୁ ୨ବର୍ଷ ହେଲାଣି ଆଧାର କାର୍ଡ ନ ଥିବାରୁ ବୃଦ୍ଧ ଜଣକ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଆସିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଏହି ଅସହାୟ ବୃଦ୍ଧ ଘରୁ ଆସି ଆଧାର କାର୍ଡ କରି ବନ୍ଦ ଥିବା ଗତ ଦୁଇବର୍ଷର ଭତ୍ତା କିପରି ପାଇବେ ଆମ ଗଣମାଧମଙ୍କ ଜରିଆରେ ସରକାରଙ୍କୁ ଗୁହାରି ଜଣାଇଛନ୍ତି। ବନ୍ଧୁଗାଁ ବ୍ଲକ୍‌ରେ ବର୍ତ୍ତମାନ ସୁଦ୍ଧା ଆଧାର କାର୍ଡ ପାଇଁ ଆଧାର କେନ୍ଦ୍ର ନାହିଁ, କିମ୍ବା ଆଧାର କାର୍ଡ ପାଇବା ସମ୍ଭବ ନୁହଁ। ଏହି ଆଧାର କାର୍ଡ ପାଇଁ ଲୋକେ ନାରାୟଣପାଟଣା, କୋରାପୁଟ, ରାୟଗଡ଼ା ଓ ପାର୍ବତୀପୁରମ ଯିବାକୁ ପଡୁଛି। ଅଳ୍ପ କିଛିଦିନ ତଳେ ଜଣେ ବାପ ନିଜ ପୁଅ, ଝିଅର ଆଧାର କାର୍ଡ କରି ପିଲାଙ୍କୁ ପାଠ ପଢ଼ାଇବି ଭାବି ନାରାୟଣପାଟଣା ଯାଉଥିବା ବେଳେ ଦୁର୍ଘଟଣା ହୋଇ ବାପର ମୃତ୍ୟୁ ହୋଇଥିଲା। ଏହି ପ୍ରକାର କିଛି ବୃଦ୍ଧବୃଦ୍ଧା ଆଧାର କାର୍ଡ ନ ଥିବାରୁ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଘରେ ରହିଛନ୍ତି। ଏହି ପ୍ରକାର ଭତ୍ତାରୁ ବଞ୍ଚିତ ଅସହାୟ ବୃଦ୍ଧାୟଙ୍କୁ ସ୍ଥାନୀୟ ପ୍ରଶାସନ ପାଖକୁ ଯାଇ କିପରି ଭତ୍ତା ପାଇବ ପଦକ୍ଷେପ ନେବାକୁ ସମସ୍ତ ବୁଦ୍ଧିଜୀବୀ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାଙ୍କୁ ଅନୁରୋଧ କରିଛନ୍ତି।

# ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ




କାକଟପୁର, (ଭାସ୍କର ନ୍ୟୁଜ): କାକଟପୁର ପ୍ରାଚୀବିହାରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସେଣ୍ଟ ଜାଭିୟର ହାଇସ୍କୁଲର (୧୪)ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହା-ସମାରୋହରେ ପାଳିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁର୍ଗାଚାରଣ ପରିଡ଼ା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଉକ୍ତ ଉତ୍ସବରେ ସ୍କୁଲର ସଭାପତି ଶର୍ମିଷ୍ଠା ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଜ୍ୟୋତିର୍ମୟ ଦଳାଇ, ମୁଖ୍ୟ ବକ୍ତା ହିମାଂଶୁ ଭୂଷଣ ତ୍ରିପାଠୀ ଯୋଗଦେଇ ଛୋଟ ଛୋଟ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ନିର୍ମାଣରେ ଅଭିଭାବକ ମାନଙ୍କ ମୁଖ୍ୟ ଭୂମିକା ଥିବାବେଳେ, ସେମାନଙ୍କୁ ମୋବାଇଲର ଅପବ୍ୟବହାରରୁ ଦୂରେଇ ରଖି ଶିକ୍ଷା ସହ ମାନବିକତାର ମୂଲ୍ୟବୋଧର ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ.ଏବଂ ଛାତ୍ରଛାତ୍ରୀମାନଙ୍କ ଉଜ୍ୱଳ ଭବିଷ୍ୟତର କାମନା କରିବା ସହ ଏହି ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ଅବଦାନ ତଥା ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ସନ୍ତୋଷ ସାରଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନାଟକ (ସମାଜ ଉପରେ ମଦରକୁ ପ୍ରଭାବ ଉପରେ ଏକ ସମାଜଧର୍ମୀ ନାଟକ ଛୋଟ ମୋର ଗାଁ'ଟି) ପରିବେଷଣ କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଖିରୋଦ ଚନ୍ଦ୍ର ବାରିକ, ନିରଞ୍ଜନ ବିଶ୍ୱାଳ, ସରିତା ସାସମଲ, ରାଜଶ୍ରୀ ପରିଡ଼ା, ସୋନାଲିକା ସ୍ୱାଇଁ, ଲତୀଫୁର ରହେମାନ,ରାଜେଶ ସାହୁ, ତୃପ୍ତିବାଳା ବିଶ୍ୱାଳ ଓ ରତୁପୂର୍ଣ୍ଣା ପ୍ରମୁଖ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ ପରିଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ବାର୍ଷିକ ଉତ୍ସବଟି ଶାନ୍ତିଶୃଙ୍ଖଳାରେ ସମାପନ ହୋଇ ଥିବାରୁ ହାଇସ୍କୁଲର ମୁଖ୍ୟ ପରିଚାଳକ ସୁରେଶ ଚନ୍ଦ୍ର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଓକିଲ ସଂଘର ପ୍ରତିଷ୍ଠା ଦିବସ ପାଳିତ

ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ଓକିଲ ସଂଘର ୧୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ବାବୁଲି କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତୀ ଶଶୀକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗରିବ ଲୋକଙ୍କୁ ନ୍ୟାୟ ପ୍ରଦାନରେ ଓକିଲ ବନ୍ଧୁ ମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବି ମନୋଜ କୁମାର ମିଶ୍ର,ବିଭୁ ପ୍ରସାଦ ତ୍ରିପାଠୀ ଓ ଢେଙ୍କାନାଳର ବରିଷ୍ଠ ଆଇନଜୀବି ଦିପ୍ତିଶ ପଟ୍ଟନାୟକ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବି ରବୀନ୍ଦ୍ର କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ ପ୍ରହ୍ଲାଦ ସାହୁ ବିବରଣୀ ପାଠ କରିଥିଲେ ଓ ପ୍ରଶାନ୍ତକୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନ ଓକିଲ ସଂଘ ର ସମସ୍ତ ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଆଇନଜୀବୀ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

## ପୋଲିସ ପକ୍ଷରୁ ଜୁଆଆଡ୍ଡା ଚଢ଼ାଉ ସମୟରେ ପୋଲିସ ଉପରେ ଆକ୍ରମଣ, ଜଣେ ଗିରଫ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଏକ ଆଦିବାସୀ ବହୁଳ ଅନୁନ୍ନତ ଅନଗ୍ରସର ଅଞ୍ଚଳ ଭାବେ ପରିଚିତ। ଏଠାରେ ସେପରି କୌଣସି କଳକାରଖାନା ଓ ସମ୍ପୂର୍ଣ୍ଣ ଜଳସେଚନ ଯୋଜନା ନାହିଁ ଯାହାକୁ ଆଧାର କରି ଏହି ଅଞ୍ଚଳ ଲୋକେ ନିଜ ଅର୍ଥନୈତିକ ବିକାଶ କରିପାରିବେ। ଉପରନ୍ତୁ ଏହି ଅଞ୍ଚଳର ବିଭିନ୍ନ ସାପ୍ତାହିକ ହାଟ ଓ ବର୍ତ୍ତମାନ ବିଭିନ୍ନ ଗାଁ ଗଣ୍ଡାରେ ମକର ସଂକ୍ରାନ୍ତି ଉପଲକ୍ଷେ ସ୍ପୋର୍ଟସ ହେଉଥିବା ସ୍ଥାନ ଗୁଡ଼ିକରେ ଦିନକୁ ଦିନ ଯେପରି ଜୁଆ ଆଡ୍ଡା ଜମିବାରେ ଲାଗିଛି ତାହା ନକହିବା ଭଲ। ଏହି ଜୁଆ ଆଡ୍ଡା ଯୋଗୁଁ ଦୈନିକ କୌଣସି ନାଁ କୌଣସି ପରିବାରରେ ଅଶାନ୍ତି ଲାଗିରହିଛି ଓ ଆଇନ୍ ଶୃଙ୍ଖଳା ବ୍ୟାହତ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ କରଞ୍ଜିଆ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ବିଭିନ୍ନ ସାପ୍ତାହିକ ହାଟ ଗୁଡ଼ିକରେ ଚଢାଉ କରାଯାଇ ଜୁଆଡି ମାନଙ୍କୁ ଗିରଫଦାରୀ ହୋଇଥାଏ। ସେହିପରି ଗତକାଲି କରଞ୍ଜିଆ ବ୍ଲକ ରସମତଳା ପଞ୍ଚାୟତ କୁତୁମା ଠାରେ ମଧ ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହେଉଥିଲା। ବିଭିନ୍ନ ଗାଁ ଗଣ୍ଡାରୁ ଏହାକୁ ଉପଭୋଗ କରିବା ପାଇଁ ଲୋକମାନେ ଛୁଟି ଆସିଥାନ୍ତି। ଏହି ସମୟରେ ଜୁଆ ଆଡ୍ଡା ମଧ ଜମିଥିଲା। କରଞ୍ଜିଆ ପୋଲିସ ପକ୍ଷରୁ ସେଠାରେ ଚଢ଼ାଉ ପାଇଁ ଏକ ଦଳ ସବ୍ ଇନ୍ସପେକ୍ଟର ସାଲଖାନ ହେମ୍ବ୍ରମଙ୍କ ନେତୃତ୍ୱରେ ଯାଇଥିଲେ। ଖବର ପାଇ ଜୁଆଡି ଓ ସେମାନଙ୍କ ସମର୍ଥକ ମାନେ ପୋଲିସ ଦଳ ଉପରେ ଆକ୍ରମଣ କରି ଜବତ୍ କରି ପୋଲିସ ଗାଡ଼ିରେ ରଖିଥିବା ଜୁଆ ଖେଳର ସାଜ ସରଞ୍ଜାମ ଗୁଡ଼ିକୁ ଛଡାଇ ନେଇଯାଇଥିଲେ ଓ ମାରଧର କରିଥିଲେ। ତେବେ ଗତକାଲି ରାତିରେ ପୋଲିସ ଏଥିରେ ସମ୍ପୃକ୍ତ କୁତୁମା ଗ୍ରାମର ଗଣେଶ କୁମାର ସେଠୀ (୫୦)ପିତା ବିଶ୍ୱନାଥ ସେଠୀକୁ ଗିରଫ କରି ଥାନାରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ତାଙ୍କ ବିରୁଦ୍ଧରେ ଜୁଆ ନିରୋଧକ ଆଇନ୍ ୧୯୫୪/୩, ଭାରତୀୟ ନ୍ୟାୟ ସଂହିତା ୨୦୨୩ ର ୧୦୯(୧),୧୩୨/୨୯୬/୩(୫) ଓ ୧୧୫(୨) ଧାରା ଲଗାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ସୁଧାଂଶୁ ଶେଖର ସେଠୀ ସୂଚନା ଦେଇଛନ୍ତି।

## ଅପେରା ନା'ରେ ଜୁଆଖେଳକୁ ନେଇ ସିନ୍ଦୋଳ ଶାସନରେ ଗଣ୍ଡଗୋଳ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଅପେରା ନାଆଁରେ ଜୁଆଖେଳକୁ ନେଇ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନାଧିନ ସିନ୍ଦୋଳ ଶାସନରେ ଗଣ୍ଡଗୋଳ ଘଟିଛି। ୮ଜଣଙ୍କ ବିରୋଧରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ଜୁଆଖେଳ ଘଟଣାରେ ୩ ଜଣଙ୍କୁ ପୋଲିସ ଗିରଫ୍ କରିଥିବା ଜଣାଯାଇଛି। ପ୍ରକାଶ ଯେ, ସିନ୍ଦୋଳ ଶାସନ ଗାଁରେ ସରସ୍ୱତୀ ପୂଜା ଅନୁଷ୍ଠିତ ହେଉଥିଲା। ଏହି ପୂଜାକୁ ଅଧିକ ସରସ ସୁନ୍ଦର କରିବା ଲକ୍ଷ୍ୟରେ କେତେକ ଯୁବଗୋଷ୍ଠି ଅପେରାର ଆୟୋଜନ କରିଥିଲେ। ମାତ୍ର ଅପେରା ଚାଲୁଥିବା ବେଳେ ପଛପଟେ ଜୁଆଖେଳକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। କୌଣସି କାରଣରୁ ପୋଲିସ ଖବର ପାଇ ବିଳମ୍ବିତ ରାତିରେ ଜୁଆ ଆଡ୍ଡା ଉପରେ ଚଢାଉ କରିଥିଲା। ଏହି ସମୟରେ ଅପେରା ଦେଖିବାକୁ ଯାଇଥିବା ସିନ୍ଦୋଳ ରଥସାହିର ହେମନ୍ତ ରଥ ନାମକ ଜଣେ ଯୁବକଙ୍କୁ ସିନ୍ଦୋଳ ଶାସନ ଗାଁ'ରକେତେକ ଯୁବକ ମାରଧର କରିବା ସହ ଅଟକ ରଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ରାତିରେ ହେମନ୍ତଙ୍କ ବୃଦ୍ଧା ମା'ଆସିବାପରେ ତାଙ୍କୁ ଗାଳିଗୁଲଜ କରିବା ସହିତ ଏକଲକ୍ଷ ଟଙ୍କା ଦେଇ ତମ ପୁଅକୁ ନେଇ ଯାଆ ବୋଲି କହିଥିଲେ। କେବଳ ସେତିକି ନୁହେଁ ବୃଦ୍ଧାଙ୍କୁ କେତେକ ବ୍ୟକ୍ତି ଧକ୍କା ମାରିବା ସହ ହେମନ୍ତଙ୍କ ଠାରୁ ମୋବାଇଲ୍ ଓ ସୁନା ଚେନ୍ ଛଡେଇ ନେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲାରୁଜୁ କରିଛି। ସେହିପରି ଜୁଆଖେଳର ଆୟୋଜକ ସିନ୍ଦୋଳ ଶାସନ ଗାଁ'ର ତପନ ପାଣି ଓ ଜୁଆ ଖେଳ କରୁଥିବା ତଳଦପା ଗାଁର ଗଣେଶ ଦାସ ଓ ରବି ଦାସଙ୍କୁ ରାତିରେ ପୋଲିସ କାବୁ କରିଥିଲା। ଜୁଆଖେଳରେ ବ୍ୟବହୃତ ପାଲି, ଗୋଟି ଓ ୩୫୦ ଟଙ୍କା ଜବତ୍ କରିଛି ପୋଲିସ। ଅନୁରୂପ ଭାବେ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି।

# ବଦଳିବ ଗଳଗଳି ଶଙ୍ଖର ରୂପରେଖ



ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ଅନ୍ତର୍ଗତ ଗଳଗଳି ଶଙ୍ଖ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମ କ୍ରମେ ଭୁବନେଶ୍ୱର ସ୍ଥାପତ୍ୟ କଳା କାର୍ଯ୍ୟାଳୟର ସ୍ଥପତି ମନୋରଞ୍ଜନ ରଥ, ସ୍ଥପତି ପ୍ରତୀକ ରଥଙ୍କ ସହିତ ସ୍ଥାନୀୟ ବ୍ଲକ ପ୍ରଶାସନର ଅଧିକାରୀ ଗଳଗଳି ଶଙ୍ଖ ପରିଦର୍ଶନ କରିଛନ୍ତି। ଗଳଗଳି ଶଙ୍ଖଠାରେ ଥିବା ସତରନଳା ପୋଲର ପୁନରୁଦ୍ଧାର କାର୍ଯ୍ୟ କରାଯିବା ସହିତ ଏହାର ପାରିପାର୍ଶ୍ୱିକ ଉନ୍ନତି ତଥା ସୌନ୍ଦର୍ଯ୍ୟକରଣ କରିବାକୁ ନିଷ୍ପତି ନିଆଯାଇଛି ବୋଲି ଗସ୍ତ ସମୟରେ ଏହି ଦୁଇ ଅଧିକାରୀ ପ୍ରକାଶ କରିଛନ୍ତି। ଧର୍ମଶାଳାର ଅତିରିକ୍ତ ତହସିଲଦାର ଗଗନ ଦାଶ, ଧର୍ମଶାଳା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଲିଙ୍ଗରାଜ ପଣ୍ଡା, କନିଷ୍ଠ ଯନ୍ତ୍ରୀ ପ୍ରତୀମୟୀ ସାମଲ, ନେଉଳପୁର ଆର୍‌ଆଇ ଜଗବନ୍ଧୁ ଜେନା ଏହି ଗସ୍ତରେ ସାମିଲ ହୋଇଥିଲେ। ପ୍ରଶାସନିକ ଅଧିକାରୀ ଏହି ଗଳଗଳି ପୀଠର ଉନ୍ନୟନ କାର୍ଯ୍ୟ ନେଇ ଶଙ୍ଖ ଗ୍ରାମବାସୀ ତଥା ସ୍ଥାନୀୟ ଅଞ୍ଚଳ ବାସୀଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କର ମତାମତ ନେଇଥିଲେ। ଏଠାରେ ଏକ ଶିଶୁ ଉଦ୍ୟାନ, ପିକ୍‌ନିକ ପିଣ୍ଡି ଏବଂ ଶୌଚାଳୟ ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଥିଲା। ଏହି ଆଲୋଚନା ବେଳେ ବିଧାୟକ ପ୍ରତିନିଧି ଅଭିଷେକ ରାଉତ, ପ୍ରାଧ୍ୟାପକ ବଳଭଦ୍ର ଦାଶ, ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, ଶଙ୍ଖ ଗ୍ରାମର ବିବେକାନନ୍ଦ ଦାସ, ପ୍ରଶାନ୍ତ ଜେନାଙ୍କ ସହିତ ଗ୍ରାମବାସୀ ତଥା ସ୍ଥାନୀୟ ଅଂଚଳବାସୀ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଦୁଇଦିନ ପୂର୍ବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗ ଦେବାକୁ ଆସିଥିବା ବେଳେ ଏହି ପୀଠର ବିକାଶ ପାଇଁ ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନିକ ଅଧିକାରୀଙ୍କ ଗ୍ରସ୍ତପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି।

# ଓୟୁଏଟି ପକ୍ଷରୁ କୃଷି ପ୍ରଶିକ୍ଷଣ ଶିବିର

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅଧିନସ୍ଥ ନାସିକ ଗ୍ରାମରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସର୍ବଭାରତୀୟ ସମ୍ମାନିତ ଫସଲ ବିହନ ପ୍ରକଳ୍ପ ତରଫରୁ ଏକ ଦିନିକିଆ ଡାଲି ଜାତୀୟ ବିହନ ଉତ୍ପାଦନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଅଗ୍ରଣୀ ଚାଷୀ ଭାଇଭଉଣୀମାନେ ଯୋଗ ଦେଇଥିଲେ। ଏୟୁଏଟିର ବୈଜ୍ଞାନିକ ଡ. ମନୋଜ କୁମାର ରାଉତ ଅତିଥି ପରିଚୟ ଦେଇଥିଲେ। ଏୟୁଏଟିର ପ୍ରଫେସର, ବୈଜ୍ଞାନିକ ଓ କୃଷି ଅଧିକାରୀ ଗଣ ଚାଷୀ ଭାଇ ମାନେ ଡାଲି ଜାତୀୟ ବିହନ ଉତ୍ପାଦନ କରି କିପରି ଅଧିକ ଲାଭବାନ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ନାସିକ, ବାରଙ୍ଗ, କୋଠିଆ ତଥା ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀ ଭାଇ ଭଉଣି ମାନେ ସମସ୍ୟା ଓ ତାର ସମାଧାନ କିପାରି କରିହେବ ସେ ବିଷୟରେ ପ୍ରଫେସର ତଥା ବୈଜ୍ଞାନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସର୍ବ ଭାରତୀୟ ସମ୍ମାନିତ ଫସଲ ବିହନ ପ୍ରକଳ୍ପର ମୁଖ୍ୟ ଡ. ଚିତ୍ତରଞ୍ଜନ ସାହୁ, କୃଷି ବିଦ୍ୟାଳୟର ଡ. କ୍ଷୀତିସ ଷଡ଼ଙ୍ଗୀ, ଡ. ସୌଭାଗ୍ୟ ବେହେରା, ମହାବିଦ୍ୟାଳୟ ପ୍ରଫେସର ତନ୍ମୟ ଲଲାଟେନ୍ଦୁ ମହାନ୍ତି, ଯାଜପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଲଳିତ କୁମାର ମହାନ୍ତି, ବିହନ ପ୍ରଶିକ୍ଷଣ ଅଧିକାରୀ କଟକ ମାନସ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ଚାଷୀ ଭାଇ ଭଉଣୀ ମାନଙ୍କୁ ଡାଲି ଜାତୀୟ ବିହନ ଉତ୍ପାଦନ ଉପରେ ଆଲୋଚନା କରିଥିଲେ। ଓୟୁଏଟିର ବୈଷୟିକ ସହାୟକ ଗଣ ଯଥା ଜୟନ୍ତ କୁମାର ବେଉରା, ପୂର୍ଣ୍ଣ ଚନ୍ଦ୍ର ମିଶ୍ର, କୈଳାସ ଚନ୍ଦ୍ର ବିଶ୍ୱାଳ, ରାମଚନ୍ଦ୍ର ସିଂ ରହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ଶେଷରେ କୋଠିଆଁ ଗ୍ରାମର ଅଗ୍ରଣୀ ଚାଷୀ ଧୁନିଆ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।




## ଚୋରି ଘଟଣାର ୮ଦିନ ପରେ ବି ପୋଲିସ ହାତ ଖାଲି

କଣ୍ଟାପଡା, (ଭାସ୍କର ନ୍ୟୁଜ୍): ଗୋବିନ୍ଦ ପୁର ଥାନା ଅଧୀନ ବ୍ରାହ୍ମଣ ସାଇଲୋ ଗ୍ରାମ ପଞ୍ଚାୟତ ସରପଞ୍ଚ ତୃପ୍ତି ମୟୀ ରାଉତଙ୍କ ଘରୁ ଗତ ୨ ତାରିଖ ଦିନ ରାତିରେ ଝରକା ତାଡ଼ି ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଗତ ତିନି ତାରିଖ ଦିନ ଗୋବିନ୍ଦ ପୁର ଥାନା ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଁଚି ସାଇଣ୍ଟିଫିକ ଟିମ ଶହ ତଦନ୍ତ ଆରମ୍ଭ କରିଥିଲେ ଉକ୍ତ ଘଟଣାକୁ ୮ ଦିନ ବିତିଥିଲେ ବି ପୋଲିସ ହାତ ଖାଲି। ଯାହାକୁ ନେଇ ପୂର୍ବତନ ଅର୍ଥରାଷ୍ଟ୍ରମନ୍ତ୍ରୀ ପଞ୍ଚାନନ କାନୁନ ଗୋ ବିରକ୍ତି ପ୍ରକାଶ କରିବା ଶହ ଚୋରକୁ ଶୀଘ୍ର ଧରିବା ପାଇଁ କିରଣ ହେମ୍ବ୍ରମ ସହ କଥା ହୋଇଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ମୋହନ କାନୁନ ଗୋ ବ୍ରାହ୍ମଣ ବାଟି ସମିତି ସଭ୍ୟ ବୁଧନାଥ ବେହେରା ଓ ଧାନମଣ୍ଡଳ ଗ୍ରାମବାସୀ ଏସଡିପିଓଙ୍କୁ ଭେଟି ଖୁବ ଶୀଘ୍ର ଆସାମୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ସେହିଭଳି କଣ୍ଟାପଡା ବ୍ଲକ ସରପଞ୍ଚ ସଂଘ ସଭାପତିଙ୍କ ନେତୃତ୍ୱ ରେ ୯ ଜଣ ସରପଞ୍ଚ ସଦର ଏସଡିପିଓ ଙ୍କୁ ଭେଟି ଧାରଣା ଦେବେ ବୋଲି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ନିର୍ମଳ ସାହୁ, ଅଭିଷେକ ମହାପାତ୍ର, ହେମନ୍ତ କୁମାର ମଲିକ, ସସ୍ମିତା ସାସେନୀ, ସୁବ୍ରତ ଦାଶ, ସୁମିତ୍ରା ପାଢ଼ୀଙ୍କ ସହିତ ସରପଞ୍ଚ ତୃପ୍ତି ମୟୀ ରାଉତରାୟ ଉପସ୍ଥିତ ରହିଥିଲେ।

# ଲଣ୍ଡନ ବୁକ୍ ଅଫ୍ ୱାର୍ଲ୍ଡରେ ସ୍ଥାନ ପାଇଲେ ରାମଚନ୍ଦ୍ର




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସାହାପୁର ପଞ୍ଚାୟତ ଅଧୀନ ଗୋପାଳ ଦୋହାରା ଗ୍ରାମର ରାମଚନ୍ଦ୍ର ମହାକୁଡ଼ ନାମକ ଜଣେ ଯୁବକ ଗୋଟିଏ ମିନିଟ୍ ୧୦୭ଟି ଚିତ୍ର ଅଙ୍କନ କରି ଲଣ୍ଡନ ବୁକ୍ ଅଫ୍ ୱାର୍ଲ୍ଡରେ ସ୍ଥାନ ପାଇଛନ୍ତି। ରାମଚନ୍ଦ୍ର ପିଲାବେଳୁ ବାପା ରମେଶ ମହାକୁଡ଼ଙ୍କୁ ହରାଇଛନ୍ତି। ପିଲାବେଳୁ ସେ ପାଠ ପଢ଼ା ସହିତ ପାରିବାରିକ ପ୍ରତିପୋଷଣର ବୋଝ ଉଠାଇବା ସହ ଗ୍ରାଜୁଏସନ କରିଥିଲେ। ପରେ ଏକ ଘରୋଇ ସଂସ୍ଥାରେ କାମ କରିବା ସହିତ ଚିତ୍ର ଆଙ୍କିବାରେ ନିଜକୁ ନିୟୋଜିତ କରିଥିଲେ। ପରେ ଏହି ଚିତ୍ର ଆଙ୍କିବାର ନିଶା ତାଙ୍କୁ ଆଜି ଏହି ସଫଳତାର ଅଧିକାରୀ କରିପାରିଛି। ଏହି ସଫଳତା ପାଇଁ ରାମଚନ୍ଦ୍ରଙ୍କୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଗ୍ରାମବାସୀ, ସାଙ୍ଗସାଥୀ ଓ ବନ୍ଧୁବାନ୍ଧବ, ରାଜନେତା, ସ୍ୱେଚ୍ଛାସେବୀ ସଂଗଠନ ଶୁଭେଚ୍ଛା ଜଣାଇଛନ୍ତି।

## ଠିକାଦାର ଦ୍ୱାରା ଗୋଚର ଜମିରୁ ମାଟି ଲୁଣ୍ଠନ, କାର୍ଯ୍ୟାନୁଷ୍ଠାନ କେବେ?

ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ଅଞ୍ଚଳରେ ଠିକାଦାରଙ୍କ ଦ୍ୱାରା ଲଘୁଖଣିଜ ଦ୍ରବ୍ୟ ଲୁଣ୍ଠନ ହେଉଥିବା ବେଳେ ପ୍ରଶାସନ ଏହା ପ୍ରତି ନୀରବଦ୍ରଷ୍ଟା ସାଜିବା ପରିତାପର ବିଷୟ। ଯାହାଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ଘଟୁଛି। ଖଣି ବିଭାଗ କିମ୍ବା ତହସିଲଦାର କୌଣସି ପଦକ୍ଷେପ ନେଉ ନଥିବା ବେଳେ ଠିକାଦାର ଗୋଚର ଜମିରୁ ତିନୋଟି ଜେସିବି ମେସିନ ଓ ୨୦ଟି ଟ୍ରାକ୍ଟର ସାହାଯ୍ୟରେ ମାଟି ଚାଲାଣ କରୁଛି। ରାସ୍ତା କାମ ପାଇଁ ଠିକାଦାର ମାଟି ନକିଣି ସରକାରଙ୍କୁ ରୟାଲିଟ୍ ପୈଠ ନକରି ଏପରି କରିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ଏ ସମ୍ପର୍କରେ ତହସିଲଦାରଙ୍କୁ ଜଣାଇବା ପରେ ତହସିଲଦାର କହିଛନ୍ତି, ତୁରନ୍ତ ଠିକାଦାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମିଳିଥିବା ସୂଚନା ଅନୁଯାୟୀ ବେରବୋଇ ମୌଜା ନିମାପଡ଼ା ତହସିଲ ଅଞ୍ଚଳରୁ ପ୍ରତ୍ୟେକଦିନ ଗୋଚର ଜମିରୁ ମାଟି ଚୋରୀ ହୋଇଛି। ଜଣେ ଠିକାଦାର ଟ୍ରାକ୍ଟର ଓ ଜେସିବ୍ ମେସିନ ସାହାଯ୍ୟରେ ମାଟି ଚୋରୀ କରି ନେଉଛି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ବେଳେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ନୀରବ ରହିବା ପଛରେ ବଡ ଧରଣର ଡିଲ ହୋଇଥିବା ଲୋକମାନେ କୁହାକୁହି ହେଉଛନ୍ତି। କ'ଣ ପାଇଁ ରାଜସ୍ୱ ନିରୀକ୍ଷକ ଠିକାଦାର ବିରୁଦ୍ଧରେ ରିପୋର୍ଟ କରୁନାହାଁନ୍ତି, ତାହାକୁ ନେଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟଦକ୍ଷତା ପ୍ରତି ସନ୍ଦେହ ପ୍ରକଟ ହୋଇଛି। ମଧୁ ପାତ୍ର ତିହୁଳା ରାସ୍ତାରେ ଏହି ମାଟି ପଡୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଠିକାଦାର ମାଟି କିଣି ରାସ୍ତା ନକରି ଜୋରଜବରଦସ୍ତ ଗୋଚର ଜମିରୁ ମାଟି ଚୋରୀ କରିବା କେତେଦୂର ଠିକ୍ ତାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଯାହାଫଳରେ ସ୍ଥାନୀୟ ଅଞ୍ଚଳର ବିକାଶମୂଳକ କାର୍ଯ୍ୟକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ତେଣୁ ଏହା ପ୍ରତି ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଦାବୀ ଜଣାଇଛନ୍ତି।

## ଓଡ଼ିଶା ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବ୍ଲକସ୍ତରୀୟ ବୈଠକ



ରାଜନଗର, (ଭାସ୍କର ନ୍ୟୁଜ୍): ବିଗତ ବିଜେଡି ସରକାରଙ୍କ ସମୟରେ ସର୍ବାଗ୍ରେ ଥିବା ପଞ୍ଚାୟତ ରାଜ ବିଭାଗର ଗ୍ରାମ ପଞ୍ଚାୟତକୁ ଗୁରୁତ୍ୱ ଦେଇ ଜନସାଧାରଣଙ୍କର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ ମୁଖ୍ୟ ଭୂମିକା ଗ୍ରହଣ କରି ଆସୁଛି। ହେଲେ ରାତିଦିନ ସମୟ ଅସମୟରେ ତୃଣମୂଳ ସ୍ତରରେ କାର୍ଯ୍ୟ କରି ଆସୁଥିବା ସ୍ୱଳ୍ପ ବେତନଭୋଗୀ ଅସ୍ଥାୟୀ ପଞ୍ଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ସ୍ଥାୟୀ ଚାକିରୀ ଓ ବର୍ଦ୍ଧିତ ଦରମାକୁ ବିଚାର ନକରି ୱାର୍ଡ ମେମ୍ବର ଓ ସରପଞ୍ଚଙ୍କର ବର୍ଦ୍ଧିତ ଦରମା କରି ନବୀନ ପଟ୍ଟନାୟକ ସରକାରରୁ ଚାଲିଗଲେ। ଏବେ ଏହି ଅବହେଳିତ ପଞ୍ଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀ ମାନେ ନୂତନ ବିଜେପି ସରକାରର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝିଙ୍କ ନିକଟରେ ପରିବାରର ପେଟ ପୋଷିବା ପାଇଁ ଆଠ ଦଫା ଦାବୀ ଉପସ୍ଥାପନା କରିଛନ୍ତି। ଏହି ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ୍‌ସ୍ତରୀୟ ଓଡିଶା ଗ୍ରାମପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ସଭାପତି ବିଷ୍ଣୁ ଚରଣ ବରାଳଙ୍କ ସଭାପତିତ୍ୱରେ ଘଡିଆମାଳ ପଞ୍ଚାୟତରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବଳରାମ ରାଉତ ସଂଯୋଜନା କରିଥିଲେ। ଏହି ବୈଠକରେ ଆଠ ଦଫା ଦାବୀକୁ ନେଇ ଆଲୋଚନା ପରେ ସରକାରଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତି ହୋଇଛି। ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା, ସମାନ କାମକୁ ସମାନ ଦରମା ୨୦୧୪ ମସିହା ନିୟମ ୧୨୫ଓ ୧୯୬୪ ମସିହା ନିୟମ ୧୨୩ ଆଇନକୁ ସଂଶୋଧନ କରିବା, ରାଜ୍ୟ ବଜେଟରେ ଏହି କର୍ମଚାରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ରଖିବା, ପଞ୍ଚାୟତ ରାଜ ବିଧି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ସହିତ ଇ-ଗଭର୍ଣାସ ପୋଟାଲ ପି. ଆର ବିଭାଗରେ କର୍ମଚାରି ମାନଙ୍କ ନାମ ତାଲିକାକୁ ପଞ୍ଜିକରଣ କରିବା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ଅନ୍ୟାନ୍ୟ ବିଭିନ୍ନ ପ୍ରକାର ଦାବୀ ସହିତ କର୍ମଚାରୀମାନଙ୍କ ନିମନ୍ତେ ପଞ୍ଚାୟତ ରାଜ ବିଭାଗର କମିଟି ବ୍ୟବସ୍ଥା କରାଯିବାକୁ ବୈଠକରେ ଦାବୀ ହୋଇଥିଲା। ଏହି ଅବହେଳିତ କର୍ମଚାରୀ ମାନଙ୍କ ଦାବୀ ପୂରଣ ମୁଖ୍ୟମନ୍ତ୍ରୀ ବିଚାର କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ନାରାୟଣ ବିଦ୍ୟାପୀଠ ଠାରେ ବ୍ଲକସ୍ତରୀୟ ଇକୋକ୍ଲବ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା ଆନୁଷ୍ଠାନିକ ଭାବେ ଉକ୍ତ ଇକୋକ୍ଲବ ମେଳାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ବ୍ଲକର ୩୦ଗୋଟି ବିଦ୍ୟାଳୟର କୁନି ବୈଜ୍ଞାନିକମାନେ ସେମାନଙ୍କ ନିର୍ଦ୍ଦେଶକ ଶିକ୍ଷକମାନଙ୍କ ସହ ଆସି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ସମସ୍ତ ପ୍ରକଳ୍ପକୁ ବିଚାରକ ଭାବେ ବିଚାରକ ରଞ୍ଜୁବାଳା ରାଉଳ ଅମୂଲ୍ୟରତ୍ନ ନାୟକ ରମାକାନ୍ତ ଲେଙ୍କା ପ୍ରଧାନ ଶିକ୍ଷକ ପ୍ରବୀରଚନ୍ଦ୍ର ଜେନା, ପ୍ରଣତି ଜାଲୀ, ଅମ୍ବିକା ନାୟକ, ଅଶୋକ ସାମଲ ଦୟାନିଧି ମାଝୀ ସମସ୍ତ ଗାଇଡ ଶିକ୍ଷକ ପ୍ରକଳ୍ପ ପରିଦର୍ଶନ କରି ମାନ ନିର୍ଦ୍ଧାରଣ କରିଥିଲେ । ଏହି ଇକୋକ୍ଲବ ପ୍ରଦର୍ଶନୀରେ ଜଳସୁରକ୍ଷା ଶକ୍ତି ସଂରକ୍ଷଣ ଆବର୍ଜନା ହ୍ରାସ ସୁନ୍ଦର ଜୀବନ କୌଶଳ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ନିରନ୍ତର ପରିଶୋଷଣୀୟ ଖାଦ୍ୟ ଆଦି ପ୍ରକଳ୍ପ ସ୍ଥାନ ପାଇଥିଲା । ଏହି ପ୍ରକଳ୍ପକୁ ବିଚାରପତିମାନେ ପରିଦର୍ଶନ ସହ ମାନ ନିର୍ଦ୍ଧାରଣ କରିଥିଲେ । ଏଥିରେ ଡ଼ଃ ମାୟାଧର ମାନସିଂହ ନନ୍ଦଳା ଛାତ୍ର ଆଶିଷ କୁମାର ନାୟକ ୧ମ ସ୍ଥାନ ପଣସପଦା ହରିହର ବିଦ୍ୟାପୀଠ ଛାତ୍ର ପ୍ରାଚୀ ଦଳେଇ ୨ୟ ଓ ମାଲୁଦ ହାଇସ୍କୁଲ ଛାତ୍ର କ୍ରିଷ୍ଣା ନାୟକ ତୃତୀୟ ସ୍ଥାନ ଅଧିକାର କରି ମାନପତ୍ର ସହ ୮. ୭. ୫ସହ ଅର୍ଥ ରାଶି ପାଇ ଜିଲ୍ଲାସ୍ତରକୁ ଯିବାପାଇଁ ମନୋନୀତ ହୋଇଛନ୍ତି । ସଂସ୍କୃତ ଜୟଦୁର୍ଗା ସ୍କୁଲଛାତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶନୀ ଦାସ ଓମ ପ୍ରକାଶ ଜେନା କମଳେଶ୍ୱର ବିଦ୍ୟାଳୟ ଓ ନାରାୟଣ ବିଦ୍ୟାପୀଠ ଛାତ୍ର ସାହିଲ ଜେନାଙ୍କୁ ପ୍ରକଳ୍ପ ପାଇଁ ଚୟନ କରାଯାଇଛି ।

# ଖଲର୍ଦ୍ଧା-କୁରୁଣ୍ଟି ରାସ୍ତା ନିମ୍ନମାନର ଅଭିଯୋଗ



ଫୁଲନଖରା(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ୩୩ନମ୍ବର ଜିଲାପରିଷଦ ଜୋନ ଅନ୍ତର୍ଗତ ଖଲର୍ଦ୍ଧା-କୁରୁଣ୍ଟି ରାସ୍ତା ଉନ୍ନତିକରଣ ତଥା ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଛି । ତେବେ ଏହା ନିମ୍ନମାନର ହେଉଥିବା ଦର୍ଶାଇ ସ୍ଥାନୀୟ ଲୋକେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସରକାରୀ ଅନୁମୋଦିତ ନିୟମ ଅନୁସାରେ କାର୍ଯ୍ୟନକରି ମନଇଚ୍ଛା କାର୍ଯ୍ୟଚାଲିଛି । ରାସ୍ତାରୁ ପୁରୁଣା ପିଚୁ ନଉଠାଇ ତା'ଉପରେ ଅତି ପତଳା ପିଚୁ ଦିଆଯାଉଥିବାରୁ ତାହା କେତେକ ଦିନ ତିଷ୍ଠି ରହିବ ଏବେଠାରୁ ସନ୍ଦେହ ହେଲାଣି । ରାସ୍ତାର ଉଭୟ ପାର୍ଶ୍ୱକୁ ଚଉଡ଼ା କରିବା ପରିବର୍ତ୍ତେ କେବଳ ଘାସ ସଫା କରି ତା' ଉପରେ ପିଚୁ ପକାଯାଉଛି । କୁଶକଣ୍ଟାଠାରେ ରାସ୍ତା ଅଣଓସାରିଆ ଥିଲାବେଳେ ତାକୁ ଚଉଡ଼ା କରାଯାଉନାହିଁ । ଏପରିକି ରାସ୍ତାକୁ ଲାଗି ଅନାବନା ଗଛକୁ ଉଚ୍ଛେଦ କରାଯାଉନଥିବା ଦେଖାଯାଇଛି । ଅତି ତରବରିଆଭାବେ ଯେନତେନ ପ୍ରକାରେ କାର୍ଯ୍ୟସାରି ଦେବାକୁ ସମ୍ପୃକ୍ତ ଠିକାଦାର ଲାଗିପଡ଼ି ନିଜ ବିଲ ହାତେଇବାକୁ ମସୁଧା ଚଳାଇଛନ୍ତି । ଅପରପକ୍ଷରେ କାର୍ଯ୍ୟଚାଲିଥିବା ସମୟରେ ବିଭାଗୀୟ ଅଧିକାରୀ କିମ୍ବା ଯନ୍ତ୍ରୀଙ୍କ ଅନୁପସ୍ଥିତି ରାସ୍ତାର ସ୍ଥାୟିତ୍ୱ ଓ ମାନକୁ ନେଇ ସନ୍ଦେହ ବଢ଼ିଯାଇଛି । କଟକ ଗୃହ ଓ ପୂର୍ତ୍ତ ବିଭାଗ ଅଧିନରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା କଟକ, ଜଗତସିଂହପୁର, ଭୁବନେଶ୍ୱର ଓ ନିମାପଡ଼ା ଆଦି ଅଞ୍ଚଳକୁ ସଂଯୋଗ କରୁଥିବାରୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟର ତଦାରଖ କରିବାକୁ ସାଧାରଣରେ ଦାବି ହୋଇଛି ।

# ପାରାଦୀପ- ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥ ରାସ୍ତା ନିର୍ମାଣ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ପାରାଦୀପ - ଚଣ୍ଡିଖୋଲ ୫୩ନମ୍ବର ଜାତୀୟ ରାଜପଥର ୮ ଲେନ୍ ରାସ୍ତା ନିର୍ମାଣ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମାଟି, ବାଲି, ପାଣି ସୁରକ୍ଷା ମଞ୍ଚ(ମାବାପା)ର ଆବାହକ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଏକ ୩ଦଫା ଦାବି ନେଇ ପ୍ରସ୍ତାବ ଆଗତ କରିଥିଲେ । ଶ୍ରୀ ମହାପାତ୍ର କହିଥିଲେ ଯେ ଜିଲ୍ଲାର ଛାତି ଉପର ଦେଇ ଯାଇଥିବା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ ଚାଲିଛି । ୫ ବର୍ଷ ତଳେ ଉଚ୍ଚା ରେଳପଥ କରି ହାରାହାରି ଏକ ହଜାର ହେକ୍ଟର ଚାଷ ଜମିରୁ ମାଟି ଲୁଟି ହୋଇଥିବାବେଳେ ଏବେ ଏକ ୮ ଧାଡିଆ ଜାତୀୟ ରାଜପଥ ନିର୍ମାଣ କରି ପ୍ରାୟ ୫୦ ହଜାର ହେକ୍ଟର ଚାଷ ଜମିରୁ ମାଟି ନେଇ ଖାଲ କରିବାକୁ ମସୁଧା କରାଯାଉଛି । ଗତବର୍ଷ ମାର୍ଚ୍ଚ ୧୭ ତାରିଖରେ ମା ବା ପା ସୁରକ୍ଷା ମଞ୍ଚ ପକ୍ଷରୁ ଏସମ୍ପର୍କରେ ତତ୍‌କାଳୀନ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଫଳରେ ଏପ୍ରିଲ ମାସ ପରଠାରୁ କେନ୍ଦ୍ରାପଡାରୁ ମାଟି ଉଠାଣ ବନ୍ଦ ରହିଥିଲା । ଡିସେମ୍ବର ପର୍ଯ୍ୟନ୍ତ ପାଉଁଶ, ଜିପସମ, ପଥର ଏବଂ ମୋରମରେ ରାସ୍ତା ନିର୍ମାଣ ହେଉଥିଲା। ଗତବର୍ଷ ସାରା ଜାତୀୟ ରାଜପଥକୁ ଅତିକ୍ରମ କରିଥିବା ପାଟନାଳୀ ଓ କେନାଲ ମୁହଁକୁ ମନଇଚ୍ଛା ବନ୍ଦ କରାଯିବା ଯୋଗୁଁ ଡେରାବିଶ, କେନ୍ଦ୍ରାପଡା, ଗରଦପୁର, ମାର୍ଶାଘାଇ ଓ ମହାକାଳପଡା ବ୍ଲକର ବହୁ ଚାଷ ଜମିରେ ଧାନ ଅମଳ ୭୦ ଭାଗ କମିଯାଇଥିଲା । ଜଳ ସେଚନ ଓ ଜଳ ନିଷ୍କାସନ ପାଇଁ ଏହି ଜାତୀୟ ରାଜପଥ ବାଧକ ସାଜିଛି । ଜିଲ୍ଲାରେ ଥିବା ଜଳସେଚନ ବିଭାଗ ଅଧିକାରୀଙ୍କୁ ଏହି ଠିକାସଂସ୍ଥା ଭୟଭୀତ କରି ରଖିଥିବା ସେ ଅଭିଯୋଗ କରିଥିଲେ । ଏଣୁ ବେଳହୁଁ ସାବଧାନ ହୋଇ ସମସ୍ତ ଜଳ ସେଚନ ଓ ନିଷ୍କାସନ ପଥକୁ ପରିଷ୍କାର ଓ ସୁଗମ କରିବାକୁ ସେ ଦାବି କରିଥିଲେ । ଠିକ ସେହିପରି ଜାତୀୟ ରାଜପଥକୁ ସଂଯୁକ୍ତ କରୁଥିବା ସମସ୍ତ ରାସ୍ତାକୁ ମନଇଚ୍ଛା ରାସ୍ତା ନିର୍ମାଣ କରି ପୂର୍ବ ବ୍ୟବସ୍ଥାକୁ ନଷ୍ଟ କରି ମନଇଚ୍ଛା ଅଣ୍ଡର ପାସ୍ ନିର୍ମାଣ କରିବା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଜନତା ଓ ଚାଷୀମାନେ ଦୀର୍ଘ ପଥ ଅତିକ୍ରମ କରି ଚାଷ ଜମିକୁ ଯିବାକୁ ବାଧ ହେଉଛନ୍ତି । ମାର୍ଶାଘାଇର ଟୁବିହୁଡା ନିକଟରେ ଗ୍ରାମବାସୀଙ୍କୁ ଠିକା ସଂସ୍ଥା ଧମକ ଦେଇଥିବା ନେଇ ଥାନାରେ ଏତଲା ମଧ ହୋଇଛି । ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ଗୃହ ନିର୍ମାଣ ଓ ବ୍ଲକ ରାସ୍ତାର ଅଧିକାରୀ ମାନେ ଏହି ସଂସ୍ଥା ଭୟରେ ନିରବଦ୍ରଷ୍ଟା ସାଜିଥିବା ସେ କହିଥିଲେ । ଏତଦ ବ୍ୟତୀତ ଏହି କମ୍ପାନୀର ଠିକା କର୍ମଚାରୀମାନେ ବୈଠକରେ ମିଛ ପ୍ରତିଶ୍ରୁତି ଦେଇଥିବା ବେଳେ ପରେ ତାହାକୁ ରକ୍ଷା କରୁନଥିବା ସେ କହିଥିଲେ । ଜିଲ୍ଲାପାଳ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଏହି ରାସ୍ତା କେଉଁଥିରେ ନିର୍ମାଣ ହେଉଛି ବୋଲି ପ୍ରଶ୍ନ କରିବାରେ ସେ କହିଥିଲେ ଯେ ରାସ୍ତା ପାଉଁଶ, ଜିପ୍‌ସମ ଓ ମୋରମରେ ହେଉଛି । କିନ୍ତୁ ଆଇନଜୀବୀ ଶ୍ରୀ ମହାପାତ୍ର ଏହାର ଘୋର ବିରୋଧ କରି କହିଥିଲେ ଯେ ରାସ୍ତା ଚୋରା ବାଲି ଓ ଚୋରା ମାଟିରେ ହେଉଛି । ଏହାପରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ୧୭ତାରିଖରେ ପରବର୍ତ୍ତୀ ବୈଠକ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ କହିଲେ ଯେ ରାସ୍ତା ଅଣ୍ଡର ପାସ୍‌ରେ ବିଦ୍ୟୁତ୍ କେବୁଲକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବା ଏବଂ ଜଳ ନିଷ୍କାସନ ପଥକୁ ସୁରକ୍ଷିତ ରଖିବା ପାଇଁ ଦାବି କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଡେପୁଟୀ କଲେକ୍ଟର (ଉନ୍ନୟନ) ତୃପ୍ତି ମହାନ୍ତି, ଜାତୀୟ ରାଜପଥର କେନ୍ଦ୍ରୀୟ ରେସିଡେଣ୍ଟ ଇଞ୍ଜିନିଅର ଗିରିଶ କୁମାର ଷଡଙ୍ଗୀ, ସାଇଟ ଇଞ୍ଜିନିଅର ଜ୍ଞାନରଞ୍ଜନ ମହାନ୍ତି, ଡିପିଏମ ସୋନୋଇ କୁମାର, ପ୍ରୋଜେକ୍ଟ ମ୍ୟାନେଜର କୁମାର ରାଜେଶ, ଡ୍ରେନେଜ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସିର୍ଦ୍ଧାର୍ଥ ଶେଖର, ସହକାରୀ ଯନ୍ତ୍ରୀ ପି.କେ. ସିଂ, ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ଧରଣୀଧର ବେହେରା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଜନ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନ, ଡିପା ର ଆଇ.ପି. ଅଫିସର ସୌଭାଗ୍ୟରଞ୍ଜନ ମଲ୍ଲିକ, ଏ.ଆର.ଇ. ଡିପା ବଳରାମ ସାହୁ, କେନ୍ଦ୍ରାପଡା, ଡେରାବିଶ ଓ ମାର୍ଶାଘାଇ ତହସିଲଦାର, ଡେରାବିଶ ବିଡିଓ ପ୍ରମୁଖ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

# ସୁକୁରୁମୁନିଙ୍କୁ ମିଳିଲା ନୂଆ ଆଶ୍ରୟ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ନିଜର ଅସ୍ୱାଭାବିକ କମ ଉଚ୍ଚତା ଯୋଗୁଁ କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳ ୧୩ ନମ୍ବର ୱାର୍ଡ ମନ୍ଦିର ହଟିଙ୍ଗର ସ୍ୱର୍ଗତ ଗୌରାଙ୍ଗ ସିଂ ମୁଣ୍ଡା ଓ ସ୍ୱର୍ଗତାଃ ଯାନ ମୁଣ୍ଡାଙ୍କ ୩୫ ବର୍ଷୀୟା ଝିଅ ସୁକୁରୁମୁନି ମୁଣ୍ଡା ସମ୍ମୁଖୀନ ହେଉଥିବା ଅସୁବିଧାରେ ଗତକାଲି ଯବନିକା ପଡିଛି । ବାପା ମା ଛେଉଣ୍ଡ ସୁକୁରୁମୁନି ନିଜ ବୟସ ତୁଳନାରେ ମାତ୍ର ଦୁଇ ଫୁଟ ଉଚ୍ଚତା ବିଶିଷ୍ଟ ହୋଇଥିବାରୁ ନିଜ ଦୈନନ୍ଦିନ କାର୍ଯ୍ୟ କରିବାକୁ ମଧ ସକ୍ଷମ ହୋଇପାରୁନଥିଲେ । ନିଜ ମାମୁଁ ପୁଅ ଭାଇଙ୍କ ପାଖରେ ଦୀର୍ଘ ବର୍ଷ ରହିବା ପରେ କୌଣସି ସୁବିଧା ଆଶା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକୃତ କରିଥିଲେ । ଏନେଇ ଜିଲ୍ଲା ପ୍ରଶାସନ ଅବଗତ ହେଲା ପରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୁକୁରୁମୁନିଙ୍କୁ ବଣିଆପାଟ ସ୍ଥିତ ଶକ୍ତି ସଦନ-୨ ଠାରେ ଗତ ବୁଧବାର ଦିନ ଉପଯୁକ୍ତ ଭାବରେ ଥଇଥାନ କରାଯାଇଛି ।

## ଶ୍ରୀଜଗନ୍ନାଥ ମନ୍ଦିରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶୁଭ ଉଦ୍‌ଘାଟନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶୁଭ ଉଦଘାଟନ କରିଛନ୍ତି ମାନ୍ୟବର ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ଇଂ ରୁପେଶ କୁମାର ପାଣିଗ୍ରାହୀ । ଏହି ଶୁଭ ଉଦ୍‌ଘାଟନରେ ବିଧାୟକ ସହ ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, ପୌରପରିଷଦ ଉପାଧକ୍ଷ ମଧୁ ଲେଙ୍କା , ବରିଷ୍ଠ ନେତା ଗଜପତି ରାଓ,ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ,ବିଜୁ ଜନତା ଦଳର ବିଭିନ୍ନ କାଉନସିଲର ଏବଂ ବିଜୁ ଜନତା ଦଳର କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଏୟାର୍ ପିୟୁରିଫାଏର ନିର୍ମାଣ କରି ଚର୍ଚ୍ଚାରେ ସ୍ୱାଗତ ଓ ସାଥୀ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ରାଜ୍ୟ ପ୍ରାଣୀ ବିଜ୍ଞାନ ପ୍ରତିଷ୍ଠାନ ଅଧିନରେ ଗତ ୩ ତାରିଖରେ ସର୍ବଭାରତୀୟ ସ୍ତରରେ ପରିବେଶକୁ ଅନୁକୂଳ ଥିବା ଏକ ଉତ୍ପାଦକୁ ନିର୍ମାଣ କରିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ଗୁଡିକରୁ ୫୧ ଟି ପ୍ରତିଯୋଗୀ ଦଳ ଭାଗନେଇଥିଲେ । ରାଉରକେଲା ନିଟ୍‌ରେ ମେଡ଼ିକାଲ ସାଇନ୍ସର ଦ୍ୱିତୀୟ ବର୍ଷ ଛାତ୍ର ସ୍ୱାଗତ ଓ ତାଙ୍କ ସହିତ ଥିବା ଅନ୍ୟ ତିନି ଜଣ ମେଧାକେଶରୀ, ଶ୍ରୀଜୟୀ ସେନ ଶର୍ମା ଓ ଅବଦେଶ ମିଶ୍ର ଏହି ପ୍ରତିଯୋଗିତାରେ ଭାଗ ନେଇ ପରିବେଶକୁ ଅନୁକୂଳ ଓ ପ୍ରଦୂଷଣମୁକ୍ତ ଆଲଗି ଏଆର ପିୟୁରିଫାଇର ନିର୍ମାଣ କରି ଏହି ପ୍ରତିଯୋଗିତାରେ ପ୍ରଥମ ହୋଇ ସାର୍ଟିଫିକେଟ ସହ ଅର୍ଥ ପୁରସ୍କାର ପାଇଛନ୍ତି । ଏହା ସର୍ବ ଭାରତୀୟ ସ୍ତରର ହୋଇଥିବା ଯୋଗୁଁ କେନ୍ଦୁଝରର ଛାତ୍ର ସ୍ୱାଗତ ଓ ତାଙ୍କ ସହ ନିଟର ଅନ୍ୟ ତିନି ଜଣ ସହଯୋଗୀ ଭାଗ ନେଇଥିବାରୁ ଏହା ରାଜ୍ୟ ଓ କେନ୍ଦୁଝର ପାଇଁ ଖୁସି ଖବର ବୋଲି କେନ୍ଦୁଝରର ବୁଦ୍ଧିଜୀବୀ ରାମ ନାରାୟଣ ଦ୍ୱିବେଦୀ ପ୍ରକାଶ କରିଛନ୍ତି । ଏହା ସହିତ ଏହି ପ୍ରତିଯୋଗୀମାନଙ୍କୁ ଏହାଉପରେ ଆହୁରି ଗବେଷଣା ପାଇଁ ରାଜ୍ୟ ପ୍ରାଣୀ ବିଜ୍ଞାନ ପ୍ରତିଷ୍ଠାନରେ ଲାବୋରେଟୋରୀରେ ଅନୁମତି ପ୍ରଦାନ ଓ କୋଏମ୍ବାଟୁରର ଏକ କମ୍ପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଯାହା ଆନୁସଙ୍ଗିକ ଖର୍ଚ୍ଚ ଏହି ପ୍ରତିଷ୍ଠାନ ବହନ କରିବ ବୋଲି ଛାତ୍ର ସ୍ୱାଗତ କହିଛନ୍ତି । ତାଙ୍କ ଦଳର ନାମ ଆଲଗି ଏୟାର ଥିଲା ବୋଲି ସେ କହିଛନ୍ତି । ଆଲଗି ଏକ ଗୁଳ୍ମ ଜାତୀୟ ଗଛକୁ ବୁଝାଏ ବୋଲି ସେ କହିଛନ୍ତି । ଏହିଥିରୁ ଏହି ପିୟୁରିଫାଇର ବାହାରିବ ଓ ଏହା ଏକ ବର୍ଷ ପରେ ପୁଣି ବାୟୁ ପୂରଣ କରି ହେବ । ଏହା ସମ୍ପୂର୍ଣ୍ଣ ପ୍ରଦୂଷଣ ମୁକ୍ତ ଓ ଆଗରୁ ବଜାରରେ ମିଳୁଥିବା ପିୟୁରିଫାଏର ଠାରୁ ସମ୍ପୂର୍ଣ୍ଣ ଅଲଗା ଓ ବହୁ ଶସ୍ତା ହେବ ବୋଲି ସ୍ୱାଗତ କହିଛନ୍ତି । ସ୍ୱାଗତଙ୍କ ବାପା ଆଲୋକ ମିଶ୍ର ଓ ତାଙ୍କ ଘର କେନ୍ଦୁଝର ସହରରେ ବୋଲି ଜଣାପଡ଼ିଛି ।




# କନ୍ଧମାଳକୁ ଫାଇଲେରିଆମୁକ୍ତ ଆହ୍ୱାନ

କନ୍ଧମାଳ(ଭାସ୍କର ନ୍ୟୁଜ୍): ଫାଇଲେରିଆ ନିରାକରଣ ନିମନ୍ତେ କନ୍ଧମାଳ ଜିଲ୍ଲାରେ ଆଗାମୀ ୧୦ ରୁ ୧୯ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ହେବାକୁ ଯାଉଥିବା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କନ୍ଧମାଳ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲାରେ ୨୦୨୦-୨୧ ଠାରୁ ଆରମ୍ଭ ହୋଇଅଛି । ଜିଲ୍ଲାର ମୋଟ ୧୨ ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୧୬୧ଟି ଉପ କେନ୍ଦ୍ରରେ ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ୪୦୫ ଜଣ ସୁପରଭାଇଜର, ୩ହଜାର ୩୭୬ଜଣ ଡ୍ରମ୍ ଆଡ୍‌ମିନିଷ୍ଟ୍ରେଟର୍ କାର୍ଯ୍ୟ କରିବେ । ୩ ଗୋଟି ସହରାଞ୍ଚଳ ଓ ୪ହଜାର ୧୭ ଗୋଟି ଗ୍ରାମର ୮ ଲକ୍ଷ ୧ ହଜାର ୪୭୪ ଲୋକଙ୍କୁ ଏହି ଔଷଧ ସେବନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୨୧ ଲକ୍ଷ ୯ ହଜାର ୧୪୩ଟି ଡି.ଇ.ସି ଏବଂ ୮ ଲକ୍ଷ ୪୩ ହଜାର ୬୫୭ଟି ଆଲବେଣ୍ଡାଜଲ ବଟିକାର ବ୍ୟବସ୍ଥା କରାଯାଇଛି । ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘରକୁ ଘର, ସ୍କୁଲ, କଲେଜ ଓ ଅନ୍ୟ ଅନୁଷ୍ଠାନମାନଙ୍କୁ ଯାଇ ସମସ୍ତ ସଦସ୍ୟଙ୍କୁ ବୟସ ଅନୁସାରେ ଫାଇଲେରିଆ ବଟିକା ଖୁଆଇବେ ।

# ବିଦ୍ୟାଳୟ ପ୍ରତିଷ୍ଠା ଓ ପ୍ରତିଭା ସମ୍ମାନ ଉତ୍ସବ



କଣାସ (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଦିବ୍ୟସିଂହପୁର ଗ୍ରାମପଞ୍ଚାୟତର ତଇଲା ଗ୍ରାମରେ ପ୍ରତିଷ୍ଠିତ ତଇଲା ଭଗବତୀପଡା ପ୍ରାଥମିକ ବିଦ୍ୟାଳୟର ୭୨ତମ ପ୍ରତିଷ୍ଠା ଦିବସ ତଥା ପ୍ରତିଭା ସମ୍ମାନ ଉତ୍ସବ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କବି କାଶୀନାଥ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ସତ୍ୟବାଦୀ ଯୁବ ବିଧାୟକ ଓମ ପ୍ରକାଶ ମିଶ୍ର ଯୋଗଦେଇଥିବାବେଳେ ବିଆରସିସି ନାରାୟଣ ପ୍ରଧାନ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ଝରଣା ମିଶ୍ର, କଣାସ ବ୍ଲକ ଅବସରପ୍ରାପ୍ତ ସହଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା, ସିଆରସିସି ଅଜୟ ବେହେରା,ଶିକ୍ଷାବିତ ଭାଗୀରଥୀ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ବିଦ୍ୟାଳୟର ଆଲୁମିନିୟମମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି କେତୋଟି ବୃକ୍ଷଚାରାରୋପଣ କରିଥିଲେ । ପ୍ରଧାନ ଶିକ୍ଷକ ସାରଥୀ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ନିର୍ମଳ କୁମାର ମାଝୀ,ସୁବାଷିନୀ ଦେଈ, ସୁମନ୍ତ କୁମାର ବେହେରା, କିଶୋର ମାଝୀ,ସୁନିଲ ମାଝୀ,ରତ୍ନାକର ସାହୁ ସହଯୋଗ କରିଥିଲେ ।

# ■ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ
# 'ଶିକ୍ଷା ହେଉଛି ସଫଳତା ଚରିତ୍ରର ପ୍ରମାଣପତ୍ର'

ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଦେଉଳିସ୍ଥିତ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ୩୪ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ତପନ କୁମାର ଜେନାଙ୍କ ସଭାପତିତ୍ୱରେ ଶୁକ୍ରବାର ଦିନ ମହାଡ଼ମ୍ବର ସହକାରେ ପାଳିତ ହୋଇଯାଇଅଛି । ଏହି ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ ଭାଗିରଥି ସାହୁ, ମୁଖ୍ୟବକ୍ତାଭାବେ ବୋଲଗଡ ବ୍ଲକ ଉପାଧକ୍ଷ ରମେଶଚନ୍ଦ୍ର ସାହୁ ଓ ସମ୍ମାନିତ ଅତିଥିଭାବେ ସାନପଦର ଗ୍ରାମ ପଞ୍ଚାୟତର ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର, ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ,ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ଫୁଲ ଚନ୍ଦନ, ଧୂପ ଦୀପ ଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ । ଉତ୍ସବର ପ୍ରାରମ୍ଭରେ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ କେଦାରନାଥ ନାୟକ ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥିମାନେ ପ୍ରମାଣ ପତ୍ର, ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷା ବିକାଶର ଚାବିକାଠି ଓ ଜୀବନର ମାନଦଣ୍ଡ ହୋଇଥିବାରୁ ଏବଂ ଚରିତ୍ର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ପ୍ରତ୍ୟେକ ଛାତ୍ର ଛାତ୍ରୀ ଶୃଙ୍ଖଳାର ସହିତ କଠିନ ପରିଶ୍ରମ କରି ଭଲ ମଣିଷ ହେବାକୁ ସମସ୍ତ ନିମନ୍ତ୍ରିତ ଅତିଥିମାନେ ପରାମର୍ଶ ଦେଇଥିଲେ । ଶିକ୍ଷା ଅନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ମନୋରଞ୍ଜନ ଧର୍ମୀ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ କଲେଜର ଅଧ୍ୟାପକ ଭଗବାନ ଜେନା, ଉମାକାନ୍ତ ଓଝା, ପ୍ରତାପ ବେହେରା, ସମୀର ଦାଶ, ପ୍ରଶାନ୍ତ ବେହେରା, ଶେଖ ଅବଦୁଲ ବରଖଦୁଲା, ଅଧ୍ୟାପିକା ପଦ୍ମାଳୟା ମହାରଣା, ଅମୀୟ ବାଳା ନନ୍ଦ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ । ପରିଶେଷରେ କଲେଜର ଅଧ୍ୟାପକ ରାମ ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗଣବିକ୍ଷୋଭ

କଣାସ(ଭାସ୍କର ନ୍ୟୁଜ୍): କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) କଣାସ ଆଞ୍ଚଳିକ କମିଟି ପକ୍ଷରୁ ଆଜି ୪ ଦଫା ଦାବିକୁ ନେଇ ଶତାଧିକ କର୍ମୀ କଣାସ ପଞ୍ଚାୟତ ସମିତି ସମ୍ମୁଖରେ ଗଣ ବିକ୍ଷୋଭ କରିଥିଲେ । ଶତାଧିକ କର୍ମୀ ଦୋକନ୍ଦା ମେଳଣ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ଗୋଲାବଜାର, ବସଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, ବାଲିଘାଇଛକ ଦେଇ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପହଁଚିଥିଲେ । ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭୀମସେନ ସ୍ୱାଇଁ, ଜନ୍ମେଶ୍ୱର ସାମନ୍ତରାୟ, ଦିନବନ୍ଧୁ ଦାସ, ଭାଗିରଥୀ ବେହେରା, ଜଗନ୍ନାଥ ଦେଓ ପ୍ରମୁଖ ସରକାରଙ୍କ ବିରୋଧରେ ବିଭିନ୍ନ ମନ୍ତବ୍ୟ ଦେବା ସହ ପୁରୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣାସ ବିଡିଓ ନାରାୟଣ ସାହୁଙ୍କୁ ପ୍ରଦାନ କରିଥିଲେ। ଦାବିଗୁଡିକ ହେଲା ଗଙ୍ଗୁଆ ନଦୀଜଳ ଯଥାଶୀଘ୍ର ବନ୍ଦ କରାଯାଉ, ଟ୍ୟାଙ୍କର ଯୋଗେ ପର୍ଯ୍ୟାପ୍ତ ପରିମାଣ ପାନୀୟ ଜଳ ପ୍ରତ୍ୟେକଦିନ ଯୋଗାଇ ଦିଆଯାଉ,ବିଶେଷଜ୍ଞ କମିଟି ଗଠନ କରି ଦୟାନଦୀ ଜଳକୁ ପ୍ରଦୁଷଣ ମୁକ୍ତ କରାଯାଉ, ସ୍ଥାନୀୟ ଗଡିଶାଗୋଡା, ସାହସପୁର, ସାହୁପଡା, ଜାଗୁଳାଇ ପଦରରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର, ଫାର୍ମାସିଷ୍ଟ, ନର୍ସ ପଦବୀ ଯୁଦ୍ଧକାଳୀନ ଭିତରେ ପୂରଣ କରିବା, ଝାଡାବାନ୍ତିରେ ମୃତବରଣ କରିଥିବା ପରିବାରକୁ କ୍ଷତିପୂରଣ ଦେବା, ଦୟାନଦୀର ରାଜଦଳ ଓ କଳିକତି ଦଳ ଚିଲିକା ପର୍ଯ୍ୟନ୍ତ ସଫା କରାଯିବା , ସଂକ୍ରମିତ ରୋଗୀମାନଙ୍କ ପାଇଁ ଆମ୍ବୁଲାନ୍ସ ସେବା ତତ୍‌କ୍ଷଣାତ ଯୋଗାଇଦେବା ପ୍ରଭୃତି ଦାବିପତ୍ର ପ୍ରଦାନ କରିଥିଲେ ।

# ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ଉପରେ ସଚେତନତା




କାକଟପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ କାକଟପୁର ସରକାରୀ ନୋଡାଲ ହାଇସ୍କୁଲରେ ସେଣ୍ଟର ଫର ଏନଭେରୋମେଣ୍ଟାଲ ଷ୍ଟଡିଜ୍ , ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଜି ବ୍ଲକ ସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ମୋଟରେ ୪୦ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇ ଥିଲା । ନୟା ହାଟ ହାଇସ୍କୁଲର ଅଭିଜ୍ଞ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ବିଚାରକ ରୂପେ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଉଦ୍ଘାଟନୀ ସଭାରେ ଅଧକ୍ଷତା କରିଥିଲେ । ମୁଖ୍ୟବକ୍ତା ରୂପେ ପାଟପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ରଥ ଯୋଗ ଦେଇ ପ୍ରାକୃତିକ ଭାରସାମ୍ୟ ରକ୍ଷା ପାଇଁ ସବୁଜିମା ଆବଶ୍ୟକତା ଉପରେ ଛାତ୍ରଛାତ୍ରୀମାନଙ୍କୁ ଧାରଣା ଦେଇଥିଲେ । ଏହି ଅବସରରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ରାଉତ ଇକୋ କ୍ଲବର ଗୁରୁତ୍ୱ, ସରକାରୀ ପ୍ରୋତ୍ସାହନ, କିଭଳି ଭାବରେ ଛାତ୍ରଛାତ୍ରୀଙ୍କ ଇକୋ କ୍ଲବ ମାଧ୍ୟମରେ ପରିବେଶ ପ୍ରତି ସଚେତନତା କରିବା, ଇକୋ କ୍ଲବ ଜରିଆରେ ପରିବେଶ ସୁରକ୍ଷା ଇତ୍ୟାଦି ବିଷୟରେ ଛାତ୍ରଛାତ୍ରୀମାନଙ୍କ ମନରେ ଥିବା ସନ୍ଦେହ ଗୁଡିକୁ ଦୂର କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପୀତବାସ ଦୀକ୍ଷିତ, ସତ୍ୟ ନାରାୟଣ ସେଠୀ, ଦିଲ୍ଲୀପ କୁମାର କାଣ୍ଡି, ସରୋଜିନୀ ହାନ୍ସଦା, ବେବିନା ବିଶ୍ୱାଳ, ସ୍ୱର୍ଣ୍ଣଲତା ପାଣି, ପ୍ରମିଳା ବିଶ୍ୱାଳ, କାବେରୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ଭକ୍ତିସୁଧା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଶିବିର

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧିନ ଗେଙ୍ଗୁଟିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବସୁଲେଇ ପରିସରରେ ଶୁକ୍ରବାର ଛାତ୍ର ଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ସୁରେନ୍ଦ୍ରସାଏ ଦିବ୍ୟଦୃଷ୍ଟି ଯୋଜନାର ବିଶିଷ୍ଟ ଚକ୍ଷୁ ଚିକିତ୍ସା ଅଧିକାରୀ ବିଶ୍ୱଜିତ ସାହୁ ଓ ଅତନୁ କୁମାର ନାଥ ଯୋଗ ଦେଇ ଚକ୍ଷୁ ପରୀକ୍ଷା କରିଥିଲେ । ଶିବିରରେ ୧୦୭ଜଣଙ୍କୁ ଚକ୍ଷୁ ପରୀକ୍ଷା କରାଯାଇ ସେଥିମଧ୍ୟରୁ ୮୬ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା ଓ ଅନ୍ୟ ମାନଙ୍କୁ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇ ଔଷଧ ଦିଆଯାଇଥିଲା ।କାର୍ଯ୍ୟକ୍ରମକୁ ବି ଆରଟି ଅଶୋକ କୁମାର ପଣ୍ଡା ଓ ସ୍ୱୟଂପ୍ରଭା ନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ଆଇଇ ଭି କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଯୋଗ କରିଥିଲେ ।




# ପୌର ପରିଷଦ ଶିଶୁ ଉଦ୍ୟାନ କାହା ପାଇଁ ?



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ପାରଳା ପୌର ପରିଷଦରେ ମୋଟ ୧୬ ଗୋଟି ଉଡ୍ ଅଛି । ସହରରେ ଦୁଇ ଗୋଟି ଶିଶୁ ପାର୍କ ଅଛି । ତାହା ମଧ ଠିକ୍ ଭାବରେ ଯତ୍ନ ନିଆଯାଇନାହିଁ । ସୂଚନାଯୋଗ୍ୟ ୧୬ ନଂ ଉଡ୍ ସ୍ଥିତ ଗଜପତି ଷ୍ଟାଡିୟମ୍ ନିକଟରେ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଛି । ଯାହା ଆଜି ପର୍ଯ୍ୟନ୍ତ କାମ ସରିନାହିଁ । ଏହି କାର୍ଯ୍ୟକୁ ମୁକ୍ତା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କାରେ କାମ କରା ଯାଇଛି ବୋଲି ୩ ଗୋଟି ନାମଫଳକ ଲଗାଯାଇଛି । ପୂର୍ବ ସରକାର ଅମଳରେ ବହୁ ଦୁର୍ନୀତି କାର୍ଯ୍ୟ ପୌରପରିଷଦ କରିଛନ୍ତି । ସୂଚନାଯୋଗ୍ୟଯେ ଷ୍ଟାଡିୟମ୍ ପୌରପରିଷଦ ଅଞ୍ଚଳ ରେ ଆସୁନାହିଁ । ତାହା ହେଲେ ଏହି ଶିଶୁ ଉଦ୍ୟାନ କିପରି ହେଲା ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ କରୁଛନ୍ତି । ଏହି ଶିଶୁ ଉଦ୍ୟାନ ୨୦୨୧ -୨୨ ଯୋଜନାରେ ୯ ଲକ୍ଷ, ୭୨ ହଜାର ,୮୦୦ ଟଙ୍କା ସହ ଉଦ୍ୟାନ ଭିତରେ ପରିଶ୍ରାଗାର ନିର୍ମାଣ ପାଇଁ ୨ଲକ୍ଷ ,୫୮ହଜାର,୯୦୦ ଟଙ୍କା ବ୍ୟୟ ବରାଦ କାର୍ଯ୍ୟକାରୀ ଆଦେଶ କରାଯାଇଥିଲା । ଏହା ୪ ବର୍ଷ ପୁରିଗଲାଣି ମାତ୍ର ଆଜି ପର୍ଯ୍ୟନ୍ତ କାମ ସରୁନାହଁ କି ଶିଶୁ ମାନଙ୍କ ପାଇଁ ଖୋଲାଯାଉନି । ଉଦ୍ୟାନରେ ବସିବା ପାଇଁ ସିମେଣ୍ଟର ଚୌକି ମଧ ଭାଙ୍ଗିଗଲାଣି ।ରାତ୍ର ସମୟରେ ମଧ ଆଲୋକର ବ୍ୟବସ୍ଥା ନାହିଁ । ସନ୍ଧ୍ୟା ସମୟରେ ଅସାମାଜିକ ବ୍ୟକ୍ତିମାନଙ୍କ ମଦ ଆଖଡ଼ାରେ ପରିଣତ ହେଉଛି । ଏ ନେଇ ପୌର ପରିଷଦ କୌଣସି କର୍ମଚାରୀ ନଜର ପଡୁନାହିଁ। କଥାରେ ଅଛି ସରକାର କା ମାଲ ଦରିୟା ମେ ଡାଲ୍ । ଏହି ଉଦ୍ୟାନ କେବେ ସର୍ବସାଧାରଣ ଙ୍କ ପାଇଁ ଖୋଲା ଯିବ ତାହା ଦେଖିବାକୁ ବାକିରହିଲା । ଅନ୍ୟପଟେ ଏହାର ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଉଛି ।



# ଆମ କଳାହାଣ୍ଡି



ରବିବାର, ୯ ଫେବୃଆରୀ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର



## ବଡ଼ଭାଇ ଗୁଳିରେ ସାନଭାଇ ମୃତ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଖାଇପିଇ ଘରେ ଶୋଇଥିବାବେଳେ ଏକ ଦେଶୀ ବନ୍ଧୁକରୁ ଗୁଳି ମାରି ସାନଭାଇର ଜୀବନ ନେଇଛି ନୃଶଂସ ବଡ଼ଭାଇ। ଏପରି ଏକ ହୃଦୟ ବିଦାରକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ତଥା ବିଶ୍ୱନାଥପୁର ଥାନା ବେଡାଗାଁ ପଞ୍ଚାୟତ ଦେହେଡ଼ା ଗାଁରେ। ଏହି ଗାଁର ସାନଭାଇ ପୂର୍ଣ୍ଣ ମାଝୀ(୩୫)ଙ୍କୁ ତାଙ୍କର ନିଜ ବଡ଼ଭାଇ କୃଷ୍ଣ ମାଝୀ ଏକ ଦେଶୀ ବନ୍ଧୁକରୁ ପଏଣ୍ଟ ବ୍ଲାଙ୍କରେ ଗୁଳି ଚଳାଇ ହତ୍ୟା କରିଛି। ସୂଚନାନୁସାରେ, ବର୍ଷକ ପୂର୍ବରୁ କୃଷ୍ଣ ଓ ପୂର୍ଣ୍ଣଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ବଡ଼ଭାଇ କୃଷ୍ଣକୁ ମୃତକ ପୂର୍ଣ୍ଣ ଚାପୁଡ଼ାଟିଏ ଦେଇଥିଲା। ତେବେ ଏହାକୁ ନେଇ ସେମାନଙ୍କ ମଧ୍ୟରେ ବୁଝାମଣା ହୋଇଥିଲେ ହେଁ ମନରେ ରାଗ ରଖିଥିଲା କୃଷ୍ଣ। ଦୀର୍ଘ ଦିନରୁ ସୁଯୋଗ ଖୋଜୁଥିବା କୃଷ୍ଣ ଶୁକ୍ରବାର ରାତି ପ୍ରାୟ ୮ଟା ସମୟରେ ପୂର୍ଣ୍ଣ ଖାଇପିଇ ଶୋଇଥିବାବେଳେ ଘର ଭିତରକୁ ପଶି ଏକ ଦେଶୀ ବନ୍ଧୁକକୁ ସିଧା ରଖି ଗୁଳି ଚଳାଇ ଦେବାରୁ ଘଟଣାସ୍ଥଳରେ ହିଁ ପୂର୍ଣ୍ଣଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ଖବର ପାଇ ବିଶ୍ୱନାଥପୁର ଥାନାଧିକାରୀ ମମତା ହେମ୍ବ୍ରମଙ୍କ ନେତୃତ୍ୱରେ ଏସ୍ଆଇ ବୁଦ୍ଧିରାମ ମାଝୀ, ବୁଦ୍ଧେଶ୍ୟାମ ମାଝୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ବଡ଼ଭାଇକୁ ଗିରଫ କରିବା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକକୁ ଜବତ କରିଛି।

## ନର୍ଲା ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ନର୍ଲା ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ ଶୁକ୍ରବାର ଦିନ ଉପ-ନିର୍ଦ୍ଦେଶକପ୍ଲାନିଂଙ୍କ କାର୍ଯ୍ୟାଳୟ, ଭବାନୀପାଟଣାସ୍ଥିତ ସଭା ଗୃହରେ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଅନୁସୂଚିତ ଜାତି, ଜନଜାତି,, ଖାଦ୍ୟ ସୁରକ୍ଷା, ସହର ଏବଂ ଗ୍ରାମ୍ୟ ସ୍ୱଚ୍ଛତା ଏବଂ ଅନ୍ୟାନ୍ୟ ଉନ୍ନୟନ ମୂଳକ, ଶ୍ରମିକ ସମସ୍ୟା, ଗମନା ଗମନ, ସାମାଜିକ ସୁରକ୍ଷା, ପଶୁପାଳନ, କୃଷି,ମତ୍ସ୍ୟ, ଜଳ ସେଚନ, ଖରିଫ ଧାନ ସଂଗ୍ରହ ଇତ୍ୟାଦି ଉପରେ ଆଲୋଚନା କରା ଯାଇଥିଲା କ୍ଷ ନର୍ଲା ବିଧାନସଭା ମଣ୍ଡଳୀର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ବିଧାୟିକା ଶ୍ରୀମତୀ ମହାନ୍ତି ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ନର୍ଲା ନିର୍ବାଚନମଣ୍ଡଳୀ କ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଜଳସେଚନ, ଗମନାଗମନ ଇତ୍ୟାଦି କ୍ଷେତ୍ରରେ ଉନ୍ନତି ଓ ବିକାଶ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ୍ ହୋଇ ଲୋକଙ୍କ ହିତରେ ସେବା ମନୋଭାବ ନେଇ କାମ କରିବା ପାଇଁ ବିଧାୟିକା ଶ୍ରୀମତୀ ମହାନ୍ତି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ଉନ୍ନୟନ କାର୍ଯ୍ୟରେ ବିଭାଗୀୟ ଆଧିକାରୀ ମାନେ ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ । ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ, ଅଧିକାରୀ,ଜିଲ୍ଲାପରିଷଦ, ଦୟାମୟ ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ସିଂ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା,ଉପ ନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ବିଭାଗ, ଶ୍ରୀକାନ୍ତ ଦଳେଇଙ୍କ ସହ ଜିଲ୍ଲାସ୍ତରୀୟ ପଦାଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ସମନ୍ୱୟ ବିଭାଗ ଶ୍ରୀ ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୋଜି ଖିରି ଖାଇ ୨ମହିଳା,୧୬ଶିଶୁ ଗୁରୁତର

ଧର୍ମଗଡ଼,( ଭାସ୍କର ନ୍ୟୁଜ): ଧର୍ମଗଡ଼ ବ୍ଲକ ସ୍ଥିତ ମେରଘରା ଗ୍ରାମର ୨ମହିଳା ଓ ୧୬ରୁ ଉର୍ଦ୍ଧ୍ୱ ଶିଶୁ ବିଳମ୍ବିତ ରାତିରେ ଗୁରୁତର ଭାବେ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିବା ଜଣାପଡିଛି। ଗ୍ରାମର ଏକ ବ୍ରତୋପନୟନ ଉତ୍ସବରେ ଖିରି ଖାଇ ଅସୁସ୍ଥ ହୋଇପଡିଥିଲେ। ଖିରି ଖାଇବା କିଛି ସମୟ ପରେ ଝାଡାବାନ୍ତି ହେବା ସମେତ ଗୁରୁତର ହୋଇପଡିଥିଲେ। ତୁରନ୍ତ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବା ବେଳେ ଏବେ ମଧ୍ୟ ୩ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧାର ଆସି ପାରିନଥିବା କୁହାଯାଏ। ଗୁରୁତର ମଧ୍ୟରେ ଗ୍ରାମର ଆଶାକର୍ମୀ ସଞ୍ଜୁ ବାଗ ଓ ଚକ୍ର ହାତୀଙ୍କ ସ୍ତ୍ରୀ ଥିବାବେଳେ ସୁଦର୍ଶନ ବାଗଙ୍କ ପୁଅ ଝିଅ -ଟିଙ୍କୁ, ଶିଖା, ତ୍ରିନାଥ ବିହାରୀଙ୍କ ପୁଅ-କ୍ରିଷ୍ଣା, ରାଜୁ ବିହାରୀଙ୍କ ପୁଅ ଆୟୁଷ,ବିହାନ,ହିମାଂଶୁ ବାଗଙ୍କ ପୁଅ - ଅଂଶୁ, ଗୁଲୁ, ରୁଦ୍ର ନାରାୟଣ ବାଗ ଙ୍କ ପୁଅଝିଅ,ସୁମେଶ୍ୱର ବାଗଙ୍କ ପୁଅ ଟୁନି, ଚାନ୍ଦା, ଗୌତମ ତାଣ୍ଡି ଙ୍କ ସ୍ତ୍ରୀ ବନିତା, ପୁଅ-ସମୀର,ସନ୍ଧ୍ୟା, ବିଭୁ ବାଗ ଙ୍କ ଝିଅ -ଆଲିସା,ସରସ୍ୱତୀ ର ଝିଅ -ପାୟଲ ପ୍ରମୁଖ ରହିଛନ୍ତି।ପ୍ରାୟ ସମସ୍ତ ଶିଶୁ ଙ୍କ ବୟସ ୪-୭ବର୍ଷ ମଧ୍ୟରେ ଥିବା ଜଣାପଡେ।ସମସ୍ତ ଙ୍କୁ ଗତ ରାତି ସମୟରେ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି।ବର୍ତ୍ତମାନ ସ୍ୱାସ୍ଥ୍ୟବସ୍ଥା ସ୍ୱାଭାବିକ ରହିଥିବା ଡାକ୍ତର ସୂଚନା ଦେବା ସହ ଅନେକ ଙ୍କୁ ଡାକ୍ତରଖାନାରୁ ରିଲିଫ କରାଯାଇଥିବା ଜଣାପଡିଛି।ତେବେ ପୁରୁଣା ସାମଗ୍ରୀ ରେ ପାୟସ ଖିରି ତିଆରି ହୋଇଥିବା ଖାଦ୍ୟ କୁ ଖାଇବା ଯୋଗୁଁ ଏଭଳି ସ୍ଥିତି ହୋଇଥିବା ସନ୍ଦେହ କରାଯାଉଛି।

## କଂଗ୍ରେସ ନେତାଙ୍କ ଦେହାନ୍ତ



ନର୍ଲା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଡମପଦର୍ ଗାଁର କଂଗ୍ରେସ୍ ନେତା ପର୍ଶୁରାମ୍ କୁମାରଙ୍କ ଦେହାନ୍ତ ହୋଇଇଛି। ଚିକିତ୍ସାଧୀନ ଅବସ୍ଥାରେ କଟକ୍ ଏ ସି ବି ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ଖବର ପାଇବା ପରେ ଡମପଦର୍ ଗାଁରେ ଶୋକର ଛାୟା ଖେଳିଯାଇଥିଲା। ମୃତ ଦେହ ଗାଁକୁ ଫେରିଲା ପରେ ନିଜ ଗାଁର ପୈତୃକ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସଂପନ୍ନ କରାଯାଇଥିଲା। ଏହି ସମୟରେ ତାଙ୍କର ତିନି ଭାଇ ଜଗନ୍ନାଥ କୁମାର, ଧ୍ରୁବ ଚରଣ କୁମାର, ସମାଜସେବୀ ଦୁର୍ଯ୍ୟୋଧନ କୁମାର,ତିନି ଭାଇ ବୋହୂ, ତିନି ଭଉଣୀ, ଚାରି ପୁଅ, ଚାରି ପୁତ୍ର ବଧୂ, ଦୁଇ ଝିଅ ଜ୍ୱାଇଁ, ନାତି ନାତୁଣୀ, ଭଣଜା,ସମସ୍ତ ବନ୍ଧୁ ବାନ୍ଧବ ଓ ଶହ ଶହ ଜନ ସାଧାରଣ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟ ଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ ତାଙ୍କ ବିୟୋଗରେ କଂଗ୍ରେସ ଦଳ ସହ ଡମପଦର୍ ଅଞ୍ଚଳର ଅପୂରଣୀୟ କ୍ଷତି ହୋଇଥିବା ଡମପଦର୍ ଗାଁରେ ଚର୍ଚ୍ଚା ହେଉଛି।

## ଖାଦ୍ୟମେଳା ଉଦ୍ଯାପିତ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ. ମାଲପଡା ପଞ୍ଚାୟତ ସରଗୁଲ ଉଚ୍ଚ ବିଦ୍ୟାଳୟଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ଚାଲିଥିବା ଦୁଇଦିନିଆ ଖାଦ୍ୟମେଳା ଉଦ୍ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କର୍ଲାମୁଣ୍ଡା ସିଡିପିଓ କଳ୍ପଲତା ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶ୍ରୀ ଅନ୍ନ ଅଭିଯାନର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଅକ୍ଷୟ କୁମାର ପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୋହିତ କୁମାର ରଣା, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ପ୍ରଧାନ, ଜୟ ଥୁଆମୂଳ ରାମପୁର ଅର୍ଗାନିକ ଫାର୍ମର ପ୍ରଡୁସର କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ ଟଙ୍କଧର ନାଏକ ପ୍ରମୁଖ ଯୋଗଦେଇ ସରକାରଙ୍କ ମିଲେଟ ମିଶନ ଯୋଜନା ଉପରେ ଆଲୋଚନା କରିଥିଲେ।

## ଦୁର୍ଦ୍ଦିନରେ ଦମ୍ପତି ଜୀବନ କାଟୁଥିବା ଘଟଣା

## ସହାୟତା ପ୍ରଦାନ ସହ ରାସନ ସାମଗ୍ରୀ ଯୋଗାଇ ଦେବାକୁ ପ୍ରଶାସନର ପ୍ରତିଶ୍ରୁତି



‘ଓଡ଼ିଶା ଭାସ୍କର’ର ମହାପ୍ରଭାବ

ଧର୍ମଗଡ଼ (ଭାସ୍କର ନ୍ୟୁଜ): ଟେଣ୍ଡାପାଲି ପଞ୍ଚାୟତ ଘଣ୍ଟିଗୁଡା ଗ୍ରାମ ତେଲି ପଳାସପଡାର ଦମ୍ପତିଙ୍କ ଦୁର୍ଦ୍ଦଶା ଓ ଦୁର୍ଦ୍ଦିନରେ ଜୀବନ କାଟୁଥିବା ଦୈନିକ ଖବରକାଗଜ ‘ଓଡ଼ିଶା ଭାସ୍କର’ରେ ଗତ ଗୁରୁବାର ଦିନ ପ୍ରକାଶିତ ହୋଇଥିଲା। ଏହାର ମହାପ୍ରଭାବରେ ଶନିବାର ଦିନ ସ୍ଥାନିୟ ସରପଞ୍ଚ ଗୌଲୋଚନ ଗୋପାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ ଦମ୍ପତିଙ୍କ ନିକଟକୁ ପହଞ୍ଚିଥିଲେ। ପଞ୍ଚାୟତ ତରଫରୁ ୧୦କିଲୋ ଚାଉଳ ଦେବା ସହ ସରପଞ୍ଚ ନିଜ ହାତରୁ କିଛି ଅର୍ଥ ସହାୟତା କରିଛନ୍ତି। ଏପରିକି ତୁରନ୍ତ ଖାଦ୍ୟ ସୁରକ୍ଷା ଆଇନ ଯୋଜନା ମାଧ୍ୟମରେ ରାସନ ସାମଗ୍ରୀ ଓ ବିଭିନ୍ନ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଦମ୍ପତି ହରି ଗହୀର (୭୦) ସ୍ତ୍ରୀ ମାଳତୀ ଗହୀର (୬୫) ସହାୟତା ଓ ପ୍ରତିଶ୍ରୁତି ପାଇଁ ବେଶ ଖୁସିବକ୍ତ କରିଥିଲେ। ଦୀର୍ଘ ଦିନରୁ ଦମ୍ପତି ଦୁହେଁ ଭିକ୍ଷା ମାଗି ଗୁଜୁରାଣ ମେଣ୍ଟାଉଛନ୍ତି। ଏକ ଝାଟି ଘରେ ଦୁଇ ଦମ୍ପତି ଦୀର୍ଘ ବର୍ଷରୁ ରହି ଆସୁଛନ୍ତି। ଅପରାହ୍ନ ବୟସରେ ସାହା ବୋଲି କିଏ ନାହିଁ। କେବଳ ସକାଳ ପାହିଲେ କଷ୍ଟେ ମଷ୍ଟେ ପାଖ ଆଖ ଗାଁ କୁ ଯାଇ ଭିକ୍ଷା ମାଗି ଯାହା ଆଣନ୍ତି ସେଥିରେ ଚୁଲିରେ ନିଆଁ ଜଳେ । ସ୍ୱାଧୀନତାର ଦୀର୍ଘ ବର୍ଷ ହୋଇଥିଲେ ହିଁ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ରୁ ବଞ୍ଚିତ ରହିଛନ୍ତି।ଆଧାର କାର୍ଡ ଓ ଭୋଟ କାର୍ଡ ନ ଥିବା ଯୋଗୁଁ ପଞ୍ଚାୟତରୁ ଚାଉଳ ଗଣ୍ଡେ ମିଳି ପାରୁ ନ ଥିବା କୁହାଯାଏ। ତେବେ ଖବର ପ୍ରସାରଣ ପରେ ସ୍ଥାନୀୟ ସରପଞ୍ଚ ଗୌଲୋଚନ ଗୋପାଳ ଦାୟିତ୍ୱବାନ ଭାବେ ଯୁଦ୍ଧକାଳୀନ ଭିତ୍ତିରେ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଏଲ୍‌ନିଶି ମିଶନ ସ୍କୁଲର ବାର୍ଷିକ ଉତ୍ସବ



ଜୁନାଗଡ଼, (ଭାସ୍କର ନ୍ୟୁଜ୍): ଜୁନାଗଡ ସହର ହଣ୍ଡା ଖାଲ ପଡା ସ୍ଥିତ ଏଲ୍‌ନିସି ମିଶନ୍ ସ୍କୁଲର ୨୮ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରିୟଦର୍ଶନୀ ଇନ୍ଦିରା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ମେହେର୍ ଯୋଗଦେଇ ଥିଲେ। ଶ୍ରୀ ମେହେର୍ ଏହି ସ୍କୁଲ କିପରି ଆହୁରି ଆଗକୁ ଯିବ ଏବଂ ଏହି ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ସେ ନେଇ ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ପିଆଇ କଲେଜର ଖେଳ ଶିକ୍ଷକ ସମୀର ସାହୁ ସ୍କୁଲର ନିର୍ଦ୍ଦେଶକ କୋଶୀ ଜୟ କୋଟୀ, ସ୍କୁଲ୍ ଅଧକ୍ଷା ଟିବି ସିନ୍ଧୁ ମଞ୍ଚାସୀନ ହୋଇଥିଲେ । ସ୍କୁଲର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ ଛୁଇଁଥିଲା। ଏହି କାର୍ଯ୍ୟକ୍ରମକୁ ସ୍କୁଲର ବରିଷ୍ଠ ଶିକ୍ଷକ ଜନ୍ମେଜୟ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

## ଯୁବ ସମାଜସେବୀ ଶମ୍ଭୁ ବିଶିଙ୍କୁ ମିଳିଲା ‘ଜାତୀୟ ପ୍ରେରଣା ଦୂତ’ ସମ୍ମାନ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗାର ଯୁବ ସମାଜସେବୀ ଶମ୍ଭୁ ବିଶିଙ୍କୁ ଫେସ୍ ଅଫ୍ ଫିଉଚର୍ ଇଣ୍ଡିଆ ପକ୍ଷରୁ ସମ୍ମାନଜନକ ‘ଜାତୀୟ ପ୍ରେରଣା ଦୂତ- ୨୦୨୪’ ସମ୍ମାନ ପ୍ରଦାନ କରାଯାଇଛି। ବିହାର ରାଜ୍ୟର ଛପରା ଠାରେ ୨୦୨୫ ଫେବୃଆରୀ ୩ ତାରିଖ ଦିନ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ବିଶିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପ୍ରତିଷ୍ଠିତ ସମ୍ମାନ ଦେଶର ଆଦର୍ଶ ସମାଜସେବୀ, ଯୁବ ନେତା, ଏବଂ ନୂଆପିଢ଼ୀର ପ୍ରେରଣାଦାୟକ ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଇଥାଏ। ବିହାରରାଜ୍ୟର ଛପରା ସାରଣ ଠାରେ ଥିବା ରୋଜି ଭିଖାରୀ ଠାକୁର ପ୍ରେକ୍ଷାଗୃହରେ ଏକ ବିଶେଷ କାର୍ଯ୍ୟକ୍ରମ ମାଧ୍ୟମରେ ଏହା ତାଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ, ଯେଉଁମାନେ କି ଶମ୍ଭୁ ବିଶିଙ୍କ ଏହି ଅସାଧାରଣ ଅବଦାନ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମାଜସେବା ଅଭିଯାନରେ ଶମ୍ଭୁ ବିଶି କେବଳ ଏକ ସମାଜସେବୀ ନୁହଁନ୍ତି, ସେ ଏକ ଯୁବ ପ୍ରେରକ ଏବଂ ଏକ ସଫଳ ଯୁବନେତା। ସେ ୨୦୧୬ ମସିହାରେ କେସିଙ୍ଗା ଯୁବ ସଂଘ (କେୱାଇଏ)ର ସ୍ଥାପନା କରିଥିଲେ, ଯାହା ଏବେ କଳାହାଣ୍ଡି ଜିଲ୍ଲାର ଏକ ପ୍ରମୁଖ ସମାଜସେବୀ ସଂଗଠନ ଭାବରେ ପରିଚିତ। ସମାଜସେବା କାର୍ଯ୍ୟରେ ସେ ଶାରିରୀକ ଅକ୍ଷମ ଏବଂ ଅନାଥ ଛାତ୍ରଛାତ୍ରୀଙ୍କ ପାଇଁ ସହାୟତାର ହାତ ବଢ଼ାଇ ‘ସକ୍ଷମ ପ୍ରୋଜେକ୍ଟ’ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଶିକ୍ଷା, ଜୀବିକା ଏବଂ ସମାଜରେ ସ୍ଥାନ ଗଠନ ପାଇଁ କାର୍ଯ୍ୟ କରୁଛନ୍ତି। ପରିବେଶ ସଂରକ୍ଷଣ କ୍ଷେତ୍ରରେ ଶମ୍ଭୁ ବିଶି ବୃକ୍ଷରୋପଣ ଅଭିଯାନ, ପରିଷ୍କାର-ପରିଚ୍ଛନ୍ନତା ଅଭିଯାନ, ଏବଂ ପ୍ରାକୃତିକ ସମ୍ପଦ ସୁରକ୍ଷା ନେଇ ନିୟମିତ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟ ପାଇଁ ସେ ରାଜ୍ୟ ସରକାରଙ୍କ ସମ୍ମାନଜନକ‘ପ୍ରକୃତି ବନ୍ଧୁ’ ସମ୍ମାନ ମଧ୍ୟ ପାଇଛନ୍ତି। ଯୁବ ଉନ୍ନୟନ ପାଇଁ ଯୁବକମାନଙ୍କୁ ତାଲିମ ଦେଇ ସ୍ୱୟଂରୋଜଗାର ଏବଂ କୁଶଳତା ବିକାଶ କରିବାରେ ସେ ନିୟୋଜିତ ଅଛନ୍ତି। ଏହା ଦ୍ୱାରା ଅନେକ ଯୁବ ନୂଆ ଜୀବନ ନିର୍ମାଣ କରିପାରୁଛନ୍ତି।ପୂର୍ବରୁ ଶ୍ରୀ ବିଶି ଭାରତ ସରକାରଙ୍କ ଯୁବ ମନ୍ତ୍ରଣାଳୟ ପରିଚାଳିତ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ରର ଯୁବ ସ୍ୱେଚ୍ଛାସେବୀ ଭାବେ କାମକରି ଯୁବ ସମାଜ ପାଇଁ ବହୁ ଉପାଦେୟ କାମ କରିଛନ୍ତି। ଶ୍ରୀ ବିଶିଙ୍କ ଏହି ସଫଳତାରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

## ଅଧାରେ ଅଟକିଛି ପିଏମ୍ ଜନମନ ଯୋଜନା

# ସହାୟତା ମିଳିନି, ହିତାଧିକାରୀ ନିରାଶ



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍): ଗତ ନଭେମ୍ବର ୨୦୨୩ରେ ଜାତୀୟ ଜନଜାତି ଗୌରବ ଦିବସରେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ ଜନଜାତି ମହାନ୍ୟାୟ ଅଭିଯାନ ବା ପିଏମ ଜନମନ ଯୋଜନା। ଏହି ଯୋଜନା ଅଧିନରେ ଜନଜାତି ଶ୍ରେଣୀର ଲୋକଙ୍କୁ ସରକାରୀ ଯୋଜନାର ପ୍ରତ୍ୟକ୍ଷ ଲାଭ ଦେବାକୁ ସୁନିଶ୍ଚିତ କରାଯାଇଥିଲା । ଦେଶର ୧୦୦ଟି ଜିଲ୍ଲାକୁ ଏଥିରେ ସାମିଲ କରାଯାଇଥିଲା। ଏହିକ୍ରମରେ ଓଡିଶାର ୧୨ଟି ଜିଲ୍ଲାରେ ପିଏମ- ଜନମନ ଯୋଜନା କାର୍ଯ୍ୟକାରୀ ହେଉଛି । ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଏହି ଜନଜାତି ସମୁହକୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବାକୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବେ ଏହି ପ୍ରୟତ୍ନ ଆରମ୍ଭ କରିଛନ୍ତି । ଏହିକ୍ରମରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ଭଳି ଆଦିବାସୀ ଜନଜାତି ଅଧୁଷିତ ବ୍ଲକର ୫୪୯୭ଗୋଟି ଜନଜାତି ଅର୍ଥାତ୍ କୁଟିଆ, ଡଙ୍ଗରିଆ ଓ ଝରଣିଆ କନ୍ଧ ପରିବାରଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ଅନ୍ୟାନ୍ୟ ଯୋଜନା ଭଳି ପିଏମ ଜନମନ ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବାକୁ ଧାର୍ଯ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅପେକ୍ଷା ଏହି ଯୋଜନାରେ ଘର ତିଆରି କରିବାକୁ ସହାୟତା ରାଶି ୨ ଲକ୍ଷ ୩୦ ହଜାରକୁ ବୃଦ୍ଧି କରାଯାଇଛି। ସେହିପରି ୫୪୯୭ ହିତାଧିକାରୀଙ୍କ ମଧ୍ୟରୁ ୩୯୨୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ଓ ଦ୍ୱିତୀୟ କିସ୍ତି ସହାୟତା ରାଶି ପାଇଥିବାବେଳେ ୧୧୭୦ ଜଣ ହିତାଧିକାରୀ ଘର ତିଆରି ଶେଷ କରି ସମୁଦାୟ ଅର୍ଥରାଶି ପାଇସାରିଛନ୍ତି । ସେହିପରି ସମୁଦାୟ ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ୫୦୦ ହିତାଧିକାରୀଙ୍କ ବିଭିନ୍ନ କାଗଜାତ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଂଗ୍ରହ କରାଯାଉଥିବା ଜଣାପଡିଛି । ଅପରପକ୍ଷରେ ଘର ତିଆରି ଶେଷ ପର୍ଯ୍ୟାୟରେ ଥିବା ୧୫୭୬ ଗୋଟି ପରିବାର ତୃତୀୟ କିମ୍ବା ଚତୁର୍ଥ କିସ୍ତି ପାଇନଥିବାବେଳେ ଅନଲାଇନ ପ୍ରକ୍ରିୟା ସହିତ ଅନ୍ୟ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ସତ୍ତ୍ୱେ ୧୧୮୭ ଗୋଟି ପରିବାର ଆଦୌ ସହାୟତା ପାଇନାହାନ୍ତି। ସୂଚନାଯୋଗ୍ୟ, ଏହି ଯୋଜନା ଅଧିନରେ ଘର ତିଆରି କଲେ ଆରମ୍ଭରେ ୪୦ ହଜାର, ଦ୍ୱିତୀୟ କିସ୍ତିରେ ୭୦ ହଜାର, ତୃତୀୟ କିସ୍ତିରେ ୫୦ ହଜାର ଓ ଚତୁର୍ଥ ତଥା ଶେଷ କିସ୍ତିରେ ୪୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଏ । ସେହିପରି ମନରେଗା ଯୋଜନାରେ କାର୍ଯ୍ୟ ଦିବସ ଅନୁସାରେ ୨୫ରୁ ୩୦ ହଜାର ଟଙ୍କାର ସହାୟତା ଓ ଦୁଇ ମାସରେ ଘର ତିଆରି ଶେଷ କଲେ ୨୦ ହଜାର ଏବଂ ଛଅମାସ ମଧ୍ୟରେ ଘର ତିଆରି ଶେଷ କଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବାର ପ୍ରାବଧାନ ରହିଛି । କିନ୍ତୁ ଦୁଇ ମାସରୁ ଅଧିକ ସମୟ ହେଲା ହିତାଧିକାରୀମାନଙ୍କ ଘର ତିଆରି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ସହାୟତା ରାଶି ମିଳିନାହିଁ । ଏଥିଯୋଗୁଁ ଗରିବ ହିତାଧିକାରୀମାନେ ନିରାଶ ହୋଇ ପଡିଛନ୍ତି। ଏପରିକି ଘର ତିଆରି ସାମଗ୍ରୀ କିଣିବାରେ ସେମାନଙ୍କୁ ସମସ୍ୟା ହେଉଥିବାବେଳେ ଲାଞ୍ଜିଗଡ ବ୍ଲକ ବାହାରୁ ଆସି ଏଠାରେ ଘର ତିଆରି କରୁଥିବା ରାଜମିସ୍ତ୍ରୀମାନେ କାମ ଛାଡି ପଳାଇ ଯିବାରେ ଲାଗିଛନ୍ତି । ଟଙ୍କା ଅଭାବରୁ ସାମଗ୍ରୀ କିଣିବା ସମ୍ଭବ ହୋଇପାରୁନଥିବାବେଳେ ଘର ତିଆରି ପାଇଁ ରାଜମିସ୍ତ୍ରୀ ମିଳିବା ମୁସ୍କିଲ ହୋଇପଡିଛି । ଅପରପକ୍ଷରେ ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେଲେଣି କିନ୍ତୁ ସହାୟତା ମିଳିପାରୁନି । କେନ୍ଦ୍ର ସରକାରଙ୍କ ଏହି ମହତ୍ତ୍ୱପୂର୍ଣ୍ଣ ଯୋଜନା ଅର୍ଥ ଅଭାବରୁ ଆଗକୁ ବଢିପାରୁନାହିଁ । ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାକୁ ଆହୁରି ବ୍ୟାପକ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରୁଥିବାବେଳେ ଘର ତିଆରି କରି ସହାୟତା ପାଇପାରୁନଥିବା ହିତାଧିକାରୀମାନଙ୍କ ଦୁଃଖ ବୁଝି ଆଗ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ଦାବି ହେଉଛି । ଏଥିପ୍ରତି ରାଜ୍ୟ ତଥା କେନ୍ଦ୍ର ସରକାର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ରାଶିଫଳ

ରବିବାର, ୯ ଫେବୃଆରୀ ୨୦୨୫



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ବୃଷ :** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ । ଶରୀରରେ ଥକ୍କାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଅଭ୍ୟାସରେ ନ୍ୟାୟ ଆଣିବାକୁ ଚେଷ୍ଟା କରନ୍ତୁ। ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତୁ।



**ମିଥୁନ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ଆଜି ପ୍ରଣୟଙ୍କ ପାଇଁ ଏକ ଭଲ ଦିନ। ମିଠା ଖାଦ୍ୟ ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ। ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।



**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ।



**କନ୍ୟା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ। ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ। ସାଙ୍ଗମାନଙ୍କ ସହିତ ମିଳନ ହେବ।



**ତୁଳା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ। ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ। ଆଜି ଆପଣ କଠିନ ପରିଶ୍ରମ କରିବା ପରେ ହିଁ ସଫଳତା ପାଇବେ। ଆପଣ ମାନସିକ ବିଭ୍ରାଟ ଅନୁଭବ କରିବେ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମାଙ୍ଗଳିକ କାର୍ଯ୍ୟରେ ଉପସ୍ଥିତ ହେବାର ଏକ ସୁଯୋଗ ରହିଛି।



**କୁମ୍ଭ :** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ। ପରିବାରରେ ଖୁସିର ପରିବେଶ ରହିବ। ସ୍ୱାସ୍ଥ୍ୟ ଭଲ ହେବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରି ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯